# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଅଗଷ୍ଟ ୨୦/୨୦୧୮ (୧୬ ପୃଷ୍ଠା) Sambalpur, Monday, August 20/ 2018 ★★

୧୪ଶ ଭାଗ ୨୪୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**କେବିସି ଶୁଟିଂ ଆରମ୍ଭ କଲେ ଅମିତାଭ**

କୌନ ବନେଗା କରୋଡପତି (କେବିସି) ଶୁଟିଂ ଆରମ୍ଭ କରି ପୁରୁଣା ଦିନର କଥା ମନେପକାଇଛନ୍ତି ବଲିଉଡ୍ ମେଗାଷ୍ଟାର ଅମିତାଭ ବଚ୍ଚନ । ୦୭

୧୪ **ପ୍ରଥମ ପଦକ ଜିତିଲେ ଅପୂର୍ବୀ-ରବିକୁମାର**

ଭାରତୀୟ ଶୁଟର ଅପୂର୍ବୀ ଚାଣ୍ଡିଲା ଓ ରବିକୁମାର ଏସିଆନ ଗେମ୍ସ ମିକ୍ସଡ ଟିମ୍ ରାଇଫଲ ଶୁଟିଂ ଇଭେଣ୍ଟରେ ବ୍ରୋଞ୍ଜ ସହ ଦେଶ ପାଇଁ ପ୍ରଥମ ପଦକ ଜିତିଛନ୍ତି ।








## ସଂକ୍ଷେପରେ

### ରାତି ୯ଟା ପରେ ଏଟିଏମ୍‌ରେ ଭର୍ତ୍ତି ହେବନି ଟଙ୍କା

**ନୂଆଦିଲ୍ଲୀ,୧୯।୮(ପି.ଟି.):** ରାତି ୯ଟା ପରେ ସହରାଞ୍ଚଳରେ ଥିବା ଅଟୋମେଟେଡ୍ ଟେଲର ମେଶିନ୍(ଏଟିଏମ୍)ଗୁଡିକରେ ଆଉ ଟଙ୍କା ଭର୍ତ୍ତି କରାଯିବ ନାହିଁ। ସେହିପରି ଗ୍ରାମାଞ୍ଚଳରେ ଥିବା ଏଟିଏମ୍‌ଗୁଡ଼ିକରେ ସନ୍ଧ୍ୟା ୬ଟା ଓ ମାଓବାଦୀ ପ୍ରବଣ ଅଞ୍ଚଳରେ ଥିବା ଏଟିଏମ୍‌ରେ ଅପରାହ୍ନ ୪ଟା ପୂର୍ବରୁ ଟଙ୍କା ଭର୍ତ୍ତି କରାଯିବ। ୨୦୧୯ ଫେବୃୟାରୀ ୮ରୁ ଏହି ନୂଆ ନିୟମ ଅନୁସାରେ କ୍ୟାଶ୍ ଟ୍ରାନ୍ସପୋର୍ଟ ଏଜେନ୍ସିଗୁଡିକ କାର୍ଯ୍ୟ କରିବେ। କ୍ୟାଶ୍‌ଭ୍ୟାନ୍ ଉପରେ ଆକ୍ରମଣ ଏବଂ ଟଙ୍କା ଚୋରି ଭଳି ବିପଦକୁ ଦୂର କରିବା ପାଇଁ କେନ୍ଦ୍ର ସରକାର ଏକ ନିର୍ଦ୍ଦେଶନାମା ଜାରି କରି ଏହା ଦର୍ଶାଇଛନ୍ତି। (ସବିଶେଷ ରିପୋର୍ଟ: ବିଜ୍‌ନେସ୍ ପୃଷ୍ଠା)

**ଗଙ୍ଗାରେ ବିଲୀନ ଅଟଳଙ୍କ ଚିତାଭସ୍ମ** ........ ୭ ........

## ଆଜିର ସମ୍ପାଦକୀୟ

### ଜଳରେ ବୁଡ଼ିଛି କେରଳ

## ଆଜିର ମନ୍ତବ୍ୟ

"ଭାରତ ମହାସାଗର ଆମର କର୍ମଭୂମି ହେଲେ କେରଳ ଆମର ଜନ୍ମଭୂମି।

**-ଆଡ୍‌ମିରାଲ୍ ସୁନୀଲ୍ ଲାନ୍‌ବା, ନୌସେନା ମୁଖ୍ୟ**

## କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ ଦେଶରେ ୟୁରିଆ ଉତ୍ପାଦନ ୨୪.୦୨ ମିଲିୟନ ଟନ ଥିବାବେଳେ ୨୦୧୮-୧୯ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏଥିରେ ୧.୬% ବୃଦ୍ଧି ପାଇବା ନେଇ ସରକାର ଆଶା ରଖିଛନ୍ତି।

**-ସାର ମନ୍ତ୍ରଣାଳୟ**





NECC NATIONAL EGG CO-ORDINATION COMMITTEE 19.08.2018 Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 62 | 109 | 119 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


# ବଜରଙ୍ଗ ଜିତିଲେ ପ୍ରଥମ ସ୍ୱର୍ଣ୍ଣ

**ଏସିଆନ୍ ଗେମ୍ସ**

ଜାକର୍ତ୍ତା,୧୯।୮(ପି.ଟି.)

ତାରକା ରେସଲର ବଜରଙ୍ଗ ପୁନିଆ ଏସିଆନ ଗେମ୍ସରେ ଭାରତ ଲାଗି ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶୁଟିଂରେ ଅପୂର୍ବୀ ଚାଣ୍ଡିଲା ଓ ରବି କୁମାର ବ୍ରୋଞ୍ଜ୍ ଜିତି ଭାରତ ପାଇଁ ଖାତା ଖୋଲିବା ପରେ ବଜରଙ୍ଗ ଏହି ସଫଳତା ଅର୍ଜନ କରିଛନ୍ତି। ଫଳରେ ଭାରତୀୟ ଶିବିରରେ ହସ ଖେଳିଯାଇଛି। ଜବରଦସ୍ତ ଫର୍ମରେ ଥିବା ବଜରଙ୍ଗ ଏଥିସହିତ ଏସିଆନ ଗେମ୍ସରେ କ୍ୟାରିୟର ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରବିବାର ପ୍ରଥମ ଦିବସରେ ସେ ପୁରୁଷ ଫ୍ରିଷ୍ଟାଇଲ ୬୫ କେ.ଜି ବର୍ଗ ପ୍ରତିଯୋଗିତାର ଫାଇନାଲରେ ଜାପାନର ତାକାତାନୀ ଦାଇଚିଙ୍କୁ ୧୧-୮ରେ ହରାଇ ଏହି ଐତିହାସିକ ସଫଳତା ହାସଲ କରିଛନ୍ତି।

ଏସିଆନ୍ ଗେମ୍ସରେ ଅଂଶଗ୍ରହଣ କରିବା ପୂର୍ବରୁ ବଜରଙ୍ଗ କ୍ରମାଗତ ୩ଟି ଟୁର୍ନାମେଣ୍ଟରେ ବିଜୟୀ ହୋଇଥିଲେ ଓ ଶ୍ରେଷ୍ଠ ଫର୍ମରେ ଥିବାର ସୂଚନା ଦେଇଥିଲେ। ସେ ଏହି ପ୍ରତିଯୋଗିତାର ଫେଭରାଇଟ୍ ବିବେଚିତ ହେଉଥିଲେ ଓ ଶେଷରେ ସେ ଏହି ଅନୁମାନକୁ ସତରେ ପରିଣତ କରିଛନ୍ତି। ଏସିଆନ ଗେମ୍ସ ପୂର୍ବରୁ ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଟିବିଲିସ ଗ୍ରାଣ୍ଡପ୍ରିକ୍ସ ଓ ୟାସାର ଡୋଗୁ ଆନ୍ତର୍ଜାତିକ ☞ ପୃଷ୍ଠା-୪



ବଜରଙ୍ଗ ପୁନିଆ

# ବିପର୍ଯ୍ୟୟ ପରେ ମହାମାରୀ ଭୟ

**କେରଳ ବନ୍ୟା ବିଭୀଷିକା**

- ଏବେ ବି ଫସି ରହିଛନ୍ତି ଲକ୍ଷାଧିକ ଲୋକ
- ୩୭୦ରେ ପହଞ୍ଚିଲା ମୃତ୍ୟୁସଂଖ୍ୟା
- ୪ ଦିନଯାଏ ବର୍ଷା ନାହିଁ, ହଟିଲା ଆଲର୍ଟ
- ରିଲିଫ୍ କ୍ୟାମ୍ପରେ ୭,୨୪,୬୪୯ ବିପନ୍ନ
- ସ୍ଥିତି ସମୀକ୍ଷା କଲେ ରାଷ୍ଟ୍ରପତି
- ବିଦେଶରୁ ବଢ଼ିଲା ସହଯୋଗ

ଥିରୁଭାନନ୍ତପୁରମ୍/ନୂଆଦିଲ୍ଲୀ,୧୯।୮(ପି.ଟି.)

ବନ୍ୟାପ୍ଲାବିତ କେରଳରେ ରବିବାର ବର୍ଷା କମିଯାଇଛି। ରିଲିଫ୍ ଏବଂ ଉଦ୍ଧାରକାର୍ଯ୍ୟ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି ହୋଇଥିଲେ ସୁଦ୍ଧା ଦେଖାଦେଇଛି ମହାମାରୀ ଭୟ। ମହାମାରୀ ଏବଂ ଅନ୍ୟାନ୍ୟ ରୋଗ ବ୍ୟାପିବା ଆଶଙ୍କାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟରେ ୩,୭୫୭ ମେଡିକାଲ କ୍ୟାମ୍ପ ପ୍ରତିଷ୍ଠା କରାଯାଇଛି। ଏହାସହ ସ୍ଥିତି ଉପରେ ପୂର୍ଣ୍ଣ ନଜର ରହିଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ସୂଚନା ଦେଇଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ରବିବାର କେରଳ ରାଜ୍ୟପାଳ ପି. ସଥାଶିବମ୍ ଏବଂ ମୁଖ୍ୟମନ୍ତ୍ରୀ ବିଜୟନ୍‌ଙ୍କୁ ଫୋନ୍‌କରି ସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି।

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁଯାୟୀ, ଆଗାମୀ ୪ ଦିନ ବର୍ଷା ହେବ ନାହିଁ। ଫଳରେ ଉଭୟ ଉଦ୍ଧାରକାରୀ ଦଳ ଏବଂ ବିପନ୍ନଙ୍କ ମଧ୍ୟରେ ଆଶାର ସଂଚାର ହୋଇଛି। ବନ୍ୟା ଘେରରେ ଫସି ରହିଥିବା ୩୩,୦୦୦ ଲୋକଙ୍କୁ ବିଭିନ୍ନ ଉଦ୍ଧାରକାରୀ ଦଳ ଉଦ୍ଧାର କରିଥିବା ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ସୂଚନା ଦେଇଛି। ଏଣୁ ରାଜ୍ୟରେ ଜାରି କରାଯାଇଥିବା ସତର୍କ ସୂଚନା ହଟାଇ ନିଆଯାଇଛି। ଇଡୁକ୍କି, କୋନ୍ନୁର ଏବଂ କୋଝିକୋଡ୍ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଫଳରେ ଏହି ୩ ଜିଲାରେ ପୀତ ସତର୍କ ସୂଚନା (ୟେଲୋ ଆଲର୍ଟ) ଜାରି କରାଯାଇଛି।

ରାଜ୍ୟରେ ବନ୍ୟାଜନିତ ମୃତ୍ୟୁସଂଖ୍ୟା ରବିବାର ୩୭୦ରେ ପହଞ୍ଚିଛି। ରବିବାର ଆଉ ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ରାଜ୍ୟବ୍ୟାପୀ ୫,୬୪୫ ରିଲିଫ୍ କ୍ୟାମ୍ପରେ ୭,୨୪,୬୪୯ ଲୋକ ଆଶ୍ରୟ ନେଇଥିବା ରବିବାର ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ସୂଚନା ଦେଇଛନ୍ତି। ବନ୍ୟାଘେରରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ଉପରେ ପ୍ରାଥମିକତା ଦିଆଯାଉଛି। ଏହା ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ବନ୍ୟାଜଳ କମିବା ପରେ କ୍ଷୟକ୍ଷତି ଆକଳନ ସାଙ୍ଗକୁ ବିପନ୍ନଙ୍କର ଥଇଥାନ ସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ବନ୍ୟା ଯୋଗୁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥିବା ଅଞ୍ଚଳରେ ଏବେ ବି ହଜାର ହଜାର ସଂଖ୍ୟାରେ ବିପନ୍ନ ଫସି ରହିଛନ୍ତି। ଖାଦ୍ୟପେୟ କିମ୍ବା ଅନ୍ୟାନ୍ୟ କୌଣସି ସହଯୋଗ ବିନା ଅତି ଚରମ ସ୍ଥିତିରେ ସେମାନେ ଫସି ରହିଥିବା କୁହାଯାଉଛି। ସେପଟେ ବନ୍ୟା ବିପର୍ଯ୍ୟୟକୁ ନେଇ ସୋସିଆଲ୍ ମିଡିଆରେ ପ୍ରସାରିତ ☞ ପୃଷ୍ଠା-୪

## ଅତିରିକ୍ତ ୫ କୋଟି ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୯।୮(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେରଳ ବନ୍ୟାରେ କ୍ଷତିଗ୍ରସ୍ତଙ୍କ ସହାୟତା ବାବଦକୁ ଅତିରିକ୍ତ ୫ କୋଟି ଟଙ୍କା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରବିବାର ସନ୍ଧ୍ୟାରେ ଏହି ସୂଚନା ଦିଆଯାଇଛି। ପୂର୍ବରୁ ମଧ୍ୟ ମୁଖ୍ୟମନ୍ତ୍ରୀ ୫ କୋଟିର ସହାୟତା ରାଶି ଘୋଷଣା କରିସାରିଛନ୍ତି। ଏଥିସହ ପ୍ରାୟ ୮ କୋଟି ଟଙ୍କା ମୂଲ୍ୟର ୫୦୦ ☞ ପୃଷ୍ଠା-୪

# ୪୮ ଘଣ୍ଟା ପ୍ରବଳ ବର୍ଷିବ

ଭୁବନେଶ୍ୱର, ୧୯।୮(ବ୍ୟୁରୋ)

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତ ରୂପ ନେଇଛି। ଏହାର ପ୍ରଭାବରେ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହି ସମୟରେ ବଜ୍ରପାତ ହେବା ସହିତ ପବନ ବହିବ। ପବନର ବେଗ ଘଣ୍ଟା ପ୍ରତି ୩୫ରୁ ୪୫ କି.ମି. ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି।

ରବିବାର ରାତିରୁ ସୋମବାର ସକାଳ ସାଢେ ୮ଟା ମଧ୍ୟରେ ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ସେସବୁ ଜିଲାଗୁଡିକ ହେଲା, ମାଲକାନଗିରି, କୋରାପୁଟ, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ରାୟଗଡା, ଗଞ୍ଜାମ, ଗଜପତି, ପୁରୀ, ନୂଆପଡା, ନବରଙ୍ଗପୁର, ସମ୍ବଲପୁର, ବାଲେଶ୍ୱର, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ଜାଗାରେ ବର୍ଷା ହେବ। ଅପରପକ୍ଷରେ ମାଲକାନଗିରି, ରାୟଗଡା, ଗଞ୍ଜାମ ଏବଂ ଗଜପତି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅତିରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପାଣିପାଗ ବିଶେଷଜ୍ଞ ରମେଶ କୁମାର ନାୟକ କହିଛନ୍ତି। ଏହାର ପରବର୍ତ୍ତୀ ସମୟରେ ପଶ୍ଚିମ ଓଡ଼ିଶା ସହିତ ଉପକୂଳ ଓଡ଼ିଶାରେ ବର୍ଷା ହେବ। ୨୪ ଘଣ୍ଟା ମଧ୍ୟରେ ଖୋର୍ଦ୍ଧା, ପୁରୀ, କଟକ, ଢେଙ୍କାନାଳ, ସୁନ୍ଦରଗଡ, ସମ୍ବଲପୁର, ଝାରସୁଗୁଡା, ଦେବଗଡ, ବଲାଙ୍ଗୀର, ନୂଆପଡା, ନବରଙ୍ଗପୁର, ଅନୁଗୋଳ, କେନ୍ଦୁଝର, ସୋନପୁର, ମାଲକାନଗିରି ଏବଂ ବରଗଡ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେହିପରି ପଶ୍ଚିମ ଓଡ଼ିଶାର ବଲାଙ୍ଗୀର, ସମ୍ବଲପୁର, ଦେବଗଡ ଏବଂ ସୋନପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅତିରୁ ଅତି ପ୍ରବଳ ବର୍ଷିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିଛି। ଏନେଇ ଏ ସମସ୍ତ ଜିଲାର ଜିଲାପାଳଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି। ଆଗାମୀ ୪୮ ଘଣ୍ଟା ପରେ ବର୍ଷାର ମାତ୍ରା କମିଯିବ। କିନ୍ତୁ ଲଘୁଚାପ ପ୍ରଭାବରେ ରାଜ୍ୟରେ ୫ରୁ ୭ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ନାୟକ କହିଛନ୍ତି। ଅନ୍ୟପଟେ ରବିବାର ସନ୍ଧ୍ୟା ସୁଦ୍ଧା କୋରାପୁଟ ଜିଲାରେ ସର୍ବାଧିକ ୨୭ ମିମି ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ରେକର୍ଡ କରାଯାଇଛି। ବଲେଶ୍ୱରରେ ୧୨ମିମି, ପୁରୀରେ ୧୦ମିମି, ହୀରାକୁଦରେ ୧୦ମିମି, ବଲାଙ୍ଗୀରରେ ୮.୪ମିମି ଏବଂ ଅନୁଗୋଳରେ ୭ ମିମି ରେକର୍ଡ କରାଯାଇଛି।






# ବନ୍ଦ ହେବ ୨ ହଜାର ଶିଶୁ ଗୃହ

ନୂଆଦିଲ୍ଲୀ,୧୯।୮(ପି.ଟି.)

ଦେଶରେ ମୋଟ ୯,୭୦୦ ଶିଶୁ ଯତ୍ନ ଅନୁଷ୍ଠାନ (ସିସିଆଇ) ରହିଛି। ସେଥିମଧ୍ୟରୁ ୭,୦୦୦ଟି କେନ୍ଦ୍ରୀୟ ପୋଷ୍ୟଗ୍ରହଣ ସମ୍ବଳ କର୍ତ୍ତୃପକ୍ଷ (ସିଏଆର୍‌ଏ)ଙ୍କ ନିକଟରେ ପଞ୍ଜୀକୃତ। ଅବଶିଷ୍ଟ ପ୍ରାୟ ୨,୦୦୦ ଶିଶୁ ଗୃହ ବିନା ପଞ୍ଜୀକରଣରେ ଚାଲିଛି। ସେଗୁଡ଼ିକୁ ମାସକ ମଧ୍ୟରେ ପଞ୍ଜୀକରଣ କରିବା ପାଇଁ ନିକଟରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ର ସରକାରଙ୍କ ବାରମ୍ବାର ଚେତାବନୀ ସତ୍ତ୍ୱେ ଏଭଳି ସଂସ୍ଥାଗୁଡ଼ିକ ପଞ୍ଜୀକରଣ କରାଉନାହାନ୍ତି। ତେଣୁ ସେଗୁଡ଼ିକୁ ବନ୍ଦ କରିବା ପାଇଁ ସରକାର ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି ସୂତ୍ରରୁ ଜଣାପଡ଼ିଛି।

ଝାଡ଼ଖଣ୍ଡରେ ମିସନାରିଗୁଡ଼ିକ ପକ୍ଷରୁ ବେଆଇନ ଭାବେ ପୋଷ୍ୟଗ୍ରହଣ ଚାଲିଥିବା ନେଇ କେତେକ ମାମଲା ନିକଟରେ ସାମ୍ନାକୁ ଆସିଥିଲା। ଗତମାସରେ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ଏସମ୍ପର୍କରେ ଅବଗତ ହେବା ପରେ ଦେଶର ସର୍ବୋଚ୍ଚ ପୋଷ୍ୟଗ୍ରହଣ ସଂସ୍ଥା ସିଏଆର୍‌ଏରେ ସମସ୍ତ ସିସିଆଇର ପଞ୍ଜୀକରଣ ୩୦ ଦିନ ମଧ୍ୟରେ ସୁନିଶ୍ଚିତ କରିବା ପାଇଁ ସବୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉତ୍ତରପ୍ରଦେଶର ଦେଓରିଆସ୍ଥିତ ଏକ ଅଣପଞ୍ଜୀକୃତ ଶିଶୁ ଯତ୍ନ ଅନୁଷ୍ଠାନରେ ୨୪ ଝିଅଙ୍କୁ ଯୌନ ଉତ୍ପୀଡ଼ନ କରାଯାଇଥିବା ଗତ ୫ ତାରିଖରେ ଅଭିଯୋଗ ହୋଇଥିଲା। ଏହାପରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ସମସ୍ତ ସଂସ୍ଥାର ପଞ୍ଜୀକରଣ ନେଇ ସମୀକ୍ଷା କରାଯାଇଥିଲା। ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନାନୁସାରେ, ଶିଶୁ ଗୃହ, ପର୍ଯ୍ୟବେକ୍ଷଣ ଗୃହ, ସ୍ୱତନ୍ତ୍ର ଗୃହ, ନିରାପତ୍ତାର ସ୍ଥାନ, ☞ ପୃଷ୍ଠା-୪



- ଦେଶର ୯,୭୦୦ ସିସିଆଇରେ ୨,୩୨,୯୩୭ ଶିଶୁ
- ଅଣପଞ୍ଜୀକୃତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ
- ପଞ୍ଜୀକରଣ ପାଇଁ କେନ୍ଦ୍ର ଦେଇଛି ମାସେ ମହଲତ



ଉତ୍ତରପ୍ରଦେଶ ସୀତାପୁର ଜିଲାଠାରୁ ୭୦ କିଲୋମିଟର ଦୂରରେ ଥିବା ଅଟବା କୁରସଠ ଗାଁରେ ଏକ ମନ୍ଦିର ରହିଛି। ଏହି ମନ୍ଦିରରେ ମାଙ୍କଡ଼ମାନଙ୍କୁ ମଦ ପିଇବାକୁ ଦିଆଯିବା ପରମ୍ପରା ରହିଛି। ଏଠାରେ କୌଣସି ପୂଜାରୀ ନ ଥା'ନ୍ତି। ମନ୍ଦିରରେ କବାଟ ଝରକା ମଧ୍ୟ ନାହିଁ। ଏଠାକୁ ଆସୁଥିବା ଭକ୍ତମାନେ ଭଗବାନଙ୍କୁ ପ୍ରସନ୍ନ କରିବା ପାଇଁ ମନ୍ଦିରରେ ମଦ ଭୋଗ ଲଗାଇଥା'ନ୍ତି। ମନସ୍କାମନା ପୂରଣ ଲାଗି ଶିବଲିଙ୍ଗ ଉପରେ ମଦ ଅର୍ପଣ କରାଯାଏ। ଏହାକୁ ମାଙ୍କଡ଼ ପିଇଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ରହିଛି ବିଶ୍ୱାସ। ଏଠାରେ ମଦ ଓ ଲିଆ ଭୋଗ ଲାଗି କରାଯାଏ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା



ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ smbselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର



@ ରାକେଶ



@ ସମୀର



@ ପ୍ରବୀର



@ ସୁରେନ୍ଦ୍ର

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ**
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ଥାନାକୁ ନିମନ୍ତ୍ରିତ ହେବେ ଛାତ୍ରୀଛାତ୍ର

କଟକ ଅଫିସ, ୧୯।୮

ନିକଟରେ ରାଜଧାନୀରେ ଟ୍ରାଫିକ ପୋଲିସ ଏବଂ ଜଣେ ମହିଳା ମୁହାଁମୁହିଁ ହେବା ଯୋଗୁ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଏଭଳି ପରିସ୍ଥିତି ରୋକିବା ପାଇଁ ତତ୍ପରତା ଦେଖାଇଛି କମିଶନରେଟ ପୋଲିସ। ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କ କହିବା ଅନୁଯାୟୀ, ଟ୍ରାଫିକ ନିୟମ ନ ମାନି ଯୁକ୍ତିତର୍କ କରୁଥିବା ବ୍ୟକ୍ତିମାନଙ୍କ ସଂଖ୍ୟା ଖୁବ୍ କମ୍। କିନ୍ତୁ ଟ୍ରାଫିକ୍ ଓ ଥାନାରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ ଭୂମିକା, କାର୍ଯ୍ୟ ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ପୋଲିସ ପକ୍ଷରୁ ଅନେକ ସମୟରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାବେଳେ ଖୁବ୍‌ଶୀଘ୍ର ଆରମ୍ଭ ହେବ 'ନୋ ୟୋର ପୋଲିସ' କାର୍ଯ୍ୟକ୍ରମ। ରବିବାର କଟକରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କମିଶନର ମହାନ୍ତି ଏହି ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର କମିଶନରେଟ ପୋଲିସ ଅଧୀନ ସବୁ ଥାନାରେ ଆରମ୍ଭ ହେବ 'ନୋ ୟୋର ପୋଲିସ' କାର୍ଯ୍ୟକ୍ରମ। ଏହା କିଭଳି ଫଳପ୍ରଦ ହେବ ସେନେଇ ପ୍ରାଥମିକ ଭାବେ କଟକ, ଭୁବନେଶ୍ୱରର କେତେଜଣ ଥାନା ଅଧିକାରୀଙ୍କ ସହ ଆଲୋଚନା ହୋଇଛି। କାର୍ଯ୍ୟକ୍ରମର ଯୋଜନା ଅନୁଯାୟୀ ପ୍ରତି ଥାନା ଅଧିକାରୀ ତାଙ୍କ ଅଞ୍ଚଳର ସ୍କୁଲ ଏବଂ ଜୁନିୟର କଲେଜ ଛାତ୍ରୀଛାତ୍ରଙ୍କୁ ଗୋଟିଏ ଦିନ ଥାନାକୁ ନିମନ୍ତ୍ରଣ କରିବେ। ଜଣେ ଶିକ୍ଷକ କିମ୍ବା ଅଧ୍ୟାପକଙ୍କ ସହ ଛାତ୍ରୀଛାତ୍ରମାନେ ଥାନା ବୁଲିବାକୁ ଆସିବେ। ଥାନାରେ ସେମାନଙ୍କ ଉପସ୍ଥିତିରେ ପୋଲିସ କିଭଳି ସମାଜରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କାମ କରୁଛି ତାହାର ଭିଡିଓ ଚିତ୍ର ପ୍ରଦର୍ଶିତ କରାଯିବ। ଥାନାରେ ଜଣେ ବ୍ୟକ୍ତି କିପରି ଅଭିଯୋଗ ଦିଏ ଏବଂ ତାହା କିଭଳି ପଞ୍ଜୀକୃତ ହୁଏ ସେନେଇ ପିଲାଙ୍କୁ ଜଣାଯିବ। ସେହିପରି ବିଭିନ୍ନ ଅପରାଧରୁ କିଭଳି ଦୂରେଇ ରହିବେ ଏବଂ କୌଣସି ଅପରାଧ ସମ୍ପର୍କରେ ନିଜ ଶିକ୍ଷକ କିମ୍ବା ନିକଟସ୍ଥ ଥାନାକୁ ଜଣାଇବେ ସେସବୁ ବିଷୟରେ କୁହାଯିବ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ଉପହାର ମଧ୍ୟ ଦିଆଯିବାର ବ୍ୟବସ୍ଥା ହେବ।

## ଆରମ୍ଭ ହେବ 'ନୋ ୟୋର ପୋଲିସ' କାର୍ଯ୍ୟକ୍ରମ

ଏ ବିଷୟରେ ପୂର୍ବତନ ପୋଲିସ ଡିଜି ଗୋପାଳ ନନ୍ଦ କହିଛନ୍ତି, ବେଶ୍ ଭଲ ଯୋଜନା। ଛାତ୍ର ଜୀବନରୁ ହିଁ ଜଣେ ଜାଣିପାରିବ ସମାଜରେ ଆଇନଶୃଙ୍ଖଳା ରକ୍ଷା କରିବାକୁ ପୋଲିସ କିଭଳି କାମ କରୁଛି। ଏଥିସହ ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରମାନଙ୍କୁ ଅପରାଧପ୍ରବଣ ମାନସିକତାରୁ ବହୁମାତ୍ରାରେ ଦୂରେଇ ରଖିପାରିବ ଆଶା କରାଯାଇପାରିବ।





ଜମ୍ମୁ-କଶ୍ମୀର ବାରମୂଲା ଜିଲାରେ ଏକ ଅନୁପ୍ରବେଶ ଉଦ୍ୟମ ପଣ୍ଡ ହୋଇଛି। ଏଥିରେ ଜଣେ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି। ଉତ୍ତର କଶ୍ମୀର ଉରି ସେକ୍ଟର ନିୟନ୍ତ୍ରଣ ରେଖାଠାରେ ରବିବାର କିଛି ଆତଙ୍କବାଦୀ ଅନୁପ୍ରବେଶ ଉଦ୍ୟମ କରୁଥିଲେ। ତାଙ୍କୁ ସେନା ପକ୍ଷରୁ ସତର୍କ ସୂଚନା ଦିଆଯାଇଥିଲା। ମାତ୍ର ସେମାନେ ଗୁଳିଚାଳନା କରିଥିଲେ। ଏହାର ଜବାବରେ ଭାରତୀୟ ସେନା ପକ୍ଷରୁ ପାଲଟା ଗୁଳିଚାଳନା କରାଯାଇଥିଲା। ଅନ୍ୟ ଆତଙ୍କବାଦୀଙ୍କ ଲାଗି ସେନା ପକ୍ଷରୁ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଛି ବୋଲି ଭାରତୀୟ ପ୍ରତିରକ୍ଷା ମୁଖପାତ୍ର ସୂଚିତ କରିଛନ୍ତି।

■ ସିବିଏସ୍‌ଇର ନୂଆ ନିଷ୍ପତ୍ତି

# ବିଳମ୍ବରେ ପହଞ୍ଚିଲେ ପରୀକ୍ଷା ପାଇଁ ମିଳିବନି ଅନୁମତି

ଭୁବନେଶ୍ୱର, ୧୯।୮ (ବ୍ୟୁରୋ)

ଏଣିକି ପରୀକ୍ଷା ହଲ୍‌ରେ ବିଳମ୍ବରେ ପହଞ୍ଚିଲେ କ୍ଷମା ନାହିଁ। ଧାର୍ଯ୍ୟ ସମୟ ପୂର୍ବରୁ ପରୀକ୍ଷା ହଲ୍‌ରେ ପହଞ୍ଚିବାକୁ ପଡ଼ିବ। ନଚେତ୍ ପରୀକ୍ଷା ପାଇଁ ଅନୁମତି ମିଳିବ ନାହିଁ। ଏପରି କଠୋର ନିଷ୍ପତ୍ତି ନେଇଛି ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ସିବିଏସ୍‌ଇ)। ସିବିଏସ୍‌ଇ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ପାଇଁ ଆଗାମୀ ୨୦୧୯ରୁ ଏହି ନୂଆ ନିୟମ କାର୍ଯ୍ୟକାରୀ ହେବ। ବର୍ତ୍ତମାନ ପ୍ରଚଳିତ ନିୟମ ଅନୁସାରେ, ୧୦ଟା ୧୫ରେ ଛାତ୍ରୀଛାତ୍ରଙ୍କୁ ପ୍ରଶ୍ନପତ୍ର ପଢ଼ିବା ପାଇଁ ଦିଆଯାଇଥାଏ। ୧୦ଟା ୩୦ରେ ପରୀକ୍ଷା ଆରମ୍ଭ ହୋଇଥାଏ। ୧୧ଟା ପର୍ଯ୍ୟନ୍ତ ଲେଟ୍ ଏଣ୍ଟ୍ରି ଓ ୧୧ଟା ୧୫ ପର୍ଯ୍ୟନ୍ତ ଏମରଜେନ୍ସି ଏଣ୍ଟ୍ରି ରହିଛି। କିନ୍ତୁ ଆଗାମୀ ବର୍ଷରୁ ଏହି ନିୟମ ପରିବର୍ତ୍ତନ ହେବ। ନୂଆ ନିଷ୍ପତ୍ତି ଅନୁସାରେ, ଜେଇଇ, ଏନ୍‌ଇଇଟି ଓ କ୍ୟାଟ୍ ଭଳି ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଲେଟ୍ ଏଣ୍ଟ୍ରିକୁ ଅନୁମତି ମିଳିବ ନାହିଁ। ସମସ୍ତ ପରୀକ୍ଷାର୍ଥି ସକାଳ ୧୦ଟା ୧୫ ପୂର୍ବରୁ ହଲ୍‌ରେ ପହଞ୍ଚିବା ଆବଶ୍ୟକ। ବିଳମ୍ବରେ ଆସିଲେ ପରୀକ୍ଷା ଦେଇପାରିବେ ନାହିଁ। ଏପରିକି ଟ୍ରାଫିକ୍‌ରେ ଫସିଥିବା କଥା ମଧ୍ୟ କର୍ଣ୍ଣପାତ କରାଯିବ ନାହିଁ ବୋଲି ସିବିଏସ୍‌ଇ କହିଛି।

# ବନ୍ୟା ବିପନ୍ନଙ୍କ ପାଇଁ ଦେବଦୂତ ସାଜିଲେ ଯବାନ

ମାଲକାନଗିରି, ୧୯।୮ (ଡି.ଏନ.ଏ.)

ମାଲକାନଗିରି ସୀମାନ୍ତ ସୁକୁମା ଜିଲାରେ ସୁରକ୍ଷା କର୍ମୀ ଯବାନମାନେ ରବିବାର ବନ୍ୟା ବିପନ୍ନଙ୍କ ପାଇଁ ଦେବଦୂତ ସାଜିଥିବା ଦେଖିବାକୁ ମିଳିଛି। ସୁକ୍‌ମା ଜିଲା କସ୍ତାରାମ୍, କୁରୁତି ଓ ସଙ୍ଗେଲ ଗ୍ରାମର ପ୍ରାୟ ୩ଶହ ମହିଳା ପୁରୁଷ ଓ ଶିଶୁମାନଙ୍କୁ ବନ୍ୟା ଘେରରୁ ନଈପାର୍ କରି ଉଦ୍ଧାର କରିଛନ୍ତି। ରବିବାର ସକାଳେ ସୁକୁମା ପୋଲିସ କ୍ୟାମ୍ପରେ ଥିବା ସୁରକ୍ଷା କର୍ମୀମାନେ କୋମ୍ବିଂ ଅପରେଶନ ପାଇଁ ଆଭ୍ୟନ୍ତରୀଣ ଅଞ୍ଚଳକୁ ଯାଇଥିଲେ। ଏହି ସମୟରେ ସେମାନେ ୩ଟି ଗ୍ରାମର ଲୋକମାନେ ପ୍ରବଳ ବର୍ଷା ଯୋଗୁ ବନ୍ୟା ଘେରରେ ରହିଥିବା ସେମାନେ ଜାଣିବାକୁ ପାଇଥିଲେ। ସେମାନେ କିଷ୍ଟାରାମ ଜଙ୍ଗଲରେ କୋମ୍ବିଂ ଅପରେଶନ ବନ୍ଦ କରି ଲୋକଙ୍କୁ ରଶି ଦ୍ୱାରା ନଦୀ ପାର କରି ଉଦ୍ଧାର କରିଥିଲେ। ସମସ୍ତ ଗ୍ରାମବାସୀଙ୍କୁ ପୋଲିସ କ୍ୟାମ୍ପକୁ ନେଇ ଖାଦ୍ୟପେୟ ଦେଇଥିଲେ।

# ୨୫ରେ ଏମ୍‌ସ ସାଟେଲାଇଟ୍ ସେଣ୍ଟର ଗୃହ ଶିଳାନ୍ୟାସ

ବାଲେଶ୍ୱର ଅଫିସ,୧୯।୮: ବାଲେଶ୍ୱର ସହର ବାମପଦାସ୍ଥିତ ପଡ଼ିଆରେ ନିର୍ଦ୍ଧାରିତ ଏମ୍‌ସ ହସ୍‌ପିଟାଲ ନିର୍ମାଣ କାର୍ଯ୍ୟ ଲାଗି ଆସନ୍ତା ୨୫ ତାରିଖରେ ଶିଳାନ୍ୟାସ କରାଯିବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଏବଂ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଶିଳାନ୍ୟାସ କରିବେ। ଏ ସମ୍ପର୍କରେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାଶ ସୂଚନା ଦେବା ଦେବା ପରେ ବିଭିନ୍ନ ମହଲରେ ଖୁସିର ଲହରୀ ଖେଳିଯାଇଛି। ଉଲ୍ଲେଖଥାଉକି, ବର୍ଷକ ପୂର୍ବରୁ ସେଣ୍ଟ୍ରାଲ ସ୍କୁଲ ଛକ ନିକଟ ପ୍ରୁଫ୍ କଲୋନୀରେ ପ୍ରତି ରବିବାର ଭୁବନେଶ୍ୱରସ୍ଥିତ ଏମ୍‌ସ ହସ୍‌ପିଟାଲରୁ ବିଭିନ୍ନ ବିଭାଗର ଡାକ୍ତରମାନେ ଆସି ଚିକିତ୍ସାସେବା ଯୋଗାଉଛନ୍ତି। ପ୍ରତି ରବିବାର ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ରୋଗୀ ଉପକୃତ ହେଉଥିବା ଜଣାପଡ଼ିଛି।

# ଆଜିଠୁ ଏମ୍‌ବିବିଏସ୍, ବିଡିଏସ୍ ସିଟ୍ ପାଇଁ ସ୍ପଟ୍ ନାମଲେଖା

ଭୁବନେଶ୍ୱର, ୧୯।୮ (ବ୍ୟୁରୋ): ଏମ୍‌ବିବିଏସ୍ ଏବଂ ବିଡିଏସ୍ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ସୋମବାରଠାରୁ ସ୍ପଟ୍ ନାମଲେଖା ଆରମ୍ଭ ହେଉଛି। ପୂର୍ବାହ୍ନ ସାଢେ ୧୦ଟାରୁ ଅପରାହ୍ନ ୫ଟା ଯାଏ ଓଜେଇଇ କାର୍ଯ୍ୟାଳୟରେ ଛାତ୍ରୀଛାତ୍ର ପହଞ୍ଚି ନାମଲେଖାଇବେ। ଏହି ନାମଲେଖା ପ୍ରକ୍ରିୟା ୩ଦିନ ଧରି ଚାଲିବ ବୋଲି ଓଜେଇଇ ପକ୍ଷରୁ ସୂଚନା ମିଳିଛି। ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପରେ ମୋଟ ୨୩୨ ଏମବିବିଏସ୍ ଏବଂ ବିଡିଏସ୍ ସିଟ୍ ଖାଲି ପଡିଛି। କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଏମ୍‌ବିବିଏସ୍‌ରେ ୫ ସିଟ୍ ଖାଲି ପଡିଥିବାବେଳେ ଏସ୍‌ସିବି ଡେଣ୍ଟାଲ କଲେଜରେ ବିଡିଏସ୍‌ରେ ୧୨ ସିଟ୍ ଖାଲି ପଡିଛି। ସେହିପରି ଭିମ୍‌ସାର ବୁର୍ଲାରେ ଏମ୍‌ବିବିଏସ୍‌ରେ ୨୬ ସିଟ୍, ବ୍ରହ୍ମପୁର ଏମ୍‌କେସିଜିରେ ୨୭, ବାଲେଶ୍ୱର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ୬, ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ୧୧, ବଲାଙ୍ଗୀର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ୬, କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ୧୪, ଭୁବନେଶ୍ୱରସ୍ଥିତ ହାଇଟେକ ଘରୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ୩୫ ଏମ୍‌ବିବିଏସ୍ ଏବଂ ହାଇଟେକ୍ ଡେଣ୍ଟାଲ କଲେଜରେ ୯୦ ବିଡିଏସ୍ ସିଟ୍ ଖାଲି ପଡିଥିବା ଓଜେଇଇ ପକ୍ଷରୁ ସୂଚନା ମିଳିଛି।














ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର। - ସ୍ୱାମୀ ବିବେକାନନ୍ଦ


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ସୁଶ୍ରୀ
ପରିବାରବର୍ଗ



ରିହାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified



real estate

### SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Immediate ready for construction land at Rasulgarh near Hitech square (NH-5) @16,20,000/- 9437976031. D-63576

Bhubaneswar ପିତାପଲ୍ଲିଠାରେ NHରୁ 700 mtr. ଦୂରତାରେ boundary wall campus ମଧ୍ୟରେ 30' ରାସ୍ତା ଥାଇ demarcated sthitiban plot ବିକ୍ରିହେବ। 9337110700, 9692619663. D-63575

Gharabari Boundary Plot Infront Krapujal Engineering College, Bhubaneswar: 9090899281, 8908805482. D-63474

Gharabari plot Pahal (Gohalo) Benupur, Rangabazar low cost Sudhananda College. 8249994188. D-7933

ଭୁବନେଶ୍ୱର KEC, ଗୁଡିଆ-ପୋଖରୀଠାରେ 30ft road ଥାଇକି ଅଗ୍ରୀମ boundary wall electry , gharabari patta, Temple, ନାମଫଳକ ସହ sqft. 600/- ରେ ଦିଆଯାଉଅଛି। 7008045582, 9078967488. D-7910

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 9583032439. D-63588

### PURCHASE

A reputed realestate company requires land in around Cuttack and Bhubaneswar on basis of outright sharing and marketing contact: 9937816565, 9583944403. D-64887



astrology

ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଘଟଣା ଜାଣିବା ଏବଂ ସମସ୍ତ ସମସ୍ୟାର ସରଳ ସମାଧାନ ପାଇଁ ଯୋଗାଯୋଗ କରନ୍ତୁ। 9861040318, 9937354570. D-7912

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଜନ୍ମଦିନର ଶୁଭେଚ୍ଛା



(ରିହାନ୍)
ଅଲହାଜ୍ ଅଲ୍ଲୀ ଖାଁ
କେରଙ୍ଗ, ଖୋର୍ଦ୍ଧା

ଦ୍ୱାଦଶତମ ଜନ୍ମବାର୍ଷିକ ଉତ୍ସବ ଅବସରରେ ତୋର ଦୀର୍ଘାୟୁ, ବିଦ୍ୱାନ, ଯଶସ୍ୱୀ, ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ। ଶୁଭେଚ୍ଛା ସହ: ଦାଦାଜୀ, ଦାଦୀମା, ଅମ୍ମୀ, ପାପା, ଶୁହାନା, ଡୋଡି, କୈଫ୍, ସୈଫ୍, ସିପୁନ୍, ପାପୁନ୍, ଆଫ୍ରିନ୍, ଖୁସୀ, ଅଫତାବ୍ ଓ ପରିବାରବର୍ଗ। ଧ-୬୪୮୯୨


# କିସ୍‌ରେ ଖାଦ୍ୟ ନିରାପତ୍ତା ନେଇ ହେବ ଗବେଷଣା

## କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ୧୯।୮(ବ୍ୟୁରୋ)**

'ସ୍ଥାୟୀ ଖାଦ୍ୟ ଯୋଗାଣ ନିମନ୍ତେ ଗବେଷଣା ଓ ସଶକ୍ତୀକରଣ ଜରିଆରେ ଭାରତରେ ସବୁଜ ବିପ୍ଲବର ରୂପାନ୍ତରଣ' ନାମରେ ଏକ ନୂତନ ଗବେଷଣା ପାଇଁ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଓ କିସ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଦ୍ୱାରା କିସ୍‌କୁ ଏହି ଦୀର୍ଘ ମିଆଦି ଗବେଷଣା ପ୍ରକଳ୍ପ ପ୍ରଦାନ କରାଯାଇଛି। ଏହି ଗବେଷଣା ପ୍ରକଳ୍ପରେ ଉଭୟ କେମ୍ବ୍ରିଜ ଓ କିସ୍ ବିଶ୍ୱବିଦ୍ୟାଳୟ ମିଳିତ ଭାବେ କାର୍ଯ୍ୟ କରିବାକୁ ଥିବାବେଳେ କିସ୍ ବିଶ୍ୱବିଦ୍ୟାଳୟ ପ୍ରମୁଖ ଅଂଶୀଦାର ରହିବ। ସବୁଜ ବିପ୍ଲବର ବିହନ-ସାର-ଜଳ ପ୍ୟାକେଜ୍ ବ୍ୟତୀତ ସ୍ଥାୟୀ ଖାଦ୍ୟ ପୋଷଣ ଓ କୃଷି ନିରାପତ୍ତା କ୍ଷେତ୍ରରେ ନୂତନ ବୈଷୟିକ ଗବେଷଣା ଉପରେ ଏହା ଗୁରୁତ୍ୱ ବହନ କରିବ। ପ୍ରକଳ୍ପ ପାଇଁ ରହିଥିବା ୨୦୩୦ କାର୍ଯ୍ୟସୂଚୀ ଅନୁଯାୟୀ, ଏହା କୃଷି ଉତ୍ପାଦନ ବୃଦ୍ଧି କରିବା ସହ ଜଳ ସଂରକ୍ଷଣ (ଅଳ୍ପ ଜଳରେ ଅଧିକ ଅମଳ), ମୃତ୍ତିକାର ମାନ ଏବଂ ଉଦ୍ଭିଦର ଜୈବ ବିବିଧତା ଦିଗରେ କାର୍ଯ୍ୟ କରିବ। ଏଭଳି ଗବେଷଣାତ୍ମକ ପ୍ରକଳ୍ପ ଦେଶରେ ପ୍ରଥମ ଓ ଏହା ଦ୍ୱିତୀୟ ସବୁଜ ବିପ୍ଲବ ସୃଷ୍ଟି କରିବ ବୋଲି ଲକ୍ଷ୍ୟ ରହିଛି।

କିସ୍‌ର ପରାମର୍ଶଦାତା ତଥା ନୀତି ଫାଉଣ୍ଡେଶନ ମୁଖ୍ୟ ଉପଦେଷ୍ଟା ଡ. ସୁରଜ କୁମାର ଏହି ପ୍ରକଳ୍ପର ମୁଖ୍ୟ ଭାବେ କାର୍ଯ୍ୟ କରିବେ। ସେହିପରି କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡ. ଶୈଳଜା ଫେନେଲ ଇଂଲଣ୍ଡର ଇଷ୍ଟ ଆଞ୍ଜେଲିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ନିତ୍ୟା ରାଓଙ୍କ ସହଯୋଗରେ ଏହି ଗବେଷଣା ପ୍ରକଳ୍ପରେ ଶୈକ୍ଷିକ ଅଂଶୀଦାର ଭାବେ କାର୍ଯ୍ୟ କରିବେ। ପ୍ରଫେସର ରାଓ ହେଉଛନ୍ତି ଭାରତରେ ସବୁଜ ବିପ୍ଲବର କର୍ଣ୍ଣଧାର ଡ. ଏମ୍. ଏସ୍. ସ୍ୱାମୀନାଥନଙ୍କ କନ୍ୟା। ପ୍ରଥମଥର ଲାଗି ଭାରତରେ କିସ୍ ବିଶ୍ୱବିଦ୍ୟାଳୟ ଏହି ନୂଆ ପ୍ରକାର ଗବେଷଣା ପ୍ରକଳ୍ପ ପାଇଥିବାରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଜନଜାତି ସଶକ୍ତୀକରଣ କ୍ଷେତ୍ରରେ କିସ୍‌ର ପ୍ରତିବଦ୍ଧତାର ସ୍ୱୀକୃତି ସ୍ୱରୂପ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଏଭଳି ଏକ ନୂତନ ଗବେଷଣା ପ୍ରକଳ୍ପ କିସ୍‌କୁ ଦେଇଛନ୍ତି।

# ଚୋରା କୋଇଲା ବୋଝେଇ ୨ ଟ୍ରକ ଜବତ

**ବାହାନଗା, ୧୯।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ୧୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ବିପିସିଏଲ ପେଟ୍ରୋଲ ଟାଙ୍କି ନିକଟରୁ ୩୫ ଟନ୍ ଚୋର କୋଇଲା ବୋଝେଇ ୨ଟି ଟ୍ରକକୁ ଖନ୍ତାପଡା ଥାନା ପୋଲିସ ଜବତ କରିଛି। ଏନେଇ ଥାନାରେ ୨ଟି ପୃଥକ ମାମଲା (ନଂ. ୩୨୧/୧୮, ୩୨୨/୧୮ ) ରୁଜୁ ହୋଇଛି। ୨ଟି ଟ୍ରକର ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି।

ଭଦ୍ରକରୁ ବିହାର ଧାନବାଦ ଅଞ୍ଚଳକୁ ଏକ ଟ୍ରକ (ନଂ.ଓଆର୧୧ ଜେ ୭୩୪୭)ରେ ୨୦ ଟନ୍ କୋଇଲା ବୋଝେଇ ହୋଇ ଚାଲାଣ ହେଉଥିବା ବେଳେ ଅନ୍ୟ ଏକ ଟ୍ରକ (ନଂ.ଓଆର୦୯ଜି୩୧୩୭)ରେ ୧୫ ଟନ୍ କୋଇଲା ଚୋରାଚାଲାଣ ହେଉଥିଲା। ପୋଲିସ ଖବରପାଇ ପେଟ୍ରୋଲ ଟାଙ୍କି ନିକଟରେ ଛିଡା ହୋଇଥିବା ୨ଟି ଟ୍ରକ୍‌କୁ ଜବତ କରିଥିଲା। ଉଭୟ ଟ୍ରକ ଡ୍ରାଇଭର ବାଲେଶ୍ୱର ବାଲୁବଜାରର ସେକ୍ ରଫିକ୍ ଓ ଭଦ୍ରକ ଜିଲା ଚରମ୍ପାର ପଥରଆଡି ଗ୍ରାମର ପ୍ରହ୍ଲାଦ କୁମାର ଦାସଙ୍କୁ ପୋଲିସ ଗିରଫ କରିଛି।

# କେରଳ ବନ୍ୟାରେ ଫସିଛନ୍ତି ତିହିଡ଼ିର ୧୫ ଶ୍ରମିକ

**ତିହିଡ଼ି, ୧୯।୮(ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳର ୧୫ ଜଣ ଶ୍ରମିକ କେରଳ ବନ୍ୟାରେ ଫସି ରହିଛନ୍ତି। ଏହି ଶ୍ରମିକମାନେ ଆହ୍ଲାହାରଠାରେ ଥିବା ଏକ ପ୍ଲାଏଉଡ୍ କାରଖାନାରେ କାମ କରୁଥିଲେ। ବନ୍ୟା ହେବା ପରେ ସେମାନେ ସେଠାରୁ ଉଦ୍ଧାର ହୋଇପାରି ନାହାନ୍ତି। ରାଜନଗର ପଞ୍ଚାୟତ ବାହାରପାଳ ଗ୍ରାମର ରମେଶ ପଲେଇ, ଗଦି ଅଞ୍ଚଳର ଅଜୟ ବାରିକ, ଜିତେନ୍ଦ୍ର ବାରିକ ଏବଂ ଅମୃତପୁର, ଅଲାଳ, ଜାମଯୋଡ଼ି ଗ୍ରାମର ଅନ୍ୟ ୧୨ ଶ୍ରମିକ ମଧ୍ୟ ୩ ଦିନ ହେଲା ବନ୍ୟାଘେରରେ ରହି ଦୟନୀୟ ଜୀବନ ବିତାଉଛନ୍ତି। ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ନିବେଦନ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବିପର୍ଯ୍ୟୟ ପରେ ...

ହେଉଥିବା ମିଥ୍ୟା ଖବର ପ୍ରତି ସତର୍କ ରହିବା ଲାଗି ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

କେରଳ ବିପନ୍ନଙ୍କୁ ସହଯୋଗ କରିବା ଲାଗି ରବିବାର ଭାଟିକାନ୍ ସିଟି ପୋପ୍ ଫ୍ରାନ୍ସିସ୍ ବିଶ୍ୱ ସମୁଦାୟକୁ ଆହ୍ୱାନ ଦେଇଛନ୍ତି। ଏହାସହ ପ୍ରାକୃତିକ ବିପର୍ଯ୍ୟୟରେ ପ୍ରାଣ ହରାଇଥିବା ଏବଂ ପ୍ରଭାବିତ ହୋଇଥିବା ଲୋକଙ୍କ ପାଇଁ ସେଣ୍ଟ ପିଟର୍ସ ସ୍କୋୟାର୍‌ରେ ପୋପ୍ ସମୂହ ପ୍ରାର୍ଥନାର ଆୟୋଜନ କରିଥିଲେ।

କେରଳକୁ ରବିବାର ମଧ୍ୟ ଛୁଟିଛି ଚାରିଆଡୁ ସହଯୋଗ। କେରଳ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ପଶ୍ଚିମବଙ୍ଗ ସରକାର ୧୦ କୋଟି ଟଙ୍କା ଦାନ କରିବାକୁ ଘୋଷଣା କରିଥିବାବେଳେ ଜମ୍ମୁ-କଶ୍ମୀର ୨ କୋଟି, ଆନ୍ଧ୍ରପ୍ରଦେଶ ଆଇଏଏସ୍ ସଂଘର ସଦସ୍ୟମାନେ ଦିନକ ଦରମା ଦାନ କରିବାକୁ ଘୋଷଣା କରିଛନ୍ତି। ଅଭିନେତା ଶାହରୁଖ୍ ଖାନଙ୍କ ଜନକଲ୍ୟାଣକାରୀ ସଂସ୍ଥା ୨୧ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଛି। ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନ କେରଳବାସୀଙ୍କ ପାଇଁ ଚିନ୍ତାବ୍ୟକ୍ତ କରିବା ସହ ସହଯୋଗର ହାତ ବଢ଼ାଇବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ୟୁଏଇ ପରେ ରବିବାର କାତାର ସରକାର କେରଳ ବିପନ୍ନଙ୍କ ପାଇଁ ୩୪.୮୯ କୋଟି ଟଙ୍କାର ସହାୟତା ଘୋଷଣା କରିଛନ୍ତି।

ଅଗ୍ନିଶମ ବିଭାଗୀୟ ଡିଜି ବି.କେ. ଶର୍ମା ଓଡ଼ିଶା ଉଦ୍ଧାରକାରୀ ଦଳ ବନ୍ୟା ପ୍ରପୀଡିତଙ୍କୁ ସହାୟତା କରୁଥିବାର ଫଟୋ ରବିବାର ନିଜ ଟୁଇଟରରେ ଅପଲୋଡ୍ କରିଛନ୍ତି। ସେହିପରି କେରଳ ବନ୍ୟାରେ ଫସିଥିବା ଓଡ଼ିଆଙ୍କ ଲାଗି ସ୍ୱତନ୍ତ୍ର ରିଲିଫ କମିଶନ(ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ହେଲପ୍ ଲାଇନ ନଂ. ୧୦୭୦ ଓ ଦେୟଯୁକ୍ତ ନମ୍ବର ୦୬୭୪-୨୫୩୪୧୭୭ ଜାରି କରାଯାଇଛି।

### ବନ୍ଦ ହେବ ୨ ହଜାର...

ସ୍ୱତନ୍ତ୍ର ପୋଷ୍ୟଗ୍ରହଣ ସଂସ୍ଥା ଓ ମୁକ୍ତ ଆଶ୍ରୟ ଆଦି ସିସିଆଇ ଅନ୍ତର୍ଭୁକ୍ତ। କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ, ୨୦୧୫ ଅନୁସାରେ ସିଏଆର୍‌ଏ ସହ ସିସିଆଇଗୁଡ଼ିକର ସଂଯୋଗୀକରଣକୁ ବାଧ୍ୟତାମୂଳକ କରାଯାଇଛି। କିଶୋର ନ୍ୟାୟ ଆଇନ ଅନୁସାରେ ଶିଶୁ ଯତ୍ନ କେନ୍ଦ୍ରଗୁଡ଼ିକର ପଞ୍ଜୀକରଣ ୨୦୧୭ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ପୂର୍ବରୁ ସୁପ୍ରିମକୋର୍ଟ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ନିର୍ଦ୍ଦେଶନାମାକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରାଯାଇ ପାରିନାହିଁ। ଶିଶୁ ଅଧିକାର ସୁରକ୍ଷା ଜାତୀୟ କମିଶନଙ୍କ ତଥ୍ୟାନୁସାରେ, ଦେଶରେ ସମସ୍ତ ସିସିଆଇରେ ମୋଟ ୨,୩୨,୯୩୭ ଶିଶୁ ଅଛନ୍ତି। ତେବେ ବିନା କାଗଜପତ୍ରରେ ଚାଲିଥିବା ଏଭଳି ଅନୁଷ୍ଠାନଗୁଡ଼ିକରେ ଶିଶୁଙ୍କ ସୁରକ୍ଷାକୁ ନେଇ ବାରମ୍ବାର ପ୍ରଶ୍ନ ଉଠିବା ପରେ ବିଗତ କିଛିଦିନ ମଧ୍ୟରେ ୪୦ଟି ଅଣପଞ୍ଜୀକୃତ ଶିଶୁ ଯତ୍ନ ଗୃହକୁ ବନ୍ଦ କରାଯାଇଛି। ଆଉ କେତେକ ସଂସ୍ଥା ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଯେଉଁ ସଂସ୍ଥାଗୁଡ଼ିକ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପଞ୍ଜୀକରଣ ନ କରିବେ ସେଗୁଡ଼ିକୁ ବେଆଇନ ଘୋଷଣା କରାଯାଇ ବନ୍ଦ କରାଯିବ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

### ଅତିରିକ୍ତ ୫ କୋଟି ...

ମେଟ୍ରିକ୍ ଟନ୍ (ଏମ୍‌ଟି) ପଲିଥିନ୍ ସିଟ୍ କେରଳକୁ

- ୮ କୋଟି ବ୍ୟୟରେ ୫୦୦ ଏମ୍‌ଟି ପଲିଥିନ୍ ସିଟ୍
- ତାଲିକାରେ ୧୮୭ ନାଁ, ଫୋନ୍ ନମ୍ବର
- ସହାୟତା ପାଇଁ କେରଳ ଏସିଏସ୍‌ଙ୍କୁ ଚିଠି

ପଠାଇବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରାକୃତିକ ବିପର୍ଯ୍ୟୟ କିପରି ଭାବେ ସାଧାରଣ ଜନତାଙ୍କୁ କ୍ଷତିଗ୍ରସ୍ତ କରିଥାଏ, ତାହା ଓଡ଼ିଶାବାସୀଙ୍କୁ ଭଲ ଭାବେ ଜଣା। କେରଳ ବନ୍ୟା ପ୍ରପୀଡିତଙ୍କ ପାଇଁ ଓଡ଼ିଶାର ସହାୟତା ହାତ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏସ୍‌ଆରସି, ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଶ୍ରମ ବିଭାଗକୁ ବନ୍ୟାରେ ଫସିଥିବା ଓଡ଼ିଆଙ୍କ ସହାୟତା ପାଇଁ ସଜାଗ ରହିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ବନ୍ୟା ବିଭୀଷିକାରେ ଫସିଥିବା ଓଡ଼ିଆଙ୍କ ତାଲିକା ଜାରି କରିଛନ୍ତି ରାଜ୍ୟ ସରକାର। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସ୍ୱତନ୍ତ୍ର ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ଏହି ତାଲିକା ପ୍ରକାଶ ପାଇଛି। ଏଥିରେ ୧୮୭ ଓଡ଼ିଆଙ୍କ ନାଁ, ଠିକଣା ଏବଂ ଫୋନ୍ ନମ୍ବର ଜାରି କରାଯାଇଛି। ଏଥିସହିତ ଫସି ରହିଥିବା ଲୋକଙ୍କୁ ସହାୟତା ପ୍ରଦାନ ପାଇଁ କେରଳ ବିପର୍ଯ୍ୟୟ ପ୍ରଶମନ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍)ଙ୍କୁ ଏହି ଚିଠି ଲେଖାଯାଇଛି। କେରଳ ବନ୍ୟା ବିଭୀଷିକାରେ ଓଡ଼ିଆଙ୍କ ଉଦ୍ଧାର ଏବଂ ଆପତକାଳୀନ ସହାୟତା ବ୍ୟତୀତ ରାଜ୍ୟ ସରକାରଙ୍କ ପକ୍ଷରୁ ଅନ୍ୟାନ୍ୟ ସାହାଯ୍ୟ ମଧ୍ୟ କରାଯାଇଛି।

ଶନିବାର ବନ୍ୟା ପ୍ରଭାବିତ ଲୋକମାନଙ୍କୁ ସହାୟତା ଦେବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ମୁଖ୍ୟ ଅଗ୍ନିଶମ ଅଧିକାରୀଙ୍କ ନେତୃତ୍ୱରେ ୨୭୫ ଜଣିଆ ଅଗ୍ନିଶମ ସେବାଦଳକୁ କେରଳ ପଠାଯାଇଛି। ଉକ୍ତ ଦଳ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡିଛି। ଉଦ୍ଧାରକାରୀ ଦଳ ସହ ୭୬ଟି ପାୱାରବୋଟ୍, ୪୫ଟି ଟାୱାର ଲାଇଟ, ୨୩୪ଟି ଲାଇଫ ଜ୍ୟାକେଟ, ୧୩୭ ଲାଇଫ୍ ବୋଟ୍, ୩୧ ଲାଇଫ ଲାଇନ, ୩୦ ସ୍ଲିପିଙ୍ଗ ମ୍ୟାଟ୍, ୨ଟି ଏଗ୍ରିନେଟ, ୬ଟି ଟେଣ୍ଟ କଭର, ୨ଟି କମ୍ପ୍ରେସର ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ ପଠାଯାଇଥିବା ଜଣାପଡିଛି। ବିଶେଷ ତାଲିମ୍‌ପ୍ରାପ୍ତ ୨୪୪ ଅଗ୍ନିଶମ କର୍ମଚାରୀ ୬୫ ଉଦ୍ଧାରକାରୀ ବୋଟ୍ ଦ୍ୱାରା ସହାୟତା କରୁଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

### ବଜରଙ୍ଗ ଜିତିଲେ ...

ଇଭେଣ୍ଟରେ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲେ। ହରିୟାଣାର ଏହି ୨୪ ବର୍ଷୀୟ ରେସଲର ଫାଇନାଲ ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ। ବୈଷୟିକ ଦୃଷ୍ଟିକୋଣରୁ ସେ ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରିଥିଲେ। ଦମ୍‌ଦାର ପ୍ରଦର୍ଶନ କରି ବଜରଙ୍ଗ ସବୁ ବାଉଟ୍‌ରେ ଏକପାଖିଆ ବିଜୟ ହାସଲ କରିଥିଲେ। ସେ ଏହି କ୍ରମରେ ଉଜ୍‌ବେକିସ୍ତାନର ସିରୋଜିଦ୍ଦିନ ଖାସାନୋଭଙ୍କୁ ୧୩-୩, ତାଜିକ୍‌ସ୍ତାନର ଫଏଜିଏଭ ଅବଦୁଲକୋସିମଙ୍କୁ ୧୨-୨ ଓ ମଙ୍ଗୋଲିଆର ଏନ ବାଟମାଗ୍‌ନାଇ ବାଚୁଲୁଙ୍କୁ ୧୦-୦ରେ ପରାସ୍ତ କରି ମେଡାଲ ରାଉଣ୍ଡରେ ପ୍ରବେଶ କରିଥିଲେ।

ଅବଶ୍ୟ ଫାଇନାଲରେ ବଜରଙ୍ଗ ଜାପାନର ଡାଇଚିଙ୍କଠାରୁ ସାମାନ୍ୟ ସଂଘର୍ଷର ସମ୍ମୁଖୀନ ହୋଇଥିଲେ। ପ୍ରଥମେ ବଜରଙ୍ଗ ୬-୦ରେ ଅଗ୍ରଣୀ ହୋଇଥିଲେ। ତେବେ ଡାଇଚି ଲଢୁଆ ପ୍ରଦର୍ଶନ କରି ବଜରଙ୍ଗଙ୍କୁ ଅଟକାଇବାକୁ ସକ୍ଷମ ହୋଇଥିଲେ। ଫଳରେ ସେ ଜବରଦସ୍ତ ଚାପର ସମ୍ମୁଖୀନ ହୋଇଥିଲେ। ତେବେ ପରେ ସେ ପ୍ରତ୍ୟାବର୍ତ୍ତନ କରି ଫାଇନାଲ ବାଉଟକୁ ହାତେଇ ନେଇ ସ୍ୱର୍ଣ୍ଣିମ ସଫଳତା ହାସଲ କରିଥିଲେ।

ଏଥିସହ ବଜରଙ୍ଗ ତାଙ୍କ ଗୁରୁ ଯୋଗେଶ୍ୱର ଦତ୍ତଙ୍କ ସମକକ୍ଷ ହୋଇଛନ୍ତି। ଗତ ସଂସ୍କରଣରେ ଯୋଗେଶ୍ୱର ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୂର୍ବରୁ ୧୯୭୮ ଓ ୧୯୮୬ରେ କରତାର ସିଂ, ୧୯୮୨ରେ ସତ୍‌ପାଲ ସିଂ, ୧୯୭୮ରେ ରାଜିନ୍ଦର ସିଂ, ୧୯୭୦ରେ ଚାଙ୍ଗଡି ରାମ ଓ ୧୯୬୨ରେ ମାରୁତି ମାନେ ଏସିଆଡ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏବେ ବଜରଙ୍ଗ ଏହି ତାଲିକାରେ ସାମିଲ ହେବାର ସୌଭାଗ୍ୟ ଲାଭ କରିଛନ୍ତି।

ଅନ୍ୟ ଭାରତୀୟ ରେସଲର ଅଭିଜ୍ଞ ସୁଶୀଲ କୁମାର (୭୪ କେ.ଜି.), ସନ୍ଦୀପ ତୋମାର (୫୭), ମୌସମ ଖାତ୍ରୀ (୯୭) ଓ ପବନ କୁମାର (୮୬ )ରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଥିଲେ ମଧ୍ୟ ଏମାନେ ଶେଷରେ ବିଫଳ ହୋଇଛନ୍ତି।


# ମନେ ପଡ଼ନ୍ତି

## ପ୍ରଥମ ଶ୍ରାଦ୍ଧବାର୍ଷିକୀ



√ ପ୍ରହଲ୍ଲାଦ ସେନାପତି
ଆବିର୍ଭାବ: ୨୫.୧୨.୧୯୫୫
ତିରୋଧାନ: ୦୧.୦୮.୨୦୧୭

ଆପଣଙ୍କ ଅବର୍ତ୍ତମାନରେ ଆପଣଙ୍କ ସ୍ନେହ, ମହାନତା, ଉଦାରପଣ ସହିଷ୍ଣୁତା, ମିଷ୍ଟଭାଷା ଧାର୍ମିକ ଆସ୍ଥା ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଓ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
Shreemandir
ଶ୍ରୀମନ୍ଦିର ପରିବାର ଏବଂ ଆତ୍ମୀୟସ୍ୱଜନ
ମହାବୀର ବଜାର, ସାମନ୍ତରାପୁର, ଭୁବନେଶ୍ୱର-୨
ଧ-୫୩୬୩୬

## ଏକାଦଶାହ ଉପଲକ୍ଷେ



√ ଭାସ୍କର ବରାଳ
L3-93, ACHARYA VIHAR, BBSR
ଆବିର୍ଭାବ- ତା୨୨.୦୮.୧୯୩୩ (ମଙ୍ଗଳବାର)
ତିରୋଧାନ- ତା୧୦.୦୮.୨୦୧୮ (ଶୁକ୍ରବାର)

ପୂଜନୀୟ ବାପା
ଆପଣଙ୍କର ସ୍ନେହ, ମହାନତା, ଉଦାରପଣ, ସହିଷ୍ଣୁତା, ଧାର୍ମିକ ଆସ୍ଥା ଓ କର୍ତ୍ତବ୍ୟନିଷ୍ଠତା ଆମ୍ଭମାନଙ୍କ ଜୀବନର ଚଲାପଥରେ ଅଭୁଲା ସ୍ମୃତି ହୋଇ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ .... ପୁତ୍ର- ବିଷ୍ଣୁପଦ, ବିଭୁଦତ୍ତ, ବିଭୁତି, ଭୁପତି, ପୁତ୍ରବଧୂ- ପଦ୍ମାଳୟା, ତନୁଶ୍ରୀ, ସତ୍ୟଭାମା, ଝିଅ- ରୂପଶ୍ରୀ, ନାତି ଓ ନାତୁଣୀ- ସୃଷ୍ଟି, ବିବେକ, ବୈଭବ, ଶ୍ରୀରାମ, ତଥା ବନ୍ଧୁ ଓ ପରିବାରବର୍ଗ।
ଧ-୫୮୬୮

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗଣପତି ବିଶ୍ୱାଳ
କାଳଷଣ୍ଡପୁର (ଆସିକା) ଗଞ୍ଜାମ
ତିରୋଧାନ: ୦୯।୦୮।୨୦୧୮
ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ। ଅଭାଗା ପୁତ୍ର ଉଦୟନାଥ, ଲମ୍ବୋଦର, ସନ୍ତୋଷ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ଆତ୍ମୀୟସ୍ୱଜନ।
ଧ-୭୯୪୩

## ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ



ସ୍ୱର୍ଗତ ଆନନ୍ଦ ଚନ୍ଦ୍ର ବାରିକ
କମାରଡିହ, ଦଶରଥପୁର, ଯାଜପୁର
ଆବିର୍ଭାବ: ୦୧।୦୭।୧୯୩୭
ତିରୋଧାନ: ୧୦।୦୮।୨୦୧୮
ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ୧୧ ଦିନ ହେଲା ଆପଣ ଆରପାରିକୁ ଚାଲିଗଲେଣି। ପ୍ରତି ମୁହୂର୍ତ୍ତରେ ଆପଣଙ୍କର ଅନୁପସ୍ଥିତିକୁ ଆମ୍ଭେ ଅନୁଭବ କରୁଛୁ। ଆଜି ଏକାଦଶାହ ତିଥିରେ ଆପଣଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ। ଧ-୭୯୪୫

## ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଦ୍ୱାରିକାନାଥ ନାୟକ
ଆବିର୍ଭାବ: ୧।୧୧।୧୯୪୫
ତିରୋଧାନ: ୧୦।୮।୨୦୧୮
Plot No GA 17
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଆମ ସମସ୍ତଙ୍କ ବିନମ୍ର ପ୍ରାର୍ଥନା। ଆପଣଙ୍କ ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୯୨୮

Your Classified Advertisement published in Dharitri will be listed free in Dharitri Online Edition: www.dharitri.com


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - କର୍ମକ୍ଷେତ୍ରରେ ଲାଗି ରହିଥିବା ପ୍ରତ୍ୟେକ ବିବାଦୀୟ ପରିସ୍ଥିତିର ଦୃଢ ମୁକାବିଲା କରି ସଫଳତା ହାସଲ କରିପାରିବେ। ପାରିବାରିକ କ୍ଷେତ୍ରରେ ମଧ୍ୟ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ବ୍ୟବସାୟ ଓ ପରିବହନରେ ମଧ୍ୟ ଶିଥିଳତା ମାନସିକ ଅଶାନ୍ତିର କାରଣ ହେବ। ହଜିଯାଇଥିବା ଜିନିଷର ସନ୍ଧାନ ପାଇପାରିବେ।

**ବୃଷ** - ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର ମାତ୍ରାକୁ ବଢାଇଦେଇପାରେ। ପଡୋଶୀ,ବନ୍ଧୁ ପରିଜନମାନଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ବନ୍ଧୁଙ୍କ ଜରିଆରେ ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ମିଥୁନ** - ବନ୍ଧୁମାନଙ୍କ ପରାମର୍ଶକ୍ରମେ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଓ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ମଧ୍ୟ ପାଇବେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ନିକଟ ସମ୍ପର୍କୀୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରେ ସାମାନ୍ୟ ହଇରାଣ ହରକତ ହେବାକୁ ପଡ଼ିପାରେ।

**କର୍କଟ** - ଅଧସ୍ତନ କର୍ମଚାରୀଙ୍କ ସହଯୋଗରୁ ଦୀର୍ଘଦିନର ଆଶା ଫଳବତୀ ହେବାରୁ ମନ ପ୍ରଫୁଲ୍ଲ ହୋଇଯିବ। ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ପଡୋଶୀଙ୍କ ଶୁଖିଲା ଉପଦେଶ ଶୁଣି ମନରେ ବିରକ୍ତି ଆସିବ। ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି। ରପ୍ତାନି ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ସିଂହ** - ପ୍ରତ୍ୟେକ କ୍ଷେତ୍ରରେ ଦୃଢ ମନୋବଳ ନେଇ କାମ କରିପାରିବେ। ପାରିବାରିକ କ୍ଷେତ୍ରରେ ସ୍ତ୍ରୀଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମ ହାସଲ କରି ଉପକୃତ ହେବେ। କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**କନ୍ୟା** - ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ପରୋକ୍ଷ ଶତ୍ରୁତା ଯୋଗୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇବ। ବିବାଦୀୟ ଘଟଣା ଓ ମାଲିମକଦ୍ଦମାର ସମାଧାନ ହୋଇଯିବ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ତର୍କବିତର୍କ ଜନିତ ସହକର୍ମୀଙ୍କ ସହ ମନାନ୍ତର ଦେଖାଦେଇପାରେ।

**ତୁଳା** - ଉନ୍ନତ ଚିନ୍ତା ଓ ପୂର୍ବପରିକଳ୍ପିତ ଯୋଜନା ତଥା ନୂତନ କର୍ମାରମ୍ଭ ଆଜିର ମୁଖ୍ୟ କାର୍ଯ୍ୟ ରହିବ। ପାଖ,ପଡୋଶୀଙ୍କ ସହାୟତାରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବ୍ୟବସାୟିକ କ୍ଷେତ୍ରରେ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ବିଛା** - ପରିଜନମାନଙ୍କ ସହ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। ସହକର୍ମୀଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢାଇ ଦେଇପାରେ। ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ସାମାଜିକ ସ୍ତରରେ ବିଳମ୍ବରେ ହେଲେ ମଧ୍ୟ ଅଭୀଷ୍ଟ ସିଦ୍ଧି ଘଟିବ। ବ୍ୟବସାୟ, କଳା, ସଙ୍ଗୀତ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** - ପାପଗ୍ରହ ପ୍ରଭାବରୁ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପୁଣି ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା ହେତୁ ମାନସିକ ସୁସ୍ଥତା ବ୍ୟାହତ ହେବ। ପ୍ରଶାସନିକ ସ୍ତରରେ ଅପରାହ୍ଣରେ ସମସ୍ୟାର ସମାଧାନ ହୋଇଯିବ। ସାମାଜିକ କ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ପାରିବାରିକ ସ୍ତରରେ ଅର୍ଥାଭାବ ଯୋଗୁ ବିଚଳିତ ହେବେ।

**ମକର** - ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ପ୍ରିୟଜନଙ୍କ ସହ ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିବେ। ହିତୈଷୀମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବାର ଅବସର ପାଇବେ। କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ବ୍ୟବସାୟିକ ସ୍ଥିତି ସୁଦୃଢ ରହିବା ସହ ଆର୍ଥିକ ଉନ୍ନତି ଘଟିପାରେ।

**କୁମ୍ଭ** - କର୍ମଜଞ୍ଜାଳ ବୃଦ୍ଧି ପାଇବା ଜନିତ ମନ ଭଲ ନ ଥିବା କାରଣରୁ ଉଦାସୀନ ରହିପାରନ୍ତି। ସାମାଜିକ ସ୍ତରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପରିବାର ସକାଶେ ଧାର ଉଧାର କରିବାକୁ ପଡିପାରେ। ଧନ୍ଦାମୂଳକ ଶିକ୍ଷାରେ ସଫଳତା ଲାଭ କରିବେ। ଆଜି ଆକସ୍ମିକ ଭାବରେ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ।

**ମୀନ** - କର୍ମକ୍ଷେତ୍ରରେ ମନ କଥା ମନରେ ରଖି କାମ କରିବାକୁ ବାଧ୍ୟ ହୋଇପାରନ୍ତି। କେତେକ କ୍ଷେତ୍ରରେ ମଧ୍ୟ ହାତପାହାନ୍ତାରେ ସୁଯୋଗ ପାଇଲେ ମଧ୍ୟ ତାହାର ସଦ୍ ବ୍ୟବହାର କରିପାରିବେନାହିଁ। ରାଜନୈତିକ ସ୍ତରରେ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଆଜି ଶ୍ରାବଣ ଶୁକ୍ଳ ଦଶମୀ ସୋମବାର, ଅଗଷ୍ଟ ୨୦ ତାରିଖ, ବିଶ୍ୱ ମଶକ ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଓ ସଦ୍‌ଭାବନା ଦିବସ , ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ମିଥୁନ ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୫୦ମି. ମଧ୍ୟେ, ଘ୧।୫୦ମି. ଗତେ, ଘ୨।୪୩ମି. ମଧ୍ୟେ, ଘ୪।୪୩ମି. ଗତେ, ଘ୬।୨୨ମି. ମଧ୍ୟେ ଅମୃତବେଳା, ସକାଳ ଘ୮।୨୮ମି. ଗତେ, ଘ୧୦।୦୨ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୭।୦୬ମି. ଗତେ, ଘ୮।୪୧ମି. ମଧ୍ୟେ ରାହୁକାଳ।



ଆଧୁନିକ ବିଜ୍ଞାନର ଚମତ୍କାରିତା ଯୋଗୁ ଅସମ୍ଭବ ସମ୍ଭବ ହୋଇପାରିଛି। ପିତାଙ୍କ ମୃତ୍ୟୁର ୩ ବର୍ଷ ପରେ ପୁତ୍ର ଜନ୍ମ ନେଇଛନ୍ତି। ୟସ୍‌ଲୋକ ହସ୍ପିଟାଲରେ ମାତା ସୁପ୍ରିୟା ଜୈନ ସ୍ୱାମୀଙ୍କ ଶେଷ ସନ୍ତକ ଭାବେ ପୁତ୍ର ସନ୍ତାନ ଲାଭ କରିଛନ୍ତି। ତାଙ୍କ ସ୍ୱାମୀ ଗୌରବ ଏସ୍‌ଙ୍କର ୨୦୧୫ ଅଗଷ୍ଟ ମାସରେ ହୁବ୍‌ଲି ନିକଟରେ ଏକ କାର୍ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ତେବେ ସେମାନେ ପୂର୍ବରୁ ଆଇଭିଏଫ୍ ପ୍ରଣାଳୀରେ ସନ୍ତାନ ଲାଭ ପାଇଁ ପ୍ରୟାସ କରିଥିଲେ। ଏହାର ନମୁନା ସମ୍ପୃକ୍ତ ଡାକ୍ତରଙ୍କ ପାଖରେ ସଂରକ୍ଷିତ ଥିଲା। ଏହାର ଉପଯୋଗ କରି ଗୌରବଙ୍କ ସନ୍ତାନ ସୁପ୍ରିୟା ପାଇପାରିଥିବା ଚିକିତ୍ସା କରୁଥିବା ଡାକ୍ତର ଫିରୁଜା ପାରେଖ ସୂଚିତ କରିଛନ୍ତି।

# ଆଗୁଆ ପ୍ରାର୍ଥୀ ଘୋଷଣା ପାଇଁ ତତ୍ପର



ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସହ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂହ।

ଭୁବନେଶ୍ୱର,୧୯।୮(ବ୍ୟୁରୋ)

- ୧୫ଦିନ ଭିତରେ ପ୍ରକାଶ ପାଇବ ୫୦ପ୍ରାର୍ଥୀ ତାଲିକା
- ପ୍ରସଙ୍ଗ ନେଇ ଆଭିମୁଖ୍ୟ ସ୍ପଷ୍ଟ କରିପାରୁ ନାହିଁ ପିସିସି
- ବୈଠକରେ କାହ୍ନୁ କାଢ଼ିଲେ କେଁ
- ଖଣି ଦୁର୍ନୀତିର ନାଁ ଧରୁନାହାନ୍ତି ନେତୃବୃନ୍ଦ

ଆସନ୍ତା ୧୫ଦିନ ମଧ୍ୟରେ କଂଗ୍ରେସ ପକ୍ଷରୁ ୫୦ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ସୋମବାରରୁ ହେବାକୁ ଥିବା ଦୁଇଦିନିଆ ନିର୍ବାଚନୀ କମିଟି ବୈଠକରେ ଏନେଇ ଚୂଡାନ୍ତ ଆଲୋଚନା କରାଯିବ। ନବଗଠିତ ପିସିସି କମିଟି ପୁନର୍ଗଠନ ପରେ ବସିଥିବା ପ୍ରଥମ ବୈଠକରେ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂହ ଏହି ସୂଚନା ଦେଇଛନ୍ତି। ଅପରପକ୍ଷରେ ଉକ୍ତ ବୈଠକ ଦାମୀ ହୋଟେଲରେ ଆୟୋଜନ କରାଯିବାକୁ ନେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କା ପ୍ରଶ୍ନ ଉଠାଇଥିବା ଜଣାପଡିଛି। ଦଳୀୟ ପାଣ୍ଠି ଅଭାବ ସମୟରେ ଏଭଳି ଆୟୋଜନକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ନାପସନ୍ଦ କରିଛନ୍ତି। ଏପରି ଆୟୋଜନ କଂଗ୍ରେସର ପରମ୍ପରା ନୁହେଁ ବୋଲି କାହ୍ନୁ କହିଛନ୍ତି। ପରେ ଆଉ ଦୁଇ ସଦସ୍ୟ ବର୍ତ୍ତମାନର ଆବଶ୍ୟକତା ଏବଂ ରାଜଧାନୀ ଦିଲ୍ଲୀରେ ଭାଜପା କାର୍ଯ୍ୟାଳୟର ଉଦାହରଣ ଦେଇଥିଲେ। ଏଥିରେ ଲେଙ୍କା ନିଜ ମତ ଫେରାଇ ନେଇଥିଲେ ଏବଂ ଏନେଇ ଚାଲିଥିବା ଆଲୋଚନା ଥମି ଯାଇଥିଲା। ଅନ୍ୟପଟେ ଦଳ ପକ୍ଷରୁ ଆୟୋଜିତ ବୈଠକରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପ୍ରଥମଥର ରାଜ୍ୟରେ କେତେ କଂଗ୍ରେସ କର୍ମୀ ରହିଛନ୍ତି ସେମାନଙ୍କ ଏକ ତାଲିକା ପ୍ରସ୍ତୁତ କରାଯିବ। ରାଜ୍ୟରେ ଥିବା କଂଗ୍ରେସ କର୍ମୀମାନଙ୍କ ଭୋଟର୍ ନମ୍ବର ଏକ ନମ୍ବରକୁ ମେସେଜ୍ କରାଯିବ। ଯାହା ଫଳରେ ସେହି ବ୍ୟକ୍ତିର ସମ୍ପୂର୍ଣ୍ଣ ତଥ୍ୟ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ନିକଟରେ ରହିପାରିବ। ଦଳର ହାଇକମାଣ୍ଡ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ସିଧାସଳଖ କର୍ମୀଙ୍କ ସହ ଯୋଡିହେବା ପାଇଁ ଏହି ବ୍ୟବସ୍ଥା କରିଥିବା ଜଣାପଡିଛି। ଏହାସହ ରାଜସ୍ଥାନରୁ ଆସିଥିବା ଏକ ଟିମ୍ ପାୱାର ପଏଣ୍ଟ ପ୍ରଜେଣ୍ଟେସନ୍ ଜରିଆରେ ମୋ ବୁଥ୍ ମୋ ଗୌରବ କାର୍ଯ୍ୟକ୍ରମର ଏକ ଚିତ୍ର ପ୍ରଦର୍ଶନ କରିଥିଲେ। ଆଗକୁ ଏହି କାର୍ଯ୍ୟକ୍ରମକୁ ବୁଥ୍‌ସ୍ତରରେ ସକ୍ରିୟ କରିବାକୁ ନିଷ୍ପତ୍ତି ନିଆଯାଇଛି।

ନୂତନ ପିସିସି କାର୍ଯ୍ୟକର୍ତ୍ତା ଘୋଷଣା ପରେ ଦଳ କେଉଁ ପ୍ରସଙ୍ଗକୁ ନେଇ ଲୋକଙ୍କ ପାଖକୁ ଯିବ, ସେ ନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ରାଫେଲ ଦୁର୍ନୀତି ଏକ ଜାତୀୟ ପ୍ରସଙ୍ଗ। ହେଲେ ରାଜ୍ୟରେ ଏହି ପ୍ରସଙ୍ଗକୁ ନେଇ ନିର୍ବାଚନ ଲଢ଼ିବା ଫଳପ୍ରଦ ହେବନାହିଁ ବୋଲି ଅନେକେ ମତ ରଖିଛନ୍ତି। ରାଫେଲ ଦୁର୍ନୀତି ପରି ରାଜ୍ୟରେ ଦୁଇ ଦଶନ୍ଧି ମଧ୍ୟରେ ଖଣି ଦୁର୍ନୀତିକୁ ପ୍ରମୁଖ ପ୍ରସଙ୍ଗ କରିବା ପାଇଁ ଅନେକେ ଚାହୁଁଛନ୍ତି। ହେଲେ ବର୍ତ୍ତମାନର ରାଜ୍ୟ ନେତୃତ୍ୱ ଏବଂ ପ୍ରଭାରୀ ଏଥିରେ ଅନ୍ତରାୟ ସାଜିଥିବା ଜନୈକ ପିସିସି ସମ୍ପାଦକ ନିଜ ନାମ ଗୋପନ ରଖି କହିଛନ୍ତି। ଖଣି ଦୁର୍ନୀତି କାରଣରୁ ରାଜ୍ୟ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ହରାଇଛି। କିଛିବର୍ଷ ପୂର୍ବେ ଶାହ କମିଶନ ଏ ସଂକ୍ରାନ୍ତ ରିପୋର୍ଟ ମଧ୍ୟ ପ୍ରଦାନ କରିସାରିଛି। ମାତ୍ର ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି। ଏପରି ଏକ ପ୍ରମୁଖ ପ୍ରସଙ୍ଗରୁ ପିସିସି ନିଜକୁ ଦୂରେଇ ରଖିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଦାୟିତ୍ୱ ନେବାର ସାଢେ ତିନିମାସ ପରେ ନୂତନ ପିସିସି କମିଟି ଘୋଷଣା କରାଯାଇଛି। କିଛିଦିନ ତଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଆଗମନ ନେଇ ଚର୍ଚ୍ଚା ହେଉଥିଲା। ମାତ୍ର ରବିବାର ବୈଠକରେ ରାହୁଲଙ୍କ ଗସ୍ତ ନେଇ ସେପରି କୌଣସି ସୂଚନା ମିଳିନାହିଁ। ତେଣୁ ନିଜ ଦଳର ସର୍ବୋଚ୍ଚ ନେତାଙ୍କ ଗସ୍ତକୁ ନେଇ ପ୍ରଦେଶ କଂଗ୍ରେସ ଦିଶାହୀନ ଥିବା ପରି ମନେହେଉଛି। ଅପରପକ୍ଷରେ ବିଗତ ନିର୍ବାଚନଗୁଡିକରେ ପ୍ରାୟ ୫୦ହଜାର ଭୋଟ ପାଇଥିବା ନେତାଙ୍କୁ ଦଳ ଟିକେଟ ଦେବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି। ସୋମବାର ପିଇସି(ପ୍ରଦେଶ ଇଲେକ୍ସନ୍ କମିଟି)ରେ ଏନେଇ ଆଲୋଚନା କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ପ୍ରଚାର କମିଟି ବୈଠକ ମଧ୍ୟ ହେବାକୁ ଥିବା ଜଣାପଡିଛି।

# ଚାକିରି ନାଁରେ ଠକେଇ, ୭ ଗିରଫ

ସମ୍ବଲପୁର,୧୯।୮(ବ୍ୟୁରୋ)



ସମ୍ବଲପୁର ଜିଲା ଧନୁପାଲି ଥାନାରେ ଗ୍ଲେଜ କମ୍ପାନୀର କର୍ମଚାରୀ ।

ଚାକିରି ପ୍ରଲୋଭନ ଦେଖାଇ ବେକାର ଯୁବତୀ ଯୁବକମାନଙ୍କୁ ଠକିବା ସହ ଶୋଷଣ କରିଆସୁଥିବା ଗ୍ଲେଜ ଇଣ୍ଡିଆ ନାମକ ଏକ ଠକ କମ୍ପାନୀର ୭ କର୍ମଚାରୀଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଯାଜପୁର ଜିଲାର ହରମୋହନ ସାହୁ, ସୁବ୍ରଜିତ ଜେନା, ବିପିନ ପାଣିଗ୍ରାହୀ, କେନ୍ଦୁଝର ଜିଲା ଆନନ୍ଦପୁରର ରାଜେଶ ନାୟକ, ଦୁର୍ଯ୍ୟୋଧନ ମଲ୍ଲିକ, ଭଦ୍ରକ ଜିଲାର ତାପସ ଜେନା ଓ ଗଜପତି ଜିଲାର ପ୍ରମୋଦ ପାଇକ। ଏ ନେଇ ଥାନାରେ ଏକ ମାମଲା (ନଂ.୩୦୮/୧୮) ରୁଜୁ ହୋଇଛି। ସମ୍ବଲପୁର ଜିଲା ଚାରଭାଟି, କୁଲୁଥକାନୀ, ସୁନାପାଲି, ମୋତିଝରନ ଆଦି ସ୍ଥାନରେ ଏହି କମ୍ପାନୀ ଭଡ଼ାଘର ନେଇ ଏଭଳି ଠକେଇ ନେଟ୍‌ୱର୍କ ଚଳାଇ ଆସୁଥିବା ଛାନଭିନ୍‌ରୁ ଜଣାପଡ଼ିଛି।

ଗଜପତି ଜିଲାର ଶିବଶଙ୍କର ରାଉତଙ୍କ ସମେତ ଅନ୍ୟ ୬ ଯୁବକଙ୍କୁ ଏହି କମ୍ପାନୀ ଠକିଥିବା ଶନିବାର ଧନୁପାଲି ଥାନାରେ ଅଭିଯୋଗ କ୍ରମେ ପୋଲିସ ତନାଘନା ଆରମ୍ଭ କରିଥିଲା। ଅଭିଯୋଗ ଅନୁଯାୟୀ, କୃଷି ବିଭାଗରେ ଚାକିରି କରାଇ ଦେବାକୁ କହି ସେମାନଙ୍କଠାରୁ କମ୍ପାନୀ ରେଜିଷ୍ଟ୍ରେଶନ ଫି ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦ ଯଥାକ୍ରମେ ୧୦ ହଜାର ଓ ସାଢ଼େ ୭ହଜାର ଟଙ୍କା ନେଇଥିଲା। ପରେ ସେମାନଙ୍କୁ ବିଭିନ୍ନ କମ୍ପାନୀର (ପାଉଡ଼ର, କ୍ରିମ, ସାବୁନ, ତେଲ) ସାମଗ୍ରୀ ବିକ୍ରି କରିବାକୁ କହିଥିଲା। ପ୍ରଡକ୍ଟ ବିକ୍ରି କରି ନ ପାରିବାରୁ କମ୍ପାନୀର କର୍ମଚାରୀମାନେ ମାରପିଟ କରି ଖାଇବା ଦେବାକୁ ବନ୍ଦ କରି ଦେଇଥିଲେ। ସେମାନଙ୍କୁ ଏକପ୍ରକାର ନଜରବନ୍ଦୀ କରି ରଖିଥିଲେ। ଶନିବାର ସୁଯୋଗ ଉଣ୍ଡି ଉମାଶଙ୍କରଙ୍କ ସହ ଅନ୍ୟ ଯୁବକମାନେ କୌଶଳକ୍ରମେ ସେଠାରୁ ଖସି ଆସିଥିଲେ। ଘରକୁ ଫେରିଯିବା ପାଇଁ ସରକାରୀ ବସଷ୍ଟାଣ୍ଡକୁ ଯାଇଥିଲେ। ଟିକେଟ କାଉଣ୍ଟରରେ ଟିକଟ କରୁଥିବା ବେଳେ କମ୍ପାନୀ କର୍ମଚାରୀମାନେ ପିଛା କରି ସେଠାରେ ପହଞ୍ଚିଥିଲେ। ଏଥିରେ କାଉଣ୍ଟର ମଧ୍ୟକୁ ପଶିଯାଇ ଯୁବକମାନେ ଚିତ୍କାର କରିବାରୁ ସେମାନେ ଫେରାର ହୋଇଯାଇଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଯୁବକମାନେ ପ୍ରଥମେ ଟାଉନ ଥାନା ଓ ପରେ ଧନୁପାଲି ଥାନାକୁ ଯାଇ ଘଟଣା ବିଷୟରେ ଲିଖିତ ଭାବେ ଜଣାଇଥିଲେ।

କମ୍ପାନୀ ନାମରେ ପୂର୍ବରୁ ସମ୍ବଲପୁର ଜିଲା ଅଇଁଠାପାଲି ଥାନା, ସଦର ଥାନା ଓ ଧନୁପାଲି ଥାନାରେ ମାମଲା ରୁଜୁ ହୋଇଛି। ଏପରି କି ରାଜ୍ୟର ବିଭିନ୍ନ ସ୍ଥାନରେ କମ୍ପାନୀ ନାମରେ ମାମଲା ରହିଛି।

# ସୁପ୍ରିମ୍‌କୋର୍ଟରେ ପକ୍ଷ ରଖିଲେ ରାଜ୍ୟ ସରକାର

ଭୁବନେଶ୍ୱର,୧୯।୮(ବ୍ୟୁରୋ)

**ପୋଲାଭରମ୍ ପ୍ରକଳ୍ପ**

- ସେପ୍ଟେମ୍ବର ୬ରେ ପରବର୍ତ୍ତୀ ଶୁଣାଣି
- ୧୪୨୭ ପୃଷ୍ଠା ସମ୍ବଳିତ ତଥ୍ୟ ଉପସ୍ଥାପନ

ଇନ୍ଦିରାସାଗର ପୋଲାଭରମ୍ ବହୁମୁଖୀ ଜଳସେଚନ ପ୍ରକଳ୍ପ ମାମଲାରେ ଓଡ଼ିଶା ସରକାର ସୁପ୍ରିମକୋର୍ଟରେ ନିଜ ପକ୍ଷ ରଖିଛନ୍ତି। ଅଗଷ୍ଟ ତୃତୀୟ ସପ୍ତାହରେ ପ୍ରକଳ୍ପ ସମ୍ବନ୍ଧୀୟ ୧୪୨୭ ପୃଷ୍ଠା ସମ୍ବଳିତ ୧୩୬ଟି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରାଜ୍ୟ ପକ୍ଷରୁ ରଖାଯାଇଥିବା ସୂତ୍ରରୁ ପ୍ରକାଶ। ଏହି ତଥ୍ୟ ମଧ୍ୟରେ ରାଜ୍ୟ ସରକାର ପ୍ରକଳ୍ପ ସମ୍ବନ୍ଧୀୟ କାର୍ଯ୍ୟାଦେଶ, ଆନ୍ଧ୍ର-ଓଡ଼ିଶା ମଧ୍ୟରେ ହୋଇଥିବା ଚିଠି ପତ୍ର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କେନ୍ଦ୍ର ଏବଂ ବିଭାଗୀୟ ମନ୍ତ୍ରଣାଳୟକୁ ଲେଖାଯାଇଥିବା ଚିଠି ରହିଛି। ଆସନ୍ତା ସେପ୍ଟେମ୍ବର ୬ରେ ସର୍ବୋଚ୍ଚ ନ୍ୟାୟାଳୟରେ ଏହି ମାମଲାର ଶୁଣାଣି ପାଇଁ ଦିନଧାର୍ଯ୍ୟ କରାଯାଇଛି। ଗତ ୨ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ପ୍ରକଳ୍ପ ସମ୍ବନ୍ଧରେ ଓଡ଼ିଶାକୁ ଦୁଇ ସପ୍ତାହ ମଧ୍ୟରେ ପକ୍ଷ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶାକୁ ବାଦ୍ ଦେଲେ ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଛତିଶଗଡ, ମହାରାଷ୍ଟ୍ର ଏବଂ ତେଲେଙ୍ଗାନାକୁ ମଧ ପକ୍ଷ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

ପ୍ରକାଶ ଯେ, ଓଡ଼ିଶା ଦ୍ୱାରା ଆନ୍ଧ୍ରପ୍ରଦେଶ ବିରୋଧରେ କରାଯାଇଥିବା ମୂଳ ମାମଲାକୁ ଭିତ୍ତିକରି ସୁପ୍ରିମକୋର୍ଟ ଜଷ୍ଟିସ୍ ଦୀପକ ଗୁପ୍ତା ଏବଂ ମଦନ ବି ଲୋକୁରୁଙ୍କୁ ନେଇ ଗଠିତ ଖଣ୍ଡପୀଠ ୧୩ ପ୍ରଶ୍ନ ପଚାରିଥିଲେ। ପ୍ରକଳ୍ପ ପୂର୍ବରୁ ଓଡ଼ିଶା, ଛତିଶଗଡ ଏବଂ ତେଲେଙ୍ଗାନାଙ୍କୁ ପକ୍ଷକୁ ନିଆଯାଇନାହିଁ। ସେ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଅନୁସନ୍ଧାନ କରୁଥିବା ଜଣାପଡିଛି। ଏମିତି ପ୍ରକଳ୍ପ ନିର୍ମାଣ ପୂର୍ବରୁ ପ୍ରଭାବିତ ଅଞ୍ଚଳରେ ଗ୍ରାମସଭା ଅଥବା ଜନଶୁଣାଣି କରାଯାଇଛି ନା ନାହିଁ, ସେ ସମ୍ପର୍କରେ ମଧ ସୁପ୍ରିମ୍‌କୋର୍ଟ ଅନୁଧ୍ୟାନ କରିବେ ବୋଲି ଜଣାପଡିଛି।

# ରେଳଧାରଣାରୁ ମହିଳାଙ୍କ ମୃତଦେହ ଉଦ୍ଧାର

ସମ୍ବଲପୁର,୧୯।୮(ବ୍ୟୁରୋ)

ସମ୍ବଲପୁର ଜିଲା ଧନୁପାଲି ଥାନା ଅନ୍ତର୍ଗତ ଖଇରପାଲି ଗ୍ରାମ ନିକଟ ରେଳ ଧାରଣାରୁ ରବିବାର ସକାଳେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ଟ୍ରେନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରୁଛି। ମୃତ ମହିଳାଙ୍କ ପରିଚୟ ମିଳିପାରି ନାହିଁ। ବୟସ ଆନୁମାନିକ ୪୦ ହେବ ବୋଲି ଜଣାପଡ଼ିଛି । ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୫/୧୮) ରୁଜୁ ହୋଇଛି।

# ବଜ୍ରପାତ ନେଲା ୩ ଜୀବନ

- ମୃତକଙ୍କ ମଧ୍ୟରେ ୨ ମହିଳା ଶ୍ରମିକ, ଜଣେ ଚାଷୀ

ବରଗଡ଼ ଅଫିସ୍/ସରଣ୍ଡା/ବୀରମହାରାଜପୁର (ଡି.ଏନ.ଏ.),୧୯।୮

ରବିବାର ଅପରାହ୍ନରେ ବଜ୍ରପାତ ଘଟି ବରଗଡ ଓ ସୁବର୍ଣ୍ଣପୁର ଜିଲାରେ ୩ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ୨ଜଣ ମହିଳା ଶ୍ରମିକ ଓ ଜଣେ ଚାଷୀ ରହିଛନ୍ତି। ବରଗଡ ଜିଲା ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ଅନ୍ତର୍ଗତ ନିଲେଇପାଲି ଗ୍ରାମର ଜଣେ ଚାଷୀଙ୍କ କ୍ଷେତରେ ଅପରାହ୍ନ ପ୍ରାୟ ୫ଟାରେ ମହିଳା ଶ୍ରମିକମାନେ ଧାନପଲ୍ଲା ରୋଉଥିବାବେଳେ ବଜ୍ରପାତ ଘଟିଥିଲା। ଘଟଣାସ୍ଥଳରେ ୨ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ହୋଇଥିଲେ। ମୃତକମାନେ ହେଲେ ନିଲେଇପାଲି କୁଡ଼ାପଡ଼ା ନିବାସୀ ହାଡୁ ମିର୍ଦ୍ଧାଙ୍କ ସ୍ତ୍ରୀ ମିନି(୪୮) ଓ ଜଗତ ମିର୍ଦ୍ଧାଙ୍କ ସ୍ତ୍ରୀ ସୁବଳୟା(୩୦)। ମୃତଦେହକୁ ବରଗଡ ଜିଲା ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖାଯାଇଛି । ସୋମବାର ବ୍ୟବଚ୍ଛେଦ କରାଯିବ। ଗୁରୁତର ୩ ମହିଳା ଶ୍ରମିକଙ୍କୁ ଚିକିତ୍ସା ପାଇଁ ବୁର୍ଲା ଭିମ୍‌ସାରକୁ ପଠାଯାଇଛି । ଏ ନେଇ ଅତାବିରା ତହସିଲଦାର ହୃଦାନନ୍ଦ ଅଡ଼ାଙ୍କୁ ପଚାରିବାରୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସମ୍ପୃକ୍ତ ମହିଳାଙ୍କ ପରିବାରକୁ ୪ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ ବୋଲି କହିଥିଲେ । ସେହିପରି ଅପରାହ୍ନରେ କ୍ଷେତରୁ କାମ ସାରି ଘରକୁ ଫେରୁଥିବା ବେଳେ ବଜ୍ରପାତ ହେବାରୁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁଡୁରପଙ୍କ ଗାଁର ସୁବଳ ମହାକୁର(୬୦)ଙ୍କ ମୃତ୍ୟୁ ଘଟିଛି। ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାରେ ତାଙ୍କ ମୃତଦେହ ରଖାଯାଇଛି। ସୋମବାର ବ୍ୟବଚ୍ଛେଦ କରାଯିବ। ଏ ନେଇ ବୀରମହାରାଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫/୧୮) ରୁଜୁ ହୋଇଛି।


**ୟୁକୋ ବ୍ୟାଙ୍କ୍**
ଝାରସୁଗୁଡା ଶାଖା,
ମଙ୍ଗଳ ବଜାର ରୋଡ, ଝାରସୁଗୁଡା- ୭୬୮୨୦୧
ଫୋ- ୦୬୬୪୫-୨୭୨୬୪୬, E.mail- jharsu@ucobank.co.in

**ଦଖଲ ନୋଟିସ୍**
(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨, ଧାରା ୮ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମ ୨୦୦୨ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨)ରେ ଦିଆଯାଇଥିବା କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ ୨୦୦୨ର ରୁଲ ୮ ଅନୁଯାୟୀ ଏବଂ କଥିତ ଆକ୍ଟର ଧାରା ୧୩ (୨) ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ନୋଟିସ୍ ତାରିଖ / ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।
ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିପାରିଲେନାହିଁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ, ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍‌ସର ରୁଲ-୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦିଆଯାଇଥିବା ସମ୍ପତ୍ତିକୁ ନିଜ ଦଖଲକୁ ନେଇଛନ୍ତି ।
ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସେହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଓ ତତ୍‌ଉପରେ ସୁଧ, ପାଇଁ **ୟୁକୋ ବ୍ୟାଙ୍କ୍** ନିକଟରେ ଉତ୍ତରଦାୟୀ ରହିବେ ।

| ଋଣଗ୍ରହୀତା / ଜାମିନଦାରଙ୍କ ନାମ | ଅସ୍ଥାବର ସମ୍ପତ୍ତିର ବିବରଣୀ | ବକେୟା ଟଙ୍କା | ନୋଟିସ ତାରିଖ ଧାରା ୧୩(୨)/୧୩(୪) |
|---|---|---|---|
| ଋଣଗ୍ରହୀତା : ଏମଏସ୍ ବିଶ୍ୱାସ ମେଡିକାଲ ଷ୍ଟୋର, ପ୍ରୋପାଇଟର୍- ଶ୍ରୀମତି ସଂଯୁକ୍ତା ପୂଜାରୀ, ସ୍ୱା- ଶ୍ରୀ ମନୋରଞ୍ଜନ ମହାପାତ୍ର, ନି- ପୁରୁଣା ବସ୍ତି ଛକ, ବସ ଷ୍ଟାଣ୍ଡ ମେନ୍ ରୋଡ, ଝାରସୁଗୁଡା- ୭୬୮୨୦୧ | ଶ୍ରୀ ହେମନ୍ତ କୁମାର ମହାପାତ୍ର, ପି- ଗୋପାଳ ମହାପାତ୍ର, ନି- ଭଗବତ ମନ୍ଦିର ପାଖ, ପୁରୁଣା ବସ୍ତି, ଝାରସୁଗୁଡା- ୭୬୮୨୦୧ଙ୍କ ନାମରେ ଥିବା ସମସ୍ତ ଜମି ଘର ଯାହାକି ମୌଜା- ଝାରସୁଗୁଡା ଟାଉନ ୟୁନିଟ- ୫, ଥା/ ତହସିଲ/ ଜି:- ଝାରସୁଗୁଡା, ଖାତା ନଂ. ୧୨୧୨/୧୦୧୭, ପ୍ଲଟ ନଂ. ୩/୭୯୯୧, କ୍ଷେତ୍ର-ଏ୦.୦୧୦ଡ. | ଟ.୨୪,୨୨,୨୪୯.୬୦ (ଚବିଶ ଲକ୍ଷ ବାଇଶ ହଜାର ଦୁଇ ଶହ ଅଣଚାଶ୍ ଟଙ୍କା ଷାଠିଏ ପଇସା ମାତ୍ର) ତା.୩୦.୦୪.୨୦୧୮ ସୁଦ୍ଧା ସୁଧପରବର୍ତ୍ତି ଅନ୍ୟାନ୍ୟ ଖର୍ଚ୍ଚ | ୩୦.୦୪.୨୦୧୮ / ୧୬.୦୮.୨୦୧୮ |

ତା: ୧୬.୦୮.୨୦୧୮ — ସ୍ୱା- ଭାରପ୍ରାପ୍ତ ଅଧିକାରୀ



**IN THE DEBTS RECOVERY TRIBUNAL AT CUTTACK**
**C-71, Sector-7, CDA, Cuttack- 753014 (Odisha)**
**O.A.No. 178/2018**

**Utkal Grameen Bank**
Batgaon Branch ........ Applicant
-Versus-
**Nirasha Dehury** & Others ........ Defendants

To,
Defendant No.1: **Nirasha Dehury**, W/o: Late Nityananda Dehury
Defendant No.2: **Bacha Kishore Dehury**, S/o: Late Nityananda Dehury
Defendant No.3: **Dibasa Dehury,** S/o: Late Nityananda Dehury
Defendant No.4: **Mandakini Pradhan,** D/o: Late Nityananda Dehury
Defendant No.5: **Sobhagini Dehury,** D/o: Late Nityananda Dehury
Defendant No.6: **Nandini Bhukta,** D/o: Late Nityananda Dehury
Defendant No.7: **Muralidhar Sethi,** S/o: Titulu Sethi
Defendant No.8: **Gopal Dehury,** S/o: Bhramar Dehury
Defendant No.9: **Palau Dehury,** S/o: Ratnakar Dehury,
All are At: Kunjamara, P.O: Batgaon, P.S: Naktideul, Dist: Sambalpur, Pin- 768106

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 22,20,182.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 28th day of September, 2018 at 10.30 a.m. as to why the reliefs prayed for should not be granted.

Take notice that in case of default the Application will beheard and determined in your absence.

Given under my hand and seal of this Tribunal, on this 14th day of August, 2018

**Sd./- Registrar**
**Debts Recovery Tribunal, Cuttack**


# ନିରଞ୍ଜନ, ନରସିଂହଙ୍କୁ ଭେଟିଲେ ମୁକ୍ତିକାନ୍ତ

ଭୁବନେଶ୍ୱର,୧୯।୮(ବ୍ୟୁରୋ): ରାଉରକେଲା ଯୁବକ ମୁକ୍ତିକାନ୍ତ ବିଶ୍ୱାଳ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବା ପରେ ରବିବାର ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କୁ ସାକ୍ଷାତ କରିଛନ୍ତି। ରାଉରକେଲାରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଏବଂ ଆଇଜିଏଚ୍‌କୁ ସୁପରସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରିବା ଦିଗରେ ପଦକ୍ଷେପ ନେବାକୁ ମୁକ୍ତିକାନ୍ତ ଦାବି କରିଛନ୍ତି। ଏହି ପ୍ରସଙ୍ଗକୁ ଆସନ୍ତା ବିଧାନସଭା ମୌସୁମୀ ଅଧିବେଶନ ସମୟରେ ଉଠାଯିବ ବୋଲି ନରସିଂହ ତାଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ମୁକ୍ତିକାନ୍ତ ପଦଯାତ୍ରାରେ ଦିଲ୍ଲୀ ଯିବା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ସାକ୍ଷାତ୍ ଦେଇ ନ ଥିଲେ ଯାହାକୁ ନେଇ ନରସିଂହ ମିଶ୍ର ଏକ ଖବରଦାତା ସମ୍ମିଳନୀରେ ବର୍ଷିଥିଲେ। ପ୍ରଧାନମନ୍ତ୍ରୀ ରାଉରକେଲା ଆସି ପ୍ରତିଶ୍ରୁତି ଦେବାପରେ ମଧ ତାଙ୍କ କଥା ପାଳନ କରି ନ ଥିବାରୁ ନରସିଂହ ସମାଲୋଚନା କରିଥିଲେ। ଅନ୍ୟପଟେ କଂଗ୍ରେସର ବିଧାୟକ ଏବଂ କେତେକ ନେତା ନିଜ ହାତରୁ ଟଙ୍କା ଆଦାୟ କରି ଆଇଜିଏଚ୍ ହସ୍ପିଟାଲକୁ ସୁପରସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରିବାକୁ ପ୍ରୟାସ କରୁଥିବା କଥା କହିଥିଲେ।


**ADMISSION OPEN 2018-20**
**B.Ed, B.P.Ed, B.H.Ed.**
10th, +2, +3 (UG, PG, All stream) BCA, MCA, BLib, PGDCA, MSW, BBA, MEd., MPhil,
At Regular & Distance at lower rate Approved by UGC, NCTE & Equivalent to Odisha Board University
**ADHYAN INSTITUTE OF EDUCATION**
Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436



ଜୋସ୍, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ!!!





ପାୱାରଫୁଲ୍ ଷ୍ଟାମିନା ପାଇଁ



ରାଷ୍ଟ୍ରୀୟ ଆମ୍ବୁଲାନ୍ସ ସେବା '୧୦୮' ଏବଂ '୧୦୨'ର ଉପଯୋଗ ସମ୍ପର୍କରେ ସୂଚନା

ଫୋନ୍ ୧୦୮ ଆମ୍ବୁଲାନ୍ସ ସେବା | ଫୋନ୍ ୧୦୨ ଆମ୍ବୁଲାନ୍ସ

ଏହାର ସୁବିଧା :
- ୨୪ ଘଣ୍ଟିଆ ଦିନରାତି ଆମ୍ବୁଲାନ୍ସ ସେବା
- ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ (କଲ୍ ସେଣ୍ଟର)ରେ ୨୪ ଘଣ୍ଟିଆ ଫୋନ୍ କଲ୍ ଗ୍ରହଣ ସହ ଆମ୍ବୁଲାନ୍ସ ଯୋଗାଇ ଦେବାର ବ୍ୟବସ୍ଥା
- ଏହି ଆମ୍ବୁଲାନ୍ସରେ ରୋଗୀ ସହ ଜଣେ ବ୍ୟକ୍ତି ସହାୟକରୂପେ ଯାଇପାରିବେ
- ଏହି ସେବା ବିନା ମୂଲ୍ୟରେ ଉପଲବ୍ଧ

ଜରୁରୀକାଳୀନ ୧୦୮ ଆମ୍ବୁଲାନ୍ସ ସେବା
- ୧୦୮ ଆମ୍ବୁଲାନ୍ସ ଦ୍ୱାରା ରୋଗୀଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଡାକ୍ତରଖାନାକୁ ନିଆଯାଇଥାଏ ।
- ଏହି ସେବା ନିମନ୍ତେ '୧୦୮' ନମ୍ବରକୁ ବିନା କୋଡ୍‌ରେ ଫୋନ୍ କରନ୍ତୁ ।
- ଏଥିରେ ଡାକ୍ତରଖାନା ପହଞ୍ଚିବା ପର୍ଯ୍ୟନ୍ତ ରୋଗୀଙ୍କୁ ଆବଶ୍ୟକୀୟ ମୌଳିକ ଚିକିତ୍ସା ଯୋଗାଇଦେବାର ବ୍ୟବସ୍ଥା ରହିଛି ।



DSPL-130



10003/13/0074/1819

ରାଷ୍ଟ୍ରୀୟ ଆମ୍ବୁଲାନ୍ସ ସେବା (୧୦୨)
- ଡ଼ାକ୍ତରଖାନାରେ ପ୍ରସବ ପାଇଁ ସମସ୍ତ ଗର୍ଭବତୀ, ପ୍ରସୂତି ଓ ୧ ବର୍ଷ ପର୍ଯ୍ୟନ୍ତ ଅସୁସ୍ଥ ଶିଶୁମାନଙ୍କର ଜରୁରୀ ଚିକିତ୍ସା ନିମନ୍ତେ ଡ଼ାକ୍ତରଖାନାକୁ ଯିବାଆସିବା ପାଇଁ ୧୦୨ ଆମ୍ବୁଲାନ୍ସ ସେବାର ପ୍ରଚଳନ କରାଯାଇଛି ।
- ଏହି ସୁବିଧା ପାଇବା ପାଇଁ ଦେୟମୁକ୍ତ ନମ୍ବର **୧୦୨**କୁ ବିନା କୋଡ୍‌ରେ ଫୋନ୍ କରନ୍ତୁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha http://www.health.odisha.gov.in/ @HFWOdisha

ପାରିହା ବା ମେହେନ୍ତର ଶ୍ରେଣୀର ଜଣେ ଆଧ୍ୟାତ୍ମିକ ବା ସଂସ୍କୃତିବନ୍ତ ମଣିଷ, ଆଧ୍ୟାତ୍ମିକ ମୂଲ୍ୟ ଅନୁସାରେ ଜଣେ ଅଣଆଧ୍ୟାତ୍ମିକ ଓ ସାଂସାରିକ ଲୋକ ଅଥବା ଜଣେ ସ୍ଥୂଳଚିତ୍ତ। ସଂସ୍କୃତିହୀନ ବ୍ରାହ୍ମଣଠାରୁ ମହତ୍ତର। ଜନ୍ମର ମହତ୍ତ୍ୱ ରହିଛି। କିନ୍ତୁ ସାରସତ୍ତ୍ୱ ରହିଛି ସ୍ୱୟଂ ମନୁଷ୍ୟ ଭିତରେ – ଅନ୍ତରାଳରେ ଥିବା ଆତ୍ମା ଭିତରେ ଏବଂ ତା ପ୍ରକୃତିରେ ଅଭିବ୍ୟକ୍ତି ଭିତରେ।
–ଶ୍ରୀଅରବିନ୍ଦ



# ଜଳରେ ବୁଡ଼ିଛି କେରଳ

ପ୍ରକୃତି କ୍ରୋଧର ସଦ୍ୟ ଶିକାର ହୋଇଛି କେରଳ। ଭାରତର ଭୌଗୋଳିକ ସ୍ଥିତି ଦେଖିଲେ ମୌସୁମୀ ପ୍ରଥମେ ଏହି ରାଜ୍ୟକୁ ଛୁଇଁଥାଏ। ସେଥିପାଇଁ ଏହି ସମୟରେ କେରଳ ସବୁଜିମାରେ ଭରି ହୋଇଯାଇଥାଏ। କିନ୍ତୁ ଚଳିତବର୍ଷର ମୌସୁମୀ ବର୍ଷା ମାଲୟାଲୀଙ୍କ ପାଇଁ ଦୁଃଖ ଓ ଯନ୍ତ୍ରଣା ଆଣିଦେଇଛି। ପର୍ଯ୍ୟଟକଙ୍କ ମହଲରେ ଏହି ରାଜ୍ୟ 'ଈଶ୍ୱରଙ୍କ ନିଜସ୍ୱ ବାସସ୍ଥାନ' ଭାବେ ଲୋକପ୍ରିୟ। ଦେଖିବାକୁ ଗଲେ କେରଳୀମାନେ ଅତ୍ୟନ୍ତ ପରିଶ୍ରମୀ। ସେଠିକାର ନର୍ସ ବା ସେବିକାମାନେ ବିଶ୍ୱବ୍ୟାପୀ ବିଶେଷକରି ମଧ୍ୟପ୍ରାଚ୍ୟରେ ସେବା ପ୍ରଦାନ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଅତ୍ୟନ୍ତ ସ୍ୱାଭିମାନୀ ହୋଇଥିବାରୁ ସେମାନେ ଏ ଦେଶର କାହାଠାରୁ ମାଗି ଚଳିବା ପାଇଁ ପସନ୍ଦ କରି ନ ଥାଆନ୍ତି। ମାତ୍ର ଏଥରର ପ୍ରବଳ ବନ୍ୟା ଯେଉଁଭଳି ଭାବେ ଭୟଙ୍କର ରୂପ ଧାରଣ କରିଛି, ତାହାକୁ ସମ୍ମୁଖୀନ ହେବା ପାଇଁ କେରଳ ଅପ୍ରସ୍ତୁତ ଥିବାରୁ ଅଦ୍ୟାବଧି ୩୫୦ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ଅନେକ ହଜାର ଲୋକ ଗୃହଶୂନ୍ୟ ହୋଇପଡ଼ିଛନ୍ତି। ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ଭଳି ରାଜ୍ୟ ସର୍ବଦା ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଆସୁଛନ୍ତି। ସେଥିପାଇଁ ବାଧ୍ୟ ହୋଇ ଏଭଳି ପରିସ୍ଥିତିକୁ ସାମ୍ନା କରିବା ସକାଶେ ପ୍ରସ୍ତୁତ ରହୁଛନ୍ତି। ହେଲେ କେରଳ ଏବେ ଏ ନେଇ ସଂଗ୍ରାମ କରୁଛି। ଗଣମାଧ୍ୟମରୁ ଦୃଶ୍ୟମାନ ଚିତ୍ରଗୁଡ଼ିକରେ ଯେଉଭଳି ଭାବେ ପାହାଡ଼ରୁ ଅତଡ଼ା ଖସିବା ଓ ବଡ଼ବଡ଼ କୋଠା ସମ୍ପୂର୍ଣ୍ଣ ଧୋଇ ହୋଇଯାଉଥିବା ଲକ୍ଷ୍ୟ କରାଯାଉଛି, ତାହା ବନ୍ୟାର ଗମ୍ଭୀରତାକୁ ସୂଚିତ କରୁଛି। ପରିବେଶକୁ ଅଣଦେଖା କରି ଉନ୍ନତି ପଛରେ ଧାଇଁଲେ ପ୍ରକୃତି କିଭଳି କୋପ କରୁଛି କେରଳ ବନ୍ୟା ଏହା ଜଣାଇଦେଇଛି। କିଛିବର୍ଷ ତଳକୁ ଗଲେ ସମାନ ପରିସ୍ଥିତି ଉତ୍ତରାଖଣ୍ଡରେ ଦେଖିବାକୁ ମିଳିଥିଲା। ନିର୍ମାଣ ଓ ବିକାଶକୁ ଅଗ୍ରାଧିକାର ଦିଆଯାଇ ଜଙ୍ଗଲ ଧ୍ୱଂସର ପରିଣାମ ସେଠାକାର ଲୋକଙ୍କୁ ଭୋଗିବାକୁ ପଡ଼ିଥିଲା।

କେରଳ ବନ୍ୟାରେ ରାଜ୍ୟର ୬୦ ପ୍ରତିଶତ ଅଞ୍ଚଳ ଭୀଷଣ କ୍ଷତିଗ୍ରସ୍ତ ହୋଇଛି। ବନ୍ୟା ପ୍ରଭାବିତ କେତେକ ଅଞ୍ଚଳର ଲୋକ ଏଭଳି ପ୍ରାକୃତିକ ବିପର୍ଯ୍ୟୟକୁ ନେଇ ସଚେତନ ନ ଥିବାରୁ ହେଲିକପ୍ଟରରେ ନିରାପଦ ସ୍ଥାନକୁ ଯିବାକୁ ଅନିଚ୍ଛା ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। ଯଦିଓ ବିଭିନ୍ନ ଆଡ଼ୁ ରିଲିଫ୍ ମିଳିବାରେ ଲାଗିଛି, ତଥାପି ଉଦ୍ଧାର ଓ ଥଇଥାନ ବ୍ୟବସ୍ଥାକୁ ସହଜ କରିବା ସେତେଟା ସମ୍ଭବ ହୋଇପାରୁନାହିଁ। ଏଭଳି ସ୍ଥଳେ ମନେପଡ଼େ ଓଡ଼ିଶାରେ ୧୯୯୯ରେ ହୋଇଥିବା ମହାବାତ୍ୟା । ଅପ୍ରସ୍ତୁତ ସରକାରୀ କଳ ସେତେବେଳେ ଲୋକଙ୍କ ପାଖରେ ଖାଦ୍ୟ ପହଞ୍ଚାଇବାରେ ସକ୍ଷମ ହୋଇ ନ ଥିଲା। କେନ୍ଦ୍ର ସରକାର ଏପରିକି ଅନ୍ତର୍ଜାତୀୟ ସ୍ତରରୁ ଆସିଥିବା ଅତ୍ୟାବଶ୍ୟକ ସାମଗ୍ରୀ ଠିକ୍ ଭାବେ ବଣ୍ଟା ଯାଇପାରି ନ ଥିଲା। ଯେତେବେଳେ ଲୋକେ ଖାଦ୍ୟ ପାଇଁ ତହଲବିକଳ ହେଉଥିଲେ, ସେତେବେଳେ ଦୁର୍ନୀତିଗ୍ରସ୍ତ ଅମଲାତନ୍ତ୍ରୀ ଟଙ୍କା ଗୋଟାଇବାରେ ବ୍ୟସ୍ତ ଥିଲେ।

କେରଳ କଥା ଦେଖିଲେ ଏହାର ରାଜଧାନୀ ଥିରୁଭାନନ୍ତପୁରମ୍ ମଧ୍ୟ ବନ୍ୟାର ଦୁର୍ଦ୍ଦଶାରୁ ବର୍ତ୍ତିପାରି ନାହିଁ। ରେଳ ଷ୍ଟେଶନ ଜଳପ୍ଳାବିତ ହୋଇଥିବାରୁ ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଦେଖିବାକୁ ଗଲେ ସେହି ରାଜ୍ୟରେ ପରିସ୍ଥିତି ଅତି ସଙ୍ଗିନ୍ ହେବା ପଛରେ ଅନେକ କାରଣ ରହିଛି। ଅସଂଖ୍ୟ କୋଠାବାଡ଼ି ଓ ନିର୍ମାଣ ଶିଳ୍ପର ବିକାଶ ସବୁଜ ପରିବେଶକୁ ନଷ୍ଟ କରି ଜଙ୍ଗଲ ଧ୍ୱଂସ କରିଛି। ସେଠାକାର ନଦୀର ବନ୍ୟାଜଳ ସ୍ଥିତି ଦେଖିଲେ ୨୬ ବର୍ଷ ପରେ ବୃହତ୍ ଇଦୁକି ଡ୍ୟାମ୍ ଗେଟ୍‌କୁ ଖୋଲା କରିଦିଆଯାଇଛି। ଏଥିସହିତ ରାଜ୍ୟର ୩୫ଟି ଡ୍ୟାମ୍ ଖୋଲା ରହିଥିବା ବେଳେ ବନ୍ୟା ପରିସ୍ଥିତିକୁ ଦେଖି ମୁଲ୍ଲାପେରିୟାର ଡ୍ୟାମ୍ ଦ୍ୱାରା ଜଳ ଛଡ଼ାଯିବାର ଆଶଙ୍କା ଉପୁଜିଲାଣି। ତାହାହେଲେ ପରିସ୍ଥିତି କିଭଳି ଅସମ୍ଭାଳ ହେବ ସହଜରେ ଅନୁମେୟ। ପର୍ଯ୍ୟଟନ ଶିଳ୍ପର ବିକାଶ ଲାଗି ପମ୍ପା ନଦୀକୁ ବିଭିନ୍ନ ଆଡ଼ୁ ବିପଦ ମାଡ଼ି ଆସିଲାଣି। ଦ୍ରୁତ ସହରୀକରଣର ଅନ୍ୟତମ ଦୃଷ୍ଟାନ୍ତ ଭାବେ କୋଚି ଉଭା ହୋଇଛି। ସହରର ନିର୍ମାଣ ଓ କଳେବର ବୃଦ୍ଧି ନିଶ୍ଚିତ ବନ୍ୟାକୁ ନିମନ୍ତ୍ରଣ କରିଚାଲିଛି। ଯେଉଁ କାରଣଗୁଡ଼ିକୁ ଅଣଦେଖା କରି ମଣିଷ ବିକାଶ କରିଚାଲିଛି ବୋଲି କହୁଛି, ଚଳିତ ଋତୁର ଅସ୍ୱାଭାବିକ ବର୍ଷା ବାସ୍ତବତା କ'ଣ ତାହା ଦେଖାଇ ଦେଇଛି। ଏଭଳିସ୍ଥଳେ ପରିବେଶ ସୁରକ୍ଷା ଲାଗି ବ୍ୟାପକ ସଚେତନତା ସୃଷ୍ଟି କରାଯିବା ହେଉଛି ଏକମାତ୍ର ପନ୍ଥା। ଏଥିସହିତ ରାଜ୍ୟ ସରକାରୀ କଳ ଅଦୃଶ୍ୟ ବିପର୍ଯ୍ୟୟକୁ ସାମ୍ନା କରିବା ଲାଗି ସମ୍ପୂର୍ଣ୍ଣ ପ୍ରସ୍ତୁତ ହେବା ଦରକାର। ଏପରି ବିପତ୍ତି କେବଳ ସରକାର ନୁହେଁ, ଜନସାଧାରଣଙ୍କ ପାଇଁ ଏକ ଶିକ୍ଷା ଆଣିଦେଇଛି। ତେଣୁ ଏହାକୁ ସମସ୍ତେ ହୃଦୟଙ୍ଗମ କରିବା ଆବଶ୍ୟକ।

କୌତୂହଳର ବିଷୟ ଯେ, କେରଳରେ ଜାତୀୟ ବିପତ୍ତି ଭଳି ପରିସ୍ଥିତି ଉପୁଜିଥିଲେ ମଧ୍ୟ କେନ୍ଦ୍ର ସରକାର ଏହା ଘୋଷଣା କରିନାହାନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ମାତ୍ର ୨୬୦ କୋଟି ଟଙ୍କା କେନ୍ଦ୍ର ତରଫରୁ ଘୋଷଣା ହୋଇଥିବା ବେଳେ ଅଗଷ୍ଟ ୧୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଉ ୫୦୦ କୋଟି ଟଙ୍କା ଦିଆଯିବ ବୋଲି କହିଛନ୍ତି। ବାମପନ୍ଥୀ ଶାସନାଧୀନ ଏହି ରାଜ୍ୟରେ ବନ୍ୟାଜନିତ କ୍ଷୟକ୍ଷତି ୨୦,୦୦୦ କୋଟି ଟଙ୍କା ଟପିଥିବା ଆକଳନ କରାଯାଇଛି। ହେଲେ ମିଳିଥିବା ଏକ ସୂତ୍ରରୁ ଜଣାପଡ଼ିଛି ଯେ, ଘୋଷଣା କରାଯାଇଥିବା ଅର୍ଥ ମଧ୍ୟରୁ ମାତ୍ର ୮୦ କୋଟି ଟଙ୍କା ରାଜ୍ୟ ସରକାରଙ୍କ ପାଖରେ ପହଞ୍ଚିଛି। କେନ୍ଦ୍ରରେ କ୍ଷମତାସୀନ ହେବା ପରେ ନରେନ୍ଦ୍ର ମୋଦି ଗୁଜରାଟର ସର୍ଦ୍ଦାର ସରୋବର ଡ୍ୟାମ୍ ନିକଟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ମହାରାଷ୍ଟ୍ରରେ ଶିବାଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଅନେକ ହଜାର କୋଟି ଟଙ୍କା ଦେଇଛନ୍ତି। କେରଳରେ ଲୋକଙ୍କ ଜୀବନ ଦୁର୍ବିଷହ ହୋଇଯାଇଥିବା ବେଳେ ସେଥିପ୍ରତି କେନ୍ଦ୍ର ସରକାରଙ୍କ ବୈପିତୃକ ମନୋଭାବ ଏଥିରୁ ସ୍ପଷ୍ଟ ବାରି ହୋଇପଡ଼ିଛି। ଫଳରେ ଦେଶବାସୀ ଅନୁଭବ କଲେଣି ଯେ ମାନବୀୟ ସହାୟତାକୁ ରାଜନୀତି ବଳିଯାଇଛି। ଏଥିରୁ ବୁଝିବାକୁ ହେବ ଯେ ଭାରତର ଅଧିକାଂଶ ଲୋକଙ୍କୁ ସରକାର ରାଜନୈତିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଥା'ନ୍ତି। କେଉଁ ଲୋକ ସରକାରଙ୍କଠାରୁ ସେବା ଓ ସୁରକ୍ଷା ପାଇବାକୁ ଯୋଗ୍ୟ, ତାହା ନିର୍ଭର କରିଥାଏ ସେମାନେ କାହାକୁ ଭୋଟ ଦେଇଛନ୍ତି।

ଆଜି ପ୍ରକୃତିର ରୋଷ ଦେଖିଲେ ସମସ୍ତେ ବୁଝିବା ଦରକାର ଯେ, ଅର୍ଥନୈତିକ ଅଭିବୃଦ୍ଧି ନେଇ ଅତ୍ୟଧିକ ଲୋଭରେ ପଡ଼ିଥିବା ମଣିଷ ପରିବେଶର ସନ୍ତୁଳନକୁ କିଭଳି ବିଗାଡ଼ି ଚାଲିଛନ୍ତି। ଏହା ବିଶେଷକରି ଭାରତବର୍ଷରେ ଦେଖାଯାଉଛି। ପାଶ୍ଚାତ୍ୟ ରାଷ୍ଟ୍ରରେ ପରିବେଶ ପ୍ରତି ଶ୍ରଦ୍ଧା ବଢ଼ିବାରେ ଲାଗିଲାଣି। ଏଭଳି ସ୍ଥଳେ ଭାରତରେ ସମସ୍ତେ ସରକାରଙ୍କୁ କେବଳ ସମାଲୋଚନା କରିବା ପରିବର୍ତ୍ତେ ପ୍ରକୃତି ପ୍ରତି ସଚେତନ ଓ ଯତ୍ନବାନ୍ ହେବା ଅବଶ୍ୟମ୍ଭାବୀ ହୋଇପଡ଼ିଲାଣି।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | | | 2 | | D | E | | | | | | | | 4 |
| | | E | | 9 | | | | | 6 | 4 | 5 | 7 | 0 | D |
| | 1 | 3 | | | 0 | | | | 8 | | E | | 6 | C |
| | D | | B | E | | | 9 | | | C | | | | 1 |
| | | B | 3 | | | | | | 0 | | | | | |
| | 5 | | 7 | 1 | | 6 | | | | D | A | | 8 | |
| | | | | | 8 | | C | B | 4 | | 0 | | 5 | |
| | | 8 | | | 6 | | | 0 | 3 | | B | | | 9 |
| B | | 1 | | 0 | | | E | | | | | | 7 | |
| | 9 | | A | 4 | B | | | 3 | | | | | | |
| | | | | | | | | | | | | 5 | E | 8 |
| | 3 | 4 | | | | | | | | 7 | C | | | |
| 0 | B | | 6 | D | | | | | | | | | | 2 |
| D | | | | A | 9 | | | 2 | 5 | | | | | |
| 5 | 2 | | E | C | | 1 | D | A | | | 9 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | E | 9 | 6 | 3 | 7 | 0 | B | D | 2 | 1 | A | 4 | C | 8 |
| 3 | 4 | 8 | E | D | A | 5 | 2 | 9 | 0 | C | B | 7 | 6 | 1 |
| 7 | 1 | 2 | 0 | 9 | C | E | 6 | 8 | 3 | 5 | 4 | D | A | B |
| 6 | C | A | B | 4 | 5 | 1 | 7 | 3 | 9 | 8 | D | E | 2 | 0 |
| D | B | 0 | 2 | 8 | 1 | A | 4 | C | 7 | E | 6 | 5 | 9 | 3 |
| E | 2 | 3 | A | 1 | 0 | 6 | 8 | 4 | 5 | 9 | 7 | C | B | D |
| 8 | 6 | 7 | 9 | C | E | B | A | 5 | 1 | D | 0 | 2 | 3 | 4 |
| A | D | 1 | 4 | 7 | B | 3 | 9 | 2 | C | 6 | E | 8 | 0 | 5 |
| 0 | 5 | B | 3 | 2 | 6 | C | D | E | A | 4 | 8 | 9 | 1 | 7 |
| C | 9 | 4 | 8 | 5 | D | 7 | 1 | 0 | B | 2 | 3 | 6 | E | A |
| 9 | 3 | E | 1 | A | 4 | 2 | 5 | B | 8 | 7 | C | 0 | D | 6 |
| 1 | 0 | 5 | 7 | B | 8 | 9 | C | 6 | D | A | 2 | 3 | 4 | E |
| B | 8 | D | C | 6 | 9 | 4 | 3 | 1 | E | 0 | 5 | A | 7 | 2 |
| 4 | 7 | C | D | E | 2 | 8 | 0 | A | 6 | 3 | 1 | B | 5 | 9 |
| 2 | A | 6 | 5 | 0 | 3 | D | E | 7 | 4 | B | 9 | 1 | 8 | C |

ଗତକାଲିର ଉତ୍ତର

# ଓଡ଼ିଆ ବିଶ୍ୱବିଦ୍ୟାଳୟ: ଅସ୍ପଷ୍ଟ ଆଭିମୁଖ୍ୟ

ଦେବୀପ୍ରସାଦ ଦାଶ

ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ ଶୁଣି ସେ ଅଞ୍ଚଳର ଅନେକଙ୍କ ପରି ମୁଁ ବି ଉଲ୍ଲସିତ। ଏହି ଐତିହାସିକ ନିର୍ଣ୍ଣୟ ପାଇଁ ଐତିହ୍ୟ କ୍ୟାବିନେଟ୍ ନିଶ୍ଚୟ ଧନ୍ୟବାଦାର୍ହ। କିନ୍ତୁ ଏହି ବିଶ୍ୱବିଦ୍ୟାଳୟର ସମ୍ଭାବ୍ୟ ଭୂମିକା, କର୍ମପରିସର, ପ୍ରଭାବ ଓ ଉତ୍ତରଦାୟିତ୍ୱକୁ ନେଇ ମନ ଭିତରେ କେତେ ପ୍ରଶ୍ନ ଉଙ୍କି ମାରୁଛି।

ବିଶ୍ୱବିଦ୍ୟାଳୟଟିଏ ତା'ର ଆଖପାଖ ଅଞ୍ଚଳ ଉପରେ କି ପ୍ରଭାବ ପକାଇବ, ତାହା ବିଚାର୍ଯ୍ୟ। ଏହା ପ୍ରାଚୀନ ରାଜରାଜୁଡ଼ା ସଂସ୍କୃତିରେ ପରିପୁଷ୍ଟ ସାମାଜିକ ବ୍ୟବସ୍ଥାର ଅଂଶଟିଏ। ଦେଶ ସ୍ୱାଧୀନ ହେଲାଠାରୁ ସତେ ଯେମିତି ସେ ବ୍ୟବସ୍ଥାର ଚକ–ଅଖ ହୁଗୁଳି ଯାଇଛି। ଗ୍ରାମ୍ୟ ପରିବେଶଟି ବୌଦ୍ଧିକ ଓ ସାମାଜିକ ଦୃଷ୍ଟିରୁ ଅବକ୍ଷୟମୁଖୀ ହୋଇଛି। ଏବେ ବି ବଞ୍ଚିଛି କିଛି ପୁରୁଣାକାଳିଆ ବିଶ୍ୱାସ, ଜାତିଆଣ ବାଛବିଚାର, ଆର୍ଥିକ ବୈଷମ୍ୟ ଓ ସାଧାରଣ ମଣିଷର ହତାଶାଭାବ। ଅବଶ୍ୟ ନୂଆ ଯୁଗର ବିଜୁଳି, କେନାଲ ପାଣି, ଅଙ୍ଗନୱାଡ଼ି, ଢଳେଇ ରାସ୍ତା, ପକ୍କାଘର, ମୋବାଇଲ ଫୋନ ଏସବୁ ଆସିଛି। କିନ୍ତୁ ତା' ସହିତ ଆସିଛି ଠିକାଦାରି, ଭୋଟ୍ ବେପାର, ନିଶାଖୋରି, ଦାଦାଗିରି ଓ ନାନାଦି ବିଶୃଙ୍ଖଳା। ବାଟବଣା ହୋଇଛି ସାମନ୍ତବାଦୀ ପାରସ୍ପରିକତା ଉପରେ ପର୍ଯ୍ୟବସିତ ଜୀବନଧାରା। ସେଠି ଧସେଇ ପଶିଛି ଅନୁଦାନ ଉପରେ ଆଶ୍ରାକରି ଜିଇବାର ଓ ଧରାଧରି କରି ସୁବିଧା ହାସଲ କରିନେବାର ଏକ ନୂଆ ଧାରା। ଆଉ ଇଏ କ'ଣ ଖାଲି ଆମ ଗାଁର କଥା ? ଏହି ପ୍ରେକ୍ଷାପଟରେ ନୂଆ ବିଶ୍ୱବିଦ୍ୟାଳୟଟିଏ ତା'ର ବାହ୍ୟ ପରିବେଶରେ କ'ଣ ସବୁ ପରିବର୍ତ୍ତନ ଆଣିବ ? ସ୍ଥାନୀୟ ଅଞ୍ଚଳର ବୌଦ୍ଧିକ ଓ ସାମାଜିକ ଅସଙ୍ଗତିଗୁଡ଼ିକୁ ବୁଝି ସେଠାରେ ଏକ ସ୍ୱାଭିମାନୀ ସମାଜର ପୁନର୍ଗଠନ ପାଇଁ ନୂଆ ଉତ୍ସାହ ଓ ଗତିଶୀଳତା ଆଣିପାରିବ କି ?

ଏହାପରେ ଆସୁଛି ବିଶ୍ୱବିଦ୍ୟାଳୟର ଭିତିରି ଦୁନିଆ କଥା। ବିଶ୍ୱବିଦ୍ୟାଳୟ ଏକ ସ୍ୱତନ୍ତ୍ର ପ୍ରଜାତିର ସଙ୍ଗଠନ। ଅନ୍ୟ ପ୍ରଜାତିର ସଙ୍ଗଠନମାନଙ୍କ କ୍ଷେତ୍ରରୁ ସଂଗୃହୀତ ଅନୁଭୂତି ବା ଅନ୍ତର୍ଦୃଷ୍ଟିସବୁ ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ ଲଦି ଦିଆଯାଇ ନ ପାରେ। ବିଶ୍ୱବିଦ୍ୟାଳୟ ହେଉଛି ଶିକ୍ଷାର ଏକ ମନ୍ଦିର ଏବଂ ଆମ ପୂର୍ବସୂରୀମାନଙ୍କ ବୌଦ୍ଧିକ ସମ୍ପଦର ଗନ୍ତାଘର। ଏହା ହେଉଛି ମଣିଷଜାତିର ମହାନ ପରମ୍ପରାକୁ ପ୍ରତିଫଳିତ କରୁଥିବା କଳା, ସଂସ୍କୃତି ଓ ବିଜ୍ଞାନର ଆଧାରପାତ୍ର। ସେଥିସହ ଭବିଷ୍ୟତର ପରିକଳ୍ପନାଗୁଡ଼ିକୁ ରୂପରେଖ ଦେବା ସକାଶେ ଏହା ମଧ୍ୟ ଏକ ପ୍ରୟୋଗଶାଳା। ଏପରି ସଙ୍ଗଠନଟିଏ ପ୍ରାଚୀନ, ବର୍ତ୍ତମାନ ଓ ଭବିଷ୍ୟତ ଜଗତର ସୂତ୍ରଧର। ତେଣୁ ବିଗତ, ସ୍ଥିତ ତଥା ଅନାଗତ ମଣିଷର କର୍ମ, ଜ୍ଞାନ, ଭକ୍ତି, ଉଦ୍ୟମ, ବିଚାର, ସ୍ୱପ୍ନ, ସଂଘର୍ଷ, ଉତ୍ଥାନ, ପତନ ସବୁକିଛି ଏହାର ଧ୍ୟାନ ଆକର୍ଷଣ କରିବା କଥା। କିନ୍ତୁ ଯେହେତୁ ଐତିହ୍ୟ ଶବ୍ଦଟି ମୂଳରୁ ଏହି ନୂଆ ବିଶ୍ୱବିଦ୍ୟାଳୟର ଜନ୍ମପଞ୍ଜିକାରେ ଲାଗିଗଲାଣି, ଏଥିରୁ ପ୍ରଶ୍ନ ଉଠେ, ଆମ ନୂଆ ବିଶ୍ୱବିଦ୍ୟାଳୟ କ'ଣ କେବଳ ପ୍ରାଚୀନ ଓ ଜନମାନସରୁ ବିସ୍ମୃତ ଓଡ଼ିଆ ଭାଷା ଓ ସଂସ୍କୃତିର ଚର୍ଚ୍ଚାରେ ନିଜକୁ ନିୟୋଜିତ ରଖିବ ନା ଓଡ଼ିଶା ତଥା ଓଡ଼ିଶା ବାହାରେ ପ୍ରବହମାନ ଜୀବନ୍ତ ଓଡ଼ିଆ ସାଂସ୍କୃତିକ ଧାରାମାନଙ୍କରେ ସାମିଲ ହେବ? ଭବିଷ୍ୟତ ନିର୍ମାଣରେ ଏହାର ସକ୍ରିୟ ଭୂମିକା କ'ଣ ରହିବ ?

ଆଜିକାଲିର ଗଣତାନ୍ତ୍ରିକ ବିଚାରଧାରାରେ, ସାର୍ବଜନିକ ଧନରେ ନିର୍ମିତ ଅନୁଷ୍ଠାନଟିଏ ଲୋକଙ୍କର କେଉଁ ଉପକାରରେ ଆସୁଛି ତାହା ଅନୁଷ୍ଠାନର କର୍ମକର୍ତ୍ତା ନିୟମିତ ଭାବରେ ସ୍ପଷ୍ଟ କରିବାକୁ ବାଧ୍ୟ। ଭାରତରେ ଔପନିବେଶିକ ସମୟରୁ ପ୍ରଚଳିତ ବିଶ୍ୱବିଦ୍ୟାଳୟ ନିୟାମକ ବ୍ୟବସ୍ଥା ସେହି ଦିଗରେ ବିଶ୍ୱବିଦ୍ୟାଳୟଗୁଡ଼ିକୁ ପ୍ରଚୋଦିତ କରି ନ ପାରିବାରୁ ଏବେ ଦିଲ୍ଲୀରେ ତା'ର ବିଲୟ ଓ ନବୀକରଣର କ୍ଷେତ୍ର ପ୍ରସ୍ତୁତ ହେଲାଣି। ଆମ ରାଜ୍ୟରେ ତଥା ଦେଶରେ ଅନେକ ବିଶ୍ୱବିଦ୍ୟାଳୟ ରହିଛି, ଯାହା ଲୋକଙ୍କର କେଉଁ ଉପକାର କରୁଛି ତାହା ସ୍ପଷ୍ଟ କରିବାକୁ ଅସମର୍ଥ। ଭବିଷ୍ୟତର ସରକାର ଏଭଳି ଅନୁଷ୍ଠାନରୁ ହୁଏତ ସମ୍ବଳ ପ୍ରତ୍ୟାହାର କରିନେବାକୁ ଚାହିଁବ ବା ସେଗୁଡ଼ିକୁ କିଛି ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କୁ ଥଇଥାନ କରିବା ଉଦ୍ଦେଶ୍ୟରେ ବ୍ୟବହାର କରିବ। ଏଥିରୁ କୌଣସିଟି ମଧ୍ୟ ଏହି ଅନୁଷ୍ଠାନମାନଙ୍କ ପାଇଁ ଗୌରବମୟ ହେବନାହିଁ। ବରଂ ଏ ବିଷଚକ୍ର ଦ୍ୱାରା ଆକ୍ରାନ୍ତ ହୋଇ ଅନୁଷ୍ଠାନଟିଏ ଯେତେ ତଳକୁ ଖସିବ, ତା'ର ସମସ୍ୟା ସେତେ ବଢ଼ିଚାଲିବ। ମୂଳରୁ ଏହି ବିଷବଳୟରୁ ନିଜକୁ ମୁକ୍ତ ରଖିବାଟା ହିଁ ପ୍ରତି ନୂଆ ଅନୁଷ୍ଠାନର ଏକ ବଡ଼ ସାମାଜିକ ଦାୟିତ୍ୱ।

ତେବେ ଆମ ଓଡ଼ିଆ ବିଶ୍ୱବିଦ୍ୟାଳୟଟି ଭାଷା ଓ ସଂସ୍କୃତି କ୍ଷେତ୍ରରେ ଯେଉଁସବୁ ଅଭାବ, ଅସୁବିଧା ଓ ଅନ୍ତରାୟ ଲୋକଶକ୍ତିକୁ ହୀନମନ୍ୟ ତଥା ଦୁର୍ବଳକରି ରଖିଛି, ତାକୁ ଦୂର କରିବା ପାଇଁ ଚେଷ୍ଟା କରିବ ତ ? କୁହାଯାଉଛି ଏବକାର ଭାରତୀୟ ସ୍ନାତକମାନଙ୍କ ମଧ୍ୟରୁ ଅଧିକାଂଶ ନିଯୁକ୍ତିଯୋଗ୍ୟ ବା ଆତ୍ମନିର୍ଭରଶୀଳ ନୁହନ୍ତି। ଯଦି ଗୋଟିଏ ବିଶ୍ୱବିଦ୍ୟାଳୟ ଶିକ୍ଷାର୍ଥୀମାନଙ୍କୁ ନିଯୁକ୍ତିଯୋଗ୍ୟ ବା ଆତ୍ମନିର୍ଭରଶୀଳ ନ କରିବ, ତେବେ ସେଠାକୁ ନିଜ ପିଲାମାନଙ୍କୁ କିଏ କାହିଁକି ପଠାଇବ? ଖାଲି ଶ୍ରେଣୀଗୃହରେ ନୁହେଁ ବରଂ ଆମ ଓଡ଼ିଆ ବିଶ୍ୱବିଦ୍ୟାଳୟଟି ତା'ର କର୍ମପରିସରର ପ୍ରତିଟି ବିଭାଗରେ ଦାୟିତ୍ୱବୋଧ, ସାଧୁତା ଓ ବୈଶିଷ୍ଟ୍ୟ ରକ୍ଷାକରୁ ଓ ତହିଁରୁ ଉତ୍ତରୋତ୍ତର ପ୍ରତିଷ୍ଠା ପାଉ ବୋଲି ଆମେ ଚାହିଁବା।

ମୋ: ୯୩୩୭୩ ୧୦୫୦୧

# ବିଷ ବଳୟରେ ବିଶ୍ୱାସ



ସଂଗ୍ରାମ କେଶରୀ ପୃଷ୍ଟି

ମନର ଏକ ସକାରାତ୍ମକ ଚିନ୍ତନ ହେଉଛି ବିଶ୍ୱାସ। ଯାହା ପାଇଁ ଏ ବିଶ୍ୱ ତିଷ୍ଠି ରହିଥିବା କଥା କୁହାଯାଏ। ବିଶ୍ୱାସ ଏକ ଛୋଟିଆ ଶବ୍ଦ। ଯାହାକୁ କ୍ଷଣକରେ ପଢିଦେଇ ହୁଏ। ଭାବିବାକୁ ବି ବେଶି ସମୟ ଲାଗି ନ ଥାଏ। ବୁଝିବାକୁ ଗୋଟିଏ ଦିନ ଲାଗିଥାଏ। କିନ୍ତୁ ପ୍ରମାଣ କରିବାକୁ ପୂରା ଜୀବନ ଲାଗିଯାଏ। ବିଶ୍ୱାସର ମହାନତା ଦର୍ଶାଇବାକୁ ଯାଇ ବିଶିଷ୍ଟ ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀ ତାଙ୍କ 'ମାଟିର ମଣିଷ' ଉପନ୍ୟାସରେ ଲେଖିଛନ୍ତି–ବିଶ୍ୱାସରେ ବିଶ୍ୱ ଚଳୁଛି। ବିଶ୍ୱାସ ତୁଟିଗଲେ ବାପ–ପୁଅ, ସ୍ୱାମୀ–ସ୍ତ୍ରୀ, ଭାଇ–ଭାଇ, ରାଜା–ପ୍ରଜା କାହାରି ଭିତରେ କିଛି ସମ୍ବନ୍ଧ ରହିବ ନାହିଁ।

ଏ କଥାର ବାସ୍ତବତାକୁ ଅନୁଧ୍ୟାନ କଲେ ଶହ ଶହ ଉଦାହରଣ ଚାଲିଆସେ ଆମ ମନକୁ । ସମ୍ପତ୍ତି ପାଇଁ ପୁତ୍ରର ପିତାକୁ ହତ୍ୟା, ଯୌତୁକ ପାଇଁ ବଧୂହତ୍ୟା, ଚତୁର୍ଥୀ ରାତିରେ କନ୍ୟା ଫେରାର, ସମ୍ପର୍କୀୟଙ୍କ ଦ୍ୱାରା ଶିଶୁକନ୍ୟା ବଳାତ୍କାରର ଶିକାର ପରି ଅବିଶ୍ୱସନୀୟ ଓ ଅମାନବୀୟ ଘଟଣାମାନ ଆମକୁ ପ୍ରତିମୁହୂର୍ତ୍ତରେ ଆନ୍ଦୋଳିତ କରିଚାଲିଛି। ସମାଜରେ ପ୍ରତ୍ୟହ ଘଟିଚାଲୁଥିବା ଏହି ଲୋମହର୍ଷଣକାରୀ ଘଟଣା ପରିପ୍ରେକ୍ଷୀରେ ମନେହୁଏ ଏବେ ସମସ୍ତଙ୍କ ଆଖିରେ ମାଡିଯାଇଛି ଅବିଶ୍ୱାସର ପରଳଟିଏ। ସଂକୁଚିତ ହେବାରେ ଲାଗିଛି ସମ୍ପର୍କ। ଅବିଶ୍ୱାସର ବିଷବୃକ୍ଷରୁ ବିଶ୍ୱାସର ଫଳ ଖୋଜିପାଇବା ବୃଥା ପ୍ରୟାସ ନିଶ୍ଚିତ।

ଈର୍ଷା, ଦ୍ୱେଷ, ସ୍ୱାର୍ଥ, ହିଂସା ଓ ପରଶ୍ରୀକାତରତା କାରଣରୁ ମନ ଭିତରେ ଅବିଶ୍ୱାସର ବୀଜଟିଏ ଅଙ୍କୁରିତ ହୁଏ। କ୍ରମଶଃ ସେ ଶାଖାପ୍ରଶାଖା ମେଲି ବ୍ୟାପିଯାଏ ଚତୁର୍ଦ୍ଦିଗକୁ। ସକାରାତ୍ମକ ଭାବନାର ଅଭାବ ହିଁ ଅବିଶ୍ୱାସ ପାଇଁ ଖୋରାକ ଯୋଗାଇଥାଏ। ଯେଉଁଥି ପାଇଁ ଅପରିଚିତ ଲୋକଙ୍କ କଥା ତ ଛାଡ ପରିଚିତ ଲୋକ ଏପରି କି ଆତ୍ମୀୟସ୍ୱଜନମାନେ ମଧ୍ୟ ଅବିଶ୍ୱସନୀୟ ମନେହୁଅନ୍ତି। ଥରେ ଧୋକା ଖାଇଥିବା ମନ ପୁନର୍ବାର ବିଶ୍ୱାସ କରିବାକୁ ପ୍ରସ୍ତୁତ ନ ଥାଏ।

ଅନ୍ୟ ମନରେ ବିଶ୍ୱାସ ଜନ୍ମାଇବାକୁ ବେଶି ସମୟ ଲାଗେ ନାହିଁ। ସୁତରାଂ ସ୍ୱାର୍ଥାନ୍ୱେଷୀ କିଛି ମଣିଷ ଏହାର ଫାଇଦା ଉଠାଇବାକୁ ଯତ୍‌ପରୋନାସ୍ତି ଉଦ୍ୟମ କରନ୍ତି। ବିଶ୍ୱାସ ଜନ୍ମାଇ କରନ୍ତି ପ୍ରେମ, ଦିଅନ୍ତି ଧୋକା। ଲୁଟ୍ କରନ୍ତି ଟ୍ରେନଯାତ୍ରୀଙ୍କୁ। ଚାକିରି କରାଇଦେବା ନାଁରେ, ଚିଟ୍‌ଫଣ୍ଡ ନାଁରେ, ବିବାହ ନାଁରେ ଅଥବା କୌଣସି ନା କୌଣସି ସାହାଯ୍ୟଦେବା ନାଁରେ ହରିଲୁଟ୍ କରିବାକୁ ପଛାନ୍ତି ନାହିଁ। ଏକଥା ଅଙ୍ଗେ ନିଭାଇଥିବା ମଣିଷଟି ଏବେ ବିଶ୍ୱାସ ଉପରୁ ଆସ୍ଥା ହରାଇ ବସେ। ଯେଉଁଥିପାଇଁ ସାରା ଦୁନିଆର ଲୋକମାନେ ତା' ପାଇଁ ଅବିଶ୍ୱସନୀୟ ମନେହୁଅନ୍ତି। ଏ ଘଟଣା ମାନ କ୍ରମଶଃ ସମସ୍ତଙ୍କୁ କବଳିତ କରି ରଖେ। ଯେଉଁଥିପାଇଁ ସହଜରେ ଅନ୍ୟକୁ ବିଶ୍ୱାସ କରିବାକୁ ସେମାନଙ୍କ ମନ ପ୍ରସ୍ତୁତ ନ ଥାଏ।

ଅନ୍ୟକୁ ଅଧିକ ବିଶ୍ୱାସ କରିବା ହିଁ ବେଳେ ବେଳେ ବିପଦର କାରଣ ସାଜେ। ଚାଣକ୍ୟଙ୍କ ମତରେ ଅତିଶୀଘ୍ର କାହାରିକୁ ଭଲ ପାଅ ନାହିଁ। ନିଷ୍ପତ୍ତି ନିଅ ନାହିଁ। ହାରିଯାଅ ନାହିଁ କି କାହାକୁ ବିଶ୍ୱାସ ମଧ୍ୟ କର ନାହିଁ। ଅବିଶ୍ୱାସ ସମ୍ପର୍କକୁ ଦେଖେ ନାହିଁ। ଦେଖେ ସ୍ୱାର୍ଥକୁ। କୁରାଢିରେ ଲାଗିଥିବା କାଠବେଣ୍ଟର ଜନ୍ମଗଛର ଏକ ଡାଳରୁ କିନ୍ତୁ ସମୟ ଆସିଲେ ସେ ସମ୍ପର୍କକୁ ଭୁଲିଯାଇ ନିଜ ଜାତିଭାଇକୁ ହାଣିବାକୁ କୁଣ୍ଠାବୋଧ କରେ ନାହିଁ। ରୁଗ୍‌ଣ ମାନସିକତା କାରଣରୁ ସବୁଠୁ ନିଜର ବୋଲି ମନେହେଉଥିବା ଓ ବିଶ୍ୱାସ ରଖିଥିବା ଲୋକଟି ଦିନେ ବିଶ୍ୱାସର ସୀମା ସରହଦ ଡେଇଁ ସ୍ୱାର୍ଥ ଲାଗି ଧୋକା ଦେଇ ଚାଲିଯାଏ। ସହଜରେ ଅନ୍ୟମାନଙ୍କ ଉପରେ ବିଶ୍ୱାସ ରଖୁଥିବା ସରଳ ହୃଦୟବାନ୍ ମଣିଷକୁ ସବୁବେଳେ ଧୋକା ଖାଇବାକୁ ହିଁ ପଡିଥାଏ।

ବିଶ୍ୱାସକୁ ହତ୍ୟା କରୁଥିବା ଲୋକ ହେଉଛନ୍ତି ଗୋଟିଏ ଗୋଟିଏ ବିଶ୍ୱାସଘାତକ। ନାଗସାପକୁ କ୍ଷୀର ଦେଇ ପୋଷିବା ଯାହା, ବିଶ୍ୱାସଘାତକ ସହିତ ସମ୍ପର୍କ ରଖିବା ମଧ୍ୟ ତାହା। ଯେଉଁଠି ବିଶ୍ୱାସ, ଭଲପାଇବା, ସ୍ନେହମାନେ ବଳି ପଡିଯାନ୍ତି ସେଇଠି ସମ୍ପର୍କ ପାଲଟିଯାଏ ବୋଝ । ଅବିଶ୍ୱାସ ନାମକ ରାକ୍ଷସଟିଏ ସବୁବେଳେ ଚାରିପାଖରେ ଚକ୍କର କାଟୁଥାଏ ଯେମିତି । ଜୀବନରେ ଦୁଇଟି ଜିନିଷ ଛାଡିବା ପାଇଁ ହୋଇଥାଏ। ଗୋଟିଏ ହେଲା ନିଃଶ୍ୱାସ ଓ ଅନ୍ୟଟି ବିଶ୍ୱାସ। ନିଃଶ୍ୱାସ ଛାଡିଦେଲେ ଗୋଟିଏ ଥରରେ ମଣିଷ ମରିଯାଏ କିନ୍ତୁ ବିଶ୍ୱାସ ଛାଡିଦେଲେ ତାକୁ ବାରମ୍ବାର ମରିବାକୁ ହିଁ ପଡିଥାଏ। ବିଶ୍ୱାସ ହରାଇଥିବା ଲୋକ ଦୁନିଆ ଆଖିରେ ନିନ୍ଦିତ ହୁଏ। ତାକୁ ମୁଣ୍ଡେଇବାକୁ ହୋଇଥାଏ ଅପବାଦର ବୋଝ। ବିଶ୍ୱାସର ଏହି କାଚଘର ଥରେ ଭାଙ୍ଗିଗଲେ ଯୋଡିବା ଅସମ୍ଭବ ହୋଇପଡେ। ଏଣୁ ଅନ୍ୟର ବିଶ୍ୱାସ ଭାଙ୍ଗିବା ପୂର୍ବରୁ ଶହେ ଥର ଭାବିବା ଉଚିତ ଯେ ପରବର୍ତ୍ତୀ ମୁହୂର୍ତ୍ତରେ ତାଙ୍କ ସହିତ ଭେଟ ହେଲେ ଆଖି ମିଳାଇ କଥା ହୋଇ ପାରିବେ ତ !

ବର୍ତ୍ତମାନର ସମୟକୁ ଅନୁଧ୍ୟାନ କଲେ ଜଣାଯାଏ, ସତେ ଯେମିତି ଅବିଶ୍ୱାସର ବିଷ ବଳୟରେ ଫସିଯାଇଛି ଏ ମଣିଷ। ବିଶ୍ୱାସ ହରାଇଥିବା ସମ୍ପର୍କ ଏବେ ମରୀଚିକା ପରି ଆଖିକୁ ଧୋକା ଦେବାରେ ଲାଗିଛି। ଇତର ପ୍ରାଣୀ କୁକୁର ତା' ବିଶ୍ୱସନୀୟତା ସବୁବେଳେ ବଜାୟ ରଖିପାରୁଥିବା ବେଳେ ଆମେ ଏ ଦିଗରେ କେତେ ଅସହାୟ ସତରେ। ପୁନଶ୍ଚ ଅନ୍ୟକୁ ଆଘାତ ଦେଇ ତା'ଠୁ ବିଶ୍ୱାସ ଆଶା କରିବା ଆମ ମୂର୍ଖତା ନୁହେଁ ତ ଆଉ କ'ଣ। ଅନେକ କ୍ଷେତ୍ରରେ ଦେଖାଯାଏ କିଛିଲୋକ ଭାଗ୍ୟ ଓ ଭଗବାନଙ୍କ ଉପରେ ଭରସା ରଖି ନିଜ ଉପରୁ ବିଶ୍ୱାସ ତୁଟାଇ ଦେଇଥାନ୍ତି। ଉଦ୍ୟମରେ ଅବହେଳା କରନ୍ତି। ଫଳତଃ ସଫଳତା ମିଳିବା ସେମାନଙ୍କ ପାଇଁ କଷ୍ଟସାଧ୍ୟ ମନେହୁଏ।

ଶ୍ରୀଅରବିନ୍ଦଙ୍କ ଭାଷାରେ ବିଶ୍ୱାସ ହେଉଛି ଆମର ଇଚ୍ଛାଶକ୍ତି। ଯାହାକି ଉଚ୍ଚତର ସତ୍ୟର ଉପଲବ୍ଧି ଲାଗି ଅଭିଳାଷ ରଖିଥାଏ। ଏହି ଇଚ୍ଛାଶକ୍ତିକୁ ବଜାୟ ରଖିବା ପାଇଁ ଆମ ଆଚରଣ ଓ ଉଚ୍ଚାରଣ ମଧ୍ୟରେ ସାମ୍ୟତା ରକ୍ଷା କରିବା ଆବଶ୍ୟକ। ତାହା ପୁଣି ସଂଯମତାର ସହିତ। ନକାରାତ୍ମକ ଭାବନା ସବୁକୁ ମନରୁ ପୋଛିଦେଇ ସକାରାତ୍ମକ ଭାବନାକୁ ଗ୍ରହଣ କରିପାରିଲେ ହୁଏତ ହଜିଯାଇଥିବା ବିଶ୍ୱାସ ପୁଣିଥରେ ଆମ ହାତମୁଠାକୁ ଚାଲିଆସିବ ଓ ମନରେ ଆନନ୍ଦ ଭରିଦେବ।

ରାଜକିଶୋରନଗର, ଅନୁଗୋଳ, ମୋ–୯୪୩୭୫୪୭୧୪୬

## ଏଇ ଭାରତରେ

ଛତିଶଗଡ଼ରେ ସ୍ୱଚ୍ଛତା ପାଇଁ କାର୍ଯ୍ୟ କରିଥିବା ଜଣେ ମହିଳା ଏବେ ଭୋଟର ସଚେତନତା ପାଇଁ କାର୍ଯ୍ୟ କରିବେ। ସେ ୮୨ଟି ଗ୍ରାମପଞ୍ଚାୟତରେ ଖୋଲାରେ ମଳତ୍ୟାଗ ଦୂରକରିବା ଅଭିଯାନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ବର୍ତ୍ତମାନ ରାୟଗଡ଼ ଜିଲାର ଲୋକଙ୍କୁ ସେ ଭୋଟଦାନର ଗୁରୁତ୍ୱ ବୁଝାଇବା ସହିତ ଯୋଗ୍ୟ ବ୍ୟକ୍ତିବିଶେଷଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ସଚେତନତା ସୃଷ୍ଟି କରିବେ।

ମୋନିକା ଇଜାରଦାର (୨୫) ନାମ୍ନୀ ଏହି ମହିଳାଙ୍କୁ ରାଜ୍ୟରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ସିଷ୍ଟେମେଟିକ୍ ଭୋଟର୍ସ ଏଜୁକେଶନ୍ ଆଣ୍ଡ ଇଲେକ୍‌ଟୋରାଲ୍ ପାର୍ଟିସିପେଶନ୍ (ଏସ୍‌ଭିଇଇପି) ପ୍ରୋଗ୍ରାମ୍ ନିମନ୍ତେ ରାୟଗଡ ଜିଲାର ଆଇକନ୍ ଘୋଷଣା କରାଯାଇଛି। ଏହା ହେଉଛି ନିର୍ବାଚନ କମିଶନ୍‌ଙ୍କର ଏକ କାର୍ଯ୍ୟକ୍ରମ। ଉକ୍ତ କାର୍ଯ୍ୟକ୍ରମ ଅନୁଯାୟୀ ପ୍ରତ୍ୟେକ ଯୋଗ୍ୟ ସାବାଳକ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବା ସହିତ ନିର୍ବାଚନରେ ଯେପରି ମତଦାନ କରିବାର ସୁବିଧା ପାଇପାରିବେ ତାହା ସୁନିଶ୍ଚିତ କରିବା। ଇଜାରଦାରଙ୍କ ଭଳି ଜଣେ ସ୍ୱଚ୍ଛ ଚାମ୍ପିୟନ୍‌ଙ୍କ ପାଇଁ ରାୟଗଡ ଜିଲା ଗର୍ବିତ। ସେ ପରିମଳ ବିଷୟରେ ଲୋକଙ୍କୁ ବୁଝାଇବାରେ ଶତପ୍ରତିଶତ ଉଦ୍ୟମ ଜାରି ରଖିଛନ୍ତି ବୋଲି ରାୟଗଡ ଜିଲାପାଳ ଶାମି ଆବିଦି ପ୍ରକାଶ କରିଛନ୍ତି।

ସେ ମଧ୍ୟ କମ୍ୟୁନିଟି ଆପ୍ରୋଚେସ୍ ଟୁ ସାନିଟେଶନ୍ (ସିଏଏସ୍) ପ୍ରୋଗ୍ରାମ୍‌ର ଜଣେ ଦୃଢ଼ ସମର୍ଥକ। ତେଣୁ ତାଙ୍କୁ 'ସ୍ୱଚ୍ଛତା ୱାରିୟର' ଭାବରେ ବିବେଚନା କରାଯାଏ। ପୂର୍ବରୁ ସେ ଲୋକଙ୍କୁ ସ୍ୱାସ୍ଥ୍ୟରକ୍ଷା ବିଷୟରେ ସଚେତନ କରାଉଥିବାବେଳେ ଆସନ୍ତା ନିର୍ବାଚନ ପାଇଁ ସେ ଏସ୍‌ଭିଇଇପି ପ୍ରୋଗ୍ରାମ ପାଇଁ ଜିଲା ଆଇକନ୍ ଭାବରେ କାର୍ଯ୍ୟ କରିବେ। ବାସ୍ତବରେ ମୋନିକା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ କହିଲେ ଅତ୍ୟୁକ୍ତି ହେବନାହିଁ।

## ଚିରନ୍ତନୀ

ଏ ପାରୁଁ ବାରତା ମୋର
ଲାଗଇ କି ସେ ବାରତା
ପଠାଏଁ ପବନେ
ତା'ର ଅପଘନେ।
(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଅଗଷ୍ଟ ୧୯୯୩

- ଜାପାନକୁ ୪ଟି ଦ୍ୱୀପ ଫେରାଇବା ପାଇଁ ପୂର୍ବତନ ସୋଭିଏଟ ୟୁନିୟନ ସରକାର ଜାପାନ ସହିତ ଯେଉଁ ବୁଝାମଣା କରିଥିଲା ରୁଷିଆ ତାହାକୁ ପାଳନ କରିବ ନାହିଁ ବୋଲି ରୁଷିଆର ରାଷ୍ଟ୍ରପତି ବୋରିସ ୟେଲଟସିନଙ୍କ ଘୋଷଣା।
- ମଞ୍ଚଜଗତ, ବଙ୍ଗଳା ଓ ହିନ୍ଦୀ ଚଳଚ୍ଚିତ୍ର ଜଗତର ପ୍ରଖ୍ୟାତ ଅଭିନେତା ଓ ନିର୍ଦ୍ଦେଶକ ଉତ୍ପଳ ଦତ୍ତଙ୍କ ପରଲୋକ।

## ସାପ୍ତାହିକ ପଞ୍ଜିକା

ଅଗଷ୍ଟ ୧୨– ନୋବେଲ ପୁରସ୍କରବିଜେତା ଭାରତୀୟ ବଂଶୋଦ୍ଭବ ବିଦ୍ୟାଧର ସୂରଜପ୍ରସାଦ ନୈପଲଙ୍କ ୮୫ ବର୍ଷ ବୟସରେ ପରଲୋକ।
* ଜଷ୍ଟିସ୍ କଲ୍ପେଶ ସତ୍ୟେନ୍ଦ୍ର ଝାବେରୀ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ନେଲେ।
୧୩– ବିଶିଷ୍ଟ ସାମ୍ୟବାଦୀ ନେତା ତଥା ପୂର୍ବତନ ଲୋକସଭା ବାଚସ୍ପତି ସୋମନାଥ ଚାଟାର୍ଜୀଙ୍କ ୮୯ ବର୍ଷ ବୟସରେ ପରଲୋକ।
୧୪– ଇଟାଲିର ଜେନୋଆ ସହରରେ ଏକ ଓଭରବ୍ରିଜ୍ ଭୁଶୁଡ଼ି ୩୫ ମୃତ।
୧୬– ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କର ୯୩ ବର୍ଷ ବୟସରେ ପରଲୋକ।
୧୭– ଯମୁନା ନଦୀକୂଳରେ ଥିବା ରାଷ୍ଟ୍ରୀୟ ସ୍ମୃତିସ୍ଥଳରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଶେଷକୃତ୍ୟ ସମ୍ପନ୍ନ।

## ଆମ ସମସ୍ୟା

### ବୟସ୍କ ବ୍ୟକ୍ତିଙ୍କ ଦୁଃଖ

ମହାଶୟ,

ସପ୍ତମ ପେନ୍‌ସନ ଆୟୋଗଙ୍କ ସୁପାରିସ ଅନୁଯାୟୀ ଅବସରପ୍ରାପ୍ତ କର୍ମଚାରୀ ପୂରା ପେନ୍‌ସନ ପାଇବାକୁ ଯୋଗ୍ୟ ବିବେଚିତ ହେଲେ। କିନ୍ତୁ ଆଜିଯାଏ ୨୫ରୁ ୩୩ ବର୍ଷ ମଧ୍ୟରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ସରକାରୀ କର୍ମଚାରୀଗଣ ବର୍ଦ୍ଧିତ ପେନ୍‌ସନ ପାଇବାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ରୋଗରେ ପଡି ଶଯ୍ୟାଶାୟୀ ହେଲେଣି। ଶେଷନିଃଶ୍ୱାସ ତ୍ୟାଗ କରିବା ପୂର୍ବରୁ ସରକାର କାଳବିଳମ୍ବ ନ କରି ସେମାନଙ୍କୁ ବର୍ଦ୍ଧିତ ପେନ୍‌ସନ ପ୍ରଦାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ।

ଗତିକୃଷ୍ଣ ମିଶ୍ର, ଗାନ୍ଧୀନଗର, ୪ର୍ଥ ଗଳି, ବ୍ରହ୍ମପୁର

### ମାଂସ ବିକ୍ରି ଅନ୍ୟତ୍ର ହେଉ

କଟକ ସହର ଉପକଣ୍ଠ କନ୍ଦରପୁର ବଜାର ମଧ୍ୟରେ ମାଂସ ଓ ଚିକେନ୍ ବିକ୍ରି କରାଯାଉଛି। ଫଳରେ ବଜାରରେ ଦୁର୍ଗନ୍ଧମୟ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ତେଣୁ ଏହି ମାଂସ ବଜାରକୁ କିଛି ଦୂରରେ କରାଯିବାକୁ ଦାବି ହେଉଛି।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

### ତଥାପି ବାସି ଅବଢ଼ା

ପ୍ରାୟ ପ୍ରତିବର୍ଷ ମଝିରେ ମଝିରେ ସପରିବାର ମୁଁ ଶ୍ରୀମନ୍ଦିର ଯାଇଥାଏ। ଜଗନ୍ନାଥ ଦର୍ଶନ ପରେ ଅବଢ଼ା ଖାଇ ଘରକୁ ଫେରିଆସେ। କିନ୍ତୁ ମନ୍ଦିରରେ କିଛିବର୍ଷ ହେବ ଠିକ୍ ସମୟରେ ଅବଢା ମିଳୁନାହିଁ। ବାସି ଅବଢ଼ା ବିକ୍ରି ହେଉଛି। ବହୁ ଭକ୍ତ ଅବଢା କିଣି ବାସି ହୋଇଥିବାରୁ ଖାଇ ନ ପାରି ଫୋପାଡି ଦେଉଛନ୍ତି। ଦୀପ ପାଇଁ ଶୁଦ୍ଧ ଘିଅ ବ୍ୟବସ୍ଥା କରିବା ଲାଗି ପ୍ରଶାସନ ନିଷ୍ପତ୍ତି ନେଲେ। ଟଙ୍କ ତୋରାଣି ବନ୍ଦ ନିଷ୍ପତ୍ତି ବିଜ୍ଞାପନ ମାଧ୍ୟମରେ ଭକ୍ତମାନଙ୍କୁ ଜଣାଇ ଦିଆଗଲା। ଏହା ସ୍ୱାଗତଯୋଗ୍ୟ। କିନ୍ତୁ ବାସି ଅବଢା ବିକ୍ରିରେ ରୋକ ନ ଲଗାଗଲେ ଭକ୍ତଙ୍କ ଅସନ୍ତୋଷ ବଢ଼ିବ।

ନିର୍ଭୟ କୁମାର ପାଣି, ବିଜିଗୋଳା, କଣିହା, ଅନୁଗୋଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



"୨୦୧୪ ପରଠୁ କେନ୍ଦ୍ରର ପରିବେଶ ମନ୍ତ୍ରୀମାନେ 'ଅନୁମୋଦନ' ମନ୍ତ୍ରୀ ପାଲଟିଯାଇଛନ୍ତି। ପରିବେଶ ମନ୍ତ୍ରୀ ପ୍ରସ୍ତାବଗୁଡ଼ିକୁ ମଞ୍ଜୁରୀ ପ୍ରଦାନ କରିବା ଅପେକ୍ଷା ପରିବେଶ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବା ଜରୁରୀ।

-ଜୟରାମ ରମେଶ, କଂଗ୍ରେସ ନେତା



## ସଂକ୍ଷେପରେ

### ଯବାନ ଶହୀଦ, ଆତଙ୍କବାଦୀ ନିହତ

**ଶ୍ରୀନଗର,୧୯।୮(ପି.ଟି.):** ଜମ୍ମୁ-କଶ୍ମୀରର କୁପୱାଡ଼ା ଜିଲା ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍ଓସି)ର ଗୁଲାବ ପୋଷ୍ଟରେ ଶନିବାର ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟିଛି। ଏଥିରେ ଜଣେ ଯବାନ ଶହୀଦ ହୋଇଛନ୍ତି। ଅନ୍ୟପକ୍ଷରେ ବାରାମୁଲ୍ଲା ଜିଲାରେ ଜଣେ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଛି ସେନା। କସ୍ତୁରୀ ନାର ଦେଇ ଆତଙ୍କବାଦୀ ଜଣକ ଅନୁପ୍ରବେଶ କରୁଥିବାବେଳେ ଯବାନଙ୍କ ଗୁଳିରେ ନିହତ ହୋଇଥିବା ପ୍ରତିରକ୍ଷା ମୁଖପାତ୍ର ରାଜେଶ କାଲିଆ ସୂଚନା ଦେଇଛନ୍ତି।

### ଆଇଏସ୍ ଲିଙ୍କ୍ କଶ୍ମୀରୀ ଇଞ୍ଜିନିୟରଙ୍କୁ ପ୍ରତ୍ୟର୍ପଣ କଲା ୟୁଏଇ



**ଶ୍ରୀନଗର,୧୯।୮(ପି.ଟି.):** ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ସହ ସମ୍ପର୍କ ଥିବା ଅଭିଯୋଗରେ ଜମ୍ମୁ-କଶ୍ମୀରର ଜଣେ ଯୁବ ଇଞ୍ଜିନିୟରଙ୍କୁ ନିକଟରେ ଭାରତକୁ ପ୍ରତ୍ୟର୍ପଣ କରିଛି ୟୁନାଇଟେଡ୍ ଆରବ୍ ଏମିରେଟ୍ସ (ୟୁଏଇ)। ଶ୍ରୀନଗର ନିକଟସ୍ଥ ଛତାବଲ୍ ଅଞ୍ଚଳର ବାସିନ୍ଦା ୩୬ ବର୍ଷୀୟ ଅହମ୍ମଦ ଜାର୍‌ଗରଙ୍କୁ ଦୁବାଇ ପୋଲିସ ଏପ୍ରିଲ ୨୮ରେ ଗିରଫ କରିଥିଲା। ଉପସାଗରୀୟ ଦେଶରୁ ଗତ ୧୪ ତାରିଖରେ ତାଙ୍କୁ ଭାରତକୁ ଅଣାଯାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଜାର୍‌ଗରଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ସମେତ କେତେକ ସୁରକ୍ଷା ସଂସ୍ଥା ଜେରା କରିବେ। ସିରିଆରେ ଆଇଏସ୍‌ର କାର୍ଯ୍ୟକଳାପକୁ ସୋସିଆଲ ମିଡିଆରେ ସେ ବହୁଳ ଭାବେ ପସନ୍ଦ କରୁଥିଲେ ବୋଲି ଜଣାପଡ଼ିଛି।

### ପାକିସ୍ତାନୀ ବୋଟ୍ ଜବତ, ୯ ଗିରଫ

**ଅହମ୍ମଦାବାଦ,୧୯।୮(ପି.ଟି.):** ଆରବ ମହାସାଗରର ଗୁଜରାଟ ଉପକୂଳରୁ ପାକିସ୍ତାନର ଏକ ମାଛଧରା ବୋଟ୍‌କୁ ଭାରତୀୟ ତଟରକ୍ଷା ବାହିନୀ ଜବତ କରିଛି। ଏଥିସହ ୯ ପାକିସ୍ତାନୀଙ୍କୁ ଗିରଫ କରାଯାଇଛି। ପାକିସ୍ତାନୀ ବୋଟ୍ ଶନିବାର ସନ୍ଧ୍ୟାରେ ଅନ୍ତର୍ଜାତୀୟ ସାମୁଦ୍ରିକ ସୀମାରେଖା ଅତିକ୍ରମ କରି ଭାରତ ପଟକୁ ଆସୁଥିବା ମୀରା ବେହନ୍ ନାମକ ତଟରକ୍ଷା ଜାହାଜ ଜାଣିବାକୁ ପାଇଥିଲା। ଅଲ୍ ଆଶା ନାମକ ପାକିସ୍ତାନୀ ବୋଟ୍‌ରେ ୯ ଜଣ ଥିଲେ। ବୋଟ୍ ସହ ସେମାନଙ୍କୁ ଗିରଫ କରାଯାଇ ଦ୍ୱାରକା ଜିଲା ଓଖା ବନ୍ଦରକୁ ନିଆଯିବା ପରେ ସ୍ଥାନୀୟ ସାମୁଦ୍ରିକ ପୋଲିସକୁ ହସ୍ତାନ୍ତର କରାଯାଇଥିବା ତଟରକ୍ଷୀ ବାହିନୀ ସୂଚନା ଦେଇଛି।

## ଆଲିଙ୍ଗନ ପରେ ସଫେଇ

# ବହୁତ ସ୍ନେହ ଦେଇଛି ପାକିସ୍ତାନ

**ଚଣ୍ଡିଗଡ଼/ଲାହୋର,୧୯।୮**



**ଭାରତ ଫେରିଲେ ସିଦ୍ଧୁ**

- କ୍ଷମତା ପାଇଁ ଦେଶକୁ ମଧ ବିକିଦେବ କଂଗ୍ରେସ: ସ୍ୱାମୀ
- ଯବାନମାନେ ଶହୀଦ ହେଉଥିବାବେଳେ ପାକ୍ ସେନାମୁଖ୍ୟଙ୍କୁ ଆଲିଙ୍ଗନ କରିବା ଅଶୋଭନୀୟ: ଅମରିନ୍ଦର

ପାକିସ୍ତାନର ସ୍ଥଳସେନା ମୁଖ୍ୟ ଜେନେରାଲ କମର ଜାଭେଦ୍ ବାଜ୍‌ୱାଙ୍କୁ ଆଲିଙ୍ଗନ କରିବା କଂଗ୍ରେସ ନେତା ତଥା ପଞ୍ଜାବର କ୍ୟାବିନେଟ୍ ମନ୍ତ୍ରୀ ନବଜୋତ୍ ସିଂ ସିଦ୍ଧୁଙ୍କୁ ମହଙ୍ଗା ପଡ଼ିଛି। ଭାରତ ନ ଫେରୁଣୁ ତାଙ୍କୁ ଚାରିଆଡେ ସମାଲୋଚନା କରାଯାଉଛି। ଏପରି କି ଖୋଦ୍ ପଞ୍ଜାବ ମୁଖ୍ୟମନ୍ତ୍ରୀ କ୍ୟାପ୍‌ଟେନ ଅମରିନ୍ଦର ସିଂ ମଧ୍ୟ ସିଦ୍ଧୁଙ୍କ ଏଭଳି ଆଚରଣକୁ ନିନ୍ଦା କରିଛନ୍ତି।

ପିଟିଆଇ ଅଧ୍ୟକ୍ଷ ଇମ୍ରାନ ଖାନ୍ ଶନିବାର ପାକିସ୍ତାନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ରାଷ୍ଟ୍ରପତି ଭାବନରେ ଶପଥଗ୍ରହଣ ଉତ୍ସବରେ ପୂର୍ବତନ କ୍ରିକେଟର ସିଦ୍ଧୁ ଜଣେ ମାତ୍ର ଭାରତୀୟ ଅତିଥି ଭାବେ ଯୋଗଦେଇଥିଲେ। ସେଠାରେ ସେ ପାକିସ୍ତାନୀ ସେନା ମୁଖ୍ୟ ବାଜ୍‌ୱାଙ୍କୁ ଆଲିଙ୍ଗନ କରୁଥିବା ଫଟୋ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏଥିସହ ପାକ୍-ଅଧିକୃତ କଶ୍ମୀର (ପିଓକେ) ରାଷ୍ଟ୍ରପତି ମାସୁଦ୍ ଖାନ୍‌ଙ୍କ ନିକଟରେ ସିଦ୍ଧୁ ବସିଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଭାଜପା ପକ୍ଷରୁ କଂଗ୍ରେସକୁ ଟାର୍ଗେଟ କରାଯାଇଛି। ସିଦ୍ଧୁଙ୍କ ଜଘନ୍ୟ ଅପରାଧ ପାଇଁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କ୍ଷମାମାଗନ୍ତୁ ବୋଲି ଭାଜପା ମୁଖପାତ୍ର ସମ୍ବିତ ପାତ୍ର ଦାବି କରିଛନ୍ତି। କେବଳ ସିଦ୍ଧୁ ନୁହନ୍ତି, କଂଗ୍ରେସ ମଧ୍ୟ ଏକ ବିଶ୍ୱାସଘାତକ। ଏମାନେ କ୍ଷମତା ପାଇଁ ନିଜ ଦେଶକୁ ବି ବିକିଦେବେ ବୋଲି ଭାଜପା ଏମ୍‌ପି ସୁବ୍ରମଣ୍ୟମ୍ ସ୍ୱାମୀ ସମାଲୋଚନା କରିଛନ୍ତି। ୨୦୧୩ରେ ପାକିସ୍ତାନ ଜେଲରେ ପ୍ରାଣ ହରାଇଥିବା ସରବଜିତ୍ ସିଂଙ୍କ ଭଉଣୀ ଦଲବୀର କୌର କହିଛନ୍ତି, ସିଦ୍ଧୁ ଶପଥଗ୍ରହଣ ଉତ୍ସବକୁ ଯାଇ ନିଜ ଦେଶ ଅପେକ୍ଷା ବନ୍ଧୁତ୍ୱକୁ ଗୁରୁତ୍ୱ ଦେଇଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର କହିଛନ୍ତି, ସୀମାରେ ପାକିସ୍ତାନୀ ସେନାର ଆକ୍ରମଣରେ ପ୍ରତିଦିନ ଆମ ଯବାନମାନେ ଶହୀଦ ହେଉଛନ୍ତି। ଏଭଳି ସମୟରେ ସିଦ୍ଧୁ ବାଜ୍‌ୱାଙ୍କୁ ଆଲିଙ୍ଗନ କରିବା ଦୁର୍ଭାଗ୍ୟଜନକ। ବାଜ୍‌ୱାଙ୍କୁ ସେ ଏତେ ସ୍ନେହ ଦେଖାଇବା ଉଚିତ ନ ଥିଲା ବୋଲି ଅମରିନ୍ଦର ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ସିଦ୍ଧୁ ରବିବାର ୱାଘା-ଅଟ୍ଟାରି ସୀମା ଦେଇ ପାକିସ୍ତାନରୁ ଭାରତକୁ ଫେରିଛନ୍ତି। ଏହି ଅବସରରେ ସେ ସଫେଇ ଦେଇ କହିଛନ୍ତି, ଭାରତରେ ସାରା ଜୀବନ ଯାହା ମିଳିଲା ନାହିଁ ସେ ୨ ଦିନରେ ପାକିସ୍ତାନରେ ତାହା ପାଇଛନ୍ତି। ତାଙ୍କ ଇସ୍‌ଲାମାବାଦ ଗସ୍ତ ପରେ ଭାରତ-ପାକିସ୍ତାନ ସମ୍ପର୍କରେ ସୁଧାର ଆସିବ ଓ ଶାନ୍ତି ଫେରିବ।

## ଗଙ୍ଗାରେ ବିଲୀନ ଅଟଳଙ୍କ ଚିତାଭସ୍ମ



**ହରିଦ୍ୱାର,୧୯।୮(ପି.ଟି.)**

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଚିତାଭସ୍ମ ଗଙ୍ଗାନଦୀରେ ବିଲୀନ ହୋଇଛି। ବାଜପେୟୀଙ୍କ ପରିବାର ସଦସ୍ୟମାନେ ରବିବାର ହରିଦ୍ୱାରର ହର୍ କୀ ପୌଡ଼ିସ୍ଥିତ ଗଙ୍ଗାକୂଳରେ ବୈଦିକ ମନ୍ତ୍ରୋଚ୍ଚାରଣ ସହ ଚିତାଭସ୍ମକୁ ବିସର୍ଜନ କରିଛନ୍ତି।

ନୂଆଦିଲ୍ଲୀସ୍ଥିତ ଏମ୍ସରେ ଗୁରୁବାର ବାଜପେୟୀଙ୍କ ପରଲୋକ ହୋଇଥିଲା। ଶୁକ୍ରବାର ସ୍ମୃତିସ୍ଥଳରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ରବିବାର ଏକ ସ୍ୱତନ୍ତ୍ର ଯାନରେ ତାଙ୍କର ଚିତାଭସ୍ମ ଓ ଅସ୍ଥିକୁ ହରିଦ୍ୱାର ଅଣାଯାଇଥିଲା। ଭାଲ୍ଲା କଲେଜ ପଡ଼ିଆରୁ ୨ କି.ମି. ଯାତ୍ରା କରିବା ପରେ ପୁଷ୍ପ ସଜ୍ଜିତ ଯାନ ହର୍ କୀ ପୌଡ଼ିରେ ପହଞ୍ଚିଥିଲା। ତୀର୍ଥ ପୁରୋହିତ ଅଖିଳେଶ ଶାସ୍ତ୍ରୀଙ୍କ ତତ୍ତ୍ୱାବଧାନରେ ହିନ୍ଦୁ ରୀତିନୀତି ଅନୁସାରେ ସମସ୍ତ ବୈଦିକ କର୍ମ କରାଯାଇଥିଲା। ମନ୍ତ୍ରୋଚ୍ଚାରଣ ଓ 'ଅଟଳଜୀ ଅମର ରହେ' ସ୍ଲୋଗାନ ମଧ୍ୟରେ ବାଜପେୟୀଙ୍କ ପାଳିତା କନ୍ୟା ନମିତା କୌଲ ଭଟ୍ଟାଚାର୍ଯ୍ୟ ଅସ୍ଥି କଳସରୁ ଚିତାଭସ୍ମ ବିସର୍ଜନ କରିଥିଲେ। ନମିତାଙ୍କ ସହ ସ୍ୱାମୀ ରଞ୍ଜନ ଭଟ୍ଟାଚାର୍ଯ୍ୟ ମଧ୍ୟ ଏଥିରେ ସାମିଲ ଥିଲେ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ୍‌ଙ୍କ ସମେତ ଅନେକ ନେତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଥିପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

# କେରଳ ପରେ କର୍ଣ୍ଣାଟକ, ତାମିଲନାଡୁ

**ବାଙ୍ଗାଲୋର/ଚେନ୍ନାଇ, ୧୯।୮ (ପି.ଟି.)**

**କର୍ଣ୍ଣାଟକ ବର୍ଷାରେ ୬ ମୃତ**

କେରଳରୁ ବନ୍ୟା ସ୍ଥିତି ସୁଧୁରି ନ ଥିବାବେଳେ କର୍ଣ୍ଣାଟକ ଏବଂ ତାମିଲନାଡୁରେ ମଧ୍ୟ ରବିବାର ବନ୍ୟା ସ୍ଥିତି ଜଟିଳ ରୂପ ଧାରଣ କରିଛି। ପ୍ରବଳ ବର୍ଷା ଯୋଗୁ କର୍ଣ୍ଣାଟକର କୋଡାଗୁ ଜିଲାରେ ସ୍ଥିତି ଗମ୍ଭୀର ହୋଇପଡ଼ିଛି। ଜିଲାରେ ବନ୍ୟା ଏବଂ ଭୂସ୍ଖଳନ ଯୋଗୁ ୬ ଜଣ ପ୍ରାଣ ହରାଇଛନ୍ତି। ୩୫୦୦ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ରବିବାର ବନ୍ୟାଞ୍ଚଳ ପରିଦର୍ଶନ କରି ଉକ୍ତ ଅଞ୍ଚଳରେ ହିଁ କ୍ୟାମ୍ପ୍ କରି ରହିଛନ୍ତି। ସ୍ଥିତିର ଗମ୍ଭୀରତା ବିଷୟରେ ଜାଣିବା ପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀଙ୍କୁ ଫୋନ୍ କରି ସ୍ଥିତି ସମୀକ୍ଷା କରିଛନ୍ତି। କେନ୍ଦ୍ର ସରକାରଙ୍କ ତରଫରୁ ରାଜ୍ୟକୁ ସବୁସମ୍ଭବ ସହଯୋଗ ଯୋଗାଇ ଦିଆଯିବ ବୋଲି ମୋଦି ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରବଳ ବର୍ଷା ଯୋଗୁ ତାମିଲନାଡୁର ମେଟ୍ଟୁର ଏବଂ ଭବାନୀସାଗର ଡ୍ୟାମ୍‌ରୁ ବନ୍ୟାଜଳ ଛଡ଼ାଯିବା ପରେ ତଳିଆ ଅଞ୍ଚଳରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏରୋଡ୍ ଜିଲା ଏବଂ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ ମାତ୍ରାରେ ଫସଲ ନଷ୍ଟ ହୋଇଛି। ମୁଖ୍ୟମନ୍ତ୍ରୀ କେ. ପାଲାନିସାମୀ ରବିବାର ବନ୍ୟାଞ୍ଚଳ ପରିଦର୍ଶନ କରି ନଷ୍ଟ ହୋଇଥିବା ଫସଲର କ୍ଷତିପୂରଣ ଦିଆଯିବ ବୋଲି କୃଷକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଆରମ୍ଭ ହେଲା ହଜ୍‌ଯାତ୍ରା

**ମକ୍କା,୧୯।୮(ପି.ଟି.)**

ଆରମ୍ଭ ହେଲା ପବିତ୍ର ହଜ୍ ଯାତ୍ରା। ଇସ୍‌ଲାମ ଧର୍ମାବଲମ୍ବୀଙ୍କ ଏହି ପବିତ୍ର ତୀର୍ଥଯାତ୍ରା ପାଇଁ ବିଶ୍ୱର କୋଣ ଅନୁକୋଣରୁ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସୌଦିଆରବର ମକ୍କା ସହରରେ ରବିବାର ରୁଣ୍ଡ ହୋଇଛନ୍ତି। ୬ ଦିନିଆ ତୀର୍ଥଯାତ୍ରା ସୁଗମ ଢଙ୍ଗରେ ସମ୍ପନ୍ନ କରିବା ଲାଗି ସୌଦିଆରବ ସରକାରଙ୍କ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପ୍ରକାଶ ଯେ, ହଜ୍ ଯାତ୍ରାକୁ ବିଶ୍ୱର ସର୍ବବୃହତ୍ ଜନସମାଗମ ବୋଲି କୁହାଯାଏ।

## ଫୁର୍‌ସତ

# ସୌରମଣ୍ଡଳ ବାହାରେ 'ଜଳଜଗତ'

**ବୋଷ୍ଟନ:** ସୌରମଣ୍ଡଳ ବାହାରେ ପୃଥିବୀ ଆକୃତିର ୨ରୁ ୪ଗୁଣ ବିଶିଷ୍ଟ ଅନେକ ଗ୍ରହ ରହିଛି। ସେଗୁଡିକରେ ପ୍ରଚୁର ପରିମାଣ ଜଳ ଥିବା ଅନୁମାନ କରାଯାଉଛି। ଏହାଦ୍ୱାରା ଆମ ଗାଲାକ୍ସିରେ ଏଲିଏନ୍ ଅନୁସନ୍ଧାନ ସହଜ ହୋଇପାରିବ ବୋଲି ବୈଜ୍ଞାନିକମାନେ ଆଶା କରିଛନ୍ତି। ଏକ୍ସୋପ୍ଲାନେଟ୍-ହଣ୍ଟିଂ କେପ୍‌ଲର ସ୍ପେସ୍ ଟେଲିସ୍କୋପ୍ ଏବଂ ଗାଇଆ ମିଶନ୍ ଦ୍ୱାରା ସଂଗୃହୀତ ତଥ୍ୟରୁ ପୃଥିବୀ ବାହାରେ ଅଧିକାଂଶ ଗ୍ରହରେ ସର୍ବାଧିକ ୫୦% ଜଳ ଥିବା ସୂଚନା ମିଳେ। ଏହା ପୃଥିବୀରେ ଥିବା ଜଳର ୦.୦୨%ଠାରୁ ଖୁବ୍ ଅଧିକ ବୋଲି ଗବେଷକମାନେ କହିଛନ୍ତି। ଏ ସମ୍ପର୍କରେ ଆମେରିକାସ୍ଥିତ ହାର୍ଭାର୍ଡ



ୟୁନିଭର୍ସିଟିର ଗବେଷକ ଲି ଜେଙ୍ଗ୍ କହନ୍ତି, ସୌରମଣ୍ଡଳ ବାହାରେ ଅନେକ ଜଳଜଗତ ଥିବା ବିଷୟ ଆଶ୍ଚର୍ଯ୍ୟଜନକ। ପୃଥିବୀ ବାହାରେ ଏଭଳି ୪,୦୦୦ ଗ୍ରହ ଆବିଷ୍କାର ହୋଇଛି। ସେଗୁଡ଼ିକ ମଧ୍ୟରୁ କେତେକ ପୃଥିବୀ ଆକୃତିର ୨ଗୁଣ। ସେଗୁଡିକର ବ୍ୟାସାର୍ଦ୍ଧ ପୃଥିବୀର ହାରାହାରି ୧.୫ ଗୁଣ ଏବଂ ଆଉ କେତେର ବ୍ୟାସାର୍ଦ୍ଧ ପୃଥିବୀର ପ୍ରାୟ ୨.୫ଗୁଣ। ଗାଇଆ ଉପଗ୍ରହରୁ ତଥ୍ୟ ଅନୁଯାୟୀ, ବୈଜ୍ଞାନିକମାନେ ଗ୍ରହଗୁଡିକର ବସ୍ତୁତ୍ୱ ଏବଂ ବ୍ୟାସାର୍ଦ୍ଧ ବିଶ୍ଲେଷଣ କରି ସେଗୁଡିକର ଆଭ୍ୟନ୍ତରୀଣ ଗଠନର ଏକ ମଡେଲ୍ ବିକାଶ କରିଛନ୍ତି। ଏହା ମୁତାବକ ଯେଉଁ ଗ୍ରହର ବ୍ୟାସାର୍ଦ୍ଧ ପୃଥିବୀର ୧.୫ ଗୁଣ ସେଭଳି ଗ୍ରହ ପଥୁରିଆ ହୋଇଥିବା ବେଳେ ଯେଉଁ ଗ୍ରହର ବ୍ୟାସାର୍ଦ୍ଧ ପୃଥିବୀର ୨.୫ଗୁଣ ସେଗୁଡିକ ସମ୍ଭବତଃ ଜଳଜଗତ (ପୃଥିବୀ ବସ୍ତୁତ୍ୱର ୧୦ଗୁଣ) ବୋଲି ଜେଙ୍ଗ୍ ପ୍ରକାଶ କରିଛନ୍ତି।

# ତମାଖୁ ନିୟନ୍ତ୍ରଣ ପାଇଁ ଜାତିସଂଘ ପୁରସ୍କାର

**ନୂଆଦିଲ୍ଲୀ:** ଦିଲ୍ଲୀ ସରକାରଙ୍କ ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଏସ୍.କେ. ଆରୋରାଙ୍କୁ ସମ୍ମାନଜନକ 'ହୁ ୱାର୍ଲ୍ଡ ନୋ ଟବାକୋ ଡେ-୨୦୧୮' ପୁରସ୍କାର ପ୍ରଦାନ କରାଯାଇଛି। ତମାଖୁ ନିୟନ୍ତ୍ରଣ କ୍ଷେତ୍ରରେ ତାଙ୍କର ଅସାଧାରଣ ଅବଦାନ ଲାଗି ତାଙ୍କୁ ଜାତିସଂଘର ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଅଗଷ୍ଟ ୧୬ରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଭାରତ ମୁଖ୍ୟ ହେଙ୍କ୍ ବେକେଡାମ୍ ଆରୋରାଙ୍କୁ ସମ୍ମାନିତ କରିଛନ୍ତି। ଭାରତ ସରକାରଙ୍କ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ନୀତି-୨୦୧୭ ଅନୁଯାୟୀ ୨୦୨୦ ସୁଦ୍ଧା ଭାରତରେ ତମାଖୁ ବ୍ୟବହାର ୧୫% ଏବଂ ୨୦୨୫ ସୁଦ୍ଧା ୩୦% ହ୍ରାସ ପାଇବ ବୋଲି ଲକ୍ଷ୍ୟ ରଖାଯାଇଛି। ଗ୍ଲୋବାଲ ଆଡଲ୍ଟ ଟବାକୋ ସର୍ଭେ-୨(ଗାଟ୍ସ-୨, ୨୦୧୬-୧୭) ଅନୁସାରେ ଭାରତର ଅନ୍ୟାନ୍ୟ ଅଞ୍ଚଳରେ ତମାଖୁ ବ୍ୟବହାର ୧୭% ହ୍ରାସ ପାଇଥିବା ବେଳେ ସେହି ତୁଳନାରେ ଦିଲ୍ଲୀରେ ୨୭% ହ୍ରାସ ପାଇଛି।

## ଇତିହାସର ଆଇନାରେ

### ଅଗଷ୍ଟ ୨୦ର ପ୍ରମୁଖ ଘଟଣା

୧୯୬୦ ଅଗଷ୍ଟ ୨୦ରେ ମାଲି ଫେଡେରେଶନ୍‌ରୁ ଅଲଗା ହୋଇ ସେନିଗାଲ୍ ସ୍ୱାଧୀନତା ହାସଲ କରିଥିଲା। ଫ୍ରେଞ୍ଚ୍ କଲୋନି ଏବଂ ସୁଦାନ ପ୍ରଜାତନ୍ତ୍ରକୁ ନେଇ ପ୍ରତିଷ୍ଠିତ ମାଲି ଫେଡେରେଶନ୍ ପଶ୍ଚିମ ଆଫ୍ରିକାର ଏକ ଦେଶ ଥିଲା। ଏହା ଫ୍ରାନ୍ସର ପ୍ରତ୍ୟକ୍ଷ ଶାସନାଧୀନ ଥିଲା। ମାତ୍ର ଦୁଇମାସ ଏହା ସ୍ୱତନ୍ତ୍ର ଦେଶ ହୋଇ ରହିଥିଲା। ୧୯୫୯ ଏପ୍ରିଲ ୪ରେ ଏହା ପ୍ରତିଷ୍ଠାତା ହୋଇଥିଲା।

୨୦୦୮ ଅଗଷ୍ଟ ୨୦ରେ ସ୍ପେନ୍‌ର ସ୍ପାନ୍ଏୟାର୍ ଫ୍ଲାଇଟ୍ ୫୦୨୨ ନାମକ ଏକ ବିମାନ ଦୁର୍ଘଟଣା ଯୋଗୁ ୧୫୪ ଜଣଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ସମୟରେ ୧୪୬ ଜଣ ପ୍ରାଣ ହରାଇଥିବାବେଳେ ପରବର୍ତ୍ତୀ ସମୟରେ ୮ ଜଣଙ୍କ ମୃତ୍ୟୁ ହୋଇଥିଲା। ୧୮ ଜଣ ଯାତ୍ରୀ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ବିମାନଟି ମାଡ୍ରିଡ୍-ବାରାଜସ୍ ବିମାନବନ୍ଦରରୁ ଗ୍ରାନ୍ କାନାରିଆ ବିମାନବନ୍ଦର ଅଭିମୁଖେ ଯାତ୍ରା କରୁଥିଲା।




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୦ | ୨୫.୯ |
| ଚାନ୍ଦବାଲି | ୩୪.୦ | ୨୭.୨ |
| କଟକ | ୩୩.୨ | ୨୩.୮ |
| ପାରାଦ୍ୱୀପ | ୩୩.୭ | ୨୭.୭ |
| ଭୁବନେଶ୍ୱର | ୩୩.୫ | ୨୫.୨ |
| ଗୋପାଳପୁର | ୩୪.୫ | ୨୬.୪ |
| ପୁରୀ | ୩୩.୦ | ୨୬.୦ |
| ଅନୁଗୋଳ | ୩୩.୧ | ୨୧.୬ |
| ବାରିପଦା | ୩୪.୨ | ୨୭.୬ |
| ଝାରସୁଗୁଡ଼ା | ୩୪.୫ | ୨୫.୦ |
| କେନ୍ଦୁଝର | ୩୨.୦ | ୨୩.୮ |
| ସମ୍ବଲପୁର | ୩୩.୮ | ୨୧.୧ |
| ସୁନ୍ଦରଗଡ଼ | ୩୪.୦ | ୨୧.୦ |
| ହୀରାକୁଦ | ୩୨.୬ | ୧୯.୯ |
| ତାଳଚେର | --- | ୨୫.୫ |
| ଭବାନୀପାଟଣା | ୩୨.୦ | ୨୫.୪ |
| ବଲାଙ୍ଗୀର | ୩୩.୩ | ୨୫.୨ |
| କୋରାପୁଟ | ୨୪.୦ | ୨୦.୦ |
| ଫୁଲବାଣୀ | ୩୦.୫ | ୨୧.୪ |
| ଟିଟିଲାଗଡ଼ | --- | ୨୨.୫ |
| ମାଲକାନଗିରି | ୨୬.୫ | ୨୪.୬ |
| ସୋନପୁର | ୩୩.୬ | ୨୩.୦ |
| ଦାରିଙ୍ଗିବାଡ଼ି | ୨୮.୫ | ୧୯.୫ |
| ଢେଙ୍କାନାଳ | --- | ୨୪.୬ |

ଡିଗ୍ରୀ ସେଲ୍‌ସିୟସ୍

# 'କେବିସି' ଶୁଟିଂ ଆରମ୍ଭ

**ମୁମ୍ବାଇ:** ମେଗାଷ୍ଟାର ଅମିତାଭ୍ ବଚ୍ଚନ ପୁଣିଥରେ ତାଙ୍କର ହିଟ୍ ଗେମ୍ ଶୋ 'କୌନ ବନେଗା କରୋଡପତି' (କେବିସି) ୧୦ମ ସିଜନ୍‌ର ଶୁଟିଂ ଆରମ୍ଭ କରିଛନ୍ତି। ୭୫ ବର୍ଷୀୟ ଏହି ସୁପରଷ୍ଟାର ଏକ ନୂଆ ବ୍ଲଗ୍ ପୋଷ୍ଟରେ ବିଗତ ଦିନର ସ୍ମୃତିଚାରଣ କରିଛନ୍ତି। ଏଭଳି ଏକ ମେଗା କାର୍ଯ୍ୟକ୍ରମ ୨୦୦୦ରେ ପ୍ରଥମକରି ଆରମ୍ଭ ହୋଇଥିଲା। ଅମିତାଭ୍ ତାଙ୍କ ବ୍ଲଗ୍‌ପୋଷ୍ଟରେ ଉଲ୍ଲେଖ କରିଛନ୍ତି-'କେବିସିର ପ୍ରଥମ ଦିନର ଶୁଟିଂ ବେଶ୍ ଆଶଙ୍କାଭରା ଥିଲା। ଏଥିପାଇଁ ଖୁବ୍ ନର୍ଭସ ବି ଲାଗୁଥିଲା। ୟା' ଭିତରେ କେବିସିକୁ ୧୮ବର୍ଷ ହେଲାଣି। ୧୦ମ ସିଜିନ୍ ଆରମ୍ଭ ହୋଇଛି। ଶୁଟିଂର ଅଧିକାଂଶ ଭାଗ ମୋ ସହ ଜଡିତ ରହୁଥିଲେ ବି କିଛି ବିଷୟ ଅଜ୍ଞାତ ମନେହେଉଛି।' ଯଦିଓ ଶୋ ପାଇଁ କେତେକ ଶୁଟିଂ 'ହତୋତ୍ସାହଜନକ' ଏବଂ 'ଖୁବ୍ କଷ୍ଟସାଧ୍ୟ' ମନେହୁଏ ତଥାପି ଦର୍ଶକଙ୍କ ପକ୍ଷରୁ କ୍ରମାଗତ ସମର୍ଥନ ଏଥିପାଇଁ ସହାୟକ ହୋଇପାରିବ। ଏହାକୁ ପାଥେୟ କରି ଦୀର୍ଘ ୧୮ବର୍ଷ ପରେ ବି ଏପରି ଏକ କାର୍ଯ୍ୟକ୍ରମ ପୁଣି ଆରମ୍ଭ ହେବାକୁ ଯାଉଛି। ଭାରତର ବିଭିନ୍ନ ଅଞ୍ଚଳର ଲୋକଙ୍କୁ ଜାଣିବା ଏବଂ ଭେଟିବାର ଅବସର ଏଥିରେ ମିଳେ। କେତେକ ଲୋକଙ୍କ ସଂଗ୍ରାମର କାହାଣୀ ଏବଂ ଜୀବନଯାପନ ପରିସ୍ଥିତି ଖୁବ୍ ହୃଦୟବିଦାରକ। ତେବେ ଉକ୍ତ ଗେମ୍‌ରେ ସେମାନେ ସଫଳ ହେବାର ସମୟ ଏବଂ ସବୁ ଦୁଃଖ ଓ ଅବସାଦ ଅପସରି ଯିବାର ମୁହୂର୍ତ୍ତ ଅତ୍ୟନ୍ତ ସନ୍ତୋଷଜନକ। ପ୍ରତ୍ୟେକଙ୍କ ଜୀବନରେ ପରିବର୍ତ୍ତନ ଘଟେ। ପରିବର୍ତ୍ତନକାରୀର ଭୂମିକା କେବିସି ନିର୍ବାହ କରୁଥିବାରୁ ଏହି ଗେମ୍ ଶୋ ସହ ଜଡିତ ବ୍ୟକ୍ତିବିଶେଷ ଅଧିକ ସମ୍ମାନାସ୍ପଦ ମନେହୁଅନ୍ତି ବୋଲି ଅମିତାଭ୍ ପ୍ରକାଶ କରିଛନ୍ତି।





**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



“ ଯେଉଁ ଲୋକ ତା'ର କର୍ତ୍ତବ୍ୟ ନିଷ୍ଠାପର ଭାବେ କରିଯାଉଛି,
ତାହାର ଅନ୍ୟ ବିରୋଧରେ ଅଭିଯୋଗ ରହି ନ ପାରେ।
- ପିଥାଗୋରାସ୍



## ସଂକ୍ଷେପରେ

### ଦୟାମଣୀ ବୃଦ୍ଧାଶ୍ରମରେ ବୃକ୍ଷରୋପଣ

ସମ୍ବଲପୁର,୧୯।୮(ବ୍ୟୁରୋ)
ପାଟଣେଶ୍ୱରୀ ବାଇ ମେମୋରିଆଲ ଟ୍ରଷ୍ଟ ଓ ସମ୍ବଲପୁର ରୋଟାରୀ କ୍ଲବ ୱେଷ୍ଟ ପକ୍ଷରୁ ଦୁର୍ଗାପାଲି ସ୍ଥିତ ଦୟାମଣୀ ବୃଦ୍ଧାଶ୍ରମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ରାଜ୍ୟସଭା ଏମ୍‌ପି ପ୍ରମିଳା ବହିଦାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରୋଟାରୀ କ୍ଲବ ସଭାପତି ସୁନିଲ ଅଗ୍ରୱାଲ, ସମ୍ପାଦକ ଦିନେଶ ପୌଦାର, ଅଶୋକ ଅଗ୍ରୱାଲ, ସନ୍ତୋଷଦେବୀ ଟିବ୍ରିୱାଲ, ସୁରେଶ ଟିବ୍ରିୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶିକ୍ଷାବିତ ବୃନ୍ଦାବନ ପଟେଲଙ୍କ ପୂର୍ଣ୍ଣତିଥି ପାଳିତ

ସମ୍ବଲପୁର,୧୯।୮(ବ୍ୟୁରୋ)
ଶିକ୍ଷାବିତ ପ୍ରଫେସର ବୃନ୍ଦାବନ ପଟେଲଙ୍କ ଦ୍ୱିତୀୟ ପୂର୍ଣ୍ଣତିଥି ରବିବାର ସ୍ୱାଧୀନତା ସଂଗ୍ରାମୀ ସ୍ମୃତିଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ପ୍ରଫେସର ପଙ୍କଜ ପଟେଲ ମୁଖ୍ୟ ଅତିଥି, ଡ. ଶ୍ରୀବନ୍ତ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଆଧୁନିକତା ଓ ଆଧ୍ୟାତ୍ମିକତାର ଏକ ତୁଳନାତ୍ମକ ତଥା ଗବେଷଣାମୂଳକ ଅଧ୍ୟୟନର ରୂପରେଖ ବିଷୟରେ କହିଥିଲେ। କୁଞ୍ଜବନ ପଟେଲ ସ୍ୱାଗତ ଭାଷଣ, ଡ. ବିଜୟ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ଟାଙ୍ଗିପଡା ହନୁମାନ ମନ୍ଦିରଠାରେ ବୃକ୍ଷରୋପଣ

ସମ୍ବଲପୁର,୧୯।୮(ବ୍ୟୁରୋ)
ସମ୍ବଲପୁର ମହାନଗର ନିଗମ ହୀରାକୁଦ ଟାଙ୍ଗିପଡ଼ା ହନୁମାନ ମନ୍ଦିର ପରିସରରେ ରବିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାୟନ୍ସ କ୍ଲବ ଅଫ୍ ହୀରାକୁଦ ରୟାଲ୍ସ ଆୟୋଜନରେ କାର୍ଯ୍ୟକ୍ରମ ହୋଇଥିଲା। କ୍ଲବ ପ୍ରକଳ୍ପ ଅଧ୍ୟକ୍ଷ ଯୁଧିଷ୍ଠିର ରଣା ବୃକ୍ଷରୋପଣର ନେତୃତ୍ୱ ନେଇଥିଲେ। ଜୋନ ଅଧ୍ୟକ୍ଷ ବସନ୍ତ କୁମାର ମେକୁଫ, କ୍ଲବ ସଭାପତି ଏମଏସଏଚ ବେଗଙ୍କ ସମେତ ସଭ୍ୟମାନେ ସାମିଲ ହୋଇଥିଲେ।

### ଗୁଡେଶ୍ୱର ମନ୍ଦିରରେ ସାୱନ୍ ମେଳା

ସମ୍ବଲପୁର,୧୯।୮(ବ୍ୟୁରୋ)
ଦୁର୍ଗାପାଲି ଗୁଡେଶ୍ୱର ମନ୍ଦିର ପରିସରରେ ଅଖିଳ ଭାରତୀୟ ମହିଳା ସମ୍ମିଳନୀ ପକ୍ଷରୁ ସାୱନ୍ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଭ୍ୟାମାନେ ଗୁଡେଶ୍ୱରଙ୍କ ପୂଜାର୍ଚ୍ଚନା କରିବା ସହ ଦୋଳିରେ ଝୁଲିଥିଲେ। ଏଥିସହ ମନ୍ଦିର ପରିସରରେ ଚାରା ରୋପଣ କରିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷା ଶଶି ଅଗ୍ରୱାଲ ଓ ସଚିବ ବିନ୍ଦୁ ଅଗ୍ରୱାଲଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂର୍ବତନ ଅଧ୍ୟକ୍ଷା ମିନାକ୍ଷୀ ଅଗ୍ରୱାଲ, ଉଷା ଅଗ୍ରୱାଲ, ମଞ୍ଜୁ ଅଗ୍ରୱାଲ, ପୁନମ ଅଗ୍ରୱାଲ, ଆଶା ଅଗ୍ରୱାଲ, ନୁମାଲ ଅଗ୍ରୱାଲ, ମଧୁ ଅଗ୍ରୱାଲ, ସାରିକା ଅଗ୍ରୱାଲ, ଅର୍ଚ୍ଚନା ଅଗ୍ରୱାଲ, କ୍ରିଷ୍ଣା ଅଗ୍ରୱାଲ, ଉମା ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପଲିଥିନ ତଳେ ଚାଲିଛି ଆରଆଇ ଅଫିସ

ମାନେଶ୍ୱର,୧୯।୮(ଡି.ଏନ.ଏ)



ସମ୍ବଲପୁର ଜିଲା ଝୁଝୁମୁରା ଆରଆଇ ଅଫିସ ପଲିଥନ ଘୋଡାଇ ରଖାଯାଇଛି।

- ସ୍ଥାନାନ୍ତରଣ ନେଇ ହୋଇଥିଲା ପ୍ରସ୍ତାବ
- ବର୍ଷେ ବିତିଲା, କାର୍ଯ୍ୟକାରୀ ହୋଇନାହିଁ
- ବର୍ଷାରେ ଭିଜୁଛନ୍ତି ଲୋକେ
- ନଷ୍ଟ ହେବ ସରକାରୀ ରେକର୍ଡ

ପ୍ରାକୃତିକ ବିପର୍ଯ୍ୟୟ ଓ ଦୈବି ଦୁର୍ବିପାକଜନିତ କ୍ଷୟକ୍ଷତି ଆକଳନ ଓ ରିଲିଫ ବଣ୍ଟନ କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି ରାଜସ୍ୱ ଅଧିକାରୀ ଓ କର୍ମଚାରୀ। ରିଲିଫ୍ ସାମଗ୍ରୀ ସଂରକ୍ଷିତ ଓ ଏହାର ସଠିକ୍ ବିନିଯୋଗର ଗୁରୁଦାୟିତ୍ୱ ତହସିଲ ଓ ଆରଆଇ ଅଫିସ ବହନ କରିଥାଏ। ଏପରି ସ୍ଥଳେ ଅଫିସ ସବୁଦୃଷ୍ଟିରୁ ସୁରକ୍ଷିତ ରହିବା ଜରୁରୀ। ସରକାର ଏ ଦିଗ ପ୍ରତି ଯତ୍ନବାନ ହେବା ଆବଶ୍ୟକ। ମାତ୍ର ବିଡ଼ମ୍ବନାର ବିଷୟ, ସମ୍ବଲପୁର ଜିଲା ଝୁଝୁମୁରା ଆରଆଇ ଅଫିସ ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ବର୍ତ୍ତମାନ ଲଗାଣ ବର୍ଷାରେ ପଲିଥିନର ଚାଦର ତଳେ ଚାଲିଛି ଜରୁରୀକାଳୀନ କାର୍ଯ୍ୟ। ଘର ଛାତରୁ ପାଣି ଗଳିବାରୁ ଏଭଳି ବ୍ୟବସ୍ଥା କରାଯାଇଛି। ତେବେ ଏଥିଯୋଗୁ ସରକାରୀ କାଗଜପତ୍ର ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଏହି ଗୁରୁତ୍ୱପୂର୍ଣ୍ଣ ଅଫିସରେ ୨ ଛୋଟ କୋଠରୀ ରହିଛି। ଅଫିସକୁ ସ୍କୁଲ ପିଲାଠୁ ଆରମ୍ଭ କରି ସମସ୍ତ ବର୍ଗର ଲୋକେ ବିଭିନ୍ନ କାମ ପାଇଁ ଆସୁଛନ୍ତି। ଲୋକଙ୍କ ବସିବା ପାଇଁ ଜାଗା ନ ଥିବାରୁ ବର୍ଷାରେ ବାହାରେ ଛିଡ଼ା ହୋଇ ରହୁଛନ୍ତି। ସରକାର ଏହି ବ୍ଲକରେ ଅନେକ ଉନ୍ନୟନମୂଳକ କାମ କରୁଛନ୍ତି। ମାତ୍ର ଅତିଆବଶ୍ୟକ ଆରଆଇ ଅଫିସର ଉନ୍ନତୀକରଣ ପ୍ରତି ଦୃଷ୍ଟି ଦେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଅଫିସ ଅଧୀନରେ ଝୁଝୁମୁରା, ଲିପିଣ୍ଡା, କୟାକୁଦ, ବୀରସିଂଗଡ଼, କଂସର, ଝାଙ୍କରପାଲି ପଞ୍ଚାୟତର ୪୫ରୁ ଊର୍ଦ୍ଧ୍ୱ ରାଜସ୍ୱ ଗ୍ରାମ ରହିଛି। ଏହି କାରଣରୁ ଆରଆଇ ଅଫିସ ତହସିଲ ଅଫିସ କୋଠାକୁ ସ୍ଥାନାନ୍ତର ନେଇ ସାଧାରଣରେ ଦାବି ହୋଇଥିଲା। ସରପଞ୍ଚମାନେ ପଞ୍ଚାୟତ ସମିତିରେ ଏହା ଗୃହୀତ ମଧ୍ୟ ହୋଇଥିଲା। କେବଳ ଝୁଝୁମୁରା ସରପଞ୍ଚ ବିରୋଧ କରିଥିଲେ। ଏହାକୁ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ଅଫିସ ସ୍ଥାନାନ୍ତର ହୋଇପାରିନାହିଁ। ଏଭଳି ପରିସ୍ଥିତିରେ ଅଫିସ ମଧ୍ୟରେ ନେଟ୍ ସୁବିଧା ଉପଲବ୍ଧ ନ ଥିବାରୁ ଅନଲାଇନ କାର୍ଯ୍ୟ ବନ୍ଦ ରହିଛି। ଏ ସମ୍ପର୍କରେ ଉପଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ପଚାରିବାରେ ଶୀଘ୍ର ଅଫିସକୁ ନୂତନ ରୂପ ଦିଆଯିବ କହିଛନ୍ତି।



### ଏଆଇସିସି ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

ରେଢ଼ାଖୋଲ,୧୯।୮(ଡି.ଏନ.ଏ.)
ଅଖିଳ ଭାରତୀୟ କଂଗ୍ରେସ କମିଟିର ସମ୍ପାଦକ ଡ.ବିଶ୍ୱରଞ୍ଜନ ମହାନ୍ତି ଓ ଯୁବ କଂଗ୍ରେସ ସମ୍ପାଦକ ଡ. ସ୍ମୃତିରଞ୍ଜନ ଲେଙ୍କାଙ୍କୁ ରବିବାର ରେଢ଼ାଖୋଲରେ ସମ୍ବର୍ଦ୍ଧନା ଦିଆଯାଇଛି। ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ ଯୋଗଦେବାକୁ ମହାନ୍ତି ଆସିଥିଲା ବେଳେ ରେଢ଼ାଖୋଲ ବିଧାନସଭା ନିର୍ବାଚନ ମଣ୍ଡଳୀର ଶତାଧିକ କଂଗ୍ରେସ କର୍ମୀ ଲୁହାପଙ୍କ ଛକରେ ସମବେତ ହୋଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କଂଗ୍ରେସ ନେତା ଆସଫ ଅଲି ଖାନ, ବରୁଣ ଦେହୁରୀ, ଉଗ୍ରସେନ ଦେହୁରୀ, ଗୌରୀ ଶଙ୍କର ପାତ୍ର, ସୁନିଲ ପ୍ରଧାନ, ଅମରେଶ ପ୍ରଧାନ, ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ସମେତ ନାକଟିଦେଉଳ, ଝୁଝୁମୁରା, ରେଢ଼ାଖୋଲ ଓ ମାନେଶ୍ୱରର ବହୁ କର୍ମୀ ଉପସ୍ଥିତ ଥିଲେ।



ସଫେଇ କାର୍ଯ୍ୟକ୍ରମରେ ନିୟୋଜିତ ବିଜୁ ଯୁବ ବାହିନୀର ସଭ୍ୟା ସଭ୍ୟ।

## ବିଜୁ ଯୁବବାହିନୀ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ଜମନକିରା,୧୯।୮(ଡି.ଏନ୍.ଏ.)
ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ବଡ଼ମାଲ ପଞ୍ଚାୟତ ବଞ୍ଜାରୀ ପ୍ରାଥମିକ ଚିକିତ୍ସା କେନ୍ଦ୍ର ପରିସରକୁ ବିଜୁ ଯୁବ ବାହିନୀ ପକ୍ଷରୁ ସଫେଇ କରାଯାଇଛି। ଏଥିରେ ବଡ଼ମାଲ ସରପଞ୍ଚ କୁନିମା ନାଏକ ଯୋଗ ଦେଇଥିଲେ। ବିଜୁ ଯୁବ ବାହିନୀର ସଭାପତି ଦିଲୀପ ବଗାର, ସିପନ ଦେହୁରୀ, ଗୀତାଞ୍ଜଳି ଦାସ, ନମିତା ମେହେର, ପୁଷ୍ପଲତା ବେହେରା, ସୁରେନ୍ଦ୍ର ବେହେରା, ରୀନା ଦାସ, ସନ୍ଧ୍ୟାରାଣୀ ହଂସ, ମମତା ମାଝୀ, ଚନ୍ଦ୍ରମୟୀ ନାଏକ ପ୍ରମୁଖ ଯୁବତୀ ସଭ୍ୟା ଓ କୃଷ୍ଣ ମାଝୀ, ସଞ୍ଜୀବ ପଟେଲ, ଦେବେନ୍ଦ୍ର ନାଏକ, ଶଙ୍କର ମାଝୀ ଓ ମିତ୍ରଭାନୁ ନାଏକ ଯୁବକ ସଭ୍ୟମାନେ ସାମିଲ ହୋଇଥିଲେ।

### ଅଙ୍ଗନୱାଡି ଲେଡିସ ୱାର୍କର୍ସ ସଂଘ ବୈଠକ

ସମ୍ବଲପୁର,୧୯।୮(ବ୍ୟୁରୋ)
ଭାରତୀୟ ମଜଦୁର ସଂଘ ପରିଚାଳିତ ଅଙ୍ଗନୱାଡି ଲେଡିସ ୱାର୍କର୍ସ ଏସୋସିଏଶନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ଶାନ୍ତିନଗର ଚିନ୍ମୟ ବିହାରରେ ଆୟୋଜିତ ବୈଠକରେ ମଜଦୁର ସଂଘ କାର୍ଯ୍ୟକାରୀ ସଭାପତି ବିଭୂତି ଭୂଷଣ ପଡ଼ିଆରୀ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ସେପ୍ଟେମ୍ବର ୭ ତାରିଖ ବିଧାନସଭା ଘେରାଉକୁ ସଂଘ ପକ୍ଷରୁ ସମ୍ପୂର୍ଣ୍ଣ ସମର୍ଥନ କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ବିମଳ କୁମାର ନାଥ, କୋଷାଧ୍ୟକ୍ଷ ଜୀବର୍ଦ୍ଧନ ମିର୍ଦ୍ଧା, ସହସମ୍ପାଦକ ଆଶୁତୋଷ ବିଶି, ଉପସଭାପତି ପୁଷ୍ପାଞ୍ଜଳି ଜେନାଙ୍କ ସମେତ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ରହିଥିଲେ।

## ରଙ୍ଗତୂଳୀରେ ପରିବେଶ ଚିନ୍ତା



ରବିବାର ସମ୍ବଲପୁର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତା।

- ଭିଏସଏସ ଷ୍ଟାଡିୟମରେ ଚିତ୍ରାଙ୍କନ ପ୍ରତିଯୋଗିତା
- ଭାଗନେଲେ ୨୯୫ ଛାତ୍ରୀଛାତ୍ର

ସମ୍ବଲପୁର,୧୯।୮(ବ୍ୟୁରୋ)
ଶ୍ରୀକଚ୍ ଗୁରଜର୍ କ୍ଷେତ୍ରୀୟ ଯୁବ ମଣ୍ଡଳ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ନର୍ସରୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୬ ବର୍ଗରେ ୩୯୫ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ରଙ୍ଗ ଭରିବା, ବୃକ୍ଷ, ଫୁଲ, ବୃକ୍ଷର ସୁରକ୍ଷା ଓ ଯତ୍ନ, ବୃକ୍ଷ ମୋର ସାଥୀ, ପରିବେଶ ସୁରକ୍ଷା, ବିଶ୍ୱତାପାୟନ, ଜଙ୍ଗଲ ସୁରକ୍ଷା, ବନ୍ୟାପ୍ରାଣୀଙ୍କ ରକ୍ଷା, ବୈଷୟିକ ବନାମ ପରିବେଶ ଶୀର୍ଷକ ବିଷୟବସ୍ତୁ ଆଧାରିତ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଯୁବ ମଣ୍ଡଳ ସଭାପତି ଭରତ ଭରୁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ଡିଏଫଓ ଡା. ସଞ୍ଜିତ କୁମାର ମୁଖ୍ୟ ଅତିଥି, ଗୁଜୁରାଟି ସମାଜ ସଭାପତି ନଟବରଲାଲ ଭରୁ, ମହିଳା ମଣ୍ଡଳ ସଭାନେତ୍ରୀ ଜୟଶ୍ରୀ ଚୌହାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଗ୍ରୁପ (ଏ)ରେ ସୋନାକ୍ଷୀ ବର୍ମା, ମହମ୍ମଦ ମୁସ୍ତାଫା, ଶ୍ରେୟା ସୁମନ, ଗ୍ରୁପ (ବି)ରେ ସୌରିସ ଘୋଷ, ରିତେଶ କୁମାର ସାହୁ, ଅମ୍ଳାନଜ୍ୟୋତି ବାରିକ, ଗ୍ରୁପ (ସି) ବି ଚିତ୍ତ ସୌରୁପା, କଳସ ଭରୁ, ଏସ୍ ପଟ୍ଟନାୟକ, ଗ୍ରୁପ (ଡି)ରେ ଏସ ଘୋଷ, ମନିଷା ସାହୁ, ପ୍ରେରଣା ସାମନ୍ତ, ଗ୍ରୁପ (ଇ)ରେ ରାହୁଲ ପଟ୍ଟନାୟକ, ପ୍ରାର୍ଥନା ଭରୁ, ପାର୍ଥ ପଟ୍ଟନାୟକ, ଗ୍ରୁପ (ଏଫ)ରେ ସୁର୍ଶନା ଦାସ, ଏକତା ପଣ୍ଡା ଓ ଶ୍ରୀରାମ ବଳ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ଭୋଜପୁର ହାଇସ୍କୁଲରେ 'ମୋ ସ୍କୁଲ ଅଭିଯାନ'

ଜମନକିରା,୧୯।୮(ଡି.ଏନ୍.ଏ.)
ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଭୋଜପୁର ପଞ୍ଚାୟତ ସରକାରୀ ଏସ୍‌ଏସ୍‌ଡ଼ି ହାଇସ୍କୁଲରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲର ପ୍ରଧାନ ଶିକ୍ଷକ କୁଳମଣୀ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ସର୍ବସମ୍ମତି କ୍ରମେ ମଳୟ କୁମାର ବେହେରା ସଭାପତି, ଜ୍ଞାନେଶ୍ୱର ଭୋଇ ଉପସଭାପତି, ରମାକାନ୍ତ ମହାକୁଳ ସମ୍ପାଦକ, ସରୋଜ କୁମାର ପଧାନଙ୍କୁ ସହ ସମ୍ପାଦକ ମନୋନୀତ କରାଯାଇଛି। ସଭା କାର୍ଯ୍ୟ ପ୍ରାରମ୍ଭରେ ଦିବ୍ୟଙ୍ଗତ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ପୁରାତନ ଛାତ୍ର ବୃନ୍ଦାବନ ମାଝୀ, ମହେନ୍ଦ୍ର ବାଘ, ମ.ମୃର୍ତ୍ତୁଜା, ସନ୍ତୋଷ ଶର୍ମା, ରତନ ମେହର, କରୁଣାକର କିସାନ, ପ୍ରଫୁଲ୍ଲ ଘଡ଼େଇ, ରତ୍ନାକର ଜୟପୁରୀଆ ପ୍ରମୁଖଙ୍କ ସହ ବହୁ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ପ୍ରଧାନ ଶିକ୍ଷକ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

### ବିଷ ପାନ କରିଥିବା ମହିଳା ମୃତ

ରେଢ଼ାଖୋଲ,୧୯।୮(ଡି.ଏନ.ଏ.)
ବିଷ ପାନ କରି ରେଢ଼ାଖୋଲ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଅନୁଗୋଳ ଜିଲା କିଆକଟା ଥାନା ଝୁଡୁଙ୍ଗମାଲର ଲିଲି ପ୍ରଧାନ(୩୬)ଙ୍କ ରବିବାର ମୃତ୍ୟୁ ଘଟିଛି। ପାରିବାରିକ କଳହକୁ କେନ୍ଦ୍ର କରି ସେ ବିଷ ପିଇ ଦେଇଥିଲେ ବୋଲି ପରିବାର ବର୍ଗଙ୍କଠାରୁ ଜଣାପଡ଼ିଛି। ତାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ରେଢ଼ାଖୋଲ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇଛି।

# ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ

ନୁଆଁଖାଇ ଭେଟ ପ୍ରସ୍ତୁତି ବୈଠକ

ମାନେଶ୍ୱର,୧୯।୮(ଡି.ଏନ.ଏ)
ସମ୍ବଲପୁର ମହାନଗର ନିଗମ ମାନେଶ୍ୱରର ପ୍ରସିଦ୍ଧ ଶୈବପୀଠ ମାନଧାତା ମନ୍ଦିର ପରିସରରେ ନୁଆଁଖାଇ ଭେଟ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ସୁବାସ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ସଭା ହୋଇଥିଲା। ସେପ୍ଟେମ୍ବର ୧୪ ତାରିଖରେ ପଶ୍ଚିମ ଓଡ଼ିଶାର ଏହି ଗଣପର୍ବର ଆୟୋଜନ ନେଇ ଆଲୋଚନା ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରତିବର୍ଷ ଭଳି ଭଳି କଳା ସଂସ୍କୃତି ଓ ସାମାଜିକ କ୍ଷେତ୍ରରେ ଜଣଙ୍କୁ ସମ୍ମାନିତ କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ବକ୍ତୃତା, କୁଇଜ ପ୍ରତିଯୋଗିତା କରାଯିବାକୁ ସହମତି ପ୍ରକାଶ ପାଇଛି। ଲୋକଗୀତ, ଲୋକ ସଙ୍ଗୀତରେ ମନ୍ଦିର ପରିବେଶକୁ ମୁଖରିତ କରିବା ପାଇଁ କଳାକାରଙ୍କୁ ନିମନ୍ତ୍ରଣ କରାଯିବ। ସମସ୍ତ କାର୍ଯ୍ୟକ୍ରମ ସୂଚାରୁ ଭାବେ ସମ୍ପାଦନା କରିବା ପାଇଁ ଦାୟିତ୍ୱ ବଣ୍ଟନ କରାଯାଇଛି। ଅତିଥି ନିମନ୍ତ୍ରଣ ଲାଗି ୫ଜଣିଆ କମିଟି ଗଠନ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ଚନ୍ଦ୍ର କୁମାର ପୁରୋହିତ, ସନ୍ତୋଷ ବଡ଼ପଣ୍ଡା, ବଳରାମ ଦିକ୍ଷିତ, ଜଗନ୍ନାଥ ଦିକ୍ଷିତ, ସୁଦର୍ଶନ ମହାପାତ୍ର, ହରିଶଙ୍କର ପୁରୋହିତ, ଅନ୍ତର୍ଯ୍ୟାମୀ ତ୍ରିପାଠୀ, କ୍ଷୀରୋଦ ମିଶ୍ର, ଆର୍ତ୍ତ ବାଗ, କୈଳାସ ମିର୍ଦ୍ଧା, ସୁରେଶ ପୁଜାରୀ, ମନୋଜ ପାଣିଗ୍ରାହୀ, ରବି ନାରାୟଣ ପଣ୍ଡା, ଦିଲୀପ ସାନବଡ଼ ପ୍ରମୁଖ ଉପସ୍ଥିତ ରହିଥିଲେ।



ସମ୍ବଲପୁର ମହାନଗର ନିଗମ ମାନେଶ୍ୱର ମନ୍ଦିର ପରିସରରେ ଚାଲିଥିବା ବୈଠକ।

## ଫଟୋରେ ଖବର






ରବିବାର ସମ୍ବଲପୁର ବୁଢ଼ାରଜା ନୋଡାଲ ହାଇସ୍କୁଲରେ ଆୟୋଜିତ ଟିଚ୍ ଫର୍ କାର୍ଯ୍ୟକ୍ରମକୁ ଜିଲାପାଳ ସମର୍ଥ ବର୍ମା ଓ ଜିଲା ଶିକ୍ଷା ଅଧିକାରୀ ଡ. ପ୍ରମୋଦ କୁମାର ପଣ୍ଡା ପରିଦର୍ଶନ କରୁଛନ୍ତି (ବାମ)। ରବିବାର ସମ୍ବଲପୁର ଲେଡିଲୁଇସ୍ ଗାର୍ଲ୍ସ ହାଇସ୍କୁଲ ଆଲୁମିନି ଆସୋସିଏଶନ୍ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ କର୍ମକର୍ତ୍ତା ଓ ଛାତ୍ରୀମାନେ।



ଅନ୍ୟର ମଙ୍ଗଳ ପାଇଁ ନିଜେ ଦୁଃଖ ସହିବାର ଇଚ୍ଛା,
ଏହାର ଅନ୍ୟକାମ ହେଉଛି ମହତ ପଣିଆ।
- ହର୍‌ବର୍ଟ ସ୍ପେନ୍‌ସର୍

# ଫଟୋରେ ସମ୍ବଲପୁରୀ ସଂସ୍କୃତିର ଝଲକ





ରବିବାର ସମ୍ବଲପୁର ସିଟି ସେଣ୍ଟରଠାରେ ଆୟୋଜିତ ଫଟୋ ପ୍ରଦର୍ଶନୀ (ବାମ)। ଆୟୋଜିତ ଫଟୋ ପ୍ରଦର୍ଶନୀ ଉଦ୍‌ଘାଟନ ଅବସରରେ ସମ୍ବଲପୁର ଫଟୋଗ୍ରାଫି କ୍ଲବ ସଦସ୍ୟଙ୍କ ଗହଣରେ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ ।

**ସମ୍ବଲପୁର,୧୯।୮(ବ୍ୟୁରୋ)**

ବିଶ୍ୱ ଫଟୋଗ୍ରାଫି ଦିବସ ଉପଲକ୍ଷେ ଝଲ୍‌କି ଫଟୋ ପ୍ରଦର୍ଶନୀ ରବିବାର ସମ୍ବଲପୁର ସିଟି ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଫଟୋଗ୍ରାଫି କ୍ଲବ(ଏସପିସି) ଆୟୋଜିତ ପ୍ରଦର୍ଶନୀକୁ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ୨୨କଳା, ଧଳା ଓ ୩୦ରଙ୍ଗୀନ ଫଟୋ ପ୍ରଦର୍ଶିତ ହୋଇଛି। ସେଥିରେ ସମ୍ବଲପୁରୀ ସଂସ୍କୃତି ଓ ପରମ୍ପରାର ଝଲକ ଦେଖିବାକୁ ମିଳିଛି। ମାନେଶ୍ୱର ମାନଧାତା ବାବା ଶୈବପୀଠ, ଚାଉଁରପୁର ମେହେର ପରିବାରଙ୍କ ସମ୍ବଲପୁରୀ ଲୁଗାବୁଣା, ଗୋଲବଜାର ସମେତ ବିଭିନ୍ନ ଅଞ୍ଚଳର ଦୈନନ୍ଦିନ ଜୀବନଚର୍ଯ୍ୟା, ହୀରାକୁଦ ଡ୍ୟାମ ମଧ୍ୟଭାଗ ଗୁଜା ପାହାଡ଼ରେ ଗାଇପଲ ମୁଖ୍ୟ ଆକର୍ଷଣ ହୋଇଛି। ଏତଦ୍‌ବ୍ୟତୀତ ବୁଦ୍ଧଗୟାର ବୁଦ୍ଧ ମନ୍ଦିର, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର, ଭୁବନେଶ୍ୱର ବିନ୍ଦୁ ସାଗରରେ କାର୍ତ୍ତିକ ପୂର୍ଣ୍ଣିମା, ଚନ୍ଦ୍ରଗିରିରେ କନିଷ୍ଠ ସନ୍ନ୍ୟାସୀ, ହାୱାଡ଼ା ବ୍ରିଜ, ଇଲେକ୍ଟ୍ରି ଟାୱାର, ମହିଶୁର ସେଣ୍ଟ ଫେଲୋପେନ୍ ଚର୍ଚ୍ଚର ଦୃଶ୍ୟ ଦର୍ଶକଙ୍କୁ ବିମୋହିତ କରିଛି। ଏସ୍‌ପିସି ସଭାପତି ଶାଶ୍ୱତ ପାଢ଼ୀଙ୍କ ପରିଚାଳନା ଏବଂ ସୁବ୍ରତ ଦାଶଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ସାଧାରଣ ସମ୍ପାଦକ ସନ୍ତକ କୁମାର ପଣ୍ଡା, କୋଷାଧ୍ୟକ୍ଷ ରୋହିତ ବରେଲିଆ, ଯୁଗ୍ମ ସମ୍ପାଦକ ଅମିତ ପାଢ଼ୀ, ଆବାହକ ଲଳିତ ରୋହିଦାସ ଦର୍ଶକଙ୍କୁ ଫଟୋ ବିଷୟରେ ସୂଚନା ଦେଇଥିଲେ। ପ୍ରଦର୍ଶନୀର ଦ୍ୱିତୀୟ ଦିବସ ଅପରାହ୍ନ ୩ଟାରେ ଫଟୋଗ୍ରାଫି କର୍ମଶାଳା ଓ ୫ଟାରେ ରଙ୍ଗାରଙ୍ଗ ସଙ୍ଗୀତ କାର୍ଯ୍ୟକ୍ରମ ହେବ। ୨୧ତାରିଖ ଉଦ୍‌ଯାପନୀ ଉତ୍ସବରେ ନାରୀ ସଶକ୍ତୀକରଣକୁ ପ୍ରାଧାନ୍ୟ ଦିଆଯିବ। ଏହି ଦିନ ମିସ୍ ଗ୍ୟାଲେକ୍ସି-୨୦୧୮ ବିଜେତା ଅର୍ପିତା ବେହେରା, ୟୁ-ଟ୍ୟୁବ କଣ୍ଠଶିଳ୍ପୀ ମିମାଂଶା ରଥ, ଆଇପିଏସ ପ୍ରିନ୍ସିପାଲ ପୂଜା ସିଂ ଓ ଭିଏଲସିସିର ଅନୁରାଧା ମହାନ୍ତି ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଏଠାରେ ସୂଚନାଯୋଗ୍ୟ, ଗତ ୧୬ତାରିଖ ସନ୍ଧ୍ୟା ୫ଟାରେ କ୍ଲବ ପକ୍ଷରୁ କ୍ଷେତରାଜପୁର ରେଲୱେ ଷ୍ଟେଶନଠାରେ ଫ୍ଲାସ୍ ମବ୍ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଶହ ଶହ ସଂଖ୍ୟାରେ ସ୍କୁଲ ଛାତ୍ରୀଛାତ୍ର ଓ ଗୃହିଣୀମାନେ ସାମିଲ ଥିଲେ। କାର୍ଯ୍ୟକ୍ରମକୁ ଭାରତୀୟ ସେନା ବାହିନୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଥିଲା।

- ଝଲ୍‌କି ଫଟୋ ପ୍ରଦର୍ଶନୀ
- ୨୨ କଳା, ଧଳା, ୩୦ ରଙ୍ଗିନ ଫଟୋ ପ୍ରଦର୍ଶିତ
- ୨୧ ତାରିଖରେ ଉଦ୍‌ଯାପିତ ହେବ

## ସଂକ୍ଷେପରେ

### ୮୫ ବିଜୁ ପକ୍କାଘର କାର୍ଯ୍ୟାଦେଶ ବଣ୍ଟନ

ମାନେଶ୍ୱର,୧୯।୮(ଡି.ଏନ.ଏ.)- ମାନେଶ୍ୱର ବ୍ଲକ ପରିସରରେ ବିଜୁ ପକ୍କାଘର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବିଧାୟକ ରୋହତି ପୂଜାରୀ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବରିକ, ବ୍ଲକ ଅଧ୍ୟକ୍ଷା ସୁରେସିନୀ ଓରାମ,ଏମ୍‌ପି ପ୍ରତିନିଧି ନଗେନ୍ଦ୍ର ପ୍ରଧାନ, ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ମେଣ୍ଡଲି ପ୍ରମୁଖ ଉପସ୍ଥିତ ଥିଲେ । ୧୨ଟି ପଞ୍ଚାୟତର ୮୫ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।

### ଉଷା ପ୍ରଧାନ ସମ୍ବର୍ଦ୍ଧିତ

ସମ୍ବଲପୁର,୧୯।୮(ବ୍ୟୁରୋ)-ରାଜ୍ୟ ବିଜେଡି ମହିଳା ସମ୍ପାଦିକା ଭାବେ ମନୋନୀତ ହୋଇଥିବା ଉଷା ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଫୁଲତୋଡା ଦେଇ ଶୁଭ କାମନା ଜଣାଇଥିଲେ । ଉଷାଙ୍କୁ ନେଇ ଜିଲାରେ ମହିଳା ସଂଗଠନ ସୁଦୃଢ ହେବ ବୋଲି ବିଧାୟକ ଆଶା କରିଛନ୍ତି। କବିତା ପୁରୋହିତ, ବସନ୍ତ ମିଶ୍ର, ସୁରୁବାବୁ ମେହେର, ସୁଶୀଲ ବେହେରା, ପପୁନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ବେଆଇନ ମଦ ବିରୋଧରେ ବିକାଶ ମଞ୍ଚର ବୈଠକ

ରେଢ଼ାଖୋଲ,୧୯।୮(ସ୍ୱ.ପ୍ର.)-ସ୍ଥାନୀୟ କୁରୁମଟିକିରାସ୍ଥିତ ଶ୍ରମିକ ଭବନଠାରେ ରେଢ଼ାଖୋଲ ବିକାଶ ମଞ୍ଚର ରେଢ଼ାଖୋଲ ବ୍ଲକସ୍ତରୀୟ ପ୍ରମୁଖ କାର୍ଯ୍ୟକର୍ତ୍ତାମାନଙ୍କର ଏକ ବୈଠକ ବିକାଶ ମଞ୍ଚର ସଭାପତି ଲକ୍ଷ୍ମୀନାରାୟଣ ଖିଲାରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରେଢ଼ାଖୋଲ ଉପଖଣ୍ଡକୁ ସଂପୂର୍ଣ୍ଣ ମଦମୁକ୍ତ କରିବା ପାଇଁ ବିକାଶ ମଞ୍ଚ ତରଫରୁ ଅଗଷ୍ଟ ୨୨ ତାରିଖରେ ଏକ ମହିଳା ସମାବେଶ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରେଢ଼ାଖୋଲ ଉପଖଣ୍ଡ ଅଞ୍ଚଳର ଜନସାଧାରଣଙ୍କୁ ମଦ ମୁକ୍ତ ରେଢ଼ାଖୋଲ ଗଠନ ପାଇଁ ସଚେତନ କରିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଏଥିରେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ମୁରଲୀ ମୁଣ୍ଡା, ହରିହର ରଣା, ଚକ୍ରଧର ପ୍ରଧାନ, ସଞ୍ଜୟ କୁମାର ମେଶ୍ରା, ହରିନ୍ଦ୍ର ପ୍ରଧାନ, କୃପା ପ୍ରଧାନ ପ୍ରମୁଖ ଯୋଗ ଦେଇ ରେଢ଼ାଖୋଲ ଉପଖଣ୍ଡ ସଂପୂର୍ଣ୍ଣ ମଦମୁକ୍ତ ନ ହେବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ମତବ୍ୟକ୍ତ କରିଥିଲେ । ଶେଷରେ ସନ୍ତୋଷ ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ।

### ପକ୍କା ଘର ପାଇଁ ସର୍ଭେରେ ପାତରଅନ୍ତର

ହୀରାକୁଦ, ୧୯।୮ (ଡି.ଏନ.ଏ)- ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ମାଟି ଘରେ ବସବାସ କରୁଥିବା ଲୋକଙ୍କୁ ପକ୍କା ଘର ଯୋଗାଇବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଛି ସଭିଙ୍କ ପାଇଁ ବାସଗୃହ ଯୋଜନା । ଏହି ଯୋଜନାରେ ୨୦୨୨ ପର୍ଯ୍ୟନ୍ତ ସମସ୍ତଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖା ଯାଇଛି । ଏକ ଘରୋଇ ସଂସ୍ଥା ପକ୍ଷରୁ ଏ ନେଇ ୪୧ଟି ୱାର୍ଡରେ ଚାଲିଥିବା ସର୍ଭେ କାର୍ଯ୍ୟର ପ୍ରଥମ ପର୍ଯ୍ୟାୟ ସରିଛି । ହେଲେ ଏହି ଘରୋଇ ସଂସ୍ଥା ସମ୍ବଲପୁର ମହାନଗର ନିଗମ ୧୨ ନଂ ୱାର୍ଡର ବୁଡାକଟା, ଗୁଣ୍ଡରୁପଡା, ମହମ୍ମଦପୁର, ଲରବଙ୍ଗା, ଧୁମାପଡା, ଗଡମୁଣ୍ଡା, ହଗରୁପଡା, ଡେଙ୍ଗିମଚା, ମାହାଲିପଡା, ଘାଟିପଡା ଗ୍ରାମରେ ସର୍ଭେ କାର୍ଯ୍ୟ କରିନାହିଁ । ଏହା ଦ୍ୱାରା ଏହି ଗ୍ରାମ ଗୁଡିକର ଜନସାଧାରଣ ମହାନଗର ନିଗମ ପକ୍ଷରୁ କରାଯାଉଥିବା ସର୍ଭେରୁ ବଞ୍ଚିତ ହୋଇଛନ୍ତି।

### ରୋହିତଙ୍କ ବିଭିନ୍ନ ଅଞ୍ଚଳ ଗସ୍ତ

ସମ୍ବଲପୁର, ୧୯।୮(ବ୍ୟୁରୋ)- ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଧମା ଓ ଦେଓଗାଁ ପଞ୍ଚାୟତକୁ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଗସ୍ତ କରି ଲୋକଙ୍କ ସମସ୍ୟା ପଚାରି ବୁଝିଛନ୍ତି । ପ୍ରଥମେ ଧମା ପଞ୍ଚାୟତର ଅଇଁଲାପାଲି ଗ୍ରମକୁ ଯାଇଥିଲେ। ଏହି ଅବସରରେ ଗ୍ରାମବାସୀ ଏକ କଲ୍ୟାଣ ମଣ୍ଡପ କରିବାକୁ ଦାବି କରିଥିଲେ । ସେହପରି ଧମାରେ ଏକ ବ୍ରିଜ ପାଇଁ ଦାବି ହୋଇଥିଲା। ପରେ ଦେଓଗାଁ ପଞ୍ଚାୟତର ଗୌରଗୋଠ, ଦେଓଗାଁ ହରିଜନପଡା, ବାନପୁର ଗ୍ରାମକୁ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ । ରାସ୍ତା ଘାଟ, ବିଜୁଳି, କଲ୍ୟାଣ ମଣ୍ଡପ ନିର୍ମାଣ କରିବାକୁ ଦାବି ହୋଇଥିଲା। ଲୋକମାନେ ଆସି ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ଉପରେ ଅବଗତ କରାଇଥିଲେ । ବିଧାୟକ କାମ ଗୁଡିକ ଶିଘ୍ର କରାଯିବା ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗୋପୀରଞ୍ଜନ ବେହେରା, ବିଜେଡି କର୍ମୀ ସତ୍ୟ ସ୍ୱରୂପ ସେଠ, ଧମା ସମିତି ସଭ୍ୟ ରିଙ୍କୁ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

## ଆଇନ୍ ସଚେତନତା ଶିବିର

**ଦେବଗଡ, ୧୯।୮ (ସ୍ୱ.ପ୍ର.)**

ବୁଡିଦୋ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ଜଜ୍ ତଥା ଜିଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ତୋଷଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଏହି ଶିବିର ଆୟୋୟୋଜିତ ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଜନହିତକର ଯୋଜନା ସମ୍ବନ୍ଧରେ ଜନ ସଚେତନତା ସୃଷ୍ଟି କରାଯାଇଥିଲା। ଲୋକେ ସରକାରୀ ଯୋଜନାକୁ କିପରି ସହଜରେ ପାଇପାରିବେ ସେହି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଜିଲା ଆଇନ୍ ସେବା ପ୍ରାଧିକାରଣ ଦ୍ୱାରା ସମସ୍ତେ କିପରି ନ୍ୟାୟକୁ ସହଜରେ ପାଇ ପାରିବେ ସେ ବିଷୟରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରିୟ ରଂଜନ ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଆର୍ଣ୍ଣୁ ଗୁଡ୍ଡୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନରେନ୍ଦ୍ର କୁମାର ନାୟକ, ସରପଞ୍ଚ ଉମା ବେହେରା ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଆଲୋଚନା କରିଥିଲେ। ଉମେଶଚନ୍ଦ୍ର ସେଠୀ, ଶୁଭାଶିଷ କର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଖିଳ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବୀମା ରାଶି ପ୍ରଦାନରେ ବିଳମ୍ବ, ବଢୁଛି ଚାଷୀଙ୍କ ଦୁର୍ଦ୍ଦଶା

**ଜମନକିରା,୧୯।୮(ଡି.ଏନ୍.ଏ.)**

ଜମନକିରା ବ୍ଲକ୍ ଅଞ୍ଚଳର ଚାଷୀମାନଙ୍କ ଦୁର୍ଦ୍ଦଶା ଏବେ ବଢ଼ିବାରେ ଲାଗିଛି। ବୀମା ସଂସ୍ଥା, କେନ୍ଦ୍ର ଓ ରାଜ୍ୟ ସରକାର ଚାଷ ଜନୀତ କ୍ଷୟକ୍ଷତି ସହାୟତା ରାଶି ସମସ୍ତ ବ୍ୟାଙ୍କରେ ଜମା କରିଛନ୍ତି। ହେଲେ ଅଦ୍ୟାବଧି ଚାଷୀମାନେ ବୀମା ରାଶି ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ ଆଦି ବ୍ୟାଙ୍କ ଗୁଡ଼ିକରୁ ଋଣ ନେଇଥିବା ଚାଷୀଙ୍କ ଆକାଉଣ୍ଟରେ ବୀମା ରାଶି ଜମା ହୋଇଛି। ହେଲେ ସମବାୟ ବ୍ୟାଙ୍କ ଅହେତୁକ ବିଳମ୍ବ କରୁଥିବା ଚାଷୀ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଜମନକିରା ସମବାୟ ବ୍ୟାଙ୍କ ଶାଖା ପରିଚାଳକ ବୃନ୍ଦାବନ ସାହୁଙ୍କୁ ପଚାରିବାରୁ କର୍ମଚାରୀ ସମସ୍ୟା ଥିବା ଯୋଗୁ ସମୟ ସୀମା ମଧ୍ୟରେ ଜମା କରାଯାଇପାରୁନାହିଁ ବୋଲି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ସରକାରଙ୍କ ପକ୍ଷରୁ ୨୦୧୭-୧୮ ଖରିଫ ଚାଷ ବାବଦରେ ମରୁଡ଼ି ଜନିତ କ୍ଷୟକ୍ଷତି ଯୋଗ୍ୟ ଶସ୍ୟ ବୀମା ରାଶି ବିଭିନ୍ନ ବ୍ୟାଙ୍କ ଗୁଡ଼ିକରେ ଜୁଲାଇ ୧୦ ତାରିଖ ପୂର୍ବରୁ ଜମା କରାଯାଇଥିଲା। ବୀମା ପ୍ରଦାନ ନେଇ ଚାଷୀମାନେ ସମବାୟ ବ୍ୟାଙ୍କ ଓ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମାସାଧିକକାଳ ଧାରଣା ଦେଇଥିଲେ। ଏଣୁ ବୀମା କମ୍ପାନୀ ଓ ପ୍ରଶାସନ ପକ୍ଷରୁ ମେ ଶେଷ ତାରିଖ ସୁଦ୍ଧା ଜମା କରାଯିବା ପାଇଁ ପ୍ରତିଶ୍ରୁତି ଦିଆ ଯାଇଥିଲା। ମାତ୍ର ବୀମା କମ୍ପାନୀ ପକ୍ଷରୁ ଗତ ଦେଢ଼ ମାସ ହେବ ଟଙ୍କା ଜମା କରାଯାଇଛି। ଜମନକିରା ସମବାୟ ବ୍ୟାଙ୍କର ବେପରୁଆ ନୀତି ଯୋଗୁ ୨/୩ ଟି ପଞ୍ଚାୟତର ଚାଷୀଙ୍କ ଆକାଉଣ୍ଟରେ ଆଂଶିକ ଜମା କରାଯାଇଛି। ଜମନକିରା ବ୍ଲକ୍‌ରେ ଥିବା ୨୧ଟି ପଞ୍ଚାୟତ ମଧ୍ୟରୁ ଟିକିଲିପଡ଼ା ପଞ୍ଚାୟତକୁ ଛାଡି ବାକି ୨୦ଟି ପଞ୍ଚାୟତର ଚାଷୀ ଶସ୍ୟ ବୀମା ପାଇବା ପାଇଁ ଯୋଗ୍ୟ ଥିବା ବେଳେ ଅଦ୍ୟାବଧି ବଞ୍ଚିତ ରହିଛନ୍ତି। ଚାଷୀ ବହୁକଷ୍ଟରେ ଚାଷକାର୍ଯ୍ୟ ତୁଲାଇ ଆସୁଥିବା ବେଳେ ଅନେକ ସମସ୍ୟା ଦେଇ ଗତି କରୁଛନ୍ତି। ବିହନ, ସାର, କୀଟନାଶକ ଔଷଧ ଆଦିର ଆବଶ୍ୟକତା ଥିବା ବେଳେ ଗତ ୪ ବର୍ଷରୁ ଅଧିକ ସମୟ ହେବ ମରୁଡ଼ିର ଶିକାର ହେଉଛନ୍ତି। ଚାଷୀ ଏସବୁ ସମସ୍ୟା ଯୋଗୁ ବାଧ୍ୟ ହୋଇ ଆତ୍ମହତ୍ୟା ପନ୍ଥା ବାଛି ନେଉଛନ୍ତି। ଏହା ସତ୍ତ୍ୱେ ପାଇବାକୁ ଥିବା ବୀମା ରାଶି ପ୍ରଦାନରେ ମଧ୍ୟ ବିଳମ୍ବ ହେତୁ ଚାଷୀମାନେ ବାରମ୍ବାର ବ୍ୟାଙ୍କକୁ ଧାଇଁ ଧାଇଁ ଅଣାୟତ ହୋଇପଡୁଛନ୍ତି। ତେବେ ଆସନ୍ତା ୭ ଦିନ ମଧ୍ୟରେ ସମସ୍ତ ୨୦ ଟି ପଞ୍ଚାୟତର ଚାଷୀମାନଙ୍କ ଆକାଉଣ୍ଟରେ ଶସ୍ୟ ବୀମା ରାଶି ଜମା ନ ହେଲେ ପୁନର୍ବାର ବ୍ୟାଙ୍କ ସମ୍ମୁଖରେ ଅନଶନ କରିବେ ବୋଲି ଚାଷୀ ମହଲରୁ ପ୍ରକାଶ ପାଇଛି ।

## ହୀରାକୁଦ ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

**ହୀରାକୁଦ, ୧୯।୮ (ଡି.ଏନ.ଏ)**

ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଜ୍ଞାନ ବିଜ୍ଞାନ ମେଳା ଗାନ୍ଧୀନଗରର ସ୍ଥିତ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ୧୪୬ଟି ପ୍ରକଳ୍ପ ସ୍ଥାନ ପାଇଥିଲା । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମ୍ପାଦକ ଆଜାଦ ଶେଖର ପ୍ରଧାନ ଉଦ୍‌ଘାଟନ କରିଥିଲେ। ମନ୍ନୁଲାଲ ପ୍ରସାଦ, ପ୍ରଦୀପ ମିଶ୍ର, ଈଶ୍ୱରଚନ୍ଦ୍ର ବାରିକ, ସୁଦୀପ୍ତା ମହାନ୍ତି, ମଧୁସ୍ମିତା ହୋତା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଚାରକ ଭାବରେ ଶ୍ରୀକାନ୍ତ ସ୍ୱାଇଁ, ସୁଶାନ୍ତ ସାଥୁଆ, କୃଷ୍ଣ ମହାରଣା, ଦୀପ୍ତିମୟୀ ବେହେରା, ଶୈଳବାଳା ଦାଶ, ଓମ ପ୍ରକାଶ ନାୟକ, ପ୍ରତାପ କୁମାର ସାହୁ, ବିପିନ ମହାରଣା, ବୈଜୟନ୍ତୀ ସାହୁ, ଜ୍ୟୋତ୍ସ୍ନା ମହାନ୍ତି ଓ ସୁଶୀଳ ପୋଢ଼ ଯୋଗ ଦେଇଥିଲେ। ବୀରେନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମୀନା ବାରିକ, ଦୀପ୍ତିରଞ୍ଜନ ପୋଥାଳ, ମମତା ପଣ୍ଡା, ପ୍ରିୟ ରଞ୍ଜନ ଧଳ, ସଞ୍ଜୀବ ସ୍ୱାଇଁ, ମଞ୍ଜୁଳା ସାହୁ, ପ୍ରଣତିଦାସ ପ୍ରମୁଖ ସହଯୋଗ କରିଥିଲେ।

## ସବୁଜ ସ୍ୱଚ୍ଛ ହୀରାକୁଦ ପଦଯାତ୍ରା




ରବିବାର ହୀରାକୁଦରେ ସଚେତନତା ରାଲି ।

**ସମ୍ବଲପୁର,୧୯।୮(ବ୍ୟୁରୋ)**

ସବୁଜ ସ୍ୱଚ୍ଛ ହୀରାକୁଦ ସଚେତନତା ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସମର୍ଥ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ଥିଲେ । ହୀରାକୁଦକୁ ସ୍ୱଚ୍ଛ ଓ ସବୁଜ ରଖିବା ପାଇଁ ପଥଚାରୀମାନଙ୍କୁ ସଚେତନ କରାଯାଇଥିଲା । ଏଥିସହ ଲିଫଲେଟ୍ ବଣ୍ଟନ କରାଯାଇଥିଲା। ଏହାପରେ ଭିଏସଏସ କଲୋନୀଠାରେ ବୃକ୍ଷ ରୋପଣ କରାଯାଇଥିଲା । ଓଡ଼ିଶା କମ୍ପ୍ୟୁଟର ଏକାଡେମୀ ହୀରାକୁଦ ଶାଖା ନିର୍ଦ୍ଦେଶକ ସନ୍ତୋଷ ପାଲଙ୍କ ପରିଚାଳନା ଏବଂ ଉମାଶଙ୍କର ଗୌଡଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ସୁରେନ୍ଦ୍ର ପ୍ରଧାନ, ଆକାଶ ଶର୍ମା, ପ୍ରୀତମ ଦାସ, ପୂର୍ଣ୍ଣାନନ୍ଦ ତ୍ରିପାଠୀ, ପ୍ରୀତମ ଚୌହାନ, ଦୀନେଶ ଚୌହାନ, ତରୁଣ ଚୌହାନ, ସାନନ୍ଦ ବାଗ, ଉତ୍ତମ ଚୌହାନ ପରିଚାଳନାରେ ସହଯୋଗ କରିଥିଲେ ।

## ଓୟୁଜେର ରାଜ୍ୟସ୍ତରୀୟ ଆଲୋଚନାଚକ୍ର




ଆୟୋଜିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

**ରେଢ଼ାଖୋଲ,୧୯।୮(ସ୍ୱ.ପ୍ର.)**

ସମ୍ବଲପୁର ଜିଲା ରେଢ଼ାଖୋଲଠାରେ ଓଡିଶା ସାମ୍ବାଦିକ ୟୁନିୟନ (ଓୟୁଜେ) ପକ୍ଷରୁ ରବିବାର ଭୋଟ ବ୍ୟାଙ୍କ ରାଜନୀତି ଓ ଗଣମାଧ୍ୟମ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୋଟ ବ୍ୟାଙ୍କ ରାଜନୀତିରୁ ରାଜନୈତିକ ଦଳମାନେ ଦୂରେଇ ରହିବାକୁ ଆହ୍ୱାନ ଦିଆଯାଇଛି। ଦେଇଛନ୍ତି । ରେଢ଼ାଖୋଲ ମହିଳା କଲେଜଠାରେ ସମ୍ବଲପୁର ଜିଲା ସାମ୍ବାଦିକ ୟୁନିୟନର ସହଯୋଗିତା ଓ ରେଢ଼ାଖୋଲ ଶାଖାର ପ୍ରୟାସରେ ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସର ପ୍ରବକ୍ତାମାନେ ଯୋଗ ଦେଇଥିଲେ। ଏଥିସହ ରାଜ୍ୟର ବିଭିନ୍ନ ଜିଲାରୁ ୩ଶହରୁ ଊର୍ଦ୍ଧ୍ୱ ସାମ୍ବାଦିକ ଆଲୋଚନାରେ ଭାଗ ନେଇଥିଲେ। ବିଜେଡିର ରେଢ଼ାଖୋଲ ବିଧାୟକ ତଥା ଉପମୁଖ୍ୟ ସଚେତକ ଇଂ. ରୋହିତ ପୂଜାର, ଭାଜପାର ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ଅଖିଳ ଭାରତ କଂଗ୍ରେସର ସମ୍ପାଦକ ତଥା ଗୁଜୁରାଟ ପ୍ରଭାରୀ ଡ. ବଶ୍ୱରଞ୍ଜନ ମହାନ୍ତି, ପ୍ରସାର ଭାରତୀର ପୂର୍ବତନ ନିର୍ଦ୍ଦେଶକ ଡ. ଅଭୟ ପାଢ଼ୀ, ଓୟୁଜେର ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି ମୁଖ୍ୟ ଆଲୋଚକ ଭାବେ ମଞ୍ଚାସୀନ ହୋଇଥିଲେ। କାର୍ଯ୍ୟକ୍ରମକୁ ଓଟିଭିର ମନୋରଞ୍ଜନ ଯୋଶୀ ସଂଯୋଜନା କରିଥିଲେ। ଓୟୁଜେର ସାଧାରଣ ସମ୍ପାଦକ ଅଶୋକ ନନ୍ଦ କର୍ମଶାଳା ସମ୍ପର୍କରେ ଓ ଜିଲା ସଭାପତି ଶିବ ପ୍ରସାଦ ମେହେର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭରେ କର୍ମଶାଳାର ଆବାହକ ରମାକାନ୍ତ ମହାନନ୍ଦ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଜିଲା ୟୁନିୟନର ସାଧାରଣ ସମ୍ପାଦକ ଡା. ରାଜାରାମ ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ରାଷ୍ଟ୍ରୀୟ ନେତା ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ରେଢ଼ାଖୋଲ ଶାଖା ସମ୍ପାଦକ କନ୍ଦର୍ପ ବେହେରା ଧନ୍ୟବାଦ ଦେଇଥିଲେ। ରାଜ୍ୟ ସମ୍ପାଦକ ଅମୂଲ୍ୟ ସ୍ୱାଇଁ, ଜୟନ୍ତ କୁମାର ଖଡିରତ୍ନ, ବିଜୟ କୁମାର ବେହେରା, ସନୋଜ କୁମାର ସାହୁ, ଅରୁଣ ପ୍ରଧାନ, ଶରତ କୁମାର ପ୍ରଧାନ, ଶଙ୍କର ପୃଷ୍ଟି, ନିଗମାନନ୍ଦ ସାହୁ, ରୋହିତ ଭୋଇ, ସଚ୍ଚିକାନ୍ତ ସାହୁ, ରାଧା ମୋହନ ଷଡଙ୍ଗୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ଗୋବିନ୍ଦତୋଲା ଦୁର୍ଗାପୂଜା କମିଟିର ସାଧାରଣ ବୈଠକ

**ସମ୍ବଲପୁର,୧୯।୮(ବ୍ୟୁରୋ)**

ସମ୍ବଲପୁର ସହର ଗୋବିନ୍ଦତୋଲା ସାର୍ବଜନୀନ ଦୁର୍ଗାପୁଜା କମିଟିର ସାଧାରଣ ବୈଠକ ସ୍ଥାନୀୟ ରାଣୀସତୀ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁଜା କମିଟି ସଭାପତି ଦେବେନ୍ଦ୍ର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ । ବ୍ରଜ ବିହାରି ଦାସ ପ୍ରାରମ୍ଭିକ ସୁଚନା ଦେଇଥିଲେ। ପବିତ୍ର ତ୍ରିପାଠି ଗୋବିନ୍ଦତୋଲା ପୁଜାର ସ୍ମୃତି ମନେ ପକାଇଥିଲେ। ଚଳିତ ବର୍ଷ ମଧ ସୁବର୍ଣ୍ଣ ଜୟନ୍ତୀକୁ ଧୁମଧାମ୍‌ରେ ପାଳନ କରିବାକୁ ମତ ପ୍ରକାଶ ପାଇଥିଲା। ଏଥିରେ ସବ୍ରସାଧାରଣଙ୍କୁ ସହଯୋଗ କରିବା ପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ଅନ୍ୟମାନଙ୍କ ମଧରେ ସାଧାରଣ ସମ୍ପାଦକ ପ୍ରଦୀପ ପାଢୀ, କୋଷାଧକ୍ଷ କୃଷ୍ଣଚନ୍ଦ୍ର ସୁନାର, ଲଟେରୀ କମିଟି ଅଧକ୍ଷ ବିରଞ୍ଚି ମେହେର, ଉପାଧକ୍ଷ ଦାମୋଦର କର, ପୁଜା କମିଟିର ୨ ଉପସଭାପତି ଲାଲ ମୋହନ ସାଠିଆ ପ୍ରମୁଖ ମଞ୍ଚାସୀନ ରହିଥିଲେ। ରବି ପୁରୋହିତ, ଅଶୋକ ମିଶ୍ର, ବସନ୍ତ କୁମାର ଦାସ, ସୂର୍ଯ୍ୟ ପାଣିଗ୍ରାହୀ, ନୃସିଂହ ପ୍ରସାଦ ମିଶ୍ର, ଅଶୋକ ସେନାପତି, ଜୟନାରୟଣ ଶତପଥି, ରମେଶ ରଥ, ତର୍ପଣ ପ୍ରଧାନ, ଉମ୍ବରୁଧର ରଣା, ବାଙ୍କ ବିହରୀ ପଣ୍ଡା ପ୍ରମୁଖ ମତ ରଖିଥିଲେ। ସଭା କାର୍ଯ୍ୟ ପୂର୍ବରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବିଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ୩ ଶହରୁ ଉର୍ଦ୍ଧ ଅଞ୍ଚଳବାସୀ ଉପସ୍ଥିତ ରହିଥିଲେ।

## ୱେଷ୍ଟର୍ନ ଓଡ଼ିଶା ୟୁ-ଟ୍ୟୁବ ଆସୋସିଏଶନ ଗଠିତ

### - ପାଣିନୀ ସଭାପତି, ରାଜକିଶୋର ସମ୍ପାଦକ



ରବିବାର ସମ୍ବଲପୁରଠାରେ ୱେଷ୍ଟର୍ନ ଓଡିଶା ୟୁ-ଟ୍ୟୁବ ଆସୋସିଏଶନ୍ ନୂତନ କର୍ମକର୍ତ୍ତା ଓ ସଭ୍ୟମାନେ ।

**ସମ୍ବଲପୁର,୧୯।୮(ବ୍ୟୁରୋ)**

ପଶ୍ଚିମ ଓଡ଼ିଶାର ସମସ୍ତ ସ୍ୱୀକୃତୀପ୍ରାପ୍ତ ୟୁ-ଟ୍ୟୁବ ଚ୍ୟାନେଲର ମାଲିକମାନଙ୍କୁ ନେଇ ୱେଷ୍ଟର୍ଣ୍ଣ ଓଡ଼ିଶା ୟୁ-ଟ୍ୟୁବ ଆସୋସିଏଶନ (ୱା) ରବିବାର ଚର୍ଚ୍ଚ ଛକଠାରେ ଗଠିତ ହୋଇଯାଇଛି। ସଙ୍ଗଠନର ସଦସ୍ୟମାନେ ପରସ୍ପର ମଧ୍ୟରେ ସୁସମ୍ପର୍କ ରଖି ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତିର ପ୍ରଚାର ପ୍ରସାର କରିବାକୁ ନିଷ୍ପତ୍ତି ହୋଇଛି। ଏଥି ସହ ନୂତନ କଳାକାର ସୃଷ୍ଟି ନେଇ ମଧ ସଙ୍ଗଠନ କାର୍ଯ୍ୟ କରିବ। ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ବୈଭବକୁ ବିଶ୍ୱ ଦରବାରରେ ସଠିକ ଭାବେ ଉପସ୍ଥାପନା କରିବାକୁ ସଙ୍ଗଠନର ସଦସ୍ୟମାନେ ମତ ରଖିଥିଲେ। ଏହାପରେ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ପାଣିନୀ ପ୍ରାଞ୍ଜ ସଭାପତି, ଭବାନୀଶଙ୍କର ପାଣିଗ୍ରାହୀ ଉପସଭାପତି, ରାଜକିଶୋର ମଲ୍ଲିକ ସାଧାରଣ ସମ୍ପାଦକ, ମନୋଜ ସିଂହ ସହକାରୀ ସାଧାରଣ ସମ୍ପାଦକ, ଗୁପ୍ତେଶ୍ୱର ବାଗ କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ। ଏଥିସହ ତରୁଣ ମେହେର, ଶ୍ରୀଜିତ ଦାସ, ଧାର୍ମିକ ନାଗ, ଯୋଗେଶ ଜୋଜୋ, ପି. ପ୍ରଧାନ ପରିଚାଳନା କମିଟି ଓ ଆଲୋକ ତ୍ରିପାଠୀଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା । ଅନ୍ୟମାନଙ୍କ ମଧରେ ସନ୍ତୋଷ କୁମାର ବାଚା, ତ୍ରିଭୁବନ କୁମାର, ଶରତ ବାଦୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

## ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ

**ସମ୍ବଲପୁର,୧୯।୮(ବ୍ୟୁରୋ)**

### ଫଟୋ କଥା କହିଥାଏ

ବିଶ୍ୱ ଫଟୋଗ୍ରାଫି ଦିବସ ରବିବାର ଚିତ୍ରଗୁପ୍ତ କଲ୍ୟାଣ ଭବନଠାରେ ପାଳିତ ହୋଇଯାଇଛି। ଫଟୋଫିଲିକ୍ସ ସମ୍ବଲପୁର ଶାଖା ଆନୁକୂଲ୍ୟରେ ଉତ୍ସବ ହୋଇଥିଲା। ଶିକ୍ଷାବିତ୍ ଶୈଳେଶ ଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ବରିଷ୍ଠ ଚିତ୍ରଶିଳ୍ପୀ ଭୋଳାନାଥ ନାୟକ ଫଟୋଗ୍ରାଫି ଓ ଚିତ୍ରକଳାର ସମନ୍ୱୟ ଏବଂ ସମ୍ବଲପୁରରେ ଫଟୋଗ୍ରାଫିର ଇତିହାସ ଉପରେ ସମ୍ୟକ ଧାରଣା ଦେଇଥିଲେ । ଫଟୋ ହିଁ କଥା କହିଥାଏ ମତ ରଖିଥିଲେ। ଫଟୋଫିଲିକ୍ସ ଅଧ୍ୟକ୍ଷ ଅରବିନ୍ଦ କୁମାର ମିଶ୍ର, ଉପାଧ୍ୟକ୍ଷ ଆଶୀଷ କୁମାର ପ୍ରଧାନ ଫଟୋଗ୍ରାଫି ଦିବସର ମହତ୍ତ୍ୱ ଓ ଏହାର ଉପାଦେୟତା ଉପରେ ବକ୍ତବ୍ୟ ରଖିଥିଲେ। ପଣ୍ଡିତ କମଳାକାନ୍ତ ମିଶ୍ର, କ୍ରୀଡାବିତ୍ ଯଜ୍ଞେନ୍ଦ୍ର ନାରାୟଣ ମିଶ୍ର ଓ ନାଟ୍ୟବିତ୍ ରାଜେନ୍ଦ୍ର ପଣ୍ଡା ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ଶେଷରେ ଶିଶିର କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ସଭାରେ ଅଶୋକ କୁମାର ବିଶି, ପ୍ରଫୁଲ୍ଲ ହୋତା, ଅଶୋକ ମିଶ୍ର, ନିର୍ମଳ ତ୍ରିପାଠୀ, ଡ.ଶ୍ୟାମ ସୁନ୍ଦର ଧର, ଆଦ୍ୟାଶା ମିଶ୍ର, ପ୍ରିୟରଞ୍ଜନ ବାବୁ, ଡ. ଗୌରିଦାସ ପ୍ରଧାନ ସାମିଲ ହୋଇଥିଲେ। ବରିଷ୍ଠ ଫଟୋଗ୍ରାଫର୍ ସୁବାସ ଚନ୍ଦ୍ର ମେହେର ଓ ରଞ୍ଜିତ୍ ସାହୁ ପରିଚାଳନା କରିଥିଲେ ।




ରବିବାର ବିଶ୍ୱ ଫଟୋଗ୍ରାଫି ଦିବସରେ ବରିଷ୍ଠ ଚିତ୍ରଶିଳ୍ପୀ ଭୋଳାନାଥ ନାୟକ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

## ସଂକ୍ଷେପରେ

### ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ

ଦେବଗଡ଼,୧୯।୮(ସ୍ୱ.ପ୍ର.)-ଭୁବନେଶ୍ୱରର ଡାବର, ବୈତରଣୀ ଇନିସିଏଟିଭ୍ ଏବଂ ଦେବଗଡ଼ ବନାଞ୍ଚଳର ସହଯୋଗିତାରେ ବାରକୋଟ ବ୍ଲକ ଗୁରୁସଙ୍ଗ କଲୋନୀ ପ୍ରକଳ୍ପ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଠିଆନାଳ ସେକଶନ ବନପାଳ ଘନଶ୍ୟାମ ପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍କୁଲର ପ୍ରଧାନ ଶିକ୍ଷକ ଝସକେତନ ପ୍ରଧାନ, ସହକାରୀ ଶିକ୍ଷକ ଝୁଲେଶ୍ୱର ବେହେରା, ଅଙ୍ଗନୱାଡି କର୍ମୀ ବସୁମତୀ ପ୍ରଧାନ, ବୈତରଣୀର ପ୍ରତିନିଧି ଅଭିମନ୍ୟୁ ପ୍ରଧାନ, ସିଇଓ ବଂଶୀଧର ସାହୁ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ ଓ ତା'ର ଯତ୍ନ ଏବଂ ଉପକାରିତା ଉପରେ ଆଲୋଚନା କରିଥିଲେ। ଏପରି କି ଔଷଧୀୟ ବୃକ୍ଷର ବଂଶବୃଦ୍ଧି, ଜଙ୍ଗଲ ସୁରକ୍ଷା ଉପରେ ଅତିଥିମାନେ ମତପ୍ରକାଶ କରିଥିଲେ। ସଭା କାର୍ଯ୍ୟ ପରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ ଅଁଳା, କରଞ୍ଜ, ଜାମୁ, ସାଗୁଆନ ସହ ଔଷଧୀୟ ଚାରାରୋପଣ କରିଥିଲେ।

### ଚିଚିଣ୍ଡା ଫୁଟବଲ: ଟେଙ୍ଗନିଟିକ୍ରା ଚାମ୍ପିୟନ

ଭେଡ଼େନ,୧୯।୮(ଡ଼ି.ଏନ.ଏ)-ଭେଡ଼େନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡା ଖେଳ ପଡ଼ିଆରେ ଶନିବାର ଅନୁଷ୍ଠିତ ୯୩ ତମ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ଟେଙ୍ଗନିଟିକ୍ରା ଦଳ ଚାମ୍ପିୟନ ହୋଇଛି । ସୁପ୍ରିମ ଆଥ୍‌ଲେଟିକ୍ସ ଆସୋସିଏଶନ ଆନୁକୂଲ୍ୟରେ ହୋଇଥିବା ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ବିଜୟୀ ଦଳ ଗୁନିଆପାଲି ଦଳକୁ ଟାଇବ୍ରେକର ଯୋଗେ ୩-୦ ଗୋଲ ବ୍ୟବଧାନରେ ପରାସ୍ତ କରିଛି । ଉଦଯାପନୀ ଉତ୍ସବରେ ଚିଚିଣ୍ଡା ସରପଞ୍ଚ ସୁଶାନ୍ତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହି ପ୍ରତିଯୋଗିତାରେ ଟେଙ୍ଗନିଟିକ୍ରା, ଗର୍ଭନା, ରୂପାପାଲି, ନାଗପାଲି, ଲୁପୁରସିଂହା, ମହଲାକଟା, ଗୁନିଆପାଲି ଏବଂ ଲୋଇସିରା ଦଳ ଅଂଶଗ୍ରହଣ କରିଥିଲେ । ଖେଳଗୁଡ଼ିକୁ ରେଫରୀ ହରେରାମ ପଶାୟତ, ବାବାଜୀ ଝାଙ୍କର ଓ ମିଥୁନ ପାଣ୍ଡେ ପରିଚାଳନା କରିଥିଲେ ।

ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା

# ପାଟଣାଗଡ଼ ଶୀର୍ଷକ ଚଳଚ୍ଚିତ୍ର ନିର୍ମାଣକୁ ବିରୋଧ

ପାଟଣାଗଡ଼,୧୯।୮ (ଡି.ଏନ.ଏ)

ବଲାଙ୍ଗୀର ଜିଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା ପୁଣି ଥରେ ଚର୍ଚ୍ଚାକୁ ଆସିଛି । ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ପାଟଣାଗଡ଼ ଶୀର୍ଷକରେ

**ଥାନାରେ ଅଭିଯୋଗ**

ଚଳଚ୍ଚିତ୍ର ନିର୍ମାଣ ଚାଲିଥିବାରୁ ଏହାକୁ ବିରୋଧ କରି ପାର୍ସଲ ବୋମା ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ସୌମ୍ୟଶେଖର ସାହୁଙ୍କ ବାପା ଅଧ୍ୟାପକ ରବୀନ୍ଦ୍ର ସାହୁ, ମା' ସଞ୍ଜୁକ୍ତା ସାହୁ ଏବଂ ତାଙ୍କ ଓକିଲ ଆଶିଷ କୁମାର ଚନ୍ଦନ ରବିବାର ଏକ ଖବରଦାତା ସମ୍ମିଳନୀ କରି ଥାନାରେ କରିଥିବା ଅଭିଯୋଗ ସମ୍ପର୍କରେ ସୂଚନା ଦେଇଛନ୍ତି। ବିସ୍ଫୋରଣ ଘଟଣାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେର ଏବେ ପାଟଣାଗଡ଼ ଜେଲରେ ଅଛନ୍ତି। ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ବର୍ତ୍ତମାନ ସୁଦ୍ଧା ଚାର୍ଜଶିଟ ଦାଖଲ କରିନାହିଁ। ଏଭଳି ସ୍ଥିତିରେ ପାଟଣାଗଡ଼ ଶୀର୍ଷକରେ ଚଳଚ୍ଚିତ୍ର ନିର୍ମାଣ, ଏହାର ପୋଷ୍ଟର ଏବଂ ଭିଡିଓ କ୍ଲିପରେ ସତ୍ୟ ଘଟଣା ଉପରେ ଆଧାରିତ ଲେଖାଯାଇ ଏକ ମନୋରଞ୍ଜନଧର୍ମୀ ଚଳଚ୍ଚିତ୍ର ନିର୍ମାଣ କରାଯିବା ନିଶ୍ଚିତ ଭାବେ ନିନ୍ଦନୀୟ ବୋଲି ଅଧ୍ୟାପକ ସାହୁ ଓ ସଞ୍ଜୁକ୍ତା ସାହୁ କହିଛନ୍ତି। ବର୍ତ୍ତମାନ ବିସ୍ଫୋରଣ ଘଟଣା ତଦନ୍ତ ପରିସରଭୁକ୍ତ ଥିବାବେଳେ ଏହାକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେମାନେ କହିଛନ୍ତି। ମାମଲା ଫଇସଲା ହେବା ଆଗରୁ ଏହି ଚଳଚ୍ଚିତ୍ର ପ୍ରଦର୍ଶିତ ହେଲେ ଏହା ତଦନ୍ତକୁ ଦିଗହରା କରିପାରେ ବୋଲି ସେମାନେ ସନ୍ଦେହ କରିଛନ୍ତି। ଘଟଣାର ମୁଖ୍ୟ ଅଭିଯୁକ୍ତ ଭଳି ଜଣେ ଅମାନୁଷିକ, ବର୍ବର, ଘୃଣ୍ୟ ଚରିତ୍ରକୁ ଚଳଚ୍ଚିତ୍ରର ନାୟକ କରାଯାଇଥିବାରୁ ପରିବାର ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ଏହା ସମାଜ ଉପରେ କୁପ୍ରଭାବ ପକାଇବ ବୋଲି ଅଭିଯୋଗ କରିଛନ୍ତି। ଏହି ଚଳଚ୍ଚିତ୍ରରେ ତାଙ୍କର ପରିବାରର ସଦସ୍ୟଙ୍କ ଚରିତ୍ରକୁ କିଭଳି ଚିତ୍ରଣ କରାଯାଇଛି ତାହା ସନ୍ଦେହ ସୃଷ୍ଟି କରିଛି ବୋଲି ସେମାନେ କହିଛନ୍ତି। ଚଳଚ୍ଚିତ୍ର ନିର୍ମାତା ଏବଂ ଉପଦେଷ୍ଟା ଗଣମାଧ୍ୟମ ସାମ୍ନାରେ ଏହାର ପ୍ରତିବାଦକୁ ହାସ୍ୟାସ୍ପଦ ଏବଂ ଲଜ୍ଜାଜନକ ଭଳି ଶବ୍ଦ ବ୍ୟବହାର କରି ସାକ୍ଷାତ୍‌କାର ଦେଇଛନ୍ତି। ତାହା ତାଙ୍କୁ ଅପମାନିତ କରିବା ସହ ମାନସିକସ୍ତରରେ ମର୍ମାହତ ଏବଂ ଦୁର୍ବଳ କରିଛି ବୋଲି ସେମାନେ କହିଛନ୍ତି। ଏସବୁ ଘଟଣାକୁ ନେଇ ପାଟଣାଗଡ଼ ଥାନାରେ ସୌମ୍ୟଶେଖରଙ୍କ ମା' ସଞ୍ଜୁକ୍ତା ସାହୁ ପାଟଣାଗଡ଼ ଶୀର୍ଷକ ଚଳଚ୍ଚିତ୍ରର ପ୍ରଯୋଜକ, ନିର୍ଦ୍ଦେଶକ ଶ୍ରୀଧର ମାର୍ଥା ଏବଂ ଦିଲୀପ ହାଲିଙ୍କ ବିରୋଧରେ ଲିଖିତ ଅଭିଯୋଗ ଦାଖଲ କରିଥିବା ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଏହାକୁ ନେଇ ସେମାନେ ଅଦାଲତର ଆଶ୍ରୟ ନେବେ ବୋଲି ସୂଚନା ଦେଇଛନ୍ତି।



ପାଟଣାଗଡର ରବୀନ୍ଦ୍ର ସାହୁଙ୍କ ପରିବାର ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରୁଛନ୍ତି ।

### ସମ୍ପୂର୍ଣ୍ଣ ଫସଲ ବୀମା ପାଇଁ ଦାବିପତ୍ର ପ୍ରଦାନ

ପଦ୍ମପୁର, ୧୯।୮ (ଡି.ଏନ.ଏ)

ଗତ ଖରିଫ ଚାଷର କ୍ଷତିଗ୍ରସ୍ତ ସମସ୍ତ ଚାଷୀ ଏପର୍ଯ୍ୟନ୍ତ ବୀମାରାଶି ପାଇନାହାନ୍ତି। ଏଭଳିସ୍ଥଳେ ପଦ୍ମପୁର ବ୍ଲକର ମହୁଲପାଲି, କନସିଂହା ଓ ଜମରତଲା ଗ୍ରାମ ପଞ୍ଚାୟତର ଚାଷୀଙ୍କୁ ବିଭିନ୍ନ ଆଳ ଦେଖାଇ ସେମାନଙ୍କ ସମ୍ପୂର୍ଣ୍ଣ ବୀମାରାଶିରୁ ପ୍ରାପ୍ୟ କାଟିଦେବା ଦୁର୍ଭାଗ୍ୟଜନକ ବୋଲି ରାଜବୋଡାସମ୍ବର କୃଷକ ସଙ୍ଗଠନ ଅଭିଯୋଗ କରିଛି । ଏହି ପରିପ୍ରେକ୍ଷୀରେ ସେମାନେ ବରିଷ୍ଠ ଭାଜପା ନେତା ସୁବାଷ ଚୌହାନଙ୍କୁ ଏକ ଦାବିପତ୍ର ଦେଇ ଚାଷୀମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଆଲୋଚନା କରିଛନ୍ତି । ରାଜବୋଡାସମ୍ବର କୃଷକ ସଙ୍ଗଠନ ସଭାପତି ବାଞ୍ଛାନିଧି ନାୟକ, ମହୁଲପାଲି ସରପଞ୍ଚ ଝସକେତନ ସାହୁ, ବିରେନ୍ଦ୍ର ସାହୁ, ଅଶୋକ ସାହୁ, ରୋହିତ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ଭୀଷ୍ମଦେବ ସାହୁଙ୍କ ନେତୃତ୍ୱରେ ଚାଷୀ ପ୍ରତିନିଧିମାନେ ଏହି ଆଲୋଚନାରେ ଅଂଶ ଗ୍ରହଣ କରିବା ସହ ବୀମା କମ୍ପାନୀର ମନମୁଖି କାର୍ଯ୍ୟକୁ ବିରୋଧ କରିଥିଲେ ।



ବୈଠକରେ ଯୋଗଦେଇଥିବା ଦଳୀୟ କର୍ମୀ।

## ବିଜେଡିର ପଞ୍ଚାୟତସ୍ତରୀୟ ବୈଠକ

ଦେବଗଡ,୧୯।୮(ସ୍ୱ.ପ୍ର.)

ଆଗାମୀ ୨୦୧୯ ନିର୍ବାଚନକୁ ଆଖି ଆଗରେ ରଖି ଦଳକୁ କିପରି ଆହୁରି ସୁଦୃଢ କରାଯିବ ସେ ନେଇ ରିଆମାଳ ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଜେଡିର ପଞ୍ଚାୟତସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ସୁଧୀର କପରଦାରଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା ଏହି ବୈଠକ। ଏଥିରେ ବ୍ଲକର ନୂଆଡିହୀ, କଣ୍ଢାବାହାଲ, ବାଘବର, ଖିଲେଇ ଆଦି ପଞ୍ଚାୟତର ଅଞ୍ଚଳବାସୀ ତଥା କର୍ମୀମାନଙ୍କ ସହ ଆଲୋଚନା ହୋଇଥିଲା। ଏହି ଅବସରରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମର ସଠିକ ରୂପାୟନ, ବିଜୁ ଯୁବ ବାହିନୀ କାର୍ଯ୍ୟପନ୍ଥା, ସୋସିଆଲ ମିଡିଆରେ ଅଧିକ ଜଡିତ ହେବା ତଥା ସଂଗଠନକୁ ତୃଣମୂଳସ୍ତରରେ ସୁଦୃଢ କରିବା ତଥା ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ନିକଟକୁ ପହଞ୍ଚାଇବା ସମ୍ପର୍କରେ ଉପସ୍ଥିତ କର୍ମୀ ଭିନ୍ନ ଭିନ୍ନ ଅଭିଭାଷଣ ରଖିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ଚନ୍ଦ୍ରଶେଖର ଭୁଲ୍ତା, ଯୁବ ଛାତ୍ର ସଭାପତି ରାକେଶ ପାଣି, ଯୁବ ନେତା ଶୁକଦେବ ଭଞ୍ଜଙ୍କ ସମେତ ଅନ୍ୟମାନେ ଉପସ୍ଥିତଥିଲେ।

### ବିକାଶ ହସ୍‌ପିଟାଲରେ ଏଞ୍ଜିଓପ୍ଲାଷ୍ଟି ଚିକିତ୍ସା ସଫଳ

ବରଗଡ଼ ଅଫିସ୍,୧୯।୮

ବିକାଶ ହସପିଟାଲର ବିଭିନ୍ନ ବିଭାଗରେ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ବ୍ୟବସ୍ଥା ଆରମ୍ଭ ହେବାରେ ଲାଗିଛି । ଏହି କ୍ରମରେ ହୃଦରୋଗ ବିଭାଗ ପ୍ରଥମ କରି ପଶ୍ଚିମ ଓଡ଼ିଶାରେ ବରଗଡ଼ ବିକାଶ ହସ୍‌ପିଟାଲରେ ଏଞ୍ଜିଓପ୍ଲାଷ୍ଟି ମାଧ୍ୟମରେ ରୋଗୀଙ୍କ ଜୀବନରକ୍ଷା କରିବାରେ ସଫଳତା ହାସଲ କରିଛି। ଆଜି ଜଣେ ହୃଦ୍‌ଘାତରେ ଆକ୍ରାନ୍ତ ରୋଗୀ ଲୋ ବ୍ଲଡ଼ପ୍ରେସର ଥିବା ଅବସ୍ଥାରେ ହସ୍‌ପିଟାଲକୁ ଆସିଥିଲେ। ହୃଦରୋଗ ବିଶେଷଜ୍ଞ ଡା. ପ୍ରଭାତ ରଞ୍ଜନ ମହାପାତ୍ର ରୋଗୀର ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଥିଲେ । ପରେ ଇସିଜି ମାଧ୍ୟମରେ କାରଣ ଜାଣି ଏଞ୍ଜିଓଗ୍ରାଫି ପାଇଁ ପରାମର୍ଶ ଦେଇଥିଲେ। ବିକାଶ ହସ୍‌ପିଟାଲର ହୃଦରୋଗ ବିଭାଗରେ ସମସ୍ତ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ଥିବାରୁ ଡା. ମହାପାତ୍ର ସଫଳତାର ସହିତ ଏଞ୍ଜିଓପ୍ଲାଷ୍ଟି ମାଧ୍ୟମରେ ଚିକିତ୍ସା କରିଥିଲେ ।

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାନ୍ତହୀନ, ନବଯୌବନ**
**ତା' ଜୀବନଟା ବୃଥା;**
**ମାତୃହୀନ, ଶିଶୁ ଜୀବନ**
**ତା' ଜୀବନଟା ବୃଥା ।**

ପାଖରେ କାନ୍ତ ନ ଥିଲେ ଯୌବନାବସ୍ଥା ବୃଥା। ସାଥୀହୀନ ଯୌବନର ମୂଲ୍ୟ କିଛି ନ ଥାଏ। ସେହିପରି ବାଲ୍ୟକାଳରେ ମାତାକୁ ହରାଇଥିବା ସନ୍ତାନ ଚିର ଅବହେଳିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**କୁମ୍ଭାରିଆ ନଈ, ଜୁଆରିଆ ପାଣି;**
**ଗାଧୋଇ ଯିବି ବେଳକାଳ ଜାଣି ।**

ଯେଉଁ ନଈରେ କୁମ୍ଭୀର ଥାଏ ସେହି ନଈ ବଡ଼ ବିପଦପୂର୍ଣ୍ଣ ହୋଇଥିବା ଜଣାଯାଏ। ସେହିପରି ପାଣିରେ ଅଧିକ ଜୁଆର ଉଠୁଥିଲେ କିଛି ଅଘଟଣ ଘଟିବାର ସମ୍ଭାବନା ରହିଥାଏ। ଏପରିସ୍ଥଳେ ସେଠାରେ ଗାଧୋଇବା ସମୟରେ ସତର୍କତା ଅବଲମ୍ବନ କରିବା ଉଚିତ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଦେବଗଡ଼ ଏସ୍‌ପିଙ୍କ ସହ ଶିଶୁମାନେ।

## ଦେବଗଡ଼ ଏସ୍‌ପିଙ୍କ ଶିଶୁ ଗୃହ ପରିଦର୍ଶନ

ଦେବଗଡ଼,୧୯।୮(ସ୍ୱ.ପ୍ର.)

ଦେବଗଡ଼ ଏସ୍‌ପି ଅନୁପମା ଜେମସ୍ ପୁରୁଣାଗଡ଼ସ୍ଥିତ ସପୋର୍ଟରେ ଶିଶୁ ଗୃହ ପରିଦର୍ଶନ କରିଥିଲେ। ଏହି ଅବସରରେ ଏସ୍‌ପି ଅନୁପମା ଶିଶୁମାନଙ୍କୁ ଭେଟି କିଛି ସମୟ ବିତାଇଥିଲେ। ଏପରି କି ପିଲାମାନଙ୍କୁ ମିଠା ଖୁଆଇ ବିଭିନ୍ନ ଖେଳ ସାମଗ୍ରୀ ଉପହାର ପ୍ରଦାନ କରିଥିଲେ। ଏସ୍‌ପି ଅନୁପମା ଶିଶୁ ଆଶ୍ରୟ ଗୃହର କର୍ମକର୍ତ୍ତାଙ୍କୁ ଭେଟି ବିଭିନ୍ନ ସମସ୍ୟାର ସମାଧାନ ନେଇ ଆଲୋଚନା କରିଥିଲେ। ଡିଏସ୍‌ପି ଆନ୍ଥୋନୀ ତିର୍କୀ, ସପୋର୍ଟର ନିର୍ଦ୍ଦେଶକ ଚନ୍ଦ୍ର ଶେଖର ସାହୁ, କେୟାର ଟେକର୍ ସୁଭଦ୍ରା ସାହୁଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବୁଡିଦୋରେ ଆଇନ୍ ସଚେତନତା ଶିବିର

ଦେବଗଡ,୧୯।୮(ସ୍ୱ.ପ୍ର.)

ଦେବଗଡ଼ ଜିଲା ଜଜ୍ ତଥା ଜିଲା ଆଇନ୍ ସେବା ପ୍ରାଧିକରଣ ଅଧକ୍ଷ ରାଜେନ୍ଦ୍ର ତୋଷଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଆଇନ୍ ସେବା ପ୍ରାଧିକରଣ, ଦେବଗଡ ଆନୁକୂଲ୍ୟରେ ବୁଡିଦୋ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଆଇନ୍ ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଜନହିତକର ଯୋଜନା ସମ୍ବନ୍ଧରେ ଜନ ସଚେତନତା ସୃଷ୍ଟି କରାଯାଇଥିଲା । ସାଧାରଣ ଲୋକ ସରକାରୀ ଯୋଜନାକୁ କିପରି ସହଜରେ ପାଇପାରିବେ ସେହି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଜିଲା ଆଇନ୍ ସେବା ପ୍ରାଧିକରଣ ଦ୍ୱାରା ସମସ୍ତେ କିପରି ନ୍ୟାୟକୁ ସହଜରେ ପାଇ ପାରିବେ, ସେ ବିଷୟରେ ମଧ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ଶିବିରରେ ପ୍ରାଧିକରଣର ସମ୍ପାଦକ ପ୍ରିୟ ରଞ୍ଜନ ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଆର୍ଣ୍ଣି ଟୁଡୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନରେନ୍ଦ୍ର ନାୟକ, ସରପଞ୍ଚ ଉମା ବେହେରା ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଆଲୋଚନା କରି ବୁଡିଦୋ ଗ୍ରାମବାସୀଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରିଥିଲେ। ଶିବିରରେ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଡିଏଲଏସଏ କାର୍ଯ୍ୟାଳୟର କର୍ମକର୍ତ୍ତା ଉମେଶ ଚନ୍ଦ୍ର ସେଠୀ, ଶୁଭାଶୀଷ କର ଓ ବହୁ ପାରାଲିଗାଲ ଭଲ୍ୟୁଂଟିୟର୍ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।




ଆଇନ୍ ସଚେତନତା ଶିବିରରେ ଯୋଗଦେଇଥିବା ଲୋକେ।

# ଚିଲିକା ଉପରେ ପ୍ଲାଷ୍ଟିକ୍ ବୋଝ

ପ୍ରଦୀପ କିଶୋର ସାହୁ
ପୁରୀ ଅଫିସ, ୧୯।୮



ସମ୍ପ୍ରତି ବିଶ୍ୱରେ ପ୍ଲାଷ୍ଟିକଜନିତ ପ୍ରଦୂଷଣ ଚିନ୍ତାର ବିଷୟ ହୋଇଛି। ମଣିଷର ମାତ୍ରାଧିକ ପ୍ଲାଷ୍ଟିକ ମୋହ ଜୈବ ବିବିଧତାକୁ ଧ୍ୱଂସ କରୁଛି। ଏହାର ଏକ ଉଦାହରଣ ହେଉଛି ଚିଲିକା, ଯାହା ଉପରେ ଏବେ ରହିଛି ପ୍ଲାଷ୍ଟିକ ଓ ପଲିଥିନ୍‌ର ବୋଝ। ଚିଲିକାର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଆସିଥିବା ପର୍ଯ୍ୟଟକ, ବ୍ୟବସାୟୀ, ଆଖପାଖରେ ରହୁଥିବା ଜନସାଧାରଣ ଲଦିଛନ୍ତି ଏହି ବୋଝ। ଫଳରେ ଚିଲିକାର ଜଳଜୀବ ପ୍ରଭାବିତ ହେଉଥିବାବେଳେ ଏହାର ପରିବେଶ ଓ ଜୈବ ବିବିଧତା ଉଜୁଡ଼ିଯିବ ବୋଲି ପରିବେଶପ୍ରେମୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏନେଇ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) କଠୋର ଆଭିମୁଖ୍ୟ ଗ୍ରହଣ କରିବା ଜରୁରୀ ହୋଇପଡିଛି।

ଚିଲିକାରେ ଛୋଟବଡ ୫୨ଟି ନଦୀ ମିଶିଛି। ଦୈନନ୍ଦିନ ମଣିଷ ବ୍ୟବହାର କରୁଥିବା ପଲିଥିନ, ପ୍ଲାଷ୍ଟିକ ଏଣେତେଣେ ପଡିବା ଫଳରେ ସେଗୁଡିକ ନଦୀ ମାଧ୍ୟମରେ ଚିଲିକା ଏବଂ ସମୁଦ୍ରକୁ ଭାସି ଆସୁଛି। ସେହିପରି ଚିଲିକା ଉପକୂଳରେ ପ୍ରାୟ ୧୪୭ ଗ୍ରାମ ରହିଛି। ସେଥିରେ ୨ଲକ୍ଷ ପରିବାର ବସବାସ କରୁଛନ୍ତି। ଏହାଛଡ଼ା ଚିଲିକା କୂଳରେ ରହିଥିବା ପର୍ଯ୍ୟଟନ ସ୍ଥଳ ଏବଂ ଜେଟିଗୁଡିକରେ ଛୋଟ ବଡ ଦୋକାନ ରହିଛି। ଚିଲିକା ଉପକୂଳବାସୀ, ପର୍ଯ୍ୟଟକ ଓ ବ୍ୟବସାୟୀ ସଚେତନ ନ ଥିବାରୁ ପଲିଥିନ ଏଣେତେଣେ ପକାଉଛନ୍ତି। ସେଗୁଡିକ ଚିଲିକାରେ ମିଶୁଛି। ନୂଆମୁହାଣ, ରାଜହଂସ, କାଳିଜାଇ, ବରକୁଳ, ବାଲୁଗାଁ, ରମ୍ଭା ଆଦି ସ୍ଥାନରେ ପର୍ଯ୍ୟଟକମାନେ ପିକ୍‌ନିକ କରୁଛନ୍ତି। ସେଠାରେ ପଲିଥିନ ଓ ପ୍ଲାଷ୍ଟିକ ଗ୍ଲାସ ଆଦିକୁ ପକାଇବା ଯୋଗୁ ସେଗୁଡିକ ଚିଲିକା ପାଇଁ ବିପଦ ସାଜୁଛି।

ଅନ୍ୟପକ୍ଷରେ ଚିଲିକା ମଧ୍ୟରେ ଡଙ୍ଗାରେ ପର୍ଯ୍ୟଟକମାନେ ପିକ୍‌ନିକ କରୁଛନ୍ତି। ସେହିପରି ମଙ୍ଗଳାଯୋଡି, ସୁନ୍ଦରପୁର ଆଦି ସ୍ଥାନରୁ ପର୍ଯ୍ୟଟକମାନେ ଡଙ୍ଗାରେ ବସିପକ୍ଷୀ ଦେଖିବାକୁ ଯାଉଛନ୍ତି। ପର୍ଯ୍ୟଟକମାନେ ସାଥିରେ ପଲିଥିନରେ ବିଭିନ୍ନ ସ୍ନାକ୍ସ, ପାଣି ବୋତଲ, ପ୍ଲାଷ୍ଟିକ ଗ୍ଲାସ ଓ କୋଲ୍ଡ ଡ୍ରିଙ୍କସ୍ ଆଦି ନେଉଛନ୍ତି। ଖାଇବା ପରେ ତାହାକୁ ଚିଲିକାରେ ପକାଉଛନ୍ତି। ମତ୍ସ୍ୟଜୀବୀମାନେ ଜାଲରେ ପ୍ଲାଷ୍ଟିକ ବୋତଲ ବାନ୍ଧୁଛନ୍ତି। ସେଗୁଡ଼ିକ ମଧ ଜଳରାଶିରେ ହଜାର ହଜାର ସଂଖ୍ୟାରେ ଭାସୁଥିବା ଦେଖିବାକୁ ମିଳୁଛି।

**ବୃଦ୍ଧି ପାଉଛି ପ୍ରଦୂଷଣ, ସଙ୍କଟରେ ଜଳଜୀବ**

ଏସିଆ ମହାଦେଶର ବୃହତ୍ତମ ଲବଣାକ୍ତ ହ୍ରଦ ଚିଲିକା। ୧୧୬୫ବର୍ଗ କିମି ବିଶିଷ୍ଟ ଏହି ହ୍ରଦ ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲାର ବ୍ୟାପକ ଅଞ୍ଚଳକୁ ଛୁଇଁଛି। ଏହାର ଅନ୍ୟତମ ଆକର୍ଷଣ ହେଉଛି ଇରାୱାଡି ଡଲଫିନ। ଭାରତର ପ୍ରଥମ ଆର୍ଦ୍ରଭୂମି ଓ ସନ୍ତସନ୍ତିଆ ଅଞ୍ଚଳ ଭାବେ ଏହା ରାମସାର କନ୍‌ଭେନଶନରେ ମାନ୍ୟତା ପାଇଥିଲା। ୨୦୦୨ରେ ରାମସାର ସଂରକ୍ଷଣ ପୁରସ୍କାର ପାଇ ବିଶ୍ୱରେ ପ୍ରକୃତିପ୍ରେମୀଙ୍କ ଦୃଷ୍ଟିକୁ ଆସିଥିଲା। ଆନ୍ତର୍ଜାତିକ ଗୁରୁତ୍ୱ ବହନ କରୁଥିବା ଚିଲିକାର ୧୬ ବର୍ଗ କିମି ବ୍ୟାପ୍ତ ନଳବଣ ଦ୍ୱୀପକୁ ୧୯୮୭ରେ ପକ୍ଷୀ ଅଭୟାରଣ୍ୟର ମାନ୍ୟତା ମଧ ମିଳିଛି। ଏହାର ପ୍ରାକୃତିକ ପରିବେଶ ପ୍ରତି ଆକୃଷ୍ଟ ହୋଇ ପ୍ରତିବର୍ଷ ଶୀତଋତୁରେ ଦେଶ ବିଦେଶରୁ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ଛୁଟି ଆସିଥାନ୍ତି।

**୨୦୦୨ରୁ ନିଷିଦ୍ଧ ହୋଇଛି ପଲିଥିନ ବ୍ୟବହାର**

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ୨୦୦୨ରୁ ଚିଲିକାରେ ପଲିଥିନ ବ୍ୟବହାରକୁ ନିଷିଦ୍ଧ କରାଯାଇଛି। କିନ୍ତୁ ଏ ଦିଗରେ ପଦକ୍ଷେପ ନିଆଯାଇ ନ ଥିବାରୁ ତାହାକୁ ରୋକା ଯାଇପାରିନାହିଁ। ଲୋକମାନଙ୍କୁ ସଚେତନ କରିବା ଲାଗି ମଧ ପର୍ଯ୍ୟାପ୍ତ ପଦକ୍ଷେପ ହାତକୁ ନିଆଯାଉନାହିଁ। ଚିଲିକା ପରିବେଶ ପର୍ଯ୍ୟଟନ ମହାସଂଘର ସଭାପତି ସଦାଶିବ ଜେନା କୁହନ୍ତି, ଚିଲିକାରେ ଚଳାଚଳ କରୁଥିବା ୮୦ପ୍ରତିଶତ ବୋଟ୍‌ରେ ଡଷ୍ଟବିନ ରଖାଯାଇଛି। ବୁଲିବାକୁ ଯାଉଥିବା ପର୍ଯ୍ୟଟକଙ୍କୁ ଡଙ୍ଗାରେ ବସିବା ବଳେ ସଚେତନ କରାଯାଉଛି। ସେମାନେ ବ୍ୟବହାର କରୁଥିବା ପଲିଥିନ ବୋଟ ଡ୍ରାଇଭରଙ୍କୁ ଦେବାକୁ କୁହାଯାଉଛି। ବୋଟ ଡ୍ରାଇଭର ପଲିଥିନକୁ ଡଷ୍ଟବିନରେ ରଖୁଛନ୍ତି। ଡଙ୍ଗାକୂଳରେ ଲାଗିବା ପରେ ବାହାରେ ପକାଉଛନ୍ତି। କିନ୍ତୁ ଚିଲିକା କୂଳରେ ଡଷ୍ଟବିନ ନ ଥିବାରୁ ସମସ୍ୟା ଉପୁଜିଛି। ଚିଲିକାରେ ଥିବା ପ୍ରତି ମୋଟର ବୋଟ ଆସୋସିଏଶନକୁ ସିଡିଏ ୨୦ହଜାର ଟଙ୍କା ଲେଖାଏ ଯୋଗାଇ ଦେଇଥିଲା। ସେଥିରେ ଡଷ୍ଟବିନ କିଣିବା ସହିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅକ୍ଟୋବର ୨ରୁ ଏହାକୁ କଡାକଡି କରାଯିବ। ଚିଲିକା ମଧ୍ୟକୁ ପଲିଥିନ ନେବାକୁ ଦିଆଯିବ ନାହିଁ ବୋଲି ସେ କହିଛନ୍ତି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ସସ୍ମିତା ଲେଙ୍କା କହିଛନ୍ତି, ସିଡିଏ ପକ୍ଷରୁ ମତ୍ସ୍ୟଜୀବୀ ଓ ପର୍ଯ୍ୟଟକଙ୍କୁ ସଚେତନ କରାଯାଉଛି। କାଳିଜାଇ ସହିତ ଚିଲିକାର ବିଭିନ୍ନ ସ୍ଥାନରେ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଇଛି। କିନ୍ତୁ ଲୋକମାନେ ସଚେତନ ହେବା ଆବଶ୍ୟକ। ଚିଲିକା କିଭଳି ପଲିଥିନ ଓ ପ୍ଲାଷ୍ଟିକମୁକ୍ତ ହୋଇପାରିବ ସେଥିପାଇଁ ସିଡିଏ ପକ୍ଷରୁ ପଦକ୍ଷେପ ନିଆଯାଉଛି।

# ବାଘୀ ତୋଟା ଓ 'ଫାଶୀବର'ର ଐତିହ୍ୟସ୍ଥଳ ଚିହ୍ନଟ

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ଐତିହ୍ୟର ଓଡ଼ିଶା

୧୮୧୭ ମସିହାରେ ଓଡ଼ିଶାରେ ହୋଇଥିବା ପାଇକ ବିଦ୍ରୋହରେ ଜୟୀ ରାଜଗୁରୁଙ୍କ ଦ୍ୱାରା ସଙ୍ଗଠିତ ୧୮୦୪ ମସିହା ଯୁଦ୍ଧର କିପରି ପ୍ରଭାବ ଥିଲା, ତାହା ଆମେ ଆଲୋଚନା କରୁଛେ। ୧୮୦୪ ମସିହାରେ ହୋଇଥିବା ପ୍ରଥମ ଯୁଦ୍ଧର ଅସନ୍ତୋଷର ପରିଣତି ହିଁ ୧୮୧୭ ମସିହା ବିଦ୍ରୋହର କାରଣ। ସେ ବିଷୟରେ ଆମେ ଚାରୋଟି ବିନ୍ଦୁ ଆଲୋଚନା କରିସାରିଛୁ। ଉକ୍ତ ଆଲୋଚନାଟି ପଠିତ ହୋଇଥିଲା ତା୫.୪.୧୮ରିଖରେ ପୁରୀରେ ଅନୁଷ୍ଠିତ ହୋଇଥିବା ଆଲୋଚନାଚକ୍ରରେ। ଏହି ଆଲୋଚନାଚକ୍ରକୁ ଆୟୋଜନ କରିଥିଲେ ଶହୀଦ ରାଜଗୁରୁ ସ୍ମୃତି ପରିଷଦ। ଏଥିରେ ସଭାପତିତ୍ୱ କରିଥିଲେ ପରିଷଦର ସଭାପତି ଦିଗମ୍ବର ମହାନ୍ତି (ଆଇଏଏସ୍)। ସେ ୩୨ ବର୍ଷ ଧରି ପରିଷଦ ସଙ୍ଗରେ ଅଛନ୍ତି। ପୁରୀର ଜିଲାପାଳ ନ ହେବା ପୂର୍ବରୁ ପରିଷଦର ଅନୁସନ୍ଧାନ କାର୍ଯ୍ୟରେ ତାଙ୍କର ଅବଦାନ ସ୍ୱୀକାର କରିବାକୁ ହେବ।

ଜୟୀ ରାଜଗୁରୁଙ୍କୁ ଫାଶୀ ବରଗଛ କେଉଁଠି ଥିଲା ତାହା ଆମେ ଖୋଜାଲୋଡ଼ା କରିଥିଲୁ। ତିନୋଟି ସ୍ଥାନ ପ୍ରଥମେ ଗ୍ରହଣ କରାଯାଇଥିଲା। ପ୍ରଥମଟି ହେଲା ବର୍ତ୍ତମାନ ପଶ୍ଚିମବଙ୍ଗରେ ସାମିଲ ହୋଇଥିବା ମେଦିନୀପୁର ଅଞ୍ଚଳ। ଇତିହାସ ଅନୁଶୀଳନ କଲେ ଜଣାପଡୁଛି ମେଦିନୀପୁର ତାଲୁକ ଶହ ଶହ ବର୍ଷ ଧରି ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ଥିଲା। ୧୮୦୬ ମସିହା ବେଳକୁ ତାହା ବି ଓଡ଼ିଶାରୁ ସମ୍ପୂର୍ଣ୍ଣ ହୋଇ ନଥିଲା ବୋଲି କେତେକ ଇତିହାସକାର ମତବ୍ୟକ୍ତ କରିଛନ୍ତି। ତେଣୁ ଏହା ଓଡ଼ିଶାର ଉପାନ୍ତ ଅଞ୍ଚଳ ଥିବାରୁ ସେଠାରେ କୌଣସି ବରଗଛରେ ଫାଶୀ ଦିଆଯାଇଥିଲା ବୋଲି ପ୍ରଥମେ କେତେକାଂଶରେ ବିଶ୍ୱାସ ଆସିବା ସ୍ୱାଭାବିକ। ମାତ୍ର ଦିଗମ୍ବର ମହାନ୍ତି ମହୋଦୟ ପୁରୀର ଜିଲାପାଳ ହେବା ପରେ ମେଦିନୀପୁର ପ୍ରଶାସନ ସହିତ ଚିଠି ମାଧମରେ ଯୋଗାଯୋଗ ଆରମ୍ଭ କରିଥିଲେ। କାଳେ ମେଦିନୀପୁର ବନ୍ଦୀଶାଳାରେ କୌଣସି ଦସ୍ତାବିଜ ଥିବ, ସେଥିପାଇଁ ପରିଷଦର ସମ୍ପାଦକ ଜଟାଧାରୀ ମିଶ୍ର ତିନି/ଚାରିଜଣ ଅନୁସନ୍ଧାନକାରୀଙ୍କୁ ନେଇ ମେଦିନୀପୁର ଯାଇ ସମସ୍ତ ସ୍ଥାନ ଓ କାଗଜାତ ଖୋଜାଖୋଜି କରିଥିଲେ। କୌଣସି ପ୍ରମାଣ ମିଳି ନ ଥିଲା। ମେଦିନୀପୁର ଜିଲା ପ୍ରଶାସନ ପୂର୍ବରୁ ଜଣାଇଥିଲେ ଯେ ମେଦିନୀପୁର ବନ୍ଦୀଶାଳା ୧୮୦୬ ମସିହା ପରେ ସ୍ଥାପିତ ହୋଇଥିଲା। ଏମିତି କୌଣସି ବ୍ୟକ୍ତିଙ୍କୁ ଏଠାରେ ଫାଶୀ ଦିଆଯାଇଥିବାର କୌଣସି ପ୍ରମାଣ ମିଳୁନାହିଁ। ମେଦିନୀପୁର ପ୍ରଶାସନର ଉକ୍ତ ଚିଠି ସତ୍ୟରେ ପରିଣତ ହେଲା। ଅନୁସନ୍ଧାନକାରୀମାନେ କୌଣସି ସୁରାକ ପାଇ ନ ଥିଲେ।

ଦ୍ୱିତୀୟ ଫାଶୀବର ସମ୍ପନ୍ଧରେ ଏହି ଲେଖକ ଗଞ୍ଜାମ ଜିଲାର କୋଦଳା ନିକଟରେ ଥିବା 'ଫାଶୀ' ଗ୍ରାମକୁ ଯାଇଥିଲା। ଏହି ଗ୍ରାମକୁ ଲାଗି ରହିଛି ବହୁ ପ୍ରସିଦ୍ଧ ମେଦିନୀପୁର ଶାସନ। ଫାଶୀ ଗ୍ରାମର ଦକ୍ଷିଣ-ପଶ୍ଚିମ ଦିଗକୁ ରହିଥିବା ପାହାଡ଼ ଉପତ୍ୟକାରେ ବିରାଟ ଅଞ୍ଚଳକୁ ବ୍ୟାପି ରହିଛି ଫାଶୀବର। ଏଠାରେ ଇଂରେଜ ସରକାର ବିଦ୍ରୋହୀମାନଙ୍କୁ ଫାଶୀ ଦେଉଥିଲେ ବୋଲି ଆଜି ବି ସେହି ଅଞ୍ଚଳରେ ଲୋକକଥା ଓ ଲୋକଗୀତର ଐତିହ୍ୟ ରହିଛି। ନିଜେ ସେ ଅଞ୍ଚଳ ବୁଲାବୁଲି କରି ବହୁତଥ୍ୟ ସଂଗ୍ରହ କଲା ପରେ ଜଣାପଡ଼ିଲା ପ୍ରାଚୀନ ଜଗନ୍ନାଥ ସଡ଼କଟିଏ ପାହାଡ଼ ତଳ ଦେଇ ଯାଇଥିଲା। ନିକାଞ୍ଚନିଆ ସ୍ଥାନ ଦେଖି ବିଦ୍ରୋହୀ ଦେଶଭକ୍ତମାନଙ୍କୁ ଫାଶୀ ଦିଆଯାଉଥିଲା। ମାତ୍ର ଜୟୀ ରାଜଗୁରୁଙ୍କୁ ସେଠାରେ ଫାଶୀ ଦିଆଯିବାର ପ୍ରାମାଣିକ କାଗଜାତ ଆମେ ପାଇଲୁ ନାହିଁ।

ସମ୍ଭାବନାରେ ତୃତୀୟ ସ୍ଥାନଟି ଥିଲା ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅନନ୍ତପୁର ଗାଁ। ନିଜେ ଦିଗମ୍ବର ମହାନ୍ତି ପ୍ରଥମେ ଏହି ଗାଁକୁ ଫାଶୀବର ସମ୍ବନ୍ଧରେ ବୁଝାବୁଝି କରିବାକୁ ଯାଇଥିଲେ। ତାଙ୍କର ପ୍ରଥମ ଅନନ୍ତପୁର ଗାଁ ଗସ୍ତ ବିଷୟରେ ଉକ୍ତ ଆଲୋଚନାଚକ୍ରରେ ପ୍ରକାଶ କରି ସମସ୍ତଙ୍କୁ ବିସ୍ମିତ କରି ଦେଇଥିଲେ। ବାଲେଶ୍ୱରର ଅନନ୍ତପୁର ଗାଁରେ ରହିଛି ଫାଶୀବର। ଏହି ଫାଶୀବରର ଚାରିପଟେ ପାଇକ ବସ୍ତି ଅଛି। ଜୟୀ ରାଜଗୁରୁଙ୍କୁ ଏପଟେ ଫାଶୀ ଦିଆଯିବା କଥା ଶୁଣି ଖୋର୍ଦ୍ଧା ଜିଲାର ସେହି ପାଇକମାନେ ଉଦ୍‌ବୁଦ୍ଧ ହୋଇ ଖୋଜି ଖୋଜି ସେହି ବରଗଛ ପାଖରେ ପହଞ୍ଚିଥିଲେ। ସେବେଠାରୁ ସେହି ସ୍ମୃତିର ଫାଶୀବର ନିକଟରେ ସେମାନେ ବସ୍ତି କରି ରହିଯାଇଥିଲେ। ପ୍ରଥମେ ରାଜସ୍ୱ ମୌଜା ଥିଲା ମେଦିନୀପୁର। ପରବର୍ତ୍ତୀ ସମୟରେ ଅନନ୍ତପୁର ଗାଁ ଅଲଗା ହୋଇଯିବା ପରେ ଅନନ୍ତପୁର ଗାଁ ମୌଜାରେ ବର୍ତ୍ତମାନ ଫାଶୀବର ଗଛଟି ଅଛି। ବରଗଛମୂଳେ ସେହି ଗାଁ ଲୋକେ ଜୟୀ ରାଜଗୁରୁଙ୍କ ଫଟୋ ରଖି ପ୍ରତିବର୍ଷ ଉତ୍ସବ ପାଳନ କରୁଛନ୍ତି। ସେଠାକାର ଜଣେ ସ୍ୱାଧୀନତା ସଂଗ୍ରାମୀ, ଯାହାଙ୍କର ବୟସ ସେତେବେଳେ ୮୫ ବର୍ଷ ଥିଲା ଦିଗମ୍ବରଙ୍କ ଆଗରେ ପ୍ରକାଶ କରିଥିଲେ ଯେ ମୋ ପିଲାଦିନରୁ ଜୟୀ ରାଜଗୁରୁଙ୍କର ସ୍ମୃତି ଉତ୍ସବ ଏଠାରେ ହେଉଥିବା ଦେଖିଆସୁଛି। ବାପା-ଜେଜେବାପାଙ୍କଠାରୁ ଶୁଣିଛୁ ସେମାନେ ମଧ ଏହି ଫାଶୀବର ନିକଟରେ ସ୍ମୃତି ଉତ୍ସବ କରୁଥିଲେ। ପରବର୍ତ୍ତୀ କାଳରେ ଦିଗମ୍ବର ମହାନ୍ତି ସେ ସ୍ଥାନକୁ ତିନି/ଚାରି ଥର ଅନୁସନ୍ଧାନ ଉଦ୍ଦେଶ୍ୟ ନେଇ ଯାଇଥିଲେ। ଦ୍ୱିତୀୟଥର ମଧ ସେହି ସ୍ୱାଧୀନତା ସଂଗ୍ରାମୀଙ୍କୁ ଭେଟିଥିଲେ। ତାଙ୍କ ମତଟି ରେକର୍ଡ଼ କରି ଆଣି ହେଲାନି ବୋଲି ଅବସୋସ ରହିଗଲା ବୋଲି ସେ ଆଲୋଚନାଚକ୍ରରେ ମଧ ପ୍ରକାଶ କରିଥିଲେ। ପରେ ସ୍ମୃତି ପରିଷଦ ପକ୍ଷରୁ ଏକ ଅନୁସନ୍ଧାନ ଦଳ ବାଲେଶ୍ୱର ସହରଠାରୁ ପ୍ରାୟ ୧୫ କି.ମି. ଦୂରରେ ରହିଥିବା ଉକ୍ତ ଗ୍ରାମକୁ ଗ୍ରସ୍ତ କରିଥିଲେ। ସେଠାରେ ପ୍ରାଚୀନ କାଳରୁ ରହିଥିବା 'ବାଘୀନଳା' ସ୍ଥାନକୁ ଚିହ୍ନଟ କରିଥିଲେ। ବର୍ତ୍ତମାନ ଏହି ଗ୍ରାମ ଚାରୋଟି ପଡ଼ାରେ ବିଭକ୍ତ ହୋଇ ଯାଇଛି। ବାଘୀନଳା ସଂଲଗ୍ନ ହୋଇ ଯେଉ ତୋଟାଟି ଥିଲା, ତାହା ବାଘୀ ତୋଟା ନାମରେ ପ୍ରସିଦ୍ଧ ଥିଲା। ଏହି ବାଘୀ ତୋଟାରେ ହିଁ ଜୟୀ ରାଜଗୁରୁଙ୍କର ବିଚାର ହୋଇଥିଲା ବୋଲି ଅନେକ ସ୍ଥାନୀୟ ଲୋକ ପୁରୁଣା କଥାକୁ ଦୋହରାଇଥିଲେ। ସେତିକିବେଳେ ସେମାନେ ପ୍ରକାଶ କରିଥିଲେ ଯେ, ଆମେ ସବୁ ଖୋର୍ଦ୍ଧା ଜିଲାର ବାଲିଅନ୍ତା ଅଞ୍ଚଳରୁ ଆସିଅଛୁ। ହୁଏତ ଜୟୀ ରାଜଗୁରୁଙ୍କୁ ଖୋଜି ଖୋଜି ଯାଇଥିବା ସେହି ପାଇକମାନଙ୍କୁ ଫିରିଙ୍ଗି ପ୍ରଶାସନ ଫେରିବାକୁ ଆଉ ଦେଇ ନ ଥିଲେ।

ବାଲେଶ୍ୱରର ଅନନ୍ତପୁର ଗାଁ ପରିଦର୍ଶନ ପରେ ଗବେଷଣା ଦୃଷ୍ଟିରୁ ବର୍ତ୍ତମାନ ସୁଦ୍ଧା ସ୍ଥିର ହୋଇଅଛି ଯେ, ସେହି ସ୍ଥାନରେ ହିଁ ଜୟୀ ରାଜଗୁରୁଙ୍କୁ ଫାଶୀ ଦିଆଯାଇଥିଲା। ଭବିଷ୍ୟତ ଗବେଷଣାର ଦ୍ୱାର ଏବେ ବି ଉନ୍ମୁକ୍ତ ଅଛି। ଆଉ ଗୋଟିଏ ସମ୍ଭାବନା ହୁଏ ବାଲେଶ୍ୱରର ସେହି ଅଞ୍ଚଳ ପୂର୍ବେ ମେଦିନୀପୁର ତାଲୁକ ଅନ୍ତର୍ଭୁକ୍ତ ଥିଲା।



ଜୟୀରାଜଗୁରୁଙ୍କ ସ୍ମୃତି ମଣ୍ଡପ। (ଫଟୋ: ମାନସ ବିଶ୍ୱାଳ)



ଜୟୀରାଜଗୁରୁଙ୍କୁ ଫାଶି ଦିଆଯାଇଥିବା ଅନନ୍ତପୁର ଗ୍ରାମସ୍ଥିତ ସେହି ବରଗଛ।


## GOVERNMENT OF ODISHA DEPARTMENT OF TOURISM

No. 7639 /TSM, Bhubaneswar the
TCT-TSP-MISC-0100-2018

### EXPRESSION OF INTEREST (EOI) EMPANELMENT OF TOURISM EDUCATION INSTITUTES AVAILABLE IN ODISHA

No. 14-R: Expression of Interest is invited from approved Govt./Private Tourism Education Institutes in Odisha, having infrastructure facilities & competent resource persons for imparting skill training to create employable skills in Tourism and Hospitality Sector Programmes for Implementation of HUNAR SE ROZGAR TAK (HSRT) programme under the scheme of "Capacity Building for Service Providers (CBSP)" with the financial assistance of Ministry of Tourism, Government of India, New Delhi for the Financial year 2018-19.
Last date for submission of Interest / willingness is 05th September, 2018. The detailed Guidelines can be had from Department of Tourism, Government of Odisha, Paryatana Bhawan, Bhubaneswar or may be downloaded from our website www.odishatourism.gov.in

Sd./- Director
& Addl. Secretary to Govt.
37001/11/0030/1819

## OFFICE OF THE EXECUTIVE ENGINEER, R.W.S. & S. DIVISION, NUAPADA

**Govt. of Odisha 'e' Procurement Notice**
**Email : eerwssnpd@rediffmail.com,**
**Phone No. : 06678-225274**
**Bid Identification No. RWS&S_04/2018-19**

No.600-O: The Executive Engineer, RWS&S Division, Nuapada on behalf of Governor of Odisha invites Percentage bid in double cover system according to norm of 'e' procurement system in online form eligible contractors.

| | | |
|---|---|---|
| Nature of Work | : | Augmentation of Rural Piped Water Supply schemes under Boden Block in Nuapada District. |
| No. of Tender | : | 2 (Two) No. |
| Approx. Estimated Cost | : | Rs. 42.86 Lakhs to Rs. 68.68 Lakhs |
| Period of Completion | : | 04 (Four) months |
| Tender Cost | : | Rs. 6000/- to Rs. 10000/- |
| Class of Contractor | : | Class B and Above |
| Date and Time of availability of bid document in the portal | : | 21.08.2018 at 10.00 A.M. |
| Last date / Time for receipt of bids in the portal | : | 04.09.2018 upto 5.00 P.M. |
| Date of Opening of bid | : | 06.09.2018 at 11.00 A.M. |

The bidders have to participate in online bidding only. Further details can be seen from the website http://tendersorisa.gov.in

Executive Engineer
RWSS Division, Nuapada
25043/11/0006/1819

## BOARD OF SECONDARY EDUCATION, ODISHA, CUTTACK

### TENDER CALL NOTICE

No.4394 (Engg.Section)/ Dt.18.08.2018
Eng. Sec./02/2018

Tenders in double scaled cover in the prescribed format are invited from the interested supply agencies having necessary valid G.S.T. Registration number for supply & commissioning of 100 KVA silent Diesel Generator in the campus of Board of Secondary Education, Odisha, Bajrakabati Road, Cuttack. The tenderers are required to submit two part bid latest by **Dt. 03.09.2018** in the office of the undersigned. For Details of terms and conditions of the tender Documents, the tenderers may visit the Board's website **www. bseodisha.nic.in.** The last date for submission of Tender Paper at the office of the Secretary. Board of Secondary Education, Odisha, Bajrakabati Road, Cuttack-753001 is **Dt.03.09.2018** up to 4.00 P.M. The same shall be opened on **Dt .04.09.2018** at 4.00 P.M. in presence of tenderers or their authorised representative only.

The authority reserves the right to reject any or all tender without assigning any reason thereof.

Sd/-
Secretary.

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**ଖର୍ଚ୍ଚ ଋଣରୁ ଛଟିବ ଜନଧନ୍ ଫାଇନାନ୍ସ** (Govt. Regd.)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଓ ସମସ୍ତ ଋଣ ୨% ସୁଧ, ୪୦% ରିହାତି
Contact No.: 94115-02501, 92055-71505
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।

**GET INSTANT CASH AGAINST GOLD — Sell your GOLD more than market value.**
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ : Bhubaneswar - 7978065794, Dhenkanal - 8895446310, Angul - 9437901750

**MONEY WIZZ FINANCE**
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691, 07750048332, moneywizz27@gmail.com

**JAGANNATH FINANCE COMPNAY**
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ। 1% ସୁଧ 50% ଛାଡ। ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025, 8860754032

**FINANCE**
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି। ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ। ୩୦% ସବସିଡି ସହିତ।
7787922501, 7787907927, pmjansamridhi@gmail.com

**Get Instant Cash Against Gold — Gold Cash**
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ।
GNM, ANM, OT. Tech, DMLT, ICU, X-RAY
ଯୋଗ୍ୟତା: ୧୦ମ, +୨ ପାସ୍ ବା ତଦୁର୍ଦ୍ଧ
HOSTEL HOSPITAL PRATICAL PLACEMENT FACILITY AVAILABLE
KIMS, KHANDAGIRI, BBSR 7326967938

**BANAJ FINANCE GROUP LTD.**
ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ। ଗ୍ରୁପ୍ ଋଣ, ଆଧାର କାର୍ଡ ଋଣ, ଗୃହ ଋଣ, ଗାଡ଼ି ଋଣ, କୃଷି ଋଣ, ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ଏବଂ ଅନ୍ୟାନ୍ୟ ଋଣ ୧% ସୁଧ, ୩୫% ସବ୍‌ସିଡି। କଲ୍ କରନ୍ତୁ SAMIR MONAL
07363008993, 07363008928

**SMS JOB** Send SMS, Earn MONEY
AIRTEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
07367075431, 07367075342

**LOAN**
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639, 8018022748

**BUSINESS**
ସରକାରୀ ଅନୁମୋଦିତ ନଂ.1 କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଘର ଛାତ, ପ୍ଲଟ୍‌ରେ ସମଗ୍ର ଭାରତର ଯେକୌଣସି ସ୍ଥାନରେ ଡିଜିଟାଲ ଉପକରଣ ଲଗାନ୍ତୁ ଏବଂ ଅଗ୍ରିମ ଆକାରରେ 60 ଲକ୍ଷ, 50,000 ଭଡ଼ା + ମାସିକ 35,000ର ଅନ୍ୟାନ୍ୟ ସୁବିଧାସୁଯୋଗ ପାଆନ୍ତୁ।
Helpline Numbers 7497033685, 7497800247

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସରକାରୀ ରେଜିଷ୍ଟରଭୁକ୍ତ କମ୍ପାନୀ Bansal Group ର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ଜଣକୁ ଚାକିରି ମିଳିବ + Bike
Registration Charges 1250/-
8557970913, 7629090472

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FIRST FINANCE LIMITED**
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number: 7689937202

## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Kuber Finance**
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ - 7496011718, 7496016879

**HDB Government Financial Services**
କରୁଛି ଏବେ ଗାଁ/ସହରରେ ବଡ଼ ଋଣ 50,000 – 95,00,000 ପର୍ଯ୍ୟନ୍ତ, ଶିକ୍ଷା, ପ୍ରପର୍ଟି, କାର୍ଡ ଏବଂ ସମସ୍ତ ଋଣ 2% ସୁଧ 40% ରିହାତି। ମହିଳା (ସମୂହ) ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Numbers 9983302166, 9983302146

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603, 7064382081

**ଫାଇନାନ୍ସ ଧନଜନ ଯୋଜନା**
ଶ୍ରୀ ହରି ଫାଇନାନ୍ସ LTD
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହଋଣ, କୃଷି। 2% ସୁଧ, 50% ରିହାତି
(ଠକମାନଙ୍କ ପ୍ରତି ସାବଧାନ)
9634736108, 9634734514

**B.N. FINANCE**
ସମସ୍ତ ଜିଲ୍ଲା ପାଇଁ Personal, Business, Property, Certificate, କୃଷି ଓ ପଶୁପାଳନ ପାଇଁ ସମସ୍ତ ପ୍ରକାର ଲୋନ୍ ୫ ଦିନ ମଧ୍ୟରେ ମିଳିବ। 2% ସୁଧ।
M: 8337957615, 7064797490

**SRI RAM FINANCE LTD.**
Regd No. 12AP2K3697 (I.S.O.)
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ପାଆନ୍ତୁ ୨ ରୁ ୩ ଦିନରେ। ସୁଦ୍ଧ ୨% ରିହାତି ୩୦% ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ରିହାତି।
Help Line No. 8658665629, 7894259095
finance0102018@gmail.com



କମଳାକାନ୍ତ ଜେନା

# ମହାକାଶରେ ଦାନ୍ତଘଷା

''ସେ ମୋ ପାଖକୁ ଉଡି ଉଡି ଆସିଗଲେ । ହସି ହସି କହିଲେ, 'ମହାକାଶ ଉପରେ ଲେଖିଥିବା ପ୍ରବନ୍ଧ ତୁମର ମନେ ପଡୁନି କି । ଆଚ୍ଛା ଠିକ୍ ଅଛି, ବ୍ୟସ୍ତ ହେବା ଦରକାର ନାହିଁ । ମୁଁ ଏବେ ବ୍ରଶ୍ କରିବାର ଅଛି । ତୁମେ ଦେଖ । ତା'ପରେ ନିଜେ କରିବ ।' ମୁଁ କହିଲି, 'ହଁ, ଦୟାକରି ତୁମେ କର । ମୁଁ ଦେଖିବି ।''





ମହାକାଶକୁ ଯିବା କଥା ଅନେକ ଥର ଭାବିଛି । କିନ୍ତୁ ମୋର ସବୁ ସ୍ୱପ୍ନ କେବଳ ସ୍ୱପ୍ନରେ ରହିଯାଇଥିଲା । ହେଲେ ସେଦିନ ଆଇ.ଏସ୍.ଏସ୍. ମହାକାଶ-ଗବେଷଣାକେନ୍ଦ୍ର ଭିତରେ ଶୋଇଥିବା ଅବସ୍ଥାରେ ନିଜକୁ ଯେତେବେଳେ ଆବିଷ୍କାର କଲି, ବିଶ୍ୱାସ କରିପାରିଲି ନାହିଁ। ମୁଁ କେବେ ମହାକାଶକୁ ଯିବାର ତାଲିମ ନେଇ ନଥିଲି କିମ୍ବା ମହାକାଶ ଉପରେ ମୋର ସେମିତି କୌଣସି ମୌଳିକ ଗବେଷଣା ବି ନଥିଲା । କେବଳ ଜଣେ ପଦାର୍ଥ ବିଜ୍ଞାନୀ ଭାବରେ ମହାକାଶ ସମ୍ପର୍କରେ ଅଳ୍ପ କିଛି ଜ୍ଞାନ ଥିଲା । ତେଣୁ ମୁଁ କେମିତି ହଠାତ୍ ମହାକାଶ ଷ୍ଟେଶନ୍‌କୁ ଆସିଗଲି, ସେହି କଥା ଭାବୁଥିଲି । କାନ୍ଥ ସହିତ ବନ୍ଧା ହୋଇଥିବା ଗୋଟିଏ ପ୍ଲାଷ୍ଟିକ୍ ଖୋଳ ଭିତରେ ମୁଁ ଶୋଇଥିଲି । ମୁହଁଟା କେବଳ ବାହାରକୁ ଥିଲା । ଆଖି ଖୋଲିଲା ବେଳକୁ ମୋ ଆଗରେ ଜଣେ ଗୋରା ଲୋକ ମୋ ଆଡକୁ ଚାହିଁ ଓଠ ଚିପି ଚିପି ହସୁଥିବାର ଦେଖିଲି । ପରେ ଜାଣିଲି ସେ ଥିଲେ କାନାଡାର ଏୟାର-ମାର୍ଶଲ ଜିମ୍ କ୍ୟୁରେଟୋ । ମୁଁ ନିଦରୁ ଉଠିବାର ଦେଖି ସେ ପଚାରିଲେ, 'କିଛି ଅସୁବିଧା ହେଉନାହିଁ ତ, ଅଧ୍ୟାପକ ।'

ମୁଁ କହିଲି, 'ନା, ଗୋରାଭାଇ । ମୁଁ ଠିକ୍ ଅଛି । ହେଲେ ମୁଁ କେମିତି ଏଠାକୁ ଆସିଲି ଜାଣି ପାରୁନାହିଁ ।' ସେ ହସି ହସି କହିଲେ, ଚମତ୍କାର । ଭାରତୀୟମାନଙ୍କର 'ଭାଇ' ଡାକ ମତେ ଭଲ ଲାଗେ । ହଁ, କ'ଣ କହିଲ, 'ଗୋରା ଭାଇ' । ଆରେ ତୁମେ ତ ଖାଣ୍ଟି ଭାରତୀୟ । ତା' ପରେ ଜୋର ହସିଲେ । ମୁଁ କହିଲି, 'ତୁମ ନାଁ ଜାଣିନାହିଁ। ତେଣୁ ଗୋରାଭାଇ ଡାକିଦେଲି ।' ସେ କହିଲେ, ଚମତ୍କାର ସମ୍ବୋଧନ । ମୁଁ ଖୁସି । ତୁମେ ମତେ ସବୁବେଳେ 'ଗୋରା ଭାଇ' ବୋଲି ଡାକିବ । କିଛି ସମୟ ରହିଯାଇ ପୁଣି କହିଲେ, ''ଆରେ ହଁ, ମହାକାଶକୁ ନେଇ ତୁମେ ଅନେକ ଜନପ୍ରିୟ ବିଜ୍ଞାନ ପ୍ରବନ୍ଧ ଲେଖିଛ । ତୁମର ମହାକାଶ ଭ୍ରମଣ ଇଚ୍ଛା ବିଷୟରେ ବି ଅନେକ ଥର ଟୁଇଟରରେ ଲେଖିଛ । ତେଣୁ ଆମ ଦେଶ ତୁମ ପରି ଜଣେ ଆଗ୍ରହୀ ଲେଖକକୁ ମହାକାଶ ଭ୍ରମଣର ସୁଯୋଗ ଦେଇଛି । ବ୍ୟସ୍ତ ହୁଅନା । ଆମେ ଏଠି ଛଅ ଜଣ ଅଛୁ । ତୁମର କିଛି ଅସୁବିଧା ହେବନି ।'' ମୁଁ ପଚାରିଲି, 'ଏ ଖୋଳ ଭିତରୁ କେମିତି ବାହାରିବି ?' ଗୋରାଭାଇ ବୁଝେଇଦେଲେ, 'ସିମ୍ପଲ, ଭାବିଦିଅ ତୁମେ ପାଣିରେ ବେଲୁନ୍ ପରି ଭାସୁଛ । କାହିଁକି ନା, ତୁମେ ତ ଜାଣିଛ, ତୁମ ଶରୀର ଉପରେ ଶୂନ ମାଧ୍ୟାକର୍ଷଣ ବଳ ପଡୁଛି । ତେଣୁ ତଳେ କଚାଡି ହେଇ ପଡିବାର ସମ୍ଭାବନା ନାହିଁ । ଏବେ ଜ୍ୟାକେଟ୍‌ର ଚେନ୍ ଖୋଲିଦିଅ । ତା' ପରେ ଉଡି ଉଡି ମୋ ପାଖକୁ ଚାଲିଆସ ।'

ମୁଁ ସେଇଆ କଲି । ଖୋଳ ଭିତରୁ ବାହାରି ଉଡି ଉଡି ଗୋରାଭାଇଙ୍କ ପାଖକୁ ଚାଲିଗଲି । ଅଜବ ଲାଗୁଥିଲା । ମହାକାଶରେ ଜୀବନ ସମ୍ପର୍କରେ ଅନେକ ଲେଖିଥିଲି । କିନ୍ତୁ ବାସ୍ତବ ଅନୁଭୂତିର ମୁହୂର୍ତ୍ତଗୁଡିକ ବେଶ୍ ରୋମାଞ୍ଚକର ମନେ ହେଉଥିଲା । ଗୋରାଭାଇ କହିଲେ, 'ବାଃ, ବହୁତ ଚାଲାକ୍ ଅଛ । ନୂଆ ହେଲେ ବି ସୁନ୍ଦର ଭାବରେ ମହାକାଶଯାନ ଭିତରେ ଗତି କରିପାରୁଛ । ତଥାପି ଜଗିରହି କାନ୍ଥ ଧରି ଧରି ଗତି କରିବ । ନଚେତ୍ କୋଉଠି ମୁଣ୍ଡ ବାଡେଇ ହୋଇଯାଇପାରେ ।' ମୁଁ ମୁଣ୍ଡ ହଲେଇ ସମ୍ମତି ଜଣେଇଲି । ଗୋରାଭାଇ ପଚାରିଲେ, 'ତୁମେ ଏବେ ଦାନ୍ତ ଘଷିବ ?' ମୁଁ ହଁ କହିଲି । ସେ କହିଲେ, 'ଠିକ୍ ଅଛି । ତୁମେ ସାମନା ଗାଧୁଆଘର ଭିତରକୁ ଚାଲିଯାଅ । ସେଇଠି ବ୍ରଶ୍ ଓ ପେଷ୍ଟ ଅଛି ।' ମୁଁ ଆଗ୍ରହର ସହିତ ଭାସି ଭାସି ଗାଧୁଆଘର ଭିତରକୁ ପଶିଲି । ଆରେ, ମୋର ଭୁଲ ହେଇଗଲା । ସେଇଟା ଗାଧୁଆଘର ନଥିଲା । ନା ପାଣି ଟ୍ୟାପ୍ ଥିଲା, ନା ବେସିନ୍, ନା ବାଲଟି । ସାବୁନ୍ ବି ନଥିଲା । ମୁଁ ପଚାରିଲି, 'ଗୋରାଭାଇ, ଗାଧୁଆଘର ପାଉନାହିଁ ।' ଉତ୍ତର ଆସିଲା, 'ଅଧ୍ୟାପକ, ତୁମେ ମୋ ସହିତ ମଜା କରୁନ ତ ?' କହିଲି, 'ଆରେ, ନା ଭାଇ । ଗାଧୁଆଘରକୁ ଯିବା ପାଇଁ ରାସ୍ତା କୁହ ।' ଉତ୍ତର ଆସିଲା, 'ତୁମେ ଠିକ୍ ଜାଗାରେ ଅଛ । ସେଇଟା ହିଁ ଗାଧୁଆଘର । ଅପେକ୍ଷା କର । ମୁଁ ଯାଉଛି ।' ସେ ମୋ ପାଖକୁ ଉଡି ଉଡି ଆସିଗଲେ । ହସି ହସି କହିଲେ, 'ମହାକାଶ ଉପରେ ଲେଖିଥିବା ପ୍ରବନ୍ଧ ତୁମର ମନେ ପଡୁନି କି । ଆଚ୍ଛା ଠିକ୍ ଅଛି, ବ୍ୟସ୍ତ ହେବା ଦରକାର ନାହିଁ । ମୁଁ ଏବେ ବ୍ରଶ୍ କରିବାର ଅଛି । ତୁମେ ଦେଖ । ତା'ପରେ ନିଜେ କରିବ ।' ମୁଁ କହିଲି, ହଁ, ଦୟାକରି ତୁମେ କର । ମୁଁ ଦେଖିବି ।'

ଗାଧୁଆଘର କାନ୍ଥରେ ଲାଗିଥିବା ମୁଣିରୁ ସେ ତାଙ୍କ ବ୍ରଶ୍ ଓ ପେଷ୍ଟ ବାହାର କରି ବ୍ରଶ୍‌ରେ ପେଷ୍ଟ ଲଗେଇଲେ । ପେଷ୍ଟ ଲାଗିଥିବା ବ୍ରଶ୍‌କୁ ସେଇଠି ଛାଡିଦେଇ ପେଷ୍ଟକୁ ପୁଣି ମୁଣି ଭିତରେ ଥୋଇଦେଲେ । ବ୍ରଶ୍ ତଳେ ନପଡି ଶୂନ୍ୟରେ ସେମିତି ଭାସୁଥିଲା । ଗୋରାଭାଇ ଟିକିଏ ପଛକୁ ଯାଇ ଲମ୍ବା ଟ୍ୟୁବ୍ ଲାଗିଥିବା ପତଳା ପାଣି ପାଉଚ୍ ଧରି ଆସିଲେ । ଟ୍ୟୁବ୍ ମୁହଁ ଖୋଲି ପାଉଚ୍‌କୁ ଆସ୍ତେ ଚିପିଲେ । ପାଣି ଧୀରେ ଧୀରେ ବାହାରି ଟ୍ୟୁବ୍ ଅଗରେ ଗୋଟିଏ କୁନି ଗୋଲକ ଆକାର ଧାରଣ କଲା । ସେ ପାଉଚ୍ ବନ୍ଦକରି ପଛ ପଟେ ଖୋପରେ ରଖିଲେ । ବଡ ଜେଲିବଲ ପରି ଦିଶୁଥିବା ପାଣିର ସେଇ କୁନି ଗୋଲକଟି ସେଇଠି ଭାସୁଥିଲା । ମତେ ତ ସବୁ ଜାଦୁ ପରି ମନେ ହେଉଥିଲା । ସେ କହିଲେ, 'ବାସ୍, ମୁଁ ଏବେ ଦାନ୍ତଘଷା ଆରମ୍ଭ କରିବି ।' ଏତିକି କହି ପାଖରେ ଭାସୁଥିବା ବ୍ରଶ୍‌କୁ ଧରିନେଲେ ଓ ବଡ ଆଁ କରି ଶୂନ୍ୟରେ ଭାସୁଥିବା ପାଣି-ବଲକୁ ପାଟି ଭିତରକୁ ନେଲେ । ବ୍ରଶ୍ ଓ ପେଷ୍ଟକୁ ଓଦା କରିବା ପାଇଁ ଯେତିକି ପାଣି ଦରକାର, ଅନୁମାନ କରି ସେତିକି ପାଣି ପାଟିରେ ରଖି ବାକିତକ ପାଣି ଢୋକିଦେଲେ । ପାଟି ଭିତରେ ବ୍ରଶ୍ ପୂରେଇ ଦୁଇ ମିନିଟ୍ ଏପଟ ସେପଟ କରିବା ପରେ କହିଲେ, 'ଏଠି ତ ବେସିନ୍ ଭିତରେ ଛେପ ପକେଇ ହାତମୁହଁ ଧୋଇବାର ବ୍ୟବସ୍ଥା ନାହିଁ । ଏବେ ମୋ ପାଖରେ ଦୁଇଟା ବାଟ । ପାଟିରେ ଥିବା ଦାନ୍ତଘଷା ଫେଣକୁ ଖାଇଦେଇ ପାରିବି, ଅଥବା ବାହାର କରି କାଗଜ-ତଉଲିଆରେ ପକେଇ ପାରିବି । କିନ୍ତୁ, କାଗଜ-ତଉଲିଆ ନଷ୍ଟ କରିବାକୁ ଚାହୁଁନି । ଭଲ ହେବ, ଖାଇଦେବି । ଆଇ ଲଭ୍ ଇଟ୍ ।' ଏତିକି କହୁ କହୁ ଗନ୍ଧିଆ ଛେପକୁ ସିଧା ଢୋକିଦେଲେ । ଇସ୍, ମତେ ତ ପୂରା ବାନ୍ତି ଲାଗୁଥିଲା । ହେଲେ ପରିସ୍ଥିତିରେ ପଡି ସେମିତି ଅଭ୍ୟାସ କରିଛନ୍ତି ବୋଲି ପରେ ବୁଝିଲି । ବାହାରେ କାଗଜ-ତଉଲିଆରେ ଛେପ ପକେଇବା ବଦଳରେ ଖାଇ ଦେଲେ ଆବର୍ଜନା କମିଯିବ । ଶରୀରକୁ ମଧ୍ୟ ଛେପ ରୂପରେ ଟୋପାଏ ଜଳ ମିଳିଯିବ । ସତରେ, ମହାକାଶଚାରୀମାନଙ୍କର ଜଳର ସୁଚାରୁ ବିନିଯୋଗ ଏବଂ ଆବର୍ଜନା ସୃଷ୍ଟି ନ କରିବାର ସଚେତନତା ଆଗରେ ମୋର ମୁଣ୍ଡ ନଇଁ ଯାଉଥିଲା । ମହାକାଶରେ ନିଜର ଛଅ ମାସ ରହଣି ଭିତରେ ସେମାନେ ଅଳ୍ପରେ ଚଳିବା ସହିତ କଠିନ ଗବେଷଣାରେ ମନ ଦେଉଥିଲେ । ଗୋରାଭାଇ କହିଲେ, 'ଅଧ୍ୟାପକ, ଏବେ ତୁମେ ବ୍ରଶ୍ କରିପାର ।' ସେ ଗାଧୁଆଘରୁ ବାହାରକୁ ବାହାରିଯାଇ ନିଜ କାମରେ ବ୍ୟସ୍ତ ରହିଲେ । ମୁଁ ତାଙ୍କ ଷ୍ଟାଇଲରେ ଡାହାଣ ହାତରେ ବ୍ରଶ୍ ଧରି ଦାନ୍ତ ଘଷିବା ଆରମ୍ଭ କଲି । ହଠାତ୍ ଗୋରାଭାଇ ମୋ ପାଖକୁ ଉଡି ଆସି ପଚାରିଲେ, 'ତୁମ ବାମ ହାତ ଦେଖେଇଲ ।' ମୁଁ ପଛରେ ଲୁଚେଇଥିବା ବାମହାତକୁ ଆଗକୁ ଆଣିଲି । ବାମ ହାତରେ ଦୁଇଟା କାଗଜ-ତଉଲିଆ ଧରିଥିଲି । କହିଲି, 'ଭାଇ, ମୁଁ ଦୁଃଖିତ । ଦାନ୍ତଘଷା ଫେଣକୁ ମୁଁ ଢୋକି ପାରିବିନି । ମୋର ବାନ୍ତି ହେଇଯିବ ।' ସେ କହିଲେ, 'ନା, ସେମିତି କେମିତି ହେବ ? ତୁମେ ଯଦି ସବୁ ଦିନ ଏତେ ଏତେ ତଉଲିଆ ବ୍ୟବହାର କରିବ, ଆମେ ସମସ୍ତେ ଚଳିବା କେମିତି ? ତୁମକୁ ଛେପ ଢୋକିବାକୁ ହେବ । ତଉଲିଆ ମତେ ଦେଇଦିଅ ।' ମୁଁ କହିଲି, 'ନା, ମୁଁ ଢୋକି ପାରିବିନି ।' ସେ ଟିକିଏ ରାଗିଯାଇ କହିଲେ, 'ତୁମକୁ ଢୋକିବାକୁ ହେବ ।' ମୁଁ ବି ରାଗିଯାଇ ଜୋରରେ କହିଲି, 'ନା, ମୁଁ ଛେପ ଢୋକି ପାରିବିନି ।'

ହଠାତ୍ ମୋ ନିଦ ଭାଙ୍ଗିଗଲା । ଝିଅ ମୋ ବିଛଣା ପାଖରେ ଛିଡା ହୋଇ ପଚାରୁଥିଲା, 'ବାପା, କ'ଣ ହେଲା ? ଛେପ ଢୋକିବା କଥା କାହାକୁ କହୁଥିଲ ? କି ଛେପ ?' ମୁଁ ହସି ଦେଇ ପଚାରିଲି, 'ଝିଅ, ତୁ ବଡ ହେଲେ ମହାକାଶଚାରୀ ହେବୁ ବୋଲି ସବୁବେଳେ କହୁଛୁ । ତୁ କ'ଣ ମହାକାଶରେ ଦାନ୍ତ ଘଷି ସାରି ସେଇ ଛେପକୁ ଢୋକିପାରିବୁ ?' ଝିଅ ଖୁସିରେ ଉତ୍ତର ଦେଲା, 'ହଁ, ମହାକାଶଚାରୀ ହେବା ପାଇଁ ମୁଁ ସବୁ କରିପାରିବି । ମୁଁ ତ ପେଷ୍ଟ ଖାଇବାକୁ ଭଲପାଏ ।' ମୁଁ କହିଲି, 'ବହୁତ୍ ଭଲ କଥା । ମୋ ତଉଲିଆ ଆଣ । ଗାଧୁଆଘରକୁ ଯିବି ।' ଝିଅ ତଉଲିଆ ଆଣିବାକୁ ଚାଲିଗଲା । ମୁଁ ଗୋରାଭାଇଙ୍କର ଦାନ୍ତଘଷା କଥା ଭାବୁଥିଲି ।

*-ସହକାରୀ ପ୍ରଫେସର (ଫିଜିକ୍ସ),*
*ଭଦ୍ରକ ଅଟୋନମସ୍ କଲେଜ, ଭଦ୍ରକ,*
*ମୋ : ୯୪୩୯୫୦୧୬୫୧*



# ଖାଇବା ଥାଳିରେ ବିଦେଶୀ ଖାଦ୍ୟ



ଡା. ନିତ୍ୟାନନ୍ଦ ସ୍ୱାଇଁ

ଆପଣଙ୍କ ରାତି ଖାଇବା ନିମନ୍ତେ ଥାଳିରେ ବଢା ହୋଇଛି ରୁଟି, ମଟର ଆଳୁ ଓ ବନ୍ଧାକୋବି ତରକାରି, ଟମାଟୋ, ପିଆଜ ଓ ଗାଜର ସାଲାଡ ; ଫାଳେ ପାଚିଲା ଅମୃତଭଣ୍ଡା ଏବଂ ଖାଇସାରିବା ପରେ କପେ କଫି । ଖାଇବା ଆରମ୍ଭ କରିବା ଆଗରୁ ଆପଣ ଏହି ଭୋଜନ ସାମଗ୍ରୀଗୁଡ଼ିକୁ ଟିକିଏ ନିରେଖି ଲକ୍ଷ୍ୟ କରନ୍ତୁ ଏବଂ କହନ୍ତୁ ତ, ଏଗୁଡ଼ିକ ଭିତରୁ କେଉଁ ଦ୍ରବ୍ୟଟିର ଆଦି ଜନ୍ମଭୂମି ଭାରତ ? ମାତ୍ର ଏହି ଗହମ, ଯାହାର ଅଟାରୁ ତିଆରି ହୋଇଛି ରୁଟି, ମଟର, ଆଳୁ, ବନ୍ଧାକୋବି, ଟମାଟୋ, ପିଆଜ, ଗାଜର, ଅମୃତଭଣ୍ଡା ଓ କଫି କୌଣସି ଗୋଟିଏ ହେଲେ ବି ଭାରତରେ ଭୂମିଷ୍ଠ ହୋଇ ନ ଥିଲା । ବନ୍ଧାକୋବି ତରକାରିରେ ପଡ଼ିଥିବା ଲଙ୍କା, ରସୁଣ, ସୋରିଷ ଓ ସୋରିଷ ତେଲ ମଧ୍ୟ ଜନ୍ମ ନେଇ ନ ଥିଲା ଭାରତରେ । ଏଗୁଡ଼ିକ ସର୍ବପ୍ରଥମେ ଜନ୍ମ ନେଇଥିଲେ ପୃଥିବୀର ଅନ୍ୟାନ୍ୟ ଅଞ୍ଚଳରେ । ଅନେକ ବର୍ଷ ପରେ ଏଗୁଡ଼ିକ ଆସି ଆମ ଦେଶରେ ପଦାର୍ପଣ କରି ପାଲଟି ଗଲେ ଆମ ଦେଶର ବାସିନ୍ଦା !

ଉଦାହରଣ ସ୍ୱରୂପ ପାଖାପାଖି ୮୦୦୦ ବର୍ଷ ତଳେ ଗହମ ଚାଷ ଆରମ୍ଭ ହୋଇଥିଲା ଆଫଗାନିସ୍ତାନରେ । ପରେ ଏହା ଆସି ପହଞ୍ଚିଲା ହରପ୍ପାରେ । ପିଆଜ, ମଟର, ଗାଜର, ପଶ୍ଚିମଏସିଆ ଅଞ୍ଚଳରୁ ଏବଂ ବନ୍ଧାକୋବି ପୂର୍ବ ଏସିଆ ଅଞ୍ଚଳରୁ ଆମ ଦେଶକୁ ଆସିଛି । ଲଙ୍କା ଓ ଅମୃତଭଣ୍ଡା କେନ୍ଦ୍ରୀୟ ଆମେରିକାରୁ, ଆଳୁ ଓ ଟମାଟୋ ଦକ୍ଷିଣ ଆମେରିକାରୁ, ସୋରିଷ ଭୂମଧ୍ୟସାଗରୀୟ ଅଞ୍ଚଳରୁ, ରସୁଣ କେନ୍ଦ୍ରୀୟ ଏସିଆ ଅଞ୍ଚଳରୁ ଏବଂ କଫି ଆଫ୍ରିକାରୁ ଆସି ଆସ୍ଥାନ ଜମେଇଲେ ଭାରତରେ । ଏବେ ଏମାନେ ବିଦେଶାଗତ ହୋଇମଧ୍ୟ ସମ୍ପୂର୍ଣ୍ଣ ଭାରତୀୟ ।

ସମ୍ପ୍ରତି ବଜାରରେ ଦେଖିବାପାଇଁ ମିଳୁଛି ଏପରି କେତେକ ପରିବାପତ୍ର ଓ ଫଳ, ଯେଉଁଗୁଡିକୁ ଆମେ ନୂଆ ଦେଖିବା ପାଇଁ ପାଉଛେ । ଏଗୁଡ଼ିକ ସହ ଆଗରୁ ଆମର ପରିଚୟ ନ ଥିଲା । ଆମେ ତ କ୍ୟାପ୍‌ସିକମ୍ ଦେଖି ନ ଥିଲେ । ଦେଖି ନ ଥିଲେ ବ୍ରୋକୋଲି, ଦେଖି ନ ଥିଲେ କି ଖାଇ ନଥିଲେ ଆଲୋକାଡୋ କି ଡ୍ରାଗନ୍‌ଫ୍ରୁଟ । ହେଲେ ଏଗୁଡ଼ିକ ଆମ ପରିବା ଦୋକାନ ଫଳ ଦୋକାନରେ ମିଳିଲାଣି ଓ ବାଜିଲାଣି ଆମ ପାଟିରେ, ହେଉପଛେ ତାହା କଦବା କେମିତି ।

> ''ଆମେ ଭାରତୀୟମାନେ ଯେଉଁ ସମସ୍ତ ଖାଦ୍ୟଶସ୍ୟ, ପନିପରିବା ଓ ଫଳ ଚାଷ କରିଥାଉ ଓ ଖାଇଥାଉ, ଏହାର ପାଖାପାଖି ଏକ ତୃତୀୟାଂଶ ସବାପ୍ରଥମେ ବିଦେଶ ଭୂଇଁରୁ ଭାରତକୁ ଆସିଥିଲା । ଭାରତରେ ଆମେ ସମୁଦାୟ ଯେତେ ପରିମାଣର କ୍ୟାଲୋରୀ ବା ଶକ୍ତି ଖାଦ୍ୟରୁ ଆହରଣ କରିଥାଉ, ତା'ର ମୋଟାମୋଟି ୪୫ ପ୍ରତିଶତ ଆମେ ପାଇଥାଉ ବିଦେଶାଗତ ଖାଦ୍ୟଦ୍ରବ୍ୟରୁ । ସେହିପରି ଭାରତରେ ଉତ୍ପାଦିତ ବିଭିନ୍ନ ଖାଦ୍ୟଦ୍ରବ୍ୟର ଶତକଡା ୩୫ ଭାଗର ମୂଳ ମାତୃଭୂମି କୌଣସି ନା କୌଣସି ବିଦେଶୀ ଅଞ୍ଚଳ ।''

ଗ୍ରୀଷ୍ମମଣ୍ଡଳୀୟ କୃଷି ସମ୍ପର୍କରେ ଅନୁଧ୍ୟାନ କରୁଥିବା ଅନ୍ତର୍ଜାତୀୟ କେନ୍ଦ୍ର ବା ଇଣ୍ଟରନ୍ୟାଶନାଲ୍ ସେଣ୍ଟର ଫର୍ ଟ୍ରପିକାଲ ଏଗ୍ରିକଲଚରର ବୈଜ୍ଞାନିକମାନେ ୧୭୭ଟି ଦେଶର ୧୩୨ଟି ଭିନ୍ନଭିନ୍ନ ପ୍ରକାରର ଫଳ ଓ ପନିପରିବା ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରି ସେଗୁଡିକୁ ବିଶ୍ଳେଷଣ କରିଛନ୍ତି । ସେହି ତଥ୍ୟକୁ ଅନୁଶୀଳନ କଲେ ପୃଥିବୀର ରାଷ୍ଟ୍ରସମୂହ ନିଜ ଖାଦ୍ୟଦ୍ରବ୍ୟ ବିଷୟରେ କିପରି ପରସ୍ପରର ନିର୍ଭରଶୀଳ ଏହା ସ୍ପଷ୍ଟ ଭାବରେ ଜଣାପଡେ ।

ଆମେ ଭାରତୀୟମାନେ ଯେଉଁ ସମସ୍ତ ଖାଦ୍ୟଶସ୍ୟ, ପନିପରିବା ଓ ଫଳ ଚାଷ କରିଥାଉ ଓ ଖାଇଥାଉ, ଏହାର ପାଖାପାଖି ଏକ ତୃତୀୟାଂଶ ସର୍ବପ୍ରଥମେ ବିଦେଶ ଭୂଇଁରୁ ଭାରତକୁ ଆସିଥିଲା । ଭାରତରେ ଆମେ ସମୁଦାୟ ଯେତେ ପରିମାଣର କ୍ୟାଲୋରୀ ବା ଶକ୍ତି ଖାଦ୍ୟରୁ ଆହରଣ କରିଥାଉ, ତା'ର ମୋଟାମୋଟି ୪୫ ପ୍ରତିଶତ ଆମେ ପାଇଥାଉ ବିଦେଶାଗତ ଖାଦ୍ୟଦ୍ରବ୍ୟରୁ । ସେହିପରି ଭାରତରେ ଉତ୍ପାଦିତ ବିଭିନ୍ନ ଖାଦ୍ୟଦ୍ରବ୍ୟର ଶତକଡା ୩୫ ଭାଗର ମୂଳ ମାତୃଭୂମି କୌଣସି ନା କୌଣସି ବିଦେଶୀ ଅଞ୍ଚଳ ।



ବିଶ୍ୱସ୍ତରରେ ଦେଖିଲେ ସମଗ୍ର ବିଶ୍ୱବାସୀ ମୋଟ ଯେତେ କ୍ୟାଲୋରୀର ଖାଦ୍ୟ ଖାଇଥାନ୍ତି, ତା'ର ଶତକଡା ୬୬ ଭାଗ କ୍ୟାଲୋରୀ ଯୋଗାଉଥିବା ଖାଦ୍ୟଦ୍ରବ୍ୟର ଉତ୍ସ ବିଦେଶୀରାଷ୍ଟ୍ର ଏବଂ ଉତ୍ପାଦିତ ଖାଦ୍ୟଦ୍ରବ୍ୟର ଶତକଡା ୭୧ ଭାଗ ଖାଦ୍ୟଦ୍ରବ୍ୟ ବହନ କରିଛି ବିଦେଶୀ ଛାପ । ଏଭଳି ଏକ ଅନୁସନ୍ଧାନମୂଳକ ଅନୁଶୀଳନ କରିଥିବା ଅନୁଧ୍ୟାନକାରୀଙ୍କ ମୁଖ୍ୟ ଥିଲେ କୋଲିନ ଖୋଉରି । ତେବେ ଭାରତୀୟ ଉପମହାଦେଶ ହେଉଛି ସମ୍ଭବତଃ ସର୍ବାଧିକ ଖାଦ୍ୟଦ୍ରବ୍ୟର ମୂଳଉତ୍ସ । ଧାନ, ମାଣ୍ଡିଆ, ଡାଲି, ଆଖୁ, କଦଳୀ, ଆମ୍ବ, ଲେମ୍ବୁ, ଦେଶୀଆଳୁ, ଓଳୁଅ, କଲରା, ବାଇଗଣ, ନଡ଼ିଆ, ସାରୁ, କାକୁଡ଼ି, ଅଦା, କୋଳଥ, ଖଜୁର, ତରଭୁଜ, ପୋଟଳ, କଖାରୁ, ସାଗଫଳ, ତେଜପତ୍ର, ହଳଦୀ, ଡାଳଚିନି ଇତ୍ୟାଦି ହିଁ ବିଶ୍ୱବାସୀଙ୍କ ରୋଷେଇ ଶାଳକୁ ଭାରତର ଦାନ । ଏପରିକି ଲେଉଟିଆ ଶାଗ ଦକ୍ଷିଣ ଆମେରିକାରୁ ଆସିଥିବାବେଳେ ପାଳଙ୍ଗ ଓ ଅଙ୍ଗୁର ପଶ୍ଚିମ ଏସିଆ, ଆପଲ କେନ୍ଦ୍ର ଏସିଆ ଏବଂ କମଳା ପୂର୍ବ ଏସିଆରୁ ଆସିଛି ଭାରତକୁ, ଲାଉ, ଗୁଆଁର ଓ ତିନ୍ତୁଳି ଆଦିର ବାସସ୍ଥାନ ଆଫ୍ରିକା ହୋଇଥିବା ବେଳେ କାଜୁର ବାସସ୍ଥାନ ଥିଲା ବ୍ରାଜିଲ । ପୁଣି ପିଜୁଳି, ସପୁରି, ପଣସ, ଡାଳିମ୍ବ କି ଆମର ଅତି ପରିଚିତ ଭେଣ୍ଡି ମଧ୍ୟ ନ ଥିଲା ଭାରତ ମାଟିର ସନ୍ତାନ । ଦକ୍ଷିଣ ଆମେରିକାର ପେରୁର ପିଜୁଳି, ସପୁରି, ମାଲୟେସିଆରୁ ପଣସ, ଇରାନ୍‌ରୁ ଡାଳିମ୍ବ ଏବଂ ଆଫ୍ରିକାରୁ ଭେଣ୍ଡି ଆସିଥିଲା ଭାରତକୁ । ବିଭିନ୍ନ ଉଦ୍ଭିଦର ମୂଳ ଉତ୍ସ ରୂପେ ଖୋଉରି ପୃଥିବୀର ୨୩ଟି ଅଞ୍ଚଳକୁ ଚିହ୍ନଟ କରିଛନ୍ତି ।

ସୁତରାଂ କୌଣସି ନା କୌଣସି ରାଷ୍ଟ୍ରରେ ଖାଦ୍ୟପାଇଁ ଯାହା ସବୁ ଚାଷ ହୋଇଥାଏ, ସବୁଯାକର ମୂଳଉତ୍ସ ସେହି ନିର୍ଦ୍ଦିଷ୍ଟ ରାଷ୍ଟ୍ରଟି ନୁହେଁ । ଏଥିରେ ରହିଛି ଅନ୍ୟ ଅନେକ ରାଷ୍ଟ୍ରର ଅବଦାନ । ଏହି ପରିପ୍ରେକ୍ଷୀରେ ଦେଖିଲେ ଆମେ ପ୍ରତିଦିନ ଯେତିକି କିଲୋ କ୍ୟାଲୋରୀ ବିଶିଷ୍ଟ ଖାଦ୍ୟ ଖାଉଛେ, ତା'ର କିଛି ଅଂଶ ହେଉଛି ଆମ ଭାରତ ଭୂଇଁରେ ପ୍ରଥମେ ଅଙ୍କୁରିତ ହୋଇଥିବା ଖାଦ୍ୟ-ଉଦ୍ଭିଦର ଅବଦାନ ତ ଅବଶିଷ୍ଟ କାଲୋରୀତକ ଆମେ ପାଉଛୁ ବିଦେଶୀ ରାଷ୍ଟ୍ରରେ ପରେ ଆମ ଭାରତରେ ଚାଷ ହେଉଥିବା ଖାଦ୍ୟ ଉଦ୍ଭିଦରୁ ।

*-ଅଭୀପ୍‌ସା, ସେକ୍ଟର-୬, ପ୍ଲଟ ନଂ-୯ ୧୧୩୧, ଅଭିନବ ବିଡ଼ାନାସୀ,*
*କଟକ ,ମୋ : ୯୯୩୭୬୬୬୧୧୭*

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଞ୍ଚା ଲଙ୍କା



କଞ୍ଚା ଲଙ୍କା ଖାଇବାକୁ ରାଗ ଲାଗେ । ଏଥିପାଇଁ ଅନେକେ ଏହାକୁ ଖାଇବାକୁ ପସନ୍ଦ କରି ନ ଥାନ୍ତି । ହେଲେ ଏଥିରେ କେତେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ଯଦି ଜଣେ ବ୍ୟକ୍ତି ପ୍ରତିଦିନ ଅଳ୍ପ ପରିମାଣରେ କଞ୍ଚା ଲଙ୍କା ଖାଆନ୍ତି ତେବେ ତାହା ତାଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ । ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । କେବଳ ସେତିକି ନୁହେଁ, ଏହାକୁ ଖାଇବା ଦ୍ୱାରା ଶରୀରେ ଥିବା ବିଷାକ୍ତ ତତ୍ତ୍ୱକୁ ନିଷ୍କାସନ କରିବାରେ ସାହାଯ୍ୟ କରିଥାଏ । କଞ୍ଚାଲଙ୍କାରେ ଭିଟାମିନ୍ 'ଏ', 'ବି-୬', ଆଇରନ୍, ପୋଟାସିୟମ ଏବଂ କାର୍ବୋହାଇଡ୍ରେଡ ଭରି ରହିଛି ।

## ବ୍ଲଡପ୍ରେସରକୁ ସନ୍ତୁଳିତ ରଖେ ଅଳେଇଚ

ସାଧାରଣତଃ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରିବା ସମୟରେ ଅଳେଇଚ ବ୍ୟବହାର କରାଯାଇଥାଏ । ଏହା ତା'କୁ ଆହୁରି ସ୍ୱାଦିଷ୍ଟ କରିଥାଏ । ତେବେ ଏଥିରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ବିଶେଷଭାବରେ ଜଣେ ବ୍ଲଡପ୍ରେସର ରୋଗୀଙ୍କ ପାଇଁ ଅଳେଇଚ ବରଦାନ ସଦୃଶ । ଏହାକୁ ପ୍ରତିଦିନ ଖାଇଲେ ବ୍ଲଡପ୍ରେସର ସନ୍ତୁଳିତ ରହିଥାଏ । ଅଳେଇଚ ଖାଇବା ଦ୍ୱାରା ରକ୍ତ ସଞ୍ଚାଳନ ସକ୍ରିୟ ରହିଥାଏ ଏବଂ ପଲ୍‌ସ ରେଟ୍ ଠିକ ରହିଥାଏ । କିଡ୍‌ନୀକୁ ସୁରକ୍ଷା ଦେବାରେ ଏହା କେତେକାଂଶରେ ସହାୟକ ହୋଇଥାଏ ବୋଲି ନିକଟରେ ଏକ ଗବେଷଣାରୁ ଜଣାପଡିଛି । ମ୍ୟାଗ୍ନେସିୟମ ଏବଂ କ୍ୟାଲସିୟମର ଅନ୍ୟତମ ଉତ୍ସ ହେଲା ଅଳେଇଚ ।

ବିଶିଷ୍ଟ ବୈଜ୍ଞାନିକ

ଫ୍ରାନ୍‌ସିସ ୱିଲିୟମ ଅଷ୍ଟନ

## ମାସ୍ ସ୍ପେକ୍ଟ୍ରୋଗ୍ରାଫ୍‌ର ଉଦ୍ଭାବକ



ଅଦମ୍ୟ ଚେଷ୍ଟା ସଫଳତାର ଶୀର୍ଷରେ ପହଞ୍ଚାଇବାକୁ ଅନେକାଂଶରେ ସହାୟକ ହୋଇଥାଏ । ଏହାର ଉଦାହରଣ ଭାବରେ ବିଶିଷ୍ଟ ରସାୟନବିତ୍ ତଥା ନୋବେଲ ପୁରସ୍କାର ବିଜେତା ଫ୍ରାନସିସ ଅଷ୍ଟନଙ୍କୁ ନିଆଯାଇପାରେ । ରସାୟନ ବିଜ୍ଞାନ କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ । ଇଂଲଣ୍ଡର ବର୍ମିଂହାମସ୍ଥିତ ହାରବୋର୍ଣ୍ଣଠାରେ ସେ ୧୮୭୭ ସେପ୍ଟେମ୍ବର ୧ରେ ଜନ୍ମଗ୍ରହଣ କରିଥିଲେ । ପିତା ୱିଲିୟମ ଅଷ୍ଟନ ଏବଂ ମା' ଚାର୍ଲୋଟି ହୋଲିସଙ୍କର ଫ୍ରାନସିସ୍ ଥିଲେ ତୃତୀୟ ସନ୍ତାନ । ପ୍ରଥମେ ହାରବୋର୍ଣ୍ଣ ଭିକାରେଗ ସ୍କୁଲ ଏବଂ ପରେ ମ୍ୟାସନ କଲେଜରେ ତାଙ୍କର ଛାତ୍ର ଜୀବନ କଟିଥିଲା । ମ୍ୟାସନ ୟୁନିଭର୍ସିଟି (ବର୍ତ୍ତମାନର ବର୍ମିଂହାମ ୟୁନିଭର୍ସିଟି)ରେ ସେ ଜନ୍ ହେନେରି ପର୍ଣ୍ଣିଂଙ୍କ ତତ୍ତ୍ୱାବଧାନରେ ପଦାର୍ଥ ବିଜ୍ଞାନରେ ଗବେଷଣା ଆରମ୍ଭ କରିଥିଲେ । ହେଲେ ଧୀରେ ଧୀରେ ସେ ରସାୟନ ବିଜ୍ଞାନ ପ୍ରତି ଆକର୍ଷିତ ହେଲେ । ଅର୍ଗାନିକ କେମେଷ୍ଟ୍ରି ଉପରେ ତାଙ୍କର ଗବେଷଣା ଏହି ରାସ୍ତାକୁ ଆହୁରି ପ୍ରଶସ୍ତ କରିଦେଇଥିଲା । ଗବେଷଣା ସହ ସେ ଶିକ୍ଷାଦାନରେ ନିଜକୁ ନିୟୋଜିତ ରଖିଥିଲେ । ନିଜର ସ୍ୱତନ୍ତ୍ର ଶିକ୍ଷାଦାନ ଶୈଳୀ ତାଙ୍କୁ ଛାତ୍ରୀଛାତ୍ରଙ୍କ ନିକଟରେ ବେଶ ପରିଚିତ କରାଇପାରିଥିଲା । 'ମାସ୍ ସ୍ପେକ୍ଟ୍ରୋଗ୍ରାଫ' ଉଦ୍ଭାବନ କରି ସେ ରସାୟନ ବିଜ୍ଞାନରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଥିଲେ । ଏଭଳି ଗବେଷଣା ପାଇଁ ତାଙ୍କୁ ୧୯୨୦ରେ ସମ୍ମାନଜନକ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଫ୍ରାଙ୍କଲିନ୍ କେବଳ ଜଣେ ରାସାୟନ ବିଜ୍ଞାନୀ ନ ଥିଲେ, ଜଣେ ସ୍କେଟିଂ ଖେଳାଳି ଭାବରେ ସେ ପରିଚିତ ଥିଲେ । ଫଟୋଗ୍ରାଫି ପ୍ରତି ମଧ୍ୟ ତାଙ୍କର ରୁଚି ରହିଥିଲା । ନିଜର ଗବେଷଣା ଜୀବନକୁ ଆଗେଇ ନେବାପାଇଁ ସେ ନିଜକୁ ଚିର ଅବିବାହିତ ରଖିବାକୁ ନିଷ୍ପତ୍ତି ନେଇଥିଲେ । ଫ୍ରାଙ୍କଲିନ୍‌ଙ୍କ କର୍ମମୟ ଜୀବନର ଅବସାନ ଘଟିଥିଲା ୧୯୪୫ ନଭେମ୍ବର ୨୦ରେ । ୬୮ ବର୍ଷ ବୟସରେ ସେ ଆରପାରିକୁ ଚାଲିଯାଇଥିଲେ ।

## ମସ୍ତିଷ୍କକୁ ଅଧିକ କ୍ରିୟାଶୀଳ କରାଏ ଭିଟାମିନ୍ 'ଡି'

ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି ମସ୍ତିଷ୍କ । ଏହା ଯଦି ଠିକ୍ ଭାବରେ କାମ ନ କରେ, ତେବେ ସବୁକିଛି ଓଲଟପାଲଟ ହୋଇଯାଇଥାଏ । ତେଣୁ ଏହା କିପରି ସୁସ୍ଥ ରହିବ ଏବଂ ଉପଯୁକ୍ତ ଭାବରେ କାମ କରିବ, ସେଥିପାଇଁ ଆମେ ସତର୍କ ରହିବା ଆବଶ୍ୟକ । ମସ୍ତିଷ୍କକୁ ଅଧିକ କ୍ରିୟାଶୀଳ କରିବା ପଛରେ ଭିଟାମିନ୍ 'ଡି'ର ପ୍ରମୁଖ ଭୂମିକା ରହିଛି ବୋଲି ମତପୋଷଣ କରିଛନ୍ତି ୟୁନିଭର୍ସିଟି ଅଫ କାଲିଫର୍ନିଆର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ । ସେମାନେ କହିଛନ୍ତି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ବ୍ୟାୟାମ କରନ୍ତି ଏବଂ ଭିଟାମିନ୍ 'ଡି'ଯୁକ୍ତ ଖାଦ୍ୟ ଖାଆନ୍ତି, ତେବେ ତାଙ୍କ ମସ୍ତିଷ୍କରେ 'ସେରୋଟୋନିନ' ନାମକ ତତ୍ତ୍ୱ ସନ୍ତୁଳିତ ରହିଥାଏ । ଫଳରେ ମସ୍ତିଷ୍କ ପୂର୍ବ ପରି ସତେଜ ରହେ ଏବଂ ଏହାର କାର୍ଯ୍ୟଧାରା ପ୍ରଭାବିତ ହୋଇ ନ ଥାଏ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି ।





ଅଭିବୃଦ୍ଧି ପାଇଁ ଉପା ସରକାର ଅମଳରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ବଡ଼ ଅସ୍ଥିରତାର କାରଣ ପାଲଟିଥିଲା।

– ଅରୁଣ ଜେଟ୍‌ଲୀ, କେନ୍ଦ୍ର ମନ୍ତ୍ରୀ



ଅନାଦାୟ ଋଣ ଯୋଗୁ ଉପୁଜିଥିବା ବିଭିନ୍ନ ସମସ୍ୟାର ସମାଧାନ ପରେ ଏକ ଉତ୍ତରଦାୟୀ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଆଣିବାର ସୁଯୋଗ ରହିଛି।

– ରାଜୀବ କୁମାର, ଅର୍ଥ ସେବା ସଚିବ

## ସଂକ୍ଷେପରେ

### ୭.୫%ରୁ ଅଧିକ ରହିବ ଅଭିବୃଦ୍ଧି

**ନୂଆଦିଲ୍ଲୀ,୧୯-୮(ପି.ଟି.):** ଘରୋଇ ବଜାରର ଅର୍ଥନୈତିକ ଅଭିବୃଦ୍ଧିରେ ସୁଧାର ଆସୁଛି। ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ୭.୫%ରୁ ଅଧିକ ରହିବ। ପୂର୍ବତନ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ବୀରମଣି ରବିବାର ଏହା କହିଛନ୍ତି। ଆମେରିକା ଏବଂ ଚାଇନା ମଧ୍ୟରେ ବର୍ତ୍ତମାନ ଟାରିଫକୁ ନେଇ ଯୁଦ୍ଧ ଚାଲିଥିବା ବେଳେ ଏହା ଭାରତ ପାଇଁ ଏକ ସୁଯୋଗ । ଏହି ସମୟରେ ରପ୍ତାନି ବୃଦ୍ଧି ଦ୍ୱାରା ଭାରତ ଲାଭବାନ ହୋଇ ପାରିବ ବୋଲି ସେ କହିଛନ୍ତି। ଗତ ୭ ବର୍ଷ ଧରି ଅର୍ଥନୀତିରେ ବିଭିନ୍ନ ଅସୁବିଧା ଆସିଥିବା ବେଳେ ବର୍ତ୍ତମାନ ଏଥିରେ ସୁଧାର ଆସୁଛି। ସରକାରୀ ସ୍ତରରେ ନିବେଶ, ବିତ୍ତୀୟ ଧାରାକୁ ଠିକ୍ ରଖିବା ଲାଗି ବିଭିନ୍ନ ପଦକ୍ଷେପ ବଜାର ଉପରେ ଭଲ ପ୍ରଭାବ ପକାଉଛି। ଏହି ଧାରା ଜାରି ରହିଲେ ଅଭିବୃଦ୍ଧି ୭.୫%ରୁ ଉନ୍ନତ ହେବ ବୋଲି ବୀରମଣି କହିଛନ୍ତି। ତୈଳ ଦର ବୃଦ୍ଧି ବଜାର ଲାଗି ଏକ ଚ୍ୟାଲେଞ୍ଜ ରହିବ। ଆମେରିକା ଏବଂ ଚାଇନା ମଧ୍ୟରେ ଲାଗି ରହିଥିବା ବାଣିଜ୍ୟ ଯୁଦ୍ଧ ସାମୟିକ ଲାଗି ବଜାର ଉପରେ ପ୍ରଭାବ ପକାଇବ। ମାତ୍ର ଭାରତ ଏହାଦ୍ୱାରା ଫାଇଦା ଉଠାଇ ପାରିବ ବୋଲି ସେ କହିଛନ୍ତି। ୨୦୩୫ ବେଳକୁ ଭାରତ ଏକ ଶକ୍ତିଶାଳୀ ଅର୍ଥନୀତି ପାଲଟିବ ବୋଲି ସେ ମତ ରଖିଛନ୍ତି। ୨୦୧୮-୧୯ରେ ଅଭିବୃଦ୍ଧି ୭.୫% ଛୁଇଁବ ବୋଲି ନିକଟରେ ନୀତି ଆୟୋଗ ଉପାଧକ୍ଷ ରାଜୀବ କୁମାର କହିଥିଲେ।

### ଜିଡିପିର ୨.୮% ଛୁଇଁବ ସିଏଡି



**ନୂଆଦିଲ୍ଲୀ,୧୯-୮:** ୨୦୧୮-୧୯ ଆର୍ଥିକ ବର୍ଷରେ ଦେଶର ଚଳନ୍ତି ଖାତା ନିଅଣ୍ଟ(ସିଏଡି) ମୋଟ ଜିଡିପିର ୨.୮% ଛୁଇଁବ। ଜାପାନର ଫାଇନାନ୍ସିଆଲ୍ ହୋଲଡିଂ କମ୍ପାନୀ ନୋମୁରା ପକ୍ଷରୁ ଏଭଳି ଆକଳନ କରାଯାଇଛି। ଅଶୋଧିତ ତୈଳ ଦର ବୃଦ୍ଧି, ଟଙ୍କା ମୂଲ୍ୟରେ ହ୍ରାସ, ଶେୟାର ବଜାରରୁ ପୁଞ୍ଜି ପ୍ରତ୍ୟାଗମନ ଭଳି ବିଭିନ୍ନ ପ୍ରମୁଖ କାରଣ ଯୋଗୁ ସିଏଡିରେ ଏଭଳି ପରିବର୍ତ୍ତନ ଆସିପାରେ ବୋଲି ନୋମୁରା ପକ୍ଷରୁ ଆସିଥିବା ରିପୋର୍ଟରେ ଏହା ପ୍ରକାଶ ପାଇଛି। ଗତ ବର୍ଷ ସିଏଡି ୧.୯% ସ୍ତରରେ ରହିଥିଲା। ମାତ୍ର ଚଳିତ ଆର୍ଥିକ ବର୍ଷରେ ଘରୋଇ ବଜାର ଉପରେ ବିଭିନ୍ନ ବାହ୍ୟ ପ୍ରଭାବ ରହିଥିବା ଯୋଗୁ ଏହା ୨.୮% ସ୍ତର ଛୁଇଁବ ବୋଲି ପ୍ରକାଶ କରିଛି। ୨୦୧୬-୧୭ ଆର୍ଥିକ ବର୍ଷ ତୁଳନାରେ ୨୦୧୭-୧୮ ଆର୍ଥିକ ବର୍ଷ ସିଏଡି ୦.୬% ଅଧିକ ରହିଛି। ଜୁଲାଇରେ ଘରୋଇ ବଜାରର ବାଣିଜ୍ୟ ନିଅଣ୍ଟ ୧୮ ବିଲିୟନ ଡଲାର ରହିଥିଲା। ଏହା ୫ ବର୍ଷର ସର୍ବୋଚ୍ଚ ସ୍ତର ବୋଲି ଜଣାଯାଇଛି।

### ଜେରଥ ପାଥ୍ ଲାବ୍ ପକ୍ଷରୁ ଆଲର୍ଜି ପରୀକ୍ଷଣ

**ଭୁବନେଶ୍ୱର,୧୯-୮:** ସମସ୍ତଙ୍କ ଶରୀର ସବୁ ଜିନିଷକୁ ଗ୍ରହଣ କରିପାରି ନ ଥାଏ। କେହି କେହି ଫଳମୂଳର ବାସ୍ନା ସହ୍ୟ କରିପାରନ୍ତି ନାହିଁ ତ ଆଉ କେହି ଗାଡି ମୋଟରର ଧୂଆଁ। ଏହି ଗ୍ରହଣ କରି ନ ପାରିବାକୁ ହିଁ ଆଲର୍ଜି ବୋଲି କୁହାଯାଏ। ପୂର୍ବରୁ ଏହି ରୋଗକୁ ଚିହ୍ନଟ କରିବା ଏକ ଜଟିଳ ପ୍ରକ୍ରିୟା ଥିଲା। ଏବେ ଦେଶର ପ୍ରମୁଖ ଅଟୋମେଟେଡ୍ ଆଣ୍ଡ୍ କମ୍ପ୍ୟୁଟରାଇଜ୍‌ଡ ପାଥୋଲୋଜି ଲାବରେଟୋରି ଚେନ୍ ଜେରଥ ପାଥ ଲାବ୍ ଆଣ୍ଡ୍ ଆଲର୍ଜି ଟେଷ୍ଟିଂ ସେଣ୍ଟର ରକ୍ତ ପରୀକ୍ଷା ମାଧ୍ୟମରେ ଏହାର ସମାଧାନ ବାଟ ବାହାର କରିଛି। ନ୍ୟାଶନାଲ ଆକ୍ରିଡିଏଶନ ବୋର୍ଡ ଟେଷ୍ଟିଂ ଆଣ୍ଡ୍ କ୍ୟାଲିବରେଶନ ଲାବ୍ରୋଟରିଜ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏହି ସଂସ୍ଥା ଓଡିଶାର କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡା, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ଭବାନୀପାଟଣା, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ ଆଦି ବିଭିନ୍ନ ସ୍ଥାନରେ ଏହାର କଲେକଶନ ସେଣ୍ଟରରେ ଆଲର୍ଜି ପରୀକ୍ଷଣ ସୁବିଧା ଆରମ୍ଭ କରିଛି। ଚଳିତ ମାସ ୧୮ ଓ ୧୯ ତାରିଖ ଏହି ଦୁଇ ଦିନ କାର୍ଯ୍ୟକ୍ରମ ଚାଲିବ ବୋଲି ଅନୁଷ୍ଠାନ ସୂଚନା ଦେଇଛି। ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ସେବା ଉପଲବ୍ଧ ହେଉଛି। ବଜାର ମୂଲ୍ୟଠାରୁ ଯଥେଷ୍ଟ କମ୍ ଦାମ୍‌ରେ ଏହି ସୁବିଧା ପ୍ରଦାନ କରାଯାଉଛି ବୋଲି ଜେରଥ ପାଥ୍ ଲାବ୍ ପକ୍ଷରୁ କୁହାଯାଇଛି।

## ନିର୍ଦ୍ଦେଶନାମା ଜାରିକଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ

# ରାତି ୯ଟା ପରେ ଏଟିଏମ୍‌କୁ ଯିବନି ଟଙ୍କା

**ନୂଆଦିଲ୍ଲୀ,୧୯-୮(ପି.ଟି.)**



- ଆସନ୍ତା ବର୍ଷରୁ ହେବ କାର୍ଯ୍ୟକାରୀ
- ଗ୍ରାମାଞ୍ଚଳରେ ୬ଟା ପୂର୍ବରୁ ଭର୍ତ୍ତି ହେବ
- ମାଓବାଦୀପ୍ରବଣ ଅଞ୍ଚଳରେ ଅପରାହ୍ନ ୪ଟା ଡେଡ୍‌ଲାଇନ୍
- ଥରକେ ୫ କୋଟିରୁ ଅଧିକ ପରିବହନ ହେବ ନାହିଁ
- କ୍ୟାଶ୍‌ଭ୍ୟାନ୍‌ରେ ରହିବ ସିସିଟିଭି, ଅଗ୍ନି ନିର୍ବାପକ ଓ ସତର୍କ ଘଣ୍ଟି

ସହରାଞ୍ଚଳରେ ରହିଥିବା ଅଟୋମେଟେଡ୍ ଟେଲର ମେଶିନ୍(ଏଟିଏମ୍)ରେ ରାତି ୯ଟା ପରେ ଆଉ ଟଙ୍କା ଭର୍ତ୍ତି କରାଯିବ ନାହିଁ। ଗ୍ରାମାଞ୍ଚଳରେ ଥିବା ଏଟିଏମ୍‌ଗୁଡ଼ିକରେ ସନ୍ଧ୍ୟା ୬ ଟା ପୂର୍ବରୁ ଟଙ୍କା ଭର୍ତ୍ତି କରାଯିବ। ସେହିପରି ଯେଉଁ ଅଞ୍ଚଳଗୁଡ଼ିକ ମାଓବାଦୀପ୍ରବଣ ସେଠାରେ ଥିବା ଏଟିଏମ୍‌ଗୁଡ଼ିକରେ ଅପରାହ୍ନ ୪ଟା ପୂର୍ବରୁ ଟଙ୍କା ଭର୍ତ୍ତି କରାଯିବ। ୨୦୧୯ ଫେବୃୟାରୀ ୮ରୁ ଏହି ନିୟମ କାର୍ଯ୍ୟକାରୀ ହେବ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ନିର୍ଦ୍ଦେଶନାମାରେ ଏହା କୁହାଯାଇଛି।

ବ୍ୟାଙ୍କରୁ ଟଙ୍କା ନେଇ ଏଟିଏମ୍‌ରେ ଭର୍ତ୍ତି କରିବା ପାଇଁ ଯେଉଁ ଘରୋଇ ଏଜେନ୍ସିଗୁଡ଼ିକ ଦାୟିତ୍ୱ ଗ୍ରହଣ କରିଛନ୍ତି ସେମାନେ ଏହି ନିୟମକୁ କଡ଼ାକଡ଼ିଭାବେ ପାଳନ କରିବେ। ବନ୍ଧୁକଧାରୀ ସୁରକ୍ଷାକର୍ମୀ କ୍ୟାଶ୍ ଭ୍ୟାନ୍‌ରେ ସକ୍ରିୟ ରହିଲେ ମଧ୍ୟ ଟଙ୍କା ଭର୍ତ୍ତି ପାଇଁ ଯେଉଁ ସଂଶୋଧିତ ସମୟ ଧାର୍ଯ୍ୟ କରାଯାଇଛି ତାକୁ ଅତିକ୍ରମ କରାଯିବ ନାହିଁ ବୋଲି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି।

ଏହି ବ୍ୟବସ୍ଥାକୁ ସହଜ କରିବା ପାଇଁ ଏଜେନ୍ସିଗୁଡ଼ିକ ମଧ୍ୟାହ୍ନଭୋଜନ ବିରତି ପୂର୍ବରୁ ବ୍ୟାଙ୍କରୁ ଟଙ୍କା ସଂଗ୍ରହ କରିବେ। ମନ୍ତ୍ରଣାଳୟ ଜାରିକରିଥିବା ନୂତନ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିୟୋରସ୍ (ଏସ୍‌ଓପିଏସ୍) ଅନୁସାରେ କ୍ୟାଶ୍‌ଭ୍ୟାନ ଉପରେ ଆକ୍ରମଣ, ଏଟିଏମ୍‌ରୁ ଟଙ୍କା ଚୋରି ଭଳି କେତେକ ସମସ୍ୟାକୁ ଦୂର କରିବା ପାଇଁ ଏହି ନୂତନ ବ୍ୟବସ୍ଥା କରାଯାଇଛି।

ସୂଚନା ଅନୁସାରେ ବର୍ତ୍ତମାନ ଦେଶରେ ପ୍ରାୟ ୮୦୦୦ ପ୍ରାଇଭେଟ୍ କ୍ୟାଶ୍ ଭ୍ୟାନ୍ ଅପରେଟିଂ ଏଜେନ୍ସି ସକ୍ରିୟ ଅଛନ୍ତି। ଏଗୁଡ଼ିକୁ ନନ୍-ବ୍ୟାଙ୍କିଙ୍ଗ୍ ପ୍ରାଇଭେଟ୍ ଏଜେନ୍ସି କୁହାଯାଉଥିବା ବେଳେ ଦୈନିକ ପ୍ରାୟ ୧୫,୦୦୦ କୋଟି ଟଙ୍କା ବ୍ୟାଙ୍କରୁ ଏଟିଏମ୍‌କୁ ପରିବହନ କରୁଛନ୍ତି।

ମନ୍ତ୍ରଣାଳୟର ନିଷ୍ପତ୍ତି ଅନୁସାରେ, ପ୍ରତି କ୍ୟାଶ୍‌ଭ୍ୟାନ୍‌ରେ ଡ୍ରାଇଭର ସମେତ ଦୁଇଜଣ ସଶସ୍ତ୍ର ସୁରକ୍ଷା କର୍ମୀ, ଦୁଇଜଣ ଏଟିଏମ୍ ଅଧିକାରୀ ରହିବେ। ଜଣେ ସୁରକ୍ଷା କର୍ମୀ ଡ୍ରାଇଭର ପାଖରେ ସତର୍କ ରହିବେ ଏବଂ ଅନ୍ୟ ଜଣେ ଟଙ୍କା ରଖାଯାଇଥିବା ସ୍ଥାନରେ ଜଗି ରହିବେ।

କ୍ୟାଶ୍ ଲୋଡିଂ ଏବଂ ଅନ୍‌ଲୋଡିଂ ସମୟରେ ଯଦି ଜଣେ ସୁରକ୍ଷା କର୍ମୀଙ୍କୁ ଶୌଚାଳୟ ଯିବାକୁ ହୁଏ ତେବେ ଅନ୍ୟଜଣେ କ୍ୟାଶ୍ ଭ୍ୟାନ୍ ପାଖରେ ରହିବେ। ଚା'ପାନ ବା ଜଳଖିଆ ଖାଇବାକୁ ଥିଲେ ମଧ୍ୟ ଜଣକ ପରେ ଜଣେ ଯିବେ। ଏହି କ୍ୟାଶ୍ ଭ୍ୟାନ୍‌ଗୁଡ଼ିକରେ ଜିପିଏସ୍ ବ୍ୟବସ୍ଥା ରହିବ, ଫଳରେ ଉକ୍ତ ଭ୍ୟାନ୍ କେଉଁ ସ୍ଥାନରେ ରହିଛି ତାହା ମୋବାଇଲ୍ ମାଧ୍ୟମରେ ଜାଣି ହେବ ବୋଲି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି।

## କଟକରେ କୋଭ୍‌ର ସ୍ୱତନ୍ତ୍ର ଷ୍ଟୋର




**କଟକ,୧୯-୮**

ପ୍ରମୁଖ ପୁରୁଷ ଫ୍ୟାଶନ ବ୍ରାଣ୍ଡ କୋଭ୍ ପକ୍ଷରୁ କଟକର ବକ୍ସି ବଜାରସ୍ଥିତ ଜିପିଓ ସାମ୍ନାରେ ଏକ ସ୍ୱତନ୍ତ୍ର ଷ୍ଟୋର ଶୁଭାରମ୍ଭ ହୋଇଛି। ନୂଆ ଷ୍ଟୋରକୁ ସମାଜସେବୀ ଡି. ପ୍ରକାଶ ରାଓ ଉଦ୍‌ଘାଟନ କରିଥିଲେ। ଓଡିଶାରେ ଏହା କମ୍ପାନୀର ଦ୍ୱିତୀୟ ଷ୍ଟୋର। କମ୍ପାନୀ ପୁରୀରେ ଏହାର ପ୍ରଥମ ଷ୍ଟୋର ଶୁଭାରମ୍ଭ କରିଥିଲା। ଶୋରୁମ ଶୁଭାରମ୍ଭ ଅବସରରେ ଓପନିଂ ଧମାକା ସେଲ ଆରମ୍ଭ ହୋଇଛି। ଏଥିରେ ଗ୍ରାହକଙ୍କ ପାଇଁ ବାଏ ୨ ଗେଟ୍ ୬ ଅଫର ରହିଛି। ପରିବର୍ତ୍ତିତ ଫ୍ୟାଶନ ଟ୍ରେଣ୍ଡକୁ ଚିହ୍ନଟ କରିବା ସହ ଏଥି ସଂକ୍ରାନ୍ତ ବିଭିନ୍ନ ବ୍ୟବସ୍ଥା ଗ୍ରହଣ ଉପରେ ଧ୍ୟାନ କେନ୍ଦ୍ରିତ କରୁଛୁ ବୋଲି କମ୍ପାନୀର ଡାଇରେକ୍ଟର ଜେନେରାଲ ମାର୍କେଟିଂ (ଭାରତ) ମହସିନ ଶେଖ୍ କହିଛନ୍ତି। ଆସନ୍ତା ଗୋଟିଏ ବର୍ଷ ମଧ୍ୟରେ ୫୦ ଷ୍ଟୋର ଖୋଲିବାକୁ ଯୋଜନା ରହିଥିବା ସେ ସୂଚନା ଦେଇଛନ୍ତି।

ଭୁବନେଶ୍ୱରର ପାଲହାଇଟ୍ସଠାରେ ନୂଆ ଷ୍ଟୋର ଖୋଲିବାକୁ ଯୋଜନା ରହିଥିବା ସେ କହିଛନ୍ତି। ଅନ୍ୟ ଷ୍ଟୋରଗୁଡିକ ଯାଜପୁର, ଅନୁଗୋଳ, ତାଳଚେର ଓ ଝାରସୁଗୁଡା ଭଳି ସହରରେ ସ୍ଥାପନ ହେବ ବୋଲି ସେ ସୂଚନା ଦେଇଛନ୍ତି। ଘରୋଇ ବଜାରରେ କମ୍ପାନୀର ୨୦୦ରୁ ଉର୍ଦ୍ଧ୍ୱ ସ୍ୱତନ୍ତ୍ର ବ୍ରାଣ୍ଡ ଆଉଟଲେଟ ଏବଂ ୭୫ ମଲ୍ଟି ବ୍ରାଣ୍ଡ ଆଉଟଲେଟ ରହିଛି। ଗ୍ରାହକଙ୍କୁ ଡିଜାଇନ ପ୍ରେରିତ ପ୍ରଡକ୍ଟ ଯୋଗାଣ ଦିଗରେ କମ୍ପାନୀ କାର୍ଯ୍ୟ କରୁଛି। କମ୍ପାନୀର ଷ୍ଟୋରଗୁଡିକରେ ସାର୍ଟ, ଟ୍ରାଉଜର, ଡେନିମ୍, ଡେନିମ୍, ଟିସାର୍ଟ, ବ୍ଲେଜର ଉପଲବ୍ଧ ହେଉଛି। ଏହି ଅବସରରେ ମାଷ୍ଟର ଫ୍ରାଞ୍ଚାଇଜି ଶ୍ରଦ୍ଧାନନ୍ଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## କେରଳକୁ ରିଲିଫ୍ ପଠାଇଲେ ରେଳଭଡ଼ା ଛାଡ଼

**ଭୁବନେଶ୍ୱର, ୧୯-୮**

କେରଳରେ ଲାଗି ରହିଥିବା ବନ୍ୟାରୁ ସ୍ଥାନୀୟ ଲୋକଙ୍କୁ ଉଦ୍ଧାର କରିବା ତଥା ବିଭିନ୍ନ ରିଲିଫ୍ ସାମଗ୍ରୀ ପ୍ରେରଣ ପାଇଁ ଭାରତୀୟ ରେଳ ମାଗଣା ପରିବହନ ସେବା ଯୋଗାଇବ। ସମସ୍ତ ସରକାରୀ ଓ ବେସରକାରୀ ସଂଗଠନ ଏହାର ସୁଯୋଗ ନେଇ ପାରିବେ। ରେଳ ଯୋଗେ ଯେଉଁ ସବୁ ଜରୁରୀ ରିଲିଫ୍ ସାମଗ୍ରୀମାନ ପଠାଯିବ ସେଥି ବାବଦ କୌଣସି ପରିବହନ ଖର୍ଚ୍ଚ ଦେବାକୁ ପଡ଼ିବ ନାହିଁ। ଭାରତୀୟ ରେଳ ପକ୍ଷରୁ ଜାରି ଏକ ବିବୃତିରେ ଏହା କୁହାଯାଇଛି। ଅଗଷ୍ଟ ୩୧ ପର୍ଯ୍ୟନ୍ତ ଏହି ସେବା ଜାରି ରହିବ। ଦରକାର ପଡିଲେ ଏହି ସମୟକୁ ବଢ଼ାଇ ଦିଆଯିବ ବୋଲି ବିବୃତିରେ କୁହାଯାଇଛି।

ସେହିପରି ପୂର୍ବତଟ ରେଳପଥ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଖୋର୍ଦ୍ଧାରୋଡ୍ ଡିଭିଜନ ଅନ୍ତର୍ଗତ କୌଣସି ସଂସ୍ଥା ଯଦି କେରଳକୁ ରେଳଯୋଗେ ଜରୁରୀ ସାମଗ୍ରୀ ପଠାଇବା ପାଇଁ ଆଗ୍ରହୀ ସେମାନେ ସେଠାକାର ସିନିୟର ଡିଭିଜନ କମର୍ସିଆଲ୍ ମ୍ୟାନେଜରଙ୍କୁ ୮୪୫୫୮୮୭୯୫୦ ନମ୍ବରରେ ଯୋଗାଯୋଗ କରିପାରିବେ। ସେହିପରି ସମ୍ବଲପୁର ରେଳ ଡିଭିଜନ ପାଇଁ ୮୪୫୫୮୮୬୯୫୦ରେ ଯୋଗାଯୋଗ କରିହେବ ବୋଲି ପୂର୍ବତଟ ରେଳପଥ ସୂଚନା ଦେଇଛି।

ଅନ୍ୟପକ୍ଷରେ ସେଠାରେ ଫସି ରହିଥିବା ଓଡିଆଙ୍କୁ ସ୍ଥାନାନ୍ତର କରିବା ପାଇଁ ରବିବାର ଏର୍ନାକୁଲମ୍‌ରୁ ଦୁଇଟି ସ୍ପେଶିଆଲ୍ ଟ୍ରେନ୍ ବାହାରିଛି। ଏହି ଦୁଇ ଟ୍ରେନ୍ ସାନ୍ତ୍ରାଗାଛି ପର୍ଯ୍ୟନ୍ତ ଯାତ୍ରାକରିବାକୁ ଥିବା ବେଳେ ଆସନ୍ତା ବୁଧବାର ଦିନ ୭ ଟାରୁ ୧୧ଟା ୩୦ ମଧ୍ୟରେ ଭୁବନେଶ୍ୱର ଷ୍ଟେଶନରେ ପହଞ୍ଚିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ପ୍ରକାଶ।

## ଟ୍ରାଇଡେଣ୍ଟ ଏକାଡେମୀରେ ସିସ୍କୋର ଥିଙ୍କୁବେଟର

**ଭୁବନେଶ୍ୱର, ୧୯-୮**

ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଟେକ୍ନୋଲୋଜି ପରିସରରେ ସିସ୍କୋ ପକ୍ଷରୁ ନୂତନ ଥିଙ୍କୁବେଟରର ଶୁଭାରମ୍ଭ ହୋଇଛି। ଏହାକୁ ରାଜ୍ୟ ଇଲେକଟ୍ରୋନିକ୍ସ ଓ ଆଇଟି ବିଭାଗ ସ୍ୱତନ୍ତ୍ର ସଚିବ ସି.ଜେ. ଭେନୁଗୋପାଳ ଉଦ୍‌ଘାଟନ କରିଥିଲେ। ଏହାଦ୍ୱାରା ଇଣ୍ଟରନେଟ ସଂକ୍ରାନ୍ତ ଜ୍ଞାନକୌଶଳ ବିକାଶ, ଆଞ୍ଚଳିକ ସମସ୍ୟା ସମାଧାନ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଯୁକ୍ତି ଭିତ୍ତିକ ଔଦ୍ୟୋଗିକ ପ୍ରଗତି, ଦକ୍ଷତା ବିକାଶ କ୍ଷେତ୍ରର ଉନ୍ନତି ସାଧନ ହୋଇପାରିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି।

# ରାଜନଙ୍କୁ ସଂସଦୀୟ କମିଟିର ଡାକରା

**ନୂଆଦିଲ୍ଲୀ,୧୯-୮(ପି.ଟି.)**

### ଏନ୍‌ପିଏ ଚିନ୍ତା



- ଏଷ୍ଟିମେଟ୍ କମିଟିକୁ ଭେଟିବେ ରାଜନ୍
- ଅର୍ଥ ମନ୍ତ୍ରଣାଳୟ ଅଧିକାରୀଙ୍କୁ ହୋଇଛି ଜେରା

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ବର୍ତ୍ତମାନ ଅନାଦାୟ ଋଣ(ଏନ୍‌ପିଏ) ଏକ ସମସ୍ୟା ଭାବେ ଉଭା ହୋଇଛି। ଏହା ଉଭୟ ସରକାର ଓ ବ୍ୟାଙ୍କଗୁଡିକ ଲାଗି ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏନ୍‌ପିଏ ବୃଦ୍ଧିକୁ ଧ୍ୟାନରେ ରଖି ସଂସଦୀୟ କମିଟି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନଙ୍କୁ ହାଜର ହେବା ଲାଗି କହିଛି। ଏନ୍‌ପିଏ ସମସ୍ୟାକୁ ନେଇ ରାଜନ କମିଟି ସାମ୍ନାରେ ନିଜର ମତ ରଖିବେ। ସଂସଦୀୟ ଏଷ୍ଟିମେଟ କମିଟର ମୁଖ୍ୟ ଭାବେ ଭାଜପା ନେତା ମୁରଲୀ ମନୋହର ଜୋଷୀ କାର୍ଯ୍ୟ କରୁଛନ୍ତି। ଏନ୍‌ପିଏ ସମସ୍ୟାର ଚିହ୍ନଟ ତଥା ଏହାର ସମାଧାନ ଉପରେ କମିଟି କାର୍ଯ୍ୟ କରୁଛି। ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) ଅରବିନ୍ଦ ସୁବ୍ରମଣ୍ୟନ ରାଜନଙ୍କୁ କମିଟି ସାମ୍ନାରେ ପ୍ରଶଂସା କରିଥିଲେ। ଏହା ପରେ ରାଜନଙ୍କୁ ହାଜର ହେବା ଲାଗି କମିଟି କହିଥିବା ଜଣାଯାଇଛି।

ଏହି ପ୍ରସଙ୍ଗ ଉପରେ ମତ ରଖିବା ଲାଗି କମିଟି ସାମ୍ନାରେ ହାଜର ହେବାକୁ ଜୋଷୀ ରାଜନଙ୍କୁ ଏକ ଚିଠି ଲେଖିଥିବା ଜଣାଯାଇଛି। ରଘୁରାମ ରାଜନ ଆର୍‌ବିଆଇରେ ୩ ବର୍ଷ ଗଭର୍ନର ଦାୟିତ୍ୱ ଭାର ସମ୍ଭାଳି ଥିଲେ। ୨୦୧୬ ସେପ୍ଟେମ୍ବର ଯାଏ ସେ ଆର୍‌ବିଆଇରେ କାର୍ଯ୍ୟ କରିଥିଲେ। ବର୍ତ୍ତମାନ ସେ ଶିକାଗୋ ବୁଥ ସ୍କୁଲ ଅଫ୍ ବିଜନେସରେ ଫାଇନାନ୍ସ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ଏନ୍‌ପିଏ ସମସ୍ୟାକୁ ନେଇ ସିଇଏ ସଂସଦୀୟ କମିଟି ସାମ୍ନାରେ ହାଜର ହେବା ସହ ନିଜର ମତ ରଖିଛନ୍ତି। ଏନ୍‌ପିଏ ସମାଧାନ ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ମତ ରଖିବା ଯୋଗୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ବୃହତ୍ ଋଣ ଯୋଗୁ ଏପରି ସ୍ଥିତି ଆସିଥିବା ସେ କହିଛନ୍ତି। ବୃହତ୍ ପରିମାଣର ଋଣ ପ୍ରଭାବ ପକାଇ ମଞ୍ଜୁରୀ କରାଯାଇଥିବା ସୁବ୍ରମଣ୍ୟନ କହିଛନ୍ତି।

ବର୍ତ୍ତମାନ ସ୍ଥିତି ଜଟିଳ ଥିବା ବେଳେ ବ୍ୟାଙ୍କରମାନେ ରିଟେଲ ବାଦ୍ ଅନ୍ୟାନ୍ୟ ଋଣ ପ୍ରଦାନ କରିବାକୁ ବିଶେଷ ଭାବେ ଆଗ୍ରହୀ ହେଉ ନ ଥିବା ସେ ସ୍ପଷ୍ଟ କରିଛନ୍ତି। ସଂସଦୀୟ କମିଟି ଅର୍ଥ ମନ୍ତ୍ରଣାଳୟ ଅଧିକାରୀଙ୍କୁ ମଧ୍ୟ ଏ ପ୍ରସଙ୍ଗରେ ପ୍ରଶ୍ନ କରି ସାରିଛି। ଏହା ମଧ୍ୟରେ ଅର୍ଥ ସଚିବ ହସମୁଖ ଆଧିଆ ମଧ୍ୟ ରହିଛନ୍ତି।

## 'ଉପା ଅମଳର ଉଚ୍ଚ ଅଭିବୃଦ୍ଧିରୁ ଭୁଶୁଡ଼ିଥିଲା ଅର୍ଥନୀତି'

**ନୂଆଦିଲ୍ଲୀ,୧୯-୮(ପି.ଟି.)**

### ନୀତି ଆୟୋଗ ଉପାଧ୍ୟକ୍ଷଙ୍କ ପ୍ରତିକ୍ରିୟା

ପୂର୍ବର ୟୁପିଏ ସରକାରଙ୍କ ସମୟରେ ଉଚ୍ଚ ସ୍ତରର ଅଭିବୃଦ୍ଧି ଯୋଗୁ ଅର୍ଥନୀତି ଉପରେ ଏହାର ନକାରାତ୍ମକ ପ୍ରଭାବ ପଡିଥିଲା। ଅନିୟନ୍ତ୍ରିତ ବିତ୍ତୀୟ ନିଅଣ୍ଟ ଓ ବ୍ୟାଙ୍କଗୁଡିକ ପକ୍ଷରୁ ବେପାରୁଆ ଭାବେ ଋଣ ପ୍ରଦାନ ଯୋଗୁ ଅର୍ଥନୀତି ଭୁଶୁଡିଥିଲା ବୋଲି ସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗ ସୂଚନା ଦେଇଛି। ରାଜୀବ ଗାନ୍ଧୀଙ୍କ ସମୟର ୧୦% ଅଭିବୃଦ୍ଧି ବିଶେଷ ଭାବେ ଉଚ୍ଚ ଋଣ ପ୍ରଦାନ ଦ୍ୱାରା ହୋଇଥିବାରୁ ୧୯୯୦-୯୨ରେ ଭାରତର ଅର୍ଥବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି। ଏହି ଭଳି ଅସୁବିଧା ପାଇଁ ଉକ୍ତ ସମୟରେ ଭାରତକୁ ଗୋଲ୍ଡ ରିଜର୍ଭକୁ ବିଦେଶ ସ୍ଥାନାନ୍ତର କରିବାକୁ ପଡ଼ିଥିଲା। ଋଣ ସେବା ଖିଲାପ ଭୟକୁ ଏଡ଼ାଇବା ଲାଗି ଭାରତ ଏଭଳି ପଦକ୍ଷେପ ଗ୍ରହଣ କରିଥିଲା ବୋଲି କୁମାର କହିଛନ୍ତି।

ୟୁପିଏ ସମୟରେ ଅଭିବୃଦ୍ଧି ସର୍ବାଧିକ ବୋଲି ନ୍ୟାଶନାଲ ଷ୍ଟାଟିଷ୍ଟିକାଲ କମିଶନ (ଏନଏସ୍‌ସି)ର ସବ୍‌କମିଟି ନିକଟରେ ଆକଳନ କରିଥିଲା। ୨୦୧୧-୧୨ ଜିଡିପି ଅଭିବୃଦ୍ଧି ସିରିଜକୁ ନେଇ କମିଟି ଏଭଳି ଆକଳନ କରିଥିଲା। ଗଣମାଧ୍ୟମରେ ଏ ନେଇ ଆସିଥିବା ରିପୋର୍ଟ ଉପରେ ପ୍ରତିକ୍ରିୟା ରଖି କୁମାର ଏହା କହିଛନ୍ତି। ବ୍ୟାକ ସିରିଜ ଡାଟା ମୁତାବକ ୨୦୦୬-୦୭ରେ ମନମୋହନ ସିଂଙ୍କ ସରକାର ସମୟରେ ଦେଶର ଜିଡିପି ଅଭିବୃଦ୍ଧି ୧୦.୦୮% ରହିଥିଲା। ଏହା ୧୯୯୧ ପରର ଉଦାରୀକରଣ ପରଠାରୁ ସର୍ବୋଚ୍ଚ ସ୍ତର ବୋଲି ରିପୋର୍ଟରେ ଉଲ୍ଲେଖ ରହିଥିଲା। ଅପରପକ୍ଷରେ ମୋଦି ସରକାରଙ୍କ ସମୟରେ ଅଭିବୃଦ୍ଧି ୟୁପିଏ ସରକାରର ଶେଷ ୪ ବର୍ଷର ଅଭିବୃଦ୍ଧିଠାରୁ ଅଧିକ ବୋଲି କୁମାର ଟ୍ୱିଟ ଯୋଗେ କହିଛନ୍ତି। ଏନ୍‌ଏସ୍‌ସିର ସବକମିଟି ଦେଇଥିବା ତଥ୍ୟ ବର୍ତ୍ତମାନ ସୁଦ୍ଧା ଅଫିସିଆଲ ନୁହେଁ ବୋଲି କୁମାର କହିଛନ୍ତି।

## ୧୫ ଦିନରେ ମିଳିବ ଆଇଟିଆର୍ ରିଫଣ୍ଡ

**ନୂଆଦିଲ୍ଲୀ,୧୯-୮**




- ପୂର୍ବରୁ ଲାଗୁଥିଲା ୨ରୁ ୩ ମାସ
- ଇ-ଯାଞ୍ଚ ହୋଇଥିଲେ ପ୍ରାଥମିକତା

ଆୟକର ରିଟର୍ନ ଭରୁଥିବା ଟିକସଦାତାଙ୍କ ପାଇଁ ଖୁସି ଖବର। ଆୟକର ରିଟର୍ନର ରିଫଣ୍ଡ ତ୍ୱରିତ ହେବ ବୋଲି ଜଣାଯାଇଛି। ୧୫ ଦିନ ମଧ୍ୟରେ ଟିକସଦାତାଙ୍କୁ ରିଫଣ୍ଡ ମିଳିବ। ଯଦି କୌଣସି ଟିକସଦାତା ଆୟକର ରିଟର୍ନ ଫାଇଲ କରନ୍ତି ତେବେ ତାଙ୍କୁ ୧୫ ଦିନ ମଧ୍ୟରେ ରିଫଣ୍ଡ ମିଳିଯିବ। ରିଫଣ୍ଡ ଲାଗି ଲୋକଙ୍କୁ ପୂର୍ବରୁ ୨ରୁ ୩ ମାସ ସମୟ ଲାଗୁ ଥିଲା। ଯେଉଁ ଟିକସଦାତାଙ୍କ ଇନକମ୍ ଟାକ୍ସ ଫାଇଲିଂ ହେବା ସହ ଇ-ଯାଞ୍ଚ ହୋଇଛି ଉକ୍ତ କ୍ଷେତ୍ରରେ ରିଫଣ୍ଡ ୧୦ରୁ ୧୨ ଦିନ ମଧ୍ୟରେ ଆସିଥିବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି)ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ରିଫଣ୍ଡ ପ୍ରଦାନ ଲାଗି ଆୟକର ବିଭାଗ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ରିଫଣ୍ଡ ପ୍ରସ୍ତୁତ ହୋଇଥିଲେ ମଧ୍ୟ ଯେଉଁ ଟିକସଦାତାଙ୍କ ଇ-ଯାଞ୍ଚ ହୋଇ ନାହିଁ ଉକ୍ତ କ୍ଷେତ୍ରରେ ରିଫଣ୍ଡ ମିଳିବା ବିଳମ୍ବ ହୋଇଥାଏ ବୋଲି ଅଧିକାରୀ ଜଣକ କହିଛନ୍ତି। ଏପରି ସ୍ଥିତିରେ ଶୀଘ୍ର ଇ-ଯାଞ୍ଚ କରାଇବା ଲାଗି ଆୟକର ବିଭାଗ ପକ୍ଷରୁ ଟିକସଦାତାଙ୍କୁ ସୂଚନା ରହିଛି। ୨୦୧୭-୧୮ ଆର୍ଥିକ ବର୍ଷ ଲାଗି ଆୟକର ରିଟର୍ନ ଭରିବା ଲାଗି ଶେଷ ତାରିଖ ୩୧ ଅଗଷ୍ଟ ରହିଛି। ଧାର୍ଯ୍ୟ ସୀମା ମଧ୍ୟରେ ଆୟକର ରିଟର୍ନ ଫାଇଲ ନ କରିଲେ ୫,୦୦୦ ଟଙ୍କାର ଜରିମାନା ପ୍ରଦାନ କରିବାକୁ ପଡିବ ବୋଲି ଜଣାପଡ଼ିଛି।

# ଘରେ ପହଞ୍ଚିବ ବ୍ୟାଙ୍କ ସେବା

**ନୂଆଦିଲ୍ଲୀ,୧୯-୮**



- ପୋଷ୍ଟମ୍ୟାନ ହେବେ ବ୍ୟାଙ୍କର
- ୨୧ରେ ଆଇପିପିବି ଶୁଭାରମ୍ଭ
- ସୁଗମ ହେବ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା

ଘରେ ଘରେ ପହଞ୍ଚିବ ବ୍ୟାଙ୍କ ସେବା। ଭାରତୀୟ ଡାକ ବିଭାଗ ପକ୍ଷରୁ ଇଣ୍ଡିଆନ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ(ଆଇପିପିବି) ଚଳିତ ମାସ ୨୧ ତାରିଖ ଠାରୁ ଶୁଭାରମ୍ଭ ହେବାକୁ ଥିବା ବେଳେ ଏହା ଦ୍ୱାରା ବ୍ୟାଙ୍କ ଘରେ ଘରେ ପହଞ୍ଚିବ। ଡାକ ବିଭାଗର ବ୍ୟାଙ୍କ ସେବାକୁ ଡାକବାଲା ଲୋକଙ୍କ ନିକଟରେ ପହଞ୍ଚାଇବେ ବୋଲି ଜଣାଯାଇଛି। ଡିଜିଟାଲ ବ୍ୟାଙ୍କିଙ୍ଗ ଆପ୍ ଦ୍ୱାରା ଡାକବାଲାମାନେ ବ୍ୟାଙ୍କସେବାକୁ ଲୋକଙ୍କ ନିକଟରେ ପହଞ୍ଚାଇବେ। ସାଧାରଣ ଲୋକଙ୍କ ପାଇଁ ବ୍ୟାଙ୍କ ସେବାକୁ ସୁଗମ କରାଇବାକୁ ଡାକ ବିଭାଗ ପକ୍ଷରୁ ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଛି। ୬୫୦ ଶାଖା ଦ୍ୱାରା ଏହି ସେବା ଉପଲବ୍ଧ ହେବ। ସେହିଭଳି ଉକ୍ତ ବ୍ୟାଙ୍କର ୩୨୫୦ ଆକସେସ୍ ପଏଣ୍ଟ ରହିବ। ସେବା ସହ ୧୧,୫୦୦ ପୋଷ୍ଟମ୍ୟାନ ଯୋଡି ହେବେ। ଅପରପକ୍ଷରେ ସେବା ସହ ୧୭ କୋଟି ପୋଷ୍ଟାଲ ଜମା ଖାତାକୁ ଯୋଡିବା ଲାଗି ସୁବିଧା କରାଯିବ।

ସେହିଭଳି ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧.୫୫ ଲକ୍ଷ ଡାକଘରକୁ ଆଇପିପିବି ସହ ଯୋଡିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଅନ୍ୟ ବ୍ୟାଙ୍କ ଭଳି ବିଭିନ୍ନ ବ୍ୟାଙ୍କ ସେବା ଏଠାରେ ଉପଲବ୍ଧ ଥିବା ବେଳେ ବ୍ୟାଙ୍କରେ କ୍ରେଡିଟ୍ ରିସ୍କ ଉପଲବ୍ଧ ହେବ ନାହିଁ। ଏହା କ୍ରେଡିଟ୍ କାର୍ଡ କିମ୍ବା ଅଗ୍ରୀମ ଋଣ ପ୍ରଦାନ କରିବ ନାହିଁ। ବ୍ୟାଙ୍କରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜମା କରାଯାଇପାରିବ। ସେହିଭଳି ମୋବାଇଲ ପେମେଣ୍ଟ, ଟ୍ରାନ୍ସଫର, କ୍ରୟ ଏବଂ ଏଟିଏମ୍ ସୁବିଧା ଉପଲବ୍ଧ ହେବ। ନୂଆ ବ୍ୟାଙ୍କିଙ୍ଗ ସେବାର ବିସ୍ତାର ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ନୂଆ ଆକାଉଣ୍ଟ, କ୍ୟାଶ ଜମା, ଟଙ୍କା ଉଠାଣ, ମନି ଟ୍ରାନ୍ସଫର, ରିଚାର୍ଜ, ବିଲ୍ ପେମେଣ୍ଟ, ବୀମା ଏବଂ ନିବେଶ ଭଳି ସୁବିଧା ଘରେ ଘରେ ଉପଲବ୍ଧ ହେବ।

ଏହି ଭଳି ସେବାଗୁଡିକୁ ଡାକବାଲା ଲୋକଙ୍କ ନିକଟରେ ପହଞ୍ଚାଇବେ। ମୋବାଇଲ ଏବଂ ଏସ୍‌ଏମ୍‌ଏସ୍ ବ୍ୟାଙ୍କିଂ ବାଦ୍, କ୍ୟୁଆର କାର୍ଡର ସୁବିଧା ମଧ୍ୟ କରାଯିବ। ଏହାଦ୍ୱାରା ବ୍ୟାଙ୍କ ସେବା ଉପଲବ୍ଧ ହେବ। ସମସ୍ତ ପ୍ରକାରର ନେଣଦେଣ ବାୟୋମେଟ୍ରିକ ବ୍ୟବହାର ଦ୍ୱାରା ହେବ। କାର୍ଡ ହଜିଗଲେ ମଧ୍ୟ ଗ୍ରାହକଙ୍କ ଆକାଉଣ୍ଟ ସୁରକ୍ଷିତ ରହିବ। ଯଦି କୌଣସି ବ୍ୟକ୍ତି ପୂର୍ବରୁ ଡାକଘରେ ଖାତା ଖୋଲିଥାନ୍ତି ତେବେ ଏହାକୁ ଆଇପିପିବି ସହ ଯୋଡି ପାରିବେ। ୧ ଲକ୍ଷରୁ ଅଧିକ ବାଲାନ୍ସ ରହିଥିବା ଆକାଉଣ୍ଟଗୁଡିକୁ ସଞ୍ଚୟ ଖାତାରେ ରୂପାନ୍ତରିତ କରାଯାଇପାରେ। ଏଥିରେ ମାସିକ ସର୍ବନିମ୍ନ ଜମା ରଖିବାର କୌଣସି ନିୟମ ନାହିଁ। ସେହିଭଳି ମାସିକ ଉଠାଣ ଏବଂ ଜମାର ସୀମା ମଧ୍ୟ ଧାର୍ଯ୍ୟ ହୋଇ ନ ଥିବା ଜଣାଯାଇଛି।



# ଅପୂର୍ବୀ-ରବି ଖାତା ଖୋଲିଲେ



୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟ ଶୁଟିଂ ଅବସରରେ ଭାରତର ରବି କୁମାର ଓ ଅପୂର୍ବୀ ଚାଣ୍ଡିଲା।



ସ୍ୱର୍ଣ୍ଣ ପଦକ ଜିତିବା ପରେ ତ୍ରିରଙ୍ଗା ସହ ରେସଲର୍ ବଜରଙ୍ଗ ପୁନିଆ (ମଝି)।

**ପାଲେମବାଙ୍ଗ, ୧୯।୮ (ପି.ଟି.)**

ଏସିଆନ୍ ଗେମ୍ସର ୧୮ତମ ସଂସ୍କରଣର ପ୍ରଥମ ଦିନରେ ଭାରତ ପଦକ ତାଲିକାରେ ଖାତା ଖୋଲିଛି। ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟ ଶୁଟିଂରେ ଭାରତର ଅପୂର୍ବୀ ଚାଣ୍ଡିଲା ଓ ରବି କୁମାର ବ୍ରୋଞ୍ଜ ଜିତି ଭାରତ ପାଇଁ ପ୍ରଥମ ପଦକ ହାସଲ କରିଛନ୍ତି। ୪୮ ଶଟ୍ ଫାଇନାଲରେ ଭାରତର ଏହି ଦୁଇ ଶୁଟର ୪୨ ଶଟ୍‌ରେ ଏଗ୍ରିଗେଟ୍ ୪୨୯.୯ ସ୍କୋର କରିଥିଲେ। ଚାଇନା ଯୋଡ଼ି ରୁଓଝୁ ଝାଓ ଓ ହାଓରାନ ୟାଙ୍ଗ୍ ୪୯୨.୫ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଚାଇନିଜ ତାଇପେଇ ଯୋଡ଼ି ୟିଙ୍ଗଶିନ୍ ଲିନ୍ ଓ ଶାଓଚୁଆନ ଲୁ ୪୯୪.୧ ସ୍କୋର କରି ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କୋରିଆ ଓ ମଙ୍ଗୋଲିଆ ଶୁଟରମାନେ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ। ତାରକା ରେସ୍‌ଲର ବଜରଙ୍ଗ ପୁନିଆ ପୁରୁଷ ଫ୍ରି ଷ୍ଟାଇଲ ୬୫ କେଜି ବର୍ଗ ପ୍ରତିଯୋଗିତାରେ ବାଜି ମାରି ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ଇଭେଣ୍ଟର ପ୍ରଥମ ସିରିଜ ପରେ ୧୦୨.୯ ପଏଣ୍ଟ ପାଇ ଭାରତ ଦ୍ୱିତୀୟ ଓ କୋରିଆ ୧୦୩.୪ ପଏଣ୍ଟ ପାଇଁ ପ୍ରଥମ ସ୍ଥାନରେ ଥିଲେ। ତୃତୀୟ ସିରିଜ୍ ପର୍ଯ୍ୟନ୍ତ ଭାରତ ଅବଶ୍ୟ ତା' ସ୍ଥାନ ବଜାୟ ରଖିଥିଲା। କିନ୍ତୁ ଶେଷରେ ଚାଇନା ଯୋଡି ଉନ୍ନତ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ଅଧିକାର କରି ନେଇଥିଲା। ମଙ୍ଗୋଲିଆ ପ୍ରଥମେ ଓ ପରେ କୋରିଆ ପ୍ରତିଯୋଗିତାରୁ ବାଦ୍ ପଡିଥିଲା। ଏହା ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ଅପୂର୍ବୀ ଓ ରବି ୮୩୫.୩ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ୫୦ ମିନିଟର ଏହି ସେସନରେ ଉଭୟ ୪୦ଟି ଶଟ୍ ଫାୟାର କରିଥିଲେ। ଏଥିରେ ଦକ୍ଷିଣ କୋରିଆ ଯୋଡି ହେଓନଜୁନ କିମ ଓ ଇଉନହି ଜୁଙ୍ଗ ଶୀର୍ଷରେ ରହିଥିଲେ। ମଙ୍ଗୋଲିଆ ତୃତୀୟ, ଚାଇନା ଚତୁର୍ଥ ଓ ତାଇପେଇ ପଞ୍ଚମ ଏବଂ ଫାଇନାଲ କ୍ୱାଲିଫିକେଶନ ସ୍ଥାନରେ ରହିଥିଲେ। ଏଥିସହ ଚାଣ୍ଡିଲା ପ୍ରଥମଥର ପାଇଁ ଏସିଆନ ଗେମ୍ସ ପଦକ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ଏବେ ସେ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଆହୁରି ଭଲ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ ଲକ୍ଷ୍ୟରେ ରହିଛନ୍ତି। ଚାଣ୍ଡିଲା ପୂର୍ବରୁ ଏକାଧିକ ବାର ବିଶ୍ୱକପ୍ ବିଜୟିନୀ ସାବ୍ୟସ୍ତ ହୋଇଛନ୍ତି। ସେ ମଧ୍ୟ ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ବିଶ୍ୱକପ୍ ବ୍ରୋଞ୍ଜ ପଦକ ବିଜେତା ରବି ଗତ ଇଞ୍ଚିଅନ ଏସିଆନ ଗେମ୍ସରେ ପୁରୁଷ ୧୦ ମିଟର ରାଇଫଲ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ।

ପ୍ରଥମ ଏସିଆନ ଗେମ୍ସ ପଦକ ହାସଲ କରିଥିବାରୁ ଚାଣ୍ଡିଲା ତାଙ୍କ ପ୍ରଦର୍ଶନ ନେଇ ବେଶ୍ ସନ୍ତୋଷ ପ୍ରକଟ କରିଛନ୍ତି। ଏହା ପୂର୍ବରୁ ବିଶ୍ୱକପ୍‌ରେ ଆମେ ଚତୁର୍ଥ ସ୍ଥାନରେ ରହି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲୁ ଓ ଏବେ ଏଥିରେ ଉନ୍ନତି ଆଣି ପଦକ ହାସଲ କରିଛୁ। ଭାରତ ପାଇଁ ମୋର ଏହା ପ୍ରଥମ ପଦକ। ଏବେ ସୋମବାର ଖେଳାଯିବାକୁ ଥିବା ୧୦ ମିଟର ରାଇଫଲ ଇଭେଣ୍ଟ ଉପରେ ମନୋନିବେଶ କରୁଛି ବୋଲି ଚାଣ୍ଡିଲା କହିଛନ୍ତି। ଫାଇନାଲରେ ଦ୍ୱିତୀୟରୁ ତୃତୀୟ ସ୍ଥାନକୁ ଖସିବା ନେଇ ସେ ନିଜର ପ୍ରତିକ୍ରିୟା ରଖିଛନ୍ତି। ଶୁଟିଂ ଏପରି ହୋଇଥାଏ ବୋଲି ସେ କହିଛନ୍ତି। ଅନ୍ୟପଟେ ଯୋଗ୍ୟତା ପର୍ଯ୍ୟାୟରେ ଆମେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଫାଇନାଲରେ ଭଲ ସ୍କୋର କରିପାରି ନ ଥିଲୁ ଓ ଅପୂର୍ବୀଙ୍କ ପାଇଁ ବ୍ରୋଞ୍ଜ୍ ଜିତିଲୁ ବୋଲି ରବି କହିଛନ୍ତି। ପୂର୍ବରୁ ଆମେ ସାଥୀ ହୋଇ ଏକାଠି ପ୍ରଶିକ୍ଷଣ ନେବାର ସୁଯୋଗ ପାଇ ନ ଥିଲୁ ବୋଲି ସେ କହିଛନ୍ତି। ତେବେ ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତୀୟ ଶୁଟରମାନେ ନିରାଶ କରିଛନ୍ତି। ଟିନ୍ ସେନ୍‌ସେସନ ମନୁ ଭାକର ଓ ଅଭିଷେକ ବର୍ମା ଫାଇନାଲକୁ କ୍ୱାଲିଫାଏ କରିପାରି ନ ଥିଲେ। ମନୁ ନିଜ ଦକ୍ଷତା ଅନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ଅଭିଷେକଙ୍କ ପ୍ରଦର୍ଶନ ମଧ୍ୟ ଆଶାନୁରୂପ ହୋଇପାରି ନ ଥିଲା।

ଅନ୍ୟପଟେ ପୁରୁଷ ଟ୍ରାପ୍ କ୍ୱାଲିଫିକେଶନରେ ଅଭିଜ୍ଞ ମାନବଜିତ୍ ସିଂ ସାନ୍ଧୁ ୭୫ରୁ ୭୨ ସ୍କୋର କରି ଶୀର୍ଷରେ ରହିଛନ୍ତି। ସେହିପରି ଲକ୍ଷ୍ୟ ସୋରେନ ୭୧ ସ୍କୋର କରି ପଞ୍ଚମ ସ୍ଥାନରେ ରହିଛନ୍ତି। ସେହିପରି ମହିଳା ଟ୍ରାପ୍‌ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜୟିନୀ ଶ୍ରେୟାସି ସିଂ ୭୫ରୁ ୭୧ ସ୍କୋର କରି ଦ୍ୱିତୀୟ ଓ ସୀମା ତୋମାର ୭୧ ସ୍କୋର କରି ଚତୁର୍ଥ ସ୍ଥାନରେ ରହିଛନ୍ତି। ପ୍ରତିଯୋଗିତାରେ ଶ୍ରେଷ୍ଠ ୬ଟି ସ୍ଥାନରେ ରହିଥିବା ଶୁଟରମାନେ ସୋମବାର ଖେଳାଯିବାକୁ ଥିବା ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଅଭିନନ୍ଦନ

**ନୂଆଦିଲ୍ଲୀ, ୧୯।୮ (ପି.ଟି.)**

ଜାକର୍ତ୍ତାରେ ଆରମ୍ଭ ହୋଇଥିବା ୧୮ତମ ଏସିଆ ଗେମ୍ସରେ ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ତାରକା ରେସଲର୍ ବଜରଙ୍ଗ ପୁନିଆ ଓ ପ୍ରଥମ ପଦକ ଜିତି ଖାତା ଖୋଲିଥିବା ଦୁଇ ଶୁଟର ଅପୂର୍ବୀ ଚାଣ୍ଡିଲା ଓ ରବି କୁମାରଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି। ଏହି ଦୁଇ ଶୁଟର ଯୋଡି ୧୦ ମିଟର ଏୟାର ରାଇଫଲ ମିକ୍ସ ଟିମ୍ ଶୁଟିଂ ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ। ସେହିପରି ବଜରଙ୍ଗ ପୁରୁଷ ଫ୍ରି ଷ୍ଟାଇଲ ୬୫ କେଜି ବର୍ଗରେ ବାଜି ମାରିଥିଲେ। ଆଗକୁ ଏମାନେ ଆହୁରି ପଦକ ହାସଲ କରିବେ ବୋଲି ସେ ଟୁଇଟ୍ କରି ଆଶାପ୍ରକାଶ କରିଛନ୍ତି।

## ପ୍ରଥମ ରାଉଣ୍ଡରୁ ସୁଶୀଲ ବିଦା



ଭାରତୀୟ ଅଭିଜ୍ଞ ରେସ୍‌ଲର ତଥା ଡବଲ ଅଲିମ୍ପିକ୍ସ ପଦକ ବିଜେତା ସୁଶୀଲ କୁମାର ଏସିଆନ ଗେମ୍ସ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ଫଳରେ ତାଙ୍କ କ୍ୟାରିୟର ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୭୪ କେ.ଜି. ବର୍ଗ ରେସ୍‌ଲିଂରେ ସେ ବାହାରିନ୍‌ର ଆଡାମ ବାଟିରୋଭ୍‌ଙ୍କଠାରୁ ପ୍ରଥମ ରାଉଣ୍ଡରେ ୩-୫ରେ ପରାଜୟ ବରଣ କରି ବିଦାୟ ନେଇଛନ୍ତି। ୨୦୦୮ ବେଜିଂ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ଓ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଥିବା ୩୫ ବର୍ଷୀୟ ସୁଶୀଲ କିନ୍ତୁ ଆଗକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜୋର୍ ଦେଇ କହିଛନ୍ତି। ଏହି ପରାଜୟ ମୁଁ ଆଶା କରି ନ ଥିଲି ବୋଲି ସେ କହିଛନ୍ତି। ଏହା ପୂର୍ବରୁ ସୁଶୀଲ ଗତ ୪ ବର୍ଷ ମଧ୍ୟରେ ତାଙ୍କର ପ୍ରଥମ ବାଉଟ୍‌ରେ ପରାଜୟ ବରଣ କରିଥିଲେ। ସେ ଗତ ମାସ ଟିବିଲିସ୍ ଗ୍ରାଣ୍ଡ ପ୍ରିକ୍ସରେ ପରାସ୍ତ ହୋଇଥିଲେ। ସେ ମଧ୍ୟ ଶ୍ରେଷ୍ଠ ଫର୍ମରେ ନ ଥିବା ନେଇ ଚର୍ଚ୍ଚା ହେଉଥିଲା।

## କବାଡ଼ିରେ ବିଜୟ ଅଭିଯାନ



ଭାରତ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଏସିଆନ ଗେମ୍ସରେ ଗତଥର ଚାମ୍ପିୟନ ଭାରତୀୟ ପୁରୁଷ ଓ ମହିଳା କବାଡ଼ି ଦଳ ଏଥର ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ରବିବାର ମହିଳା ଦଳ ଜାପାନକୁ ହରାଇଥିବା ବେଳେ ପୁରୁଷ ଦଳ ବାଂଲାଦେଶକୁ ପରାସ୍ତ କରିଛି। ଭାରତୀୟ ପୁରୁଷ ଦଳ ଗ୍ରୁପ୍ ଏ'ର ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ୫୦-୨୧ରେ ହରାଇବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୪୪-୨୮ରେ ହରାଇଥିଲା।

ଅନ୍ୟପଟେ ଭାରତୀୟ ମହିଳା ଦଳ ଗ୍ରୁପ୍ ଏ'ରେ ତା'ର ପ୍ରଥମ ମ୍ୟାଚ୍‌ରେ ଜାପାନକୁ ୪୩-୧୨ରେ ହରାଇଥିଲା। ସୋମବାର ମହିଳା ଦଳ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଥାଇଲାଣ୍ଡକୁ ଭେଟିବ। ସେହିପରି ପୁରୁଷ ଦଳ ଦକ୍ଷିଣ କୋରିଆ ବିପକ୍ଷ ମୁକାବିଲାରେ ଅବତୀର୍ଣ୍ଣ ହେବ। ଉଭୟ ଦଳର ପ୍ରଦର୍ଶନ ଉଚ୍ଚକୋଟୀର ଥିଲା ଓ ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ।

## ସୁଇମିଂ: ସଜନ, ଶ୍ରୀହରିଙ୍କ ଅଭିଯାନ ଶେଷ

ଦୁଇ ଭାରତୀୟ ସନ୍ତରଣକାରୀ ସଜନ ପ୍ରକାଶ ଓ ଶ୍ରୀହରି ନଟରାଜ ଯଥାକ୍ରମେ ପଞ୍ଚମ ଓ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ପୁରୁଷ ୨୦୦ ମିଟର ବଟରଫ୍ଲାଏରେ ସଜନ ପଞ୍ଚମ ଓ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ ଇଭେଣ୍ଟରେ ଶ୍ରୀହରି ସପ୍ତମ ସ୍ଥାନରେ ରହି ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ୨୦୦ ମିଟର ବଟରଫ୍ଲାଏ ଫାଇନାଲରେ ସାଜନ ୧:୫୭.୭୫ ସେକେଣ୍ଡ ସମୟ ନେଇଥିଲେ। ଜାପାନର ସେଟୋ ଡାଇୟା ୧:୫୪.୫୩ ସେକେଣ୍ଡ ସମୟ ନେଇ ବିଜୟୀ ହୋଇଥିଲେ। ସଜନ ହିଟ୍ସରେ ତୃତୀୟ ଦ୍ରୁତତମ ସନ୍ତରଣକାରୀ ଭାବେ ଯୋଗ୍ୟତା ହାସଲ କରିଥିଲେ। ସେହିପରି ୧୦୦ ମି. ବ୍ୟାକଷ୍ଟ୍ରୋକ ଇଭେଣ୍ଟରେ ଶ୍ରୀହରି ୫୬.୧୯ ସେକେଣ୍ଡ ନେଇଥିଲେ। ତାଙ୍କର କ୍ୱାଲିଫିକେଶନ ଟାଇମ୍ ଥିଲା ୫୫.୮୬। ୮ ଜଣ ଫାଇନାଲିଙ୍କ ମଧ୍ୟରେ ସେ ସବୁଠାରୁ ମନ୍ଥର ଥିଲେ। ପୂର୍ବରୁ ରବିବାର ଅନ୍ୟତମ ଭାରତୀୟ ସନ୍ତରଣକାରୀ ସୌରଭ ସାଙ୍ଗଭେକର ୨୦୦ ମିଟର ଫ୍ରି ଷ୍ଟାଇଲ ଇଭେଣ୍ଟରେ ୧:୫୪.୮୭ ସେକେଣ୍ଡ ସମୟ ନେଇ ବିଦାୟ ନେଇଥିଲେ।

## ଚାଇନାର ସୁନଙ୍କୁ ପ୍ରଥମ ସ୍ୱର୍ଣ୍ଣ

**ଜାକର୍ତ୍ତା, ୧୯।୮ (ଏଏଫ୍‌ପି):** ଚାଇନିଜ୍ ଉଷୁ ଆଥ୍‌ଲେଟ୍ ସୁନ ପେୟୁଆନ ଚଳିତ ଏସିଆନ୍ ଗେମ୍ସର ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୮ ବର୍ଷୀୟ ସୁନ ଚାଙ୍ଗକୁଆନ କାଟଗୋରୀରେ ଆୟୋଜକ ଇଣ୍ଡୋନେସିଆ ଆଥ୍‌ଲେଟ ଜାଭିଅର ମାର୍ଭେଲୋଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ଚାଇନିଜ୍ ଆଥ୍‌ଲେଟ ସର୍ବାଧିକ ୯.୭୫ ସ୍କୋର କରିଥିଲେ। ଏହି ଇଭେଣ୍ଟରେ ଚାଇନିଜ୍ ତାଇପେ ସାଇ ସେମିନ ପ୍ରଥମ ବ୍ରୋଞ୍ଜ ପଦକ ନେଇଛନ୍ତି। ଉଲ୍ଲେଖଥାଉ କି, ଇଞ୍ଚନଠାରେ ଅନୁଷ୍ଠିତ ୨୦୧୪ ଏସିଆନ୍ ଗେମ୍ସରେ ଚାଇନା ସର୍ବାଧିକ ୧୫୧ ସ୍ୱର୍ଣ୍ଣ ପଦକ ଜିତିଥିଲା। ଆଞ୍ଚଳିକ ତଥା ଏସିଆନ ଅଲିମ୍ପିକ୍ସ ଭାବେ ପରିଚିତ ଏସିଆନ୍ ଗେମ୍ସରେ ୧୯୮୨ଠାରୁ ଚାଇନା ପଦକ ତାଲିକାର ଶୀର୍ଷରେ ରହି ଆସୁଛି।

## ବାସ୍କେଟବଲ: ଚାଇନିଜ୍ ତାଇପେଠାରୁ ହାରିଲା ଭାରତ

**ଜାକର୍ତ୍ତା, ୧୯।୮ (ପି.ଟି.):** ଭାରତୀୟ ମହିଳା ବାସ୍କେଟବଲ ଦଳର କ୍ରମାଗତ ୨ୟ ପରାଜୟ ଯୋଗୁ ଏସିଆନ୍ ଗେମ୍ସରୁ ବାଦ୍ ପଡ଼ିବା ନିଶ୍ଚିତ ହୋଇଯାଇଛି। ଭାରତୀୟ ଦଳକୁ ୬୧-୮୪ ବ୍ୟବଧାନରେ ଚାଇନିଜ ତାଇପେ ଦଳ ପରାସ୍ତ କରିଛି। ଏହା ଭାରତୀୟ ଦଳର କ୍ରମାଗତ ୨ୟ ପରାଜୟ। ଏଥିପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଭାରତ ୬୧-୭୯ ପଏଣ୍ଟରେ କାଜାକସ୍ତାନଠାରୁ ପରାସ୍ତ ହୋଇଥିଲା। ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତୀୟ ଦଳ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଭଲ ପ୍ରଦର୍ଶନ କରିବା ସତ୍ତ୍ୱେ ୨୮-୩୩ ବ୍ୟବଧାନରେ ପଛୁଆ ଥିଲା। କିନ୍ତୁ ମ୍ୟାଚ୍‌ର ୩ୟ କ୍ୱାର୍ଟରରେ ପ୍ରତିପକ୍ଷ ଦଳ ତା'ର ଅଗ୍ରଣୀ ବ୍ୟବଧାନକୁ ୬୪-୪୫ ବୃଦ୍ଧି କରି ନେଇଥିଲା। ଫଳରେ ୪ର୍ଥ କ୍ୱାର୍ଟରରେ ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ଭାରତୀୟ ଦଳ ମୁକାବିଲାକୁ ଫେରି ପାରି ନ ଥିଲା। ଆଗାମୀ ୨୩ ତାରିଖରେ ଖେଳାଯିବାକୁ ଥିବା ପରବର୍ତ୍ତୀ ମ୍ୟାଚ୍‌ରେ ଭାରତ, ମିଳିତ କୋରିଆକୁ ଭେଟିବ।

## ପଦାର୍ପଣରେ ରୋନାଲ୍ଡୋ ବିଫଳ

**ଭେରୋନା (ଇଟାଲି), ୧୯।୮ (ଏଏଫ୍‌ପି):** ପର୍ତ୍ତୁଗାଲ ଷ୍ଟାର ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ ସିରି ଏ' ଲିଗ୍ ପଦାର୍ପଣରେ ବିଫଳ ହୋଇଛନ୍ତି। କିନ୍ତୁ ଲିଗ୍‌ର ଡିଫେଣ୍ଡିଂ ଚାମ୍ପିୟନ ଜୁଭେଣ୍ଟସ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ଜୁଭେଣ୍ଟସ ୩-୨ ଗୋଲ୍‌ରେ ଚିଏଭୋକୁ ପରାସ୍ତ କରିଛି। ୩୩ ବର୍ଷୀୟ ରୋନାଲ୍ଡୋ ଗତ ମାସରେ ସ୍ପାନିଶ କ୍ଲବ ରିଅଲ ମାଡ୍ରିଡ୍ ଛାଡ଼ି ଜୁଭେଣ୍ଟସ କ୍ଲବରେ ସାମିଲ ହୋଇଛନ୍ତି। ତାଙ୍କ ବିଫଳ ପ୍ରଦର୍ଶନ ସତ୍ତ୍ୱେ ଇଟାଲିର କ୍ଲବ ସମ୍ପୂର୍ଣ୍ଣ ୩ ପଏଣ୍ଟ ଅର୍ଜନ କରିଛି।

## ଇଣ୍ଡିଆ ରେଡ୍-ଇଣ୍ଡିଆ ବ୍ଲୁ ଫାଇନାଲ

**ବେଙ୍ଗାଲୁରୁ, ୧୯।୮:** ଇଣ୍ଡିଆ ରେଡ୍ ଓ ଇଣ୍ଡିଆ ବ୍ଲୁ ମଧ୍ୟରେ ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ରବିବାର ଅନୁଷ୍ଠିତ ଅନ୍ତିମ ରାଉଣ୍ଡ ରବିନ୍ ମ୍ୟାଚ୍‌ରେ ଇଣ୍ଡିଆ ରେଡ୍ ୯ ଉଇକେଟ୍‌ରେ ଇଣ୍ଡିଆ ଗ୍ରୀନ୍‌କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଇଣ୍ଡିଆ ଗ୍ରୀନ୍ ଦଳ ନୈରାଶ୍ୟଜନକ ପ୍ରଦର୍ଶନ କରି ୧୮.୪ ଓଭରରେ ମାତ୍ର ୫୧ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ସଜୀବନ ସାଜନ (୧୧) ଓ ସି. ପ୍ରତ୍ୟୁଷା (୧୪)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟ୍ସୱମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଦଳରେ ସ୍ଥାନ ପାଇଥିବା ଓଡ଼ିଆ ଖେଳାଳି ସୁଶ୍ରୀ ପ୍ରଧାନ ଓପ୍‌ନିଂ କରିବାକୁ ଆସି ୮ଟି ବଲ୍ ଖେଳି ମାତ୍ର ୧ ରନ୍ କରିଥିଲେ। ଇଣ୍ଡିଆ ରେଡ୍ ପକ୍ଷରୁ ରୀମା ଲକ୍ଷ୍ମୀ ଏକ୍କା ୩ଟି ଓ ଶିଖା ପାଣ୍ଡେ ୨ଟି ଉଇକେଟ୍ ନେଇଥିଲେ। ଜବାବରେ ଇଣ୍ଡିଆ ରେଡ୍ ୯.୨ ଓଭରରେ ଗୋଟିଏ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ପୁନମ ରାଉତ ୨୬ ଓ ହରିନ ଦେଓ୍ୱଲ ୨୪ ରନ୍ କରି ଅପରାଜିତ ରହିଥିଲେ। ଇଣ୍ଡିଆ ରେଡ୍ ୪ଟି ମ୍ୟାଚ୍ ଖେଳି ୩ଟି ବିଜୟ ସହ ସର୍ବାଧିକ ୧୨ ପଏଣ୍ଟ ପାଇଥିବାବେଳେ ଇଣ୍ଡିଆ ବ୍ଲୁ (୮) ଓ ଇଣ୍ଡିଆ ଗ୍ରୀନ୍ (୪) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଥିଲେ। ଅଗଷ୍ଟ ୨୧ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

## ମହିଳା ହକିରେ ଭାରତର ବୃହତ୍ ବିଜୟ

### ଗୁରଜିତଙ୍କ ହ୍ୟାଟ୍ରିକ୍

**ଜାକର୍ତ୍ତା, ୧୯।୮ (ପି.ଟି.)**

ଡ୍ରାଗ୍ ଫ୍ଲିକର ଗୁରଜିତ୍ କୌରଙ୍କ ହ୍ୟାଟ୍ରିକ୍ ଗୋଲ ବଳରେ ଭାରତୀୟ ମହିଳା ହକି ଦଳ ଏସିଆନ ଗେମ୍ସରେ ଏକ ଦମ୍‌ଦାର ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଭାରତ ରବିବାର ପୁଲ୍ ବି'ରେ ତା'ର ପ୍ରଥମ ମ୍ୟାଚରେ ୮-୦ ଗୋଲରେ ଆୟୋଜକ ଇଣ୍ଡୋନେସିଆକୁ ପରାସ୍ତ କରିଛି। ଏହି ମ୍ୟାଚରେ ଭାରତ ସମ୍ପୂର୍ଣ୍ଣରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଏଫ୍‌ଆଇଏଚ୍ ର୍ୟାଙ୍କିଙ୍ଗ୍ ଚାର୍ଟରେ ସ୍ଥାନ ପାଇ ନ ଥିବା ଇଣ୍ଡୋନେସିଆ ଅଭିଜ୍ଞତାର ଅଭାବ କାରଣରୁ ଏକପ୍ରକାର ଆତ୍ମସମର୍ପଣ କରିଥିଲା। ଅନ୍ୟପଟେ ଏଫ୍‌ଆଇଏଚ୍ ର୍ୟାଙ୍କିଙ୍ଗ୍‌ର ନବମ ସ୍ଥାନରେ ଥିବା ଭାରତ ଘରୋଇ ଦଳକୁ କୌଣସି ସୁଯୋଗ ଦେଇ ନ ଥିଲା। ଗୁରଜିତ ୧୬, ୨୨ ଓ ୫୭ତମ ମିନିଟରେ ୩ଟି ଗୋଲ ଦେଇଥିଲେ। ସେହିପରି ବନ୍ଦନା କାଟାରିୟା ୧୩ ଓ ୨୭ତମ ମିନିଟରେ ଦୁଇଟି ଗୋଲ ସ୍କୋର କରିଥିଲେ। ଉଦିତା ଷଷ୍ଠ, ଲାଲରେମସିଆମି ୨୪ ଓ ନବନୀତ କୌର ୫୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇ ଦଳକୁ ବୃହତ୍ ବିଜୟ ପ୍ରଦାନ କରିଥିଲେ। ଭାରତ ଇଣ୍ଡୋନେସିଆ ଗୋଲପୋଷ୍ଟକୁ ୩୧ଥର ଶଟ୍ ମାରିଥିଲା। ଭାରତ ମଧ୍ୟ ଏହି ମ୍ୟାଚ୍‌ରେ ୧୯ଟି ପେନାଲ୍ଟି କର୍ନର ପାଇଥିଲା। ତେବେ ଭାରତ ମାତ୍ର ୩ଟିକୁ ଗୋଲରେ ପରିଣତ କରିବାକୁ ସକ୍ଷମ ହୋଇଥିଲା ଓ ଏଗୁଡିକ ଗୁରଜିତଙ୍କ ମାଧ୍ୟମରେ ସଫଳ ହୋଇଥିଲା। ଉଲ୍ଲେଖଥାଉ କି, ୨୦୧୪ ଏସିଆନ ଗେମ୍ସରେ ଭାରତୀୟ ମହିଳା ହକି ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଭାରତ ତା'ର ପରବର୍ତ୍ତୀ ମ୍ୟାଚରେ କାଜାଖସ୍ତାନକୁ ଭେଟିବ।

## ସ୍ୱର୍ଣ୍ଣ ବିଜୟିନୀ ଓଡ଼ିଆ ଖେଳାଳି ଫେରିଲେ

### ସାଫ୍ ୧୫ବର୍ଷରୁ କମ୍ ବାଳିକା ଫୁଟବଲ ଚାମ୍ପିୟନଶିପ

**କଟକ ଅଫିସ, ୧୯।୮**

ଜାତୀୟ ଦଳରୁ ପ୍ରତିନିଧିତ୍ୱ କରି ସାଫ୍ ୧୫ବର୍ଷରୁ କମ୍ ବାଳିକା ଫୁଟବଲ ଚାମ୍ପିୟନଶିପ୍‌ରେ ଭାରତକୁ ଚାମ୍ପିୟନ କରାଇବା ସହ ସ୍ୱର୍ଣ୍ଣ ପଦକ ଜିତିଥିବା ୪ ଓଡ଼ିଆ ଝିଅ ରବିବାର ଓଡ଼ିଶା ଫେରିଛନ୍ତି। ଏହି ୪ ପ୍ରତିଭା ହେଲେ କଟକ ସାଇ ହଷ୍ଟେଲର ଜ୍ୟୋତି କୁମାରୀ, ସୁନ୍ଦରଗଡ଼ ସ୍ପୋର୍ଟସ ହଷ୍ଟେଲର ମଞ୍ଜୁ ଗଞ୍ଜୁ, ସରିତା ସୋରେଙ୍ଗ ଓ ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲର ସଙ୍ଗୀତା ଦାସ। ଭୁବନେଶ୍ୱର ଏୟାରପୋର୍ଟରେ ୪ଜଣ ଯାକ ସନ୍ଧ୍ୟା ୬.୧୦ରେ ପହଞ୍ଚିଥିଲେ। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ଯୁଗ୍ମ ସମ୍ପାଦିକା ସଙ୍ଗୀତା ଶର୍ମା ସେମାନଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ସୂଚନା ଥାଉକି, ଭୁଟାନ ଠାରେ ଖେଳାଯାଉଥିବା ଏହି ଚାମ୍ପିୟନଶିପ୍‌ର ଫାଇନାଲ ମୁକାବିଲାରେ ଭାରତ ୧-୦ ଗୋଲରେ ବାଂଲାଦେଶକୁ ହରାଇ ଚାମ୍ପିୟନ ହୋଇଥିଲା।



ଫାଓ ଯୁଗ୍ମ ସମ୍ପାଦିକା ସଙ୍ଗୀତା ଶର୍ମାଙ୍କ ସହ ୪ ଓଡ଼ିଆ ବାଳିକା ଫୁଟବଲ ଖେଳାଳି।

## ଫାଓ ଲିଗ୍ ରୋଭର୍ସ କ୍ଲବ ବିଜୟୀ

**କଟକ ଅଫିସ, ୧୯।୮**

ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ରବିବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ଲାଲ୍‌ବାଗ କ୍ଲବ ଓ ୱେଷ୍ଟର୍ନ ମହାବୀର କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଡ୍ର ରହିଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ରୋଭର୍ସ କ୍ଲବ ୨-୦ ଗୋଲରେ ଇଣ୍ଡିପେଣ୍ଡେଣ୍ଟ କ୍ଲବକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ରୋଭର୍ସ କ୍ଲବ ପକ୍ଷରୁ ଉକ୍ତ ୨ଟି ଯାକ ଗୋଲ ସ୍କୋର ହୋଇଥିଲା। ବିଜୟ ମୁଖୀ ୧୦ମ ମିନିଟ୍‌ରେ ଓ ଅନ୍ତର୍ଯ୍ୟାମୀ ନାୟକ ୧୩ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇ ରୋଭର୍ସ କ୍ଲବକୁ ବିଜୟୀ କରାଇଥିଲେ।



“ଇଂଲଣ୍ଡ ବିପକ୍ଷ ପ୍ରଥମ ଦୁଇଟି କ୍ରିକେଟ ଟେଷ୍ଟରେ ଲଜ୍ଜାଜନକ ପରାଜୟ ଦ୍ୱାରା ଆମ ଖେଳାଳିମାନେ ଚାପରେ ରହିଛନ୍ତି ।
–ସଞ୍ଜୟ ବାଙ୍ଗର, ଭାରତର ସହକାରୀ କୋଚ୍



“ତୃତୀୟ ଟେଷ୍ଟରେ ଟସ୍ ଜିତିବା ପରେ ଆମେ ଭାରତକୁ ଶୀଘ୍ର ଆଉଟ୍ କରି ଚାପ ସୃଷ୍ଟି କରିବାକୁ ଚାହିଁଥିଲୁ, କିନ୍ତୁ ସେମାନେ ଭଲ ଖେଳିଲେ ।
–କ୍ରିସ୍ ଓକ୍ସ, ଇଂଲଣ୍ଡ ପେସ୍ ବୋଲର

## ସଂକ୍ଷେପରେ

### କ୍ରିକେଟରୁ ଜନ୍‌ସନଙ୍କ ଅବସର



**ସିଡ୍‌ନୀ, ୧୯।୮(ଏଏଫ୍‌ପି):** ଅଷ୍ଟ୍ରେଲିଆ ଦ୍ରୁତ ବୋଲର ମିଚେଲ ଜନ୍‌ସନ ରବିବାର କ୍ରିକେଟର ସମସ୍ତ ପ୍ରକାର ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ପୂର୍ବରୁ ୩୬ ବର୍ଷୀୟ ଜନସନ ୨୦୧୫ରେ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ୟାସ ନେଇସାରିଥିଲେ। କିନ୍ତୁ ଏହାପରେ ସେ ଟି୨୦ ବିଗ୍ ବାସ୍ ଲିଗ୍ (ବିବିଏଲ୍)ରେ ପର୍ଥ ସ୍କର୍ଚର୍ସ ଏବଂ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଅଂଶଗ୍ରହଣ କରିଆସୁଥିଲେ। ‘ବିଶ୍ୱର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ଟି୨୦ ଲିଗ୍ ଆସନ୍ତାବର୍ଷ ପର୍ଯ୍ୟନ୍ତ ଖେଳିବାକୁ ଚାହୁଁଥିଲି। କିନ୍ତୁ ମୋ ଶରୀର ସହାୟତା ନ କରିବାରୁ ଅବସର ନେବାକୁ ନିଷ୍ପତ୍ତି ନେଲି’ ବୋଲି ସେ କହିଛନ୍ତି। ନିଜର ଘାତକ ବୋଲିଂ ପାଇଁ ବେଶ୍ ଜଣାଶୁଣା ଥିବା ବାମହାତୀ ବୋଲର ଜନ୍‌ସନ ୭୩ଟି ଟେଷ୍ଟ ଓ ୧୫୩ଟି ଏକଦିବସୀୟ ମ୍ୟାଚ୍ ଖେଳି ଯଥାକ୍ରମେ ୩୧୩ ଓ ୨୩୯ଟି ଉଇକେଟ୍ ଅକ୍ତିଆର କରିଛନ୍ତି। ସେହିଭଳି ୩୦ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରୁ ୩୮ଟି ଉଇକେଟ୍ ନେଇଛନ୍ତି। ଆଇପିଏଲ୍‌ରେ ସେ ମୁମ୍ବାଇ ଇଣ୍ଡିଆନ୍ସ, କୋଲକାତା ନାଇଟ୍ ରାଇଡର୍ସ ଓ କିଙ୍ଗ୍ସ ଇଲେଭେନ ପଞ୍ଜାବ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି।

### ଅରବିନ୍ଦ-କେନ୍ଦ୍ରୀୟ ବିଦ୍ୟାଳୟ ମ୍ୟାଚ୍ ଡ୍ର

**ଭୁବନେଶ୍ୱର, ୧୯।୮(ସ୍ପୋର୍ଟ୍ସ ବ୍ୟୁରୋ):** ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଚାଲିଥିବା ଆନ୍ତଃ ସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଅରବିନ୍ଦ ହାଇସ୍କୁଲ (ଗଣ୍ଡରପୁର) ଓ କେନ୍ଦ୍ରୀୟ ବିଦ୍ୟାଳୟ ମଧରେ ଅନୁଷ୍ଠିତ ମ୍ୟାଚ୍ ବିନା ହାର୍‌ଜିତ୍‌ରେ ଶେଷ ହୋଇଛି। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ସ୍କୋର କରିବାରୁ ମ୍ୟାଚ୍ ୧-୧ରେ ଅମୀମାଂସିତ ରହିଥିଲା। ଅରବିନ୍ଦ ସ୍କୁଲ ପକ୍ଷରୁ ଦେବେନ୍ଦ୍ର ସାମଲ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଓମ୍ ଆଶୀର୍ବାଦ ଖୁଣ୍ଟିଆ ଗୋଟିଏ ଲେଖାଏ ଗୋଲ କରିଥିଲେ। ପୂର୍ବତନ ଆଥ୍‌ଲେଟ୍ ପ୍ରଣତୀ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅରବିନ୍ଦ ସ୍କୁଲର ବିକାଶ ପଡ଼ିହାରୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

## ■ ପାଣ୍ଡ୍ୟାଙ୍କୁ ୫ ଉଇକେଟ ସଫଳତା

# ଭାରତ ପ୍ରଥମ ଇନିଂସ ଅଗ୍ରଣୀ

**ନଟିଂହାମ୍,୧୯।୮**

ସ୍ଥାନୀୟ ଟ୍ରେଣ୍ଟବ୍ରିଜ୍‌ଠାରେ ଚାଲିଥିବା ତୃତୀୟ କ୍ରିକେଟ ଟେଷ୍ଟରେ ଭାରତ ପ୍ରଭାବୀ ପ୍ରଦର୍ଶନ କରି ପ୍ରଥମ ଇନିଂସରେ ଅଗ୍ରଣୀ ଲାଭ କରିଛି। ଟସ୍ ହାରି ପ୍ରଥମେ ଭଲ ବ୍ୟାଟିଂ କରିବା ପରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ୫ ଉଇକେଟ ସଫଳତା ଯୋଗୁ ଦଳ ଇଂଲଣ୍ଡକୁ ୩୮.୨ ଓଭରରେ ୧୬୧ ରନ କରି ଅଲଆଉଟ କରିଦେଇଛି। ଫଳରେ ଭାରତ ୧୬୮ରନରେ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିପାରିଛି। ଘରୋଇ ଦଳର ଟପ୍ ସ୍କୋରର ଜୋସ୍ ବଟଲର ମାତ୍ର ୩୯ ରନ କରିଥିବାବେଳେ ଆଲିଷ୍ଟର କୁକ୍ ୨୯ ଓ କିଟନ ଜେନିଙ୍ଗ୍ସ ୨୦ ରନ କରିଥିଲେ। ପାଣ୍ଡ୍ୟା ୬ ଓଭର ବୋଲିଂ କରି ୧ ମେଡେନ ସହ ୨୮ ରନ ବିନିମୟରେ ୫ଟି ଉଇକେଟ ଅକ୍ତିଆର କରିଥିଲେ। ଯଶପ୍ରୀତ ବୁମ୍ରା ଓ ଈଶାନ୍ତ ଶର୍ମା ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିବାବେଳେ ମହମ୍ମଦ ଶାମି ଗୋଟିଏ ଉଇକେଟ ନେଇଥିଲେ।

ଜବାବରେ ଖବର ନେବାବେଳକୁ ଭାରତ ଦ୍ୱିତୀୟ ଇନିଂସରେ ୧ ଉଇକେଟ ବିନିମୟରେ ୬୪ ରନ କରିଛି। ହାତରେ ଆଉ ୯ ଉଇକେଟ ରହିଥିବାବେଳେ ମୋଟ ଉପରେ ୨୩୨ ରନ ଅଗ୍ରଣୀ ଲାଭ କରିଛି। ଲୋକେଶ ରାହୁଲ ୩୬ରନ (୩୩ବଲ୍ ୭ ଚୌକା) କରି ଆଉଟ ହୋଇଯାଇଥିବା ବେଳେ ଶିଖର ଧାୱନ ୨୩ ଓ ଚେତେଶ୍ୱର ପୂଜାରା ୪ ରନ କରି ଅପରାଜିତ ରହିଥିଲେ।

ରବିବାର ସକାଳେ ଭାରତ ପୂର୍ବଦିନର ଅସମାପ୍ତ ସ୍କୋର ୩୦୭/୬ ସ୍କୋରରୁ ଖେଳ ଆରମ୍ଭ କରିଥିଲା। ଟେଲ୍ ଏଣ୍ଡରଙ୍କ ବିଫଳତା ପାଇଁ ଦଳ ୭.୫ ଓଭରରେ ଆଉ ମାତ୍ର ୨୨ ରନ ଯୋଗ କରି ୩୨୯ ରନରେ ଅଲଆଉଟ ହୋଇଯାଇଥିଲା। ୯୪.୫ ଓଭରରେ ଭାରତର ପ୍ରଥମ ଇନିଂସ ଶେଷ ହୋଇଥିଲା। ଭ୍ରମଣକାରୀ ଦଳର ଟପ୍ ସ୍କୋର ରହିଥିଲେ ଅଧିନାୟକ ବିରାଟ କୋହଲି। ସେ ୯୭ ରନ କରିଥିବାବେଳେ ଅନ୍ୟତମ ସଫଳ ବ୍ୟାଟ୍ସମ୍ୟାନ ଥିଲେ ଅଜିଙ୍କ୍ୟ ରାହାନେ ୮୧ ରନ କରିଥିଲେ। ଇଂଲଣ୍ଡ ପକ୍ଷରୁ ଜେମ୍ସ ଆଣ୍ଡରସନ (୩/୬୪), ଷ୍ଟୁଆର୍ଟ ବ୍ରଡ୍ (୩/୭୨) ଓ କ୍ରିସ୍ ଓକ୍ସ (୩/୭୫) ତିନୋଟି ଲେଖାଏଁ ଉଇକେଟ ନେଇଥିଲେ।

ବର୍ଷାଯୋଗୁ ରବିବାର ଦ୍ୱିତୀୟ ଦିବସ ଖେଳ ୩୦ ମିନିଟ ବିଳମ୍ବରେ ଆରମ୍ଭ ହୋଇଥିଲା। ସମସ୍ତଙ୍କ ନଜର ଯୁବ ଖେଳାଳି ରିଷଭ ପନ୍ତ (୨୪ରନ)ଙ୍କ ଉପରେ ରହିଥିଲା। ସେ ତାଙ୍କ ପୂର୍ବଦିନ ସ୍କୋରରେ କେବଳ ୨ରନ ଯୋଗ କରିପାରିଥିଲେ। ବ୍ରଡ୍ ତାଙ୍କୁ ବୋଲ୍ଡ କରିଦେଇଥିଲେ। ପନ୍ତଙ୍କ ପରେ ଅନ୍ୟ ବ୍ୟାଟ୍ସମ୍ୟାନମାନେ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ରବି ଚନ୍ଦ୍ରନ ଅଶ୍ୱିନ ୧୪ ରନ କରି ବ୍ରଡ୍‌ଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। ମହମ୍ମଦ ଶାମି (୩) ଓ ଯଶପ୍ରୀତ ବୁମ୍ରା (୦)ଙ୍କୁ ଜେମ୍ସ ଆଣ୍ଡରସନ ତାଙ୍କର ଲଗାତର ଦୁଇଟି ବଲ୍‌ରେ ଆଉଟ କରିଦେଇଥିଲେ। ଏଥିସହିତ ସେ ଭାରତୀୟ ଇନିଂସରେ ପରିସମାପ୍ତି ଘଟାଇଥିଲେ।



ଆଲିଷ୍ଟର କୁକ୍‌ଙ୍କୁ ଆଉଟ୍ କରିବା ପରେ ଉଲ୍ଲସିତ ଭାରତୀୟ ଖେଳାଳି।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ: ୩୨୯/ଅଲଆଉଟ** (କୋହଲି-୯୭, ରାହାନେ-୮୧, କ୍ରିସ୍ ଓକ୍ସ-୩/୭୫, ଷ୍ଟୁଆର୍ଟ ବ୍ରଡ୍-୩/୭୨, ଆଡିଲ ରସିଦ-୧/୪୬, ଜେମ୍ସ ଆଣ୍ଡରସନ-୩/୬୪)।

**ଇଂଲଣ୍ଡ ପ୍ରଥମ ଇନିଂସ: ୩୮.୨** ଓଭରରେ ୧୬୧/ଅଲଆଉଟ (ଜୋସ୍ ବଟଲର-୩୯, ଆଲିଷ୍ଟର କୁକ୍-୨୯, କିଟନ ଜେନିଙ୍ଗ୍ସ-୨୦ ; ହାର୍ଦ୍ଦିକ ପାଣ୍ଡ୍ୟା-୫/୨୮, ଈଶାନ୍ତ ଶର୍ମା-୨/୩୨, ଯଶପ୍ରୀତ ବୁମ୍ରା-୨/୩୭, ମହମ୍ମଦ ଶାମି-୧/୫୬)।

# ନାକାମୁରାଙ୍କ ସହ ଡ୍ର ରଖିଲେ ଆନନ୍ଦ

**ସେଣ୍ଟ ଲୁଇସ୍ (ଆମେରିକା), ୧୯।୮ (ପି.ଟି.)**

ସିଙ୍କ୍‌ଫିଲ୍ଡ କପ୍ ଚେସ୍ ଟୁର୍ନାମେଣ୍ଟରେ ୫ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦ ଭଲ ଆରମ୍ଭ କରିଛନ୍ତି। ସେ ପ୍ରଥମ ରାଉଣ୍ଡରେ ଆମେରିକାର ହିକାରୁ ନାକାମୁରାଙ୍କ ବିପକ୍ଷ ଗେମ୍ ସହଜ ଡ୍ର ରଖିଛନ୍ତି। ଗ୍ରାଣ୍ଡ ଚେସ୍ ଟୁର୍‌ର ଅଂଶବିଶେଷ ଏହି ପ୍ରତିଯୋଗିତା ଖେଳାଯାଉଛି। ଅନ୍ୟପକ୍ଷରେ ଶାଖ୍ରିୟାର ମାମେଦୟାରୋଭ ତାଙ୍କ ପ୍ରଥମ ରାଉଣ୍ଡ ଗେମ୍‌ରେ ଆମେରିକାର ୱେସ୍‌ଲେ ସୋଙ୍କୁ ହରାଇ ଦେଇଛନ୍ତି। ରବିବାର ଫଇସଲା ହୋଇଥିବା ଅନ୍ୟ ଏକ ଗେମ୍‌ରେ ଆର୍ମେନିଆର ଲେଭନ ଆରୋନିଆନ ଚମତ୍କାର ପ୍ରଦର୍ଶନ ସହ ରୁଷିଆର ସର୍ଗେ କାର୍ଜାକିନ୍‌ଙ୍କୁ ହରାଇ ଦେଇଥିଲେ। ୧୦ଜଣ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହେଉଥିବା ଏହି ରାଉଣ୍ଡ-ରବିନ୍ ବିଶିଷ୍ଟ ଟୁର୍ନାମେଣ୍ଟର ଅନ୍ୟ ଦୁଇଟି ଗେମ୍ ଡ୍ର’ ଭାବେ ଶେଷ ହୋଇଥିଲା। ମାକ୍ସିମି ଭାଚିର-ଲାଗ୍ରେଭ ବିଶ୍ୱ ଚାମ୍ପିୟନ ମାଗ୍ନସ କାର୍ଲସେନଙ୍କ ସହିତ ପଏଣ୍ଟ ବଣ୍ଟାଆରା କରିଥିବାବେଳେ ଆମେରିକାର ଫାବିଆନୋ କାରୁଆନା ରୁଷିଆର ଆଲେକ୍‌ଜାଣ୍ଡର ଗ୍ରିସ୍‌ଚୁକ୍‌ଙ୍କ ବିପକ୍ଷ ଗେମ୍ ଅମୀମାଂସିତ ରଖିଥିଲେ। ୩୦୦୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଏହି ଟୁର୍ନାମେଣ୍ଟର ଆଉ ୮ ରାଉଣ୍ଡ ଖେଳ ବାକି ରହିଥିବା ବେଳେ ମାମେଦୟାରୋଭ ଓ ଆରୋନିଆନ ପ୍ରତ୍ୟେକ ଗୋଟିଏ ପଏଣ୍ଟ ସହ ମିଳିତ ଅଗ୍ରଣୀ ଲାଭ କରିଥିବାବେଳେ ଆନନ୍ଦ, ନାକାମୁରା, କାର୍ଲସେନ, ଭାଚିର-ଲାଗ୍ରେଭ, କାରୁଆନା ଓ ଗ୍ରୀସ୍‌ଚୁକ୍ ଅଧା ପଏଣ୍ଟ ସହ ସେମାନଙ୍କ ପଛରେ ରହିଛନ୍ତି।

### ଆସାମ ସୁପର କପ୍ ଖେଳିବାକୁ ପ୍ରମୋଦଙ୍କୁ ନିମନ୍ତ୍ରଣ



**କଟକ ଅଫିସ,୧୯।୮**

ସେପ୍ଟେମ୍ବର ୨୧ରେ ଆସାମରେ ହେବାକୁ ଥିବା ବାହୁ କୁସ୍ତି ଚାମ୍ପିୟନଶିପ୍ ସୁପର କପ୍ ଖେଳିବାକୁ ରାଜ୍ୟର ପ୍ରତିଭାବାନ୍ ବାହୁକୁସ୍ତି ଖେଳାଳି ପ୍ରମୋଦ ମୁଖୀଙ୍କୁ ନିମନ୍ତ୍ରଣ କରାଯାଇଛି। ଗତ ମେ’ରେ ଲକ୍ଷ୍ନୌର ରବିନ୍ଦ୍ରାଳୟ ଅଡିଟୋରିୟମ ହଲ୍‌ରେ ଅନୁଷ୍ଠିତ ୪୨ତମ ଜାତୀୟ ବାହୁକୁସ୍ତି ପ୍ରତିଯୋଗିତାରେ ପ୍ରମୋଦ ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ଚାମ୍ପିୟନ ଅଫ୍ ଚାମ୍ପିୟନ ଟାଇଟଲ ବିଜୟୀ ହୋଇଥିଲେ। ଦେଶର ଚାମ୍ପିୟନ ଅଫ୍ ଚାମ୍ପିୟନ ଟାଇଟଲ ବିଜେତା ହୋଇଥିବାରୁ ଆସାମ ବାହୁକୁସ୍ତି ସଂଘ ଗତ ଦୁଇଦିନ ତଳେ ସ୍ୱତନ୍ତ୍ର ଭାବେ ମୋତେ ଏହି ନିମନ୍ତ୍ରଣ କରିଛି ବୋଲି ପ୍ରମୋଦ ସୂଚନା ଦେଇଛନ୍ତି। ସୁପର କପ୍‌ରେ ଆସାମର ଶ୍ରେଷ୍ଠ ୫ଜଣ ପ୍ରତିଯୋଗୀଙ୍କ ସହ ପ୍ରାଥମିକ ପର୍ଯ୍ୟାୟରେ ମୁକାବିଲା ହେବ। ପରେ ଦେଶର ଅନ୍ୟ ପ୍ରତିଭାମାନଙ୍କୁ ନେଇ ସେ ମ୍ୟାଚ୍ ଖେଳିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ କଟକ ଅଲିସା ବଜାରର ପ୍ରମୋଦ ଅକ୍ଟୋବର ୧୩ରୁ ତୁର୍କୀର ଆଣ୍ଟାଲ୍ୟା ସହରରେ ହେବାକୁ ଥିବା ୪୦ତମ ବିଶ୍ୱ ଚାମ୍ପିୟନଶିପ୍ ନିମନ୍ତେ ମଧ ପ୍ରସ୍ତୁତି ଜୋର୍‌ଦାର ଚଳାଇଥିବା କହିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରମୋଦ ସିନିୟର ପୁରୁଷ ୯୦ କେଜି ବର୍ଗରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଉକ୍ତ ଚାମ୍ପିୟନଶିପ୍ ନିମନ୍ତେ ସେ ଆର୍ଥିକ ସଙ୍କଟ ମଧ୍ୟରେ ରହିଥିଲେ। ତାଙ୍କୁ ମୋଟ୍ ୧ଲକ୍ଷ ୫୪ହଜାର ଟଙ୍କା ଭାରତୀୟ ବାହୁକୁସ୍ତି ମହାସଂଘ ନିକଟରେ ପୈଠ କରିବାକୁ ହେବ ବୋଲି ମହାସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା। ଗତ ମାସରେ କଟକ ଜିଲାପାଳ ସୁଶାନ୍ତ ମହାପାତ୍ରଙ୍କ ଦ୍ୱାରା ଏକ ଘରୋଇ ସଂସ୍ଥା ୫୧ହଜାର ଟଙ୍କା ପ୍ରମୋଦଙ୍କୁ ପ୍ରୋତ୍ସାହନ ରାଶି ଦିଆଯାଇଥିଲା।

## ■ ରାଜ୍ୟସ୍ତରୀୟ ଉଷୁ ଚାମ୍ପିୟନଶିପ୍

# ସୁନ୍ଦରଗଡ଼ ଚାମ୍ପିୟନ

**ବେଲପାହାଡ଼,୧୯।୮(ଡି.ଏନ୍.ଏ.)**

ଗତ ଦୁଇଦିନ ଧରି ଝାରସୁଗୁଡ଼ା ଜିଲା ବେଲପାହାଡ଼ଠାରେ ଚାଲିଥିବା ୨୬ତମ ଓଡ଼ିଶା ରାଜ୍ୟ ଉଷୁ ଚାମ୍ପିନସଶିପ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ସୁନ୍ଦରଗଡ଼ ଜିଲା ଚାମ୍ପିୟନ ହୋଇଛି। ସୁନ୍ଦରଗଡ଼ର ପ୍ରତିଯୋଗୀମାନେ ୨୭ଟି ସ୍ୱର୍ଣ୍ଣ, ୨୧ଟି ରୌପ୍ୟ ଓ ୯ଟି ବ୍ରୋଞ୍ଜ୍ ପଦକ ହାସଲ କରି ଏହି ସଫଳତା ହାସଲ କରିଛନ୍ତି। ବଡ଼ବିଲ ଜିନ୍ଦଲରୁ ଆସିଥିବା ପ୍ରତିଯୋଗୀମାନେ ୨୭ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଓ ୧୨ଟି ବ୍ରୋଞ୍ଜ୍ ପଦକ ପାଇ ପ୍ରଥମ ରନର୍ସଅପ୍ ଟ୍ରଫି ହାସଲ ହାସଲ କରିଛନ୍ତି। ସେହିପରି ଖୋର୍ଦ୍ଧାର ପ୍ରତିଯୋଗୀମାନେ ୧୩ଟି ସ୍ୱର୍ଣ୍ଣ, ୧୪ଟି ରୌପ୍ୟ ଓ ୨୧ଟି ବ୍ରୋଞ୍ଜ୍ ପଦକ ପାଇ ଦ୍ୱିତୀୟ ରନର୍ସଅପ ଟ୍ରଫି ହାସଲ କରିବାରେ ସଫଳ ହୋଇଛନ୍ତି। ଶନିବାର ଅପରାହ୍ନରେ ବେଲପାହାଡ଼ର ଜୁବୁଲି ହଲ୍‌ଠାରେ ଉଷୁ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ ରାଜ୍ୟର ୨୭ଟି ଜିଲାରୁ ଆସିଥିବା ୩୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସିନିୟର, ଜୁନିୟର ଓ ସବ୍‌ଜୁନିୟର ବିଭାଗର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶୁଭେନ୍ଦୁ ସାମନ୍ତରାୟ, ଶରତ ଦାସ, ଶୁଭ୍ରାଂଶୁ ପଣ୍ଡା, ଅନୁରାଧା ଡୋରା, ମିଥୁନ ଚକ୍ରବର୍ତ୍ତୀ, ବିନୋଦ ପ୍ରଧାନ, ସୁଜନ ରଥ, ଯୁଧିଷ୍ଠିର ଗୁରୁହାଣ୍ଡି, ବିଭୂତି ଭୂଷଣ ବେହେରା, ନଟବର ସେଠୀ, କିଶୋର ମହାନ୍ତି ଓ ନବୀନ ସିଂ ବିଚାରକ ଭାବେ ଯୋଗଦେଇ ପ୍ରତିଯୋଗିତା ପରିଚାଳନା କରିଥିଲେ। ରବିବାର ସନ୍ଧ୍ୟାରେ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ବେଲପାହାଡ଼ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ଉଷୁ ଆସୋସିଏଶନ ସଭାପତି ସୁଧାଂଶୁ ଶେଖର ହରିଚନ୍ଦନ, ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ଆୟୋଜକ ସମ୍ପାଦକ ନବୀନ ସିଂ ଓ ଝାରସୁଗୁଡ଼ା ଜିଲା ଉଷୁ ଆସୋସିଏଶନ ସଭାପତି ତ୍ରିନାଥ ଗୁଆଲ ଉପସ୍ଥିତ ଥିଲେ।




ବେଲପାହାଡ଼ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ଚାମ୍ପିୟନ ସୁନ୍ଦରଗଡ଼ ଜିଲାର ପ୍ରତିଯୋଗୀଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି।




5 YEAR WARRANTY + Powered by TVS CREDIT Download TVS Service App
ଦୁଇ ଚକିଆ ବାହନ ଚଳାଉଥିବା ବେଳେ ସର୍ବଦା ହେଲ୍‌ମେଟ୍ ପିନ୍ଧନ୍ତୁ। ଶୋରୁମ୍ ପ୍ରତ୍ୟେକ ରବିବାର ବି ଖୋଲା ରୁହେ। tvsjupiter | www.tvsjupiter.com | Call: 1800 315 7777. +5 yr. Warranty without any additional charges. # Terms & Conditions apply.
FOR ALL INSTITUTIONAL/BULK REQUIREMENTS PLEASE MAIL corporatecustomersupport@tvsmotor.co.in Authorised Main Dealers: SAMBALPUR: Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628. BHAWANIPATNA: Barun TVS, Ph: 8260430746; ROURKELA: Gurugobind TVS, Ph: 8260566699; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph : 6370700730, 6370700734. Authorised Dealers: Rengali, Kalinga Automobiles, Ph.: 9437052831; Deogarh, Saswati Motors, Ph : 9437392892; Charbahal, RB Motors, Ph.: 9853406294; Junagarh, Indian Automobiles, Ph.: 9437092284, 9437939586; Nuapara, G K Motors, Ph.: 9937653638; Raj Khariar, Classic Auto, 9439144433; Muniguda, Bhagabati Motors, Ph : 9583860028; Dharmagarh, Gayatri Enterprises, Ph : 9938883405; Belpahar, Sova Automobiles, Ph.: 9238581791; Binka, Chandralata Motors, Ph : 7894255589; Attabira, Swati Auto, Ph : 9853157276; Barpali, Shree Krishna Motors, Ph.: 9777703149; Patnagarh, Samleshwari Motors, Ph.: 9938621078; Dungripally, Pabnee Motors, Ph.: 9937926986; Sundergarh, S. B. Automobiles, Ph.: 06622-274361, 9437139011; Rajgangpur, Bramha Motors, Ph : 9861265188 ; San Balichuan, Gayatri Motors, Ph : 8658502167; Khariar Road, Nanesh Auto, Ph.: 9938098888; Sohela, Khamari Auto, Ph.: 9938739550; Thuvapali, Goyal Auto, Ph : 9937452169 ; Bhatli, Saraswati Motors, Ph : 9090140103; Titlagarh, Maruti, 9438096285; Boudh, M.D. Motors, Ph.: 9439238768; Kantabanji, Nownit Auto Agency, Ph : 9437210599; Gaisilat, Akankshya Motors, Ph : 9937408645; Jaipatna, Kaveri Motors, Ph : 9178280401;Padampur, Alisha Motors, Ph : 9938110070; Sambalpur, Shakti Motors, Ph : 9337016000; Bamra, Regent Motors, Ph : 9437535172; Kuchinda, Jay Maa Automobiles, Ph : 9437058129; Tarbha : Deosar Motors, Ph : 9439135679 ; Redhakhol : Palak Trading Company, Ph : 7978349822; Saintala : Balaji Motors, Ph : 9853781372; Gaisilat, Akankshya Motors, Ph: 7683848645, A Kantapali, Hariom Automobiles, Ph: 8342939695; Paikmal, Mangal Motors, Ph : 9938119999; Laikera, Ritesh Automobiles, Ph : 9938465363 Narla Road, Niladri Motors, Ph : 7326933067; Bheden, Mohit Automobiles, Ph : 7008024042.
dentsuindia/dha sam/29/18

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଅଗଷ୍ଟ ୨୦/୨୦୧୮ Sambalpur, Monday, August 20/ 2018

# ବିଷ ପିଇ ଜୀବନ ହାରିଲେ ବାପପୁଅ

**ବରଗଡ଼ ଅଫିସ୍, ୧୯।୮**

ପାରିବାରିକ କଳହରୁ ବରଗଡ଼ ସଦର ଥାନା ଅନ୍ତର୍ଗତ ନୂଆଗଡ଼ ଗ୍ରାମରେ ଶନିବାର ବାପପୁଅ କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ପୁଅ ବୁଧ ସୁନା(୩୦)ଙ୍କ ମୃତ୍ୟୁ ଘଟିଥିଲା । ଅନ୍ୟପକ୍ଷେ ସଙ୍କଟାପନ୍ନ ଅବସ୍ଥାରେ ଥିବା ବାପା ପରମା ସୁନା(୬୦)ଙ୍କ ରବିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। କେଉଁ କାରଣରୁ ବାପପୁଅ ବିଷ ପିଇ ଆତ୍ମହତ୍ୟା କଲେ ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ । ପାରିବାରିକ କଳହରୁ ଏହି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି ବୋଲି ସଦର ଥାନା ଆଇଆଇସି ମମତା ନାୟକ କହିଛନ୍ତି। ପ୍ରକାଶଥାଉକି, ଶନିବାର ସକାଳେ ବିଷକ୍ରିୟାରେ ଉଭୟ ବାପପୁଅ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା ।

## ସୋହେଲା ଗୁଳିମାଡ଼ ଘଟଣା

# ଆଉ ଜଣେ ଅଭିଯୁକ୍ତ ଗିରଫ

**ବରଗଡ଼ ଅଫିସ୍ / ସୋହେଲା, ୧୯।୮**


ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି ।

ବରଗଡ଼ ଜିଲା ସୋହେଲାରେ ଜୁଲାଇ ୨୪ତାରିଖ ସଂଘଟିତ ଗୁଳିମାଡ଼ ଘଟଣାର ଅନ୍ୟତମ ଅଭିଯୁକ୍ତ ସଞ୍ଜୟ ଶାହାଙ୍କୁ ପୋଲିସ ଶନିବାର ବିଳମ୍ବିତ ରାତିରେ ବୁର୍ଲାରୁ ଗିରଫ କରିଛି। ଏହି ଘଟଣାରେ ଏବେ ବି ଆଉ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ଏ ନେଇ ଏକ ମାମଲା (ନଂ.୧୧୧/୧୮) ରୁଜୁ କରି ଫେରାର ଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ତନାଘନା ଚାଲିଛି ବୋଲି ପଦ୍ମପୁର ଏସ୍‌ଡ଼ିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ଜୁଲାଇ ୨୪ତାରିଖ ରାତିରେ ଅଶ୍ୱିନୀ, ସଞ୍ଜୟ ଏବଂ ଅନ୍ୟ ଜଣେ ଅଭିଯୁକ୍ତ ଏକ ବାଇକ୍‌ରେ ଆସି ହଠାତ୍ ଗୁଳିଚାଳନା କରିବାରୁ ସତ୍ୟନାରାୟଣ ଦାଶ ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ପ୍ରଥମେ ବୁର୍ଲା ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଅଭିଯୁକ୍ତମାନେ ପୂର୍ବ ଶତ୍ରୁତାର ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ସୋହେଲାର ମନ ମାଝିଙ୍କ ଉପରକୁ ଗୁଳିଚାଳନା କରିବାକୁ ଲକ୍ଷ୍ୟ ରଖିଥିବାବେଳେ ତାହା ସତ୍ୟନାରାୟଣଙ୍କ ଦେହରେ ବାଜିଥିଲା। ଉକ୍ତ ଘଟଣାରେ କୌଣସି ରାଜନୈତିକ ସମ୍ପୃକ୍ତି ନାହିଁ ବୋଲି ଗୁରୁବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ କୁମାର ଭାମୁ ସୂଚନା ଦେଇଥିଲେ।

# ହୀରାକୁଦ ଡ୍ୟାମ ଜଳସ୍ତର ୬୧୮ ଫୁଟ: ୪ ସ୍ଲୁଇସ୍ ଗେଟ୍ ଦେଇ ଜଳ ନିଷ୍କାସନ

**ସମ୍ବଲପୁର, ୧୯।୮ (ବ୍ୟୁରୋ)**

ହୀରାକୁଦ ଡ୍ୟାମର ଜଳସ୍ତର ରବିବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ୬୧୮.୦୦ ଫୁଟ ରହିଛି। ଉପରମୁଣ୍ଡ ଓ ତଳମୁଣ୍ଡରେ ବର୍ଷା ଅଧିକ ପରିମାଣରେ ବର୍ଷିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧,୩୯,୪୦୯ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ଏହାକୁ ଦୃଷ୍ଟିରେ ରଖି ଜଳଭଣ୍ଡାର କର୍ତ୍ତୃପକ୍ଷ ବାମପାର୍ଶ୍ୱର ୩ ଓ ଡାହାଣ ପାର୍ଶ୍ୱର ଗୋଟିଏ ସ୍ଲୁଇସ୍ ଗେଟ ଖୋଲିଛନ୍ତି। ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ୪ସ୍ଲୁଇସ୍ ଗେଟ୍ ସହ ବରଗଡ, ଶାସନ, ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ, ପାୱାର ଚ୍ୟାନେଲ ମାଧ୍ୟମରେ ୭୭,୪୩୭ କ୍ୟୁସେକ୍ ଜଳ



ନିଷ୍କାସନ କରାଯାଉଛି। ଗତ ୨୪ଘଣ୍ଟା ମଧ୍ୟରେ ସମ୍ବଲପୁର ଜିଲାରେ ୪୨୪.୬୬ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଜୁଜୁମୁରାରେ ୭୩.୦, ଧନକଉଡ଼ାରେ ୫୫.୧ ମିମି ବର୍ଷା ହୋଇଛି। ସେହିପରି ମାନେଶ୍ୱରରେ ୫୩.୨, ରେଙ୍ଗାଲି ୪୫.୦, ରେଢ଼ାଖୋଲରେ ୬୬.୦, କୁଚିଣ୍ଡାରେ ୧୩.୨, ଜମନକିରାରେ ୬୪.୦୬, ନାକଟୀଦେଉଳରେ ୫୫.୦ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ବାମରା ବ୍ଲକ ଅଞ୍ଚଳରେ ବର୍ଷା ହୋଇନାହିଁ। ସମ୍ବଲପୁର, ବୁର୍ଲା, ହୀରାକୁଦ ସହରରେ ମଧ୍ୟାହ୍ନ ୧୨ଟା ସୁଦ୍ଧା ଖରା ପାଗ ଲାଗି ରହିଥିଲା। ବୁର୍ଲାସ୍ଥିତ ମୁଖ୍ୟ କଣ୍ଟ୍ରୋଲ ରୁମ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ତ୍ୟାଗ ଜୀବନର ମୂଳ ଲକ୍ଷ୍ୟ ହେଉ। ତ୍ୟାଗ ନ କଲେ ଏହି ଗଭୀର ଜୀବନ ସମସ୍ୟାର ରହସ୍ୟ ଭେଦ କରିପାରିବ ନାହିଁ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଗାଈଗୋରୁଙ୍କ କବ୍‌ଜାରେ ମୁଖ୍ୟରାସ୍ତା

**ବରପାଲି, ୧୯।୮ (ଡି.ଏନ.ଏ):** ବରପାଲି ସହରର ସିଧାସଳଖ ସଂଯୋଗ କରୁଥିବା ବରଗଡ-ବଲାଙ୍ଗୀର ରାସ୍ତାର ବସଷ୍ଟାଣ୍ଡ ଓ ବରପାଲି-ସୁବର୍ଣ୍ଣପୁର ରାସ୍ତାରେ ଥିବା କଲେଜ ତଥା ହାଇସ୍କୁଲ ଛକ ଏବେ ବୁଲା ଗାଈ ଗୋରୁଙ୍କ କବ୍‌ଜାରେ ରହିଛି । ଏହି ମୁଖ୍ୟ ରାସ୍ତାରେ ଗାଈଗୋରୁ ଚଲାବୁଲା କରିବା ସହ ରାସ୍ତା ମଝିରେ ଶୋଇ ରହୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ବେପରୁଆ ଦୃତ୍ ଗାଡି ଚାଳନା ଯୋଗୁ ପ୍ରାୟତଃ ଛୋଟବଡ ଦୁର୍ଘଟଣା ଘଟୁଛି । ସ୍କୁଲ, କଲେଜ ଛାତ୍ରୀଛାତ୍ର ସାଇକେଲ ଯୋଗେ ଯିବା ଆସିବା କାଠିକର ହୋଇପଡିଛି । ଦିନକୁ ଦିନ ଏହି ସମସ୍ୟା ବଢ଼ି ଚାଲି ଚାଲିଥିବା ବେଳେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଛାତ୍ରୀଛାତ୍ରଙ୍କ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

### ଉତ୍ତାଳଗଡ ନାଟ୍ୟ ସଂସଦ ବୈଠକ

**ବିଜେପୁର, ୧୯।୮ (ଡି.ଏନ.ଏ):** ବିଜେପୁର ବ୍ଲକ ତାଳପଦର ଗ୍ରାମ ସ୍ଥିତ ଖଗେଶ୍ୱର ମଣ୍ଡପରେ ଶୁକ୍ରବାର ଉତ୍ତାଳଗଡ ନାଟ୍ୟ ସଂସଦର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଛି । ଅନୁଷ୍ଠାନର ସଂଯୋଜକ ଅଧାପକ ସୁଶାନ୍ତ କୁମାର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ନୂତନ କର୍ମକର୍ତ୍ତା ମନୋନୟନ ହୋଇଥିଲା। ବାସୁଦେବ ପଧାନ ସଭାପତି, ସର୍ଜନ ପଧାନ ଉପସଭାପତି, ସୁଶାନ୍ତ ରଞ୍ଜନ ପଧାନ ସମ୍ପାଦକ, ଦାମୋଦର ବିଶ୍ୱାଳ ସହ ସମ୍ପାଦକ, ଗଣନାଥ ସାହୁ କୋଷାଧକ୍ଷ ଭାବେ ମନୋନିତ ହୋଇଥିଲେ। ସେହିପରି କାର୍ଯ୍ୟକାରୀ କମିଟି ଓ ଉପଦେଷ୍ଟା ମଣ୍ଡଳୀକୁ ୬ ଜଣ ଲେଖାଏ ମନୋନିତ ହୋଇଥିଲେ । ଏହି ଅବସରରେ ଖଗେଶ୍ୱର ମଣ୍ଡପ ଏବଂ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବିଭିନ୍ନ ପ୍ରଜାତିର ଦୁଇ ଶହ ଚାରା ରୋପଣ କରାଯାଇଥିଲା । ଅଧାପକ ଦେବାଶିଷ ପଧାନ ଓ ନେତ୍ରାନନ୍ଦ ସାହୁ ରୋପଣ କରାଯାଇଥିବା ଚାରା ଗୁଡିକର ଉପଯୁକ୍ତ ଯତ୍ନ ନେବାକୁ ସଦସ୍ୟମାନଙ୍କୁ ଶପଥ ପାଠ କରାଇଥିଲେ ।

### ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

**ଅତାବିରା, ୧୯।୮ (ଡି.ଏନ.ଏ):** ଭେଡେନ ବ୍ଲକ ଡାଲବ ପଞ୍ଚାୟତର ଖୁଣ୍ଟୁଲିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ଏକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଭେଡେନ ସଙ୍କୁଳ ପ୍ରମୁଖ ଅଶୋକ କୁମାର ସାହୁ ଯୋଗ ଦେଇଥିଲେ । ଖୁଣ୍ଟୁଲିପାଲି ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶିବାନନ୍ଦ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟଅତିଥି ସାହୁ କହିଥିଲେ । ଆଚାର୍ଯ୍ୟା ସୁନୀତା ଦାଶ ପ୍ରାରମ୍ଭିକ ବନ୍ଦନା ଗାନ କରିଥିଲେ। ମା'ମାନଙ୍କୁ ନେଇ ଏକ ମାତୃଭାରତୀ ଗଠନ କରାଯାଇଥିଲା । ସ୍ୱାନ୍ତ୍ୱନା ପୁରୋହିତ, ପଦ୍ମିନୀ ଭୋଇ, ସାଗରିକା ମାହାଣା, ଜ୍ୟୋତ୍ସ୍ନା ନାୟକ, ରଶ୍ମି ସାହୁ, ଯୋଗେଶ ପାଢ଼ୀ, ସୁଜିତ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ୮୦ଜଣ ମା' ଅଂଶ ଗ୍ରହଣ କରିଥିଲେ ।

### ଲାୟନ୍ସ କ୍ଲବର ଶପଥ ଗ୍ରହଣ ସମାରୋହ

**ସରଣ୍ଡା, ୧୯।୮ (ଡି.ଏନ.ଏ):** ସମ୍ବଲପୁରର ଏକ ହୋଟେଲରେ ଲାୟନ୍ସ କ୍ଲବ ଗୋଡଭଗା ରୟାଲର ଶପଥ ଗ୍ରହଣ ସମାରୋହ ସଭାପତି ରବିନାରାୟଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଲାୟନ୍ସ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଦୁର୍ଗାପ୍ରସାଦ ଶର୍ମା ମୁଖ୍ୟଅତିଥି, ଡେପୁଟି ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ବିନୋଦ ମହନ୍ତ, ଆର. କେ ସିଂ, ଜଗମୋହନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ନୂଆ କରି ଯୋଗ ଦେଇଥିବା ସଭ୍ୟମାନଙ୍କୁ ଶପଥ ଗ୍ରହଣ କରାଯାଇଥିଲା । ଚଳିତ ବର୍ଷ ପାଇଁ ମନୋଜ କୁମାର ଶର୍ମା ସଭାପତି, ସରିତା ରଥ, ବାଳକୃଷ୍ଣ ସାହୁ ଓ ପ୍ରେମରାଜ ପଧାନ ଉପସଭାପତି, ଦେବବ୍ରତ ରଥ ସମ୍ପାଦକ, ଶିବାନନ୍ଦ ବହିଦାର ସହ ସମ୍ପାଦକ, ବେଦବ୍ୟାସ ସେଠ କୋଷାଧକ୍ଷ, ପ୍ରେମରାଜ ପ୍ରଧାନ ସହ କୋଷାଧକ୍ଷ ଭାବେ ମନୋନିତ ହୋଇଥିଲେ । ବାଳକୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ହସ ଫୁଟାଇବ କୃଷକ ବଜାର

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍,୧୯।୮**

ବରଗଡ଼ ସହରର ଗୁରୁଦ୍ୱାରା ଛକରୁ ରେଳଷ୍ଟେଶନ ରାସ୍ତାରେ ପ୍ରାୟ ଅଧ କିମି ଗଲେ ଠିକ୍ ଡାହାଣପଟେ ନିର୍ମାଣାଧୀନ ରହିଛି କୃଷକ ବଜାର। ୧୨ଏକର ପରିମିତ ଜାଗାରେ ହେଉଥିବା ଏହି ବଜାରରେ ଦୋକାନ ଗୃହଠାରୁ ଆରମ୍ଭ କରି ଚାଷୀଙ୍କ ପାଇଁ ଆଶ୍ରୟସ୍ଥଳ, ବଜାର ପରିଚାଳନା ପାଇଁ ଅଫିସ ଗୃହ, ଶୌଚାଳୟ ଆଦି ନିର୍ମାଣ ହୋଇ ସାରିଛି । ଇତିମଧ୍ୟରେ ଛୋଟବଡ଼ ମିଶି ୪୨ଟି ଦୋକାନ ଗୃହ ନିର୍ମିତ ହୋଇସାରି ଥିବାବେଳେ ଚାଷୀଙ୍କ ପାଇଁ ୧୭୦ଫୁଟ୍ ଲମ୍ବ ଓ ୭୦ଫୁଟ୍ ଚଉଡ଼ା ପରିମିତ ଛାଉଣୀ(କଭର ସେଡ୍) ନିର୍ମାଣ ହେବ। ସେହିପରି ବଜାର ପରିସରରେ ଆହୁରି ୮୦ଟି ଦୋକାନ ଗୃହ ଏବଂ ଏକ ଶୀତଳ ଭଣ୍ଡାର ନିର୍ମାଣର ପ୍ରସ୍ତାବ ରହିଛି । ୪୨ଟି ଦୋକାନ ଗୃହ ମଧ୍ୟରୁ ୫୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨୦ଟି ଏବଂ ୨କୋଟି ଟଙ୍କା ବ୍ୟୟ ଅଟକଳରେ ଅନ୍ୟ ୨୨ଟି ଦୋକାନ ଗୃହ ନିର୍ମିତ ହୋଇଛି । ସେହିପରି ୨କୋଟି ୬୬ଲକ୍ଷ ଟଙ୍କାର ଟେଣ୍ଡର ପ୍ରକ୍ରିୟା ସରିଯାଇ ଥିବାବେଳେ ବାକି କାମସବୁ ନିର୍ମାଣାଧୀନ ରହିଛି । ବରଗଡ଼ ନିୟନ୍ତ୍ରିତ ବଜାର କମିଟି(ଆରଏମସି) ଅଧୀନ ଏହି କୃଷକ ବଜାରରେ ଚାଷୀଙ୍କ ପାଇଁ ବ୍ୟାଙ୍କିଙ୍ଗ ସୁବିଧା ମଧ୍ୟ ଉପଲବ୍ଧ ହେବ । ଏସବୁ ସେବା ନେଇ ଗଢ଼ି ଉଠୁଥିବା କୃଷକ ବଜାର ଆଗାମୀ ଦିନରେ ସାରା ପଶ୍ଚିମଓଡ଼ିଶାରେ ଏକ ପ୍ରମୁଖ ବାଣିଜ୍ୟିକସ୍ଥଳ ପାଲଟିବ ଏବଂ ଅଞ୍ଚଳର ଚାଷୀ ମୁହଁରେ ହସ ଫୁଟାଇବ ବୋଲି ଚର୍ଚ୍ଚା ଚାଲିଛି ।

### ଏମାନେ ଯାହା କୁହନ୍ତି...



"ଏବେ କେବଳ ବୁଧବାର ଓ ରବିବାର ଏଠାରେ ପରିବା ବଜାର ବସୁଛି । ଆଗକୁ ଏହା ନିତିଦିନିଆଁ ବଜାର ହେବ । ପରିବାର ଆମଦାନୀ, ରପ୍ତାନୀର ଏକ ପ୍ରମୁଖ କେନ୍ଦ୍ର ପାଲଟିବ । ବାଙ୍ଗାଲୋର, କଲିକତା, ହାୱଡ଼ାରୁ ଏଠାକୁ ତଟକା ପରିବା ଆସିବ ଏବଂ ଏଠାକାର ପରିବା ସେଠାକୁ ପଠାଯିବ । ଏହି ବଜାରରେ ଯେଭଳି ସେବା ଯୋଗାଇବାର ଲକ୍ଷ୍ୟ ରହିଛି, ନିଶ୍ଚିତ ଭାବେ ସବୁ ମହଲରେ ଆଦୃତ ହେବ । ଯେତେଶୀଘ୍ର ବଜାରକୁ କାର୍ଯ୍ୟକ୍ଷମ କରାଯାଇ ପାରିବ, ସେଥିପ୍ରତି ପଦକ୍ଷେପ ନିଆଯାଉଛି ।-**ଦୁର୍ଗାପ୍ରସାଦ ଛୁରିଆ, ସମ୍ପାଦକ, ବରଗଡ଼ ଆରଏମସି**



"ଚାଷ ଓ ଚାଷୀଙ୍କ ବିକାଶ ପାଇଁ ରାଜ୍ୟ ସରକାର ସବୁବେଳେ ସଚେତନ ଅଛନ୍ତି । ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ଯୋଜନା, କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ବରଗଡ଼ କୃଷକ ବଜାର ନିଶ୍ଚିତ ଭାବେ ଏହାର ଏକ ଦୃଷ୍ଟାନ୍ତ ହେବ । ଏହି ବଜାରକୁ ଉନ୍ନତ ତଥା ବିକଶିତ କରିବା ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଉଛି । ଏହି ବଜାର ଦ୍ୱାରା ଅଞ୍ଚଳର ଚାଷୀମାନେ ଉପକୃତ ହେବେ । ସ୍ଥାନୀୟ ଲୋକଙ୍କୁ ମଧ୍ୟ ବଜାର ସୁବିଧା ମିଳିବ । କେବଳ ସେତିକି ନୁହେଁ, ଏହି ବଜାର ଦ୍ୱାରା ସହରର ଶୋଭାବର୍ଦ୍ଧନ ହେବ ।-**ଦେବେଶ ଆଚାର୍ଯ୍ୟ, ବିଧାୟକ**



"ଯେହେତୁ ଏହା କୃଷକ ବଜାର, ଦୋକାନ ଗୃହ ଗୁଡ଼ିକୁ ଚାଷୀଙ୍କ ମଧ୍ୟରେ ଆବଣ୍ଟିତ ହେଉ । ଯେଉଁ ଚାଷୀମାନେ ସେହି ଦୋକାନ ଗୃହ ଗୁଡ଼ିକ ନେବେ, ସେମାନେ ତାର ସଦ୍‌ବିନିଯୋଗ କରନ୍ତୁ । ଏହାହେଲେ ଯାଇ କୃଷକ ବଜାରର ମାନ୍ୟତା ଓ ମର୍ଯ୍ୟାଦା ରହିବ । ଅନ୍ୟଥା ବେପାରୀଙ୍କ ମଧ୍ୟରେ ଦୋକାନ ଗୃହ ଗୁଡ଼ିକୁ ବାଣ୍ଟି ଦେଲେ ବଜାରରେ ଚାଷୀ ବଦଳରେ ବେପାରୀରାଜ୍ ଚାଲିବ । ଚାଷୀମାନେ କୃଷକ ବଜାରର କୌଣସି ସୁବିଧା ସୁଯୋଗ ପାଇ ପାରିବେ ନାହିଁ । ଏହାହେଲେ ଯାଇ ଚାଷୀ ମୁହଁରେ ହସ ଫୁଟିବ ।-**ଲକ୍ଷ୍ମଣ ପ୍ରଧାନ, ଚାଷୀନେତା**


ବରଗଡ଼ କୃଷକ ବଜାରରେ ନିର୍ମିତ ଦୋକାନ ଗୃହ ।

# ରାସ୍ତାରେ ବହୁଛି ବନ୍ୟାଜଳ, ଯାତାୟାତ ବନ୍ଦ

**ଭେଡ଼େନ,୧୯।୮(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ବିଭିନ୍ନ ନାଳରେ ରବିବାର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଗମନାଗମନ ବନ୍ଦ ହୋଇଯାଇଛି । ଶନିବାର ରାତିସାରା ହୋଇଥିବା ପ୍ରବଳ ବର୍ଷା ଯୋଗୁ ଏହି ବ୍ଲକର ପ୍ରାୟ ସମସ୍ତ ନାଳରେ ବନ୍ୟାଜଳ ପ୍ରବାହିତ ହେଉଛି । ବସେକେଲା-ଗୁରୁପାଲି ଓ ଲୁହାଖଣ୍ଡି-ଗୁରୁପାଲି ରାସ୍ତାରେ ଥିବା ନାଳ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଅଏଁଲାପାଲି ଗ୍ରାମପଞ୍ଚାୟତର ଗୁରୁପାଲି, କଟାପାଲି, ତେନ୍ତୁଲିଟିକ୍ରା ଆଦି ଅଞ୍ଚଳ ବାହ୍ୟ ଜଗତରୁ ବିଛିନ୍ନ ହୋଇଯାଇଛି। ସେହିପରି ଜାମପାଲି-ବରପଦର ଓ ପୁଡ଼ାପାଲି-ଅଛାଣ୍ଡପାଲି ରାସ୍ତାରେ ଥିବା ନାଳ ଉପରେ ମଧ ବନ୍ୟାଜଳ ଯାଉଥିବାରୁ ସେହି ରାସ୍ତାରେ ଗମନାଗମନ ବନ୍ଦ ହୋଇଯିବା ସହ ପୁଡ଼ାପାଲି, ଜାମପାଲି, ହିରୋମୁଣ୍ଡା, ପାକେଲଦାଦର ଆଦି ଗ୍ରାମ ସହ ଭେଡ଼େନର ଯୋଗାଯୋଗ ବ୍ୟାହତ ହୋଇଛି । ସାଲେପାଲି-ରାମପୁର ରାସ୍ତାର ନାଳ ଉପରେ ବନ୍ୟାପାଣି ଯୋଗୁ ବରଗଡ ଜିଲା ଭେଡ଼େନ ତଥା ସୋନପୁର ଜିଲାର ବିନିକା ବ୍ଲକ ମଧ୍ୟରେ ଯୋଗାଯୋଗ ବ୍ୟାହତ ହୋଇଛି । ତେବେ ରବିବାର ସକାଳେ ବର୍ଷା ନ ଥିବାରୁ ଖବର ଲେଖାହେବା ( ଅପରାହ୍ନ ଅଢ଼େଇଟା) ସୁଦ୍ଧା ବନ୍ୟାପାଣି ହ୍ରାସ ପାଉଥିଲେ ମଧ ପରିସ୍ଥିତିରେ ସୁଧାର ହୋଇନାହିଁ ।


ଗୁରୁପାଲି ଓ ବସେକେଲା ରାସ୍ତା ଉପରେ ବନ୍ୟାପାଣି ପ୍ରବାହିତ ହେଉଛି ।

## ବିକାଶ ହସ୍‌ପିଟାଲରେ ଏଞ୍ଜିଓପ୍ଲାଷ୍ଟି ଚିକିତ୍ସା ସଫଳ

**ବରଗଡ଼ ଅଫିସ୍,୧୯।୮**

ବିକାଶ ହସପିଟାଲର ବିଭିନ୍ନ ବିଭାଗରେ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ବ୍ୟବସ୍ଥା ଆରମ୍ଭ ହେବାରେ ଲାଗିଛି । ଏହି କ୍ରମରେ ହୃଦରୋଗ ବିଭାଗ ପ୍ରଥମ କରି ପଶ୍ଚିମ ଓଡ଼ିଶାରେ ବରଗଡ଼ ବିକାଶ ହସ୍‌ପିଟାଲରେ ଏଞ୍ଜିଓପ୍ଲାଷ୍ଟି ମାଧ୍ୟମରେ ରୋଗୀଙ୍କ ଜୀବନରକ୍ଷା କରିବାରେ ସଫଳତା ହାସଲ କରିଛି। ଆଜି ଜଣେ ହୃଦ୍‌ଘାତରେ ଆକ୍ରାନ୍ତ ରୋଗୀ ଲୋ ବ୍ଲଡ଼ପ୍ରେସର ଥିବା ଅବସ୍ଥାରେ ହସ୍‌ପିଟାଲକୁ ଆସିଥିଲେ। ହୃଦରୋଗ ବିଶେଷଜ୍ଞ ଡା. ପ୍ରଭାତ ରଞ୍ଜନ ମହାପାତ୍ର ରୋଗୀର ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଥିଲେ । ପରେ ଇସିଜି ମାଧ୍ୟମରେ କାରଣ ଜାଣି ଏଞ୍ଜିଓଗ୍ରାଫି ପାଇଁ ପରାମର୍ଶ ଦେଇଥିଲେ। ବିକାଶ ହସ୍‌ପିଟାଲର ହୃଦରୋଗ ବିଭାଗରେ ସମସ୍ତ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ଥିବାରୁ ଡା. ମହାପାତ୍ର ସଫଳତାର ସହିତ ଏଞ୍ଜିଓପ୍ଲାଷ୍ଟି ମାଧ୍ୟମରେ ଚିକିତ୍ସା କରିଥିଲେ ।


ଭଙ୍ଗାଘର ସମ୍ମୁଖରେ ଅସହାୟ ମହିଳା ।

# ଦିବ୍ୟାଙ୍ଗ ପୁଅକୁ ଧରି ଭଙ୍ଗା ଘରେ ଅସହାୟ ମହିଳା

**ବରଗଡ଼ ଅଫିସ୍,୧୯।୮**

ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ତୋରା ଗ୍ରାମ ଆଦର୍ଶପଡ଼ାର ମଞ୍ଜୁଲତା ନାଗ। ଗତ କିଛିମାସ ତଳେ ସେ ସ୍ୱାମୀ ଗୌରଙ୍କୁ ହରାଇଛନ୍ତି । ଏବେ ପରିବାର ବୋଇଲେ ସେ ଏବଂ ଦିବ୍ୟାଙ୍ଗ ପୁଅ । ମଜୁରୀ କଲେ ଯାଇ ସେମାନଙ୍କ ଚୁଲି ଜଳେ । ଗତ ବର୍ଷା ବିପ୍ରାତରେ ତାଙ୍କ ମାଟିକାନ୍ଥ ନିର୍ମିତ ଘର ଆଂଶିକ ଭାଙ୍ଗି ଯାଇଛି । ଘରର ବାକି ଅଂଶ ମଧ୍ୟ ଦୁର୍ବଳ ସ୍ଥିତିରେ ଅଛି । କାନ୍ଥ ଭାଙ୍ଗି ଯାଇଥିବାରୁ ଘର ଖୋଲା ପଡିଛି । କିଛି ବାଉଁଶ ଘେରା ଦେଇ ମା, ପୁଅ ସେଠାରେ ରହୁଛନ୍ତି । ମାତ୍ର ଆଉ ଏକ ବର୍ଷା ହେଲେ ଘରକାନ୍ଥ ଧସି ପଡିବ । ଫଳରେ ତାଙ୍କୁ ତୁରନ୍ତ ଘର ମରାମତି ସହାୟତା କିମ୍ବା ବିଜୁ ପକ୍କାଘର ଯୋଜନାରେ ଘର ଯୋଗାଇ ଦେବାକୁ ମଞ୍ଜୁଲତା ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି ।

# ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା


ବିଜ୍ଞାନ ମେଳାରେ ଛାତ୍ରୀଛାତ୍ର ନିଜ ନିଜ ପ୍ରକଳ୍ପଗୁଡିକୁ ପ୍ରଦର୍ଶନ କରୁଛନ୍ତି ।

**ପଦ୍ମପୁର, ୧୯।୮ (ଡି.ଏନ.ଏ)**

ପଦ୍ମପୁର ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ଅନୁଷ୍ଠିତ ହୋଇଛି । ରାଜବୋଡାସମ୍ବର ହାଇସ୍କୁଲ ପ୍ରଧାନଶିକ୍ଷକ ସରୋଜ କୁମାର ଭୁଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସଭାପତି ରୋହିତ କୁମାର ମେହେର ଅନ୍ୟତମ ଅତିଥି ଓ ସଙ୍କୁଳ ସଂଯୋଜକ ଯୁବରାଜ ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । କଲ୍ୟାଣୀ ଗୁରୁମା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମ୍ପାଦକ ଦ୍ୱାଦଶ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସଙ୍କୁଳର ୯ଟି ଶିଶୁ ମନ୍ଦିରରୁ ୪୫ଜଣ ପ୍ରକଳ୍ପ ପ୍ରଦର୍ଶନ ଓ ପ୍ରଶ୍ନମଞ୍ଚ ଏବଂ ପତ୍ରବାଚନରେ ୧୮୧ଜଣ ଯୋଗଦାନ କରିଥିଲେ । ଉଦ୍‌ଯାପନୀ ସମାରୋହରେ ସଙ୍କୁଳ ପ୍ରମୁଖ ମନୋଜ କୁମାର ପଣ୍ଡା ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ବିଦ୍ୟାମନ୍ଦିର ପ୍ରମୁଖ ଚୈତନ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ ।


ଭେଡେନ ବ୍ଲକ ଚିଚିଣ୍ଡାଠାରେ ଅନୁଷ୍ଠିତ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଅତିଥି ଓ ଖେଳାଳିମାନେ ।

## ଚିଚିଣ୍ଡା ଫୁଟବଲ: ଟେଙ୍ଗନିଟିକ୍ରା ଚାମ୍ପିୟନ

**ଭେଡ଼େନ,୧୯।୮(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡା ଖେଳ ପଡ଼ିଆରେ ଶନିବାର ଅନୁଷ୍ଠିତ ୯୩ ତମ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ଟେଙ୍ଗନିଟିକ୍ରା ଦଳ ଚାମ୍ପିୟନ ହୋଇଛି । ସୁପ୍ରିମ ଆଥ୍‌ଲେଟିକ୍ସ ଆସୋସିଏଶନ ଆନୁକୂଲ୍ୟରେ ହୋଇଥିବା ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ବିଜୟୀ ଦଳ ଗୁନିଆପାଲି ଦଳକୁ ଟାଇବ୍ରେକର ଯୋଗେ ୩-୦ ଗୋଲ ବ୍ୟବଧାନରେ ପରାସ୍ତ କରିଛି । ଉଦଯାପନୀ ଉତ୍ସବରେ ଚିଚିଣ୍ଡା ସରପଞ୍ଚ ସୁଶାନ୍ତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହି ପ୍ରତିଯୋଗିତାରେ ଟେଙ୍ଗନିଟିକ୍ରା, ଗର୍ଭନା, ରୂପାପାଲି, ନାଗପାଲି, ଲୁପୁରସିଂହା, ମହଲାକଟା, ଗୁନିଆପାଲି ଏବଂ ଲୋଇସିରା ଦଳ ଅଂଶଗ୍ରହଣ କରିଥିଲେ । ଖେଳଗୁଡ଼ିକୁ ରେଫରୀ ହରେରାମ ପଶାୟତ, ବାବାଜୀ ଝାଙ୍କର ଓ ମିଥୁନ ପାଣ୍ଡେ ପରିଚାଳନା କରିଥିଲେ ।

## ସମ୍ପୂର୍ଣ୍ଣ ଫସଲ ବୀମା ପାଇଁ ଦାବିପତ୍ର ପ୍ରଦାନ

**ପଦ୍ମପୁର, ୧୯।୮ (ଡି.ଏନ.ଏ)**

ଗତ ଖରିଫ ଚାଷର କ୍ଷତିଗ୍ରସ୍ତ ସମସ୍ତ ଚାଷୀ ଏପର୍ଯ୍ୟନ୍ତ ବୀମାରାଶି ପାଇନାହାନ୍ତି। ଏଭଳିସ୍ଥଳେ ପଦ୍ମପୁର ବ୍ଲକର ମହୁଲପାଲି, କନସିଂହା ଓ ଜମରତଲା ଗ୍ରାମ ପଞ୍ଚାୟତର ଚାଷୀଙ୍କୁ ବିଭିନ୍ନ ଆଳ ଦେଖାଇ ସେମାନଙ୍କ ସମ୍ପୂର୍ଣ୍ଣ ବୀମାରାଶିରୁ ପ୍ରାପ୍ୟ କାଟିଦେବା ଦୁର୍ଭାଗ୍ୟଜନକ ବୋଲି ରାଜବୋଡାସମ୍ବର କୃଷକ ସଙ୍ଗଠନ ଅଭିଯୋଗ କରିଛି । ଏହି ପରିପ୍ରେକ୍ଷୀରେ ସେମାନେ ବରିଷ୍ଠ ଭାଜପା ନେତା ସୁବାଷ ଚୌହାନଙ୍କୁ ଏକ ଦାବିପତ୍ର ଦେଇ ଚାଷୀମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଆଲୋଚନା କରିଛନ୍ତି । ରାଜବୋଡାସମ୍ବର କୃଷକ ସଙ୍ଗଠନ ସଭାପତି ବାଞ୍ଛାନିଧି ନାୟକ, ମହୁଲପାଲି ସରପଞ୍ଚ ଝସକେତନ ସାହୁ, ବିରେନ୍ଦ୍ର ସାହୁ, ଅଶୋକ ସାହୁ, ରୋହିତ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ଭୀଷ୍ମଦେବ ସାହୁଙ୍କ ନେତୃତ୍ୱରେ ଚାଷୀ ପ୍ରତିନିଧିମାନେ ଏହି ଆଲୋଚନାରେ ଅଂଶ ଗ୍ରହଣ କରିବା ସହ ବୀମା କମ୍ପାନୀର ମନମୁଖି କାର୍ଯ୍ୟକୁ ବିରୋଧ କରିଥିଲେ । ଚାଷୀମାନେ ପ୍ରିମିୟମ ଜମା କରିବା ସତ୍ତ୍ୱେ ପ୍ରସ୍ତୁତ ତାଲିକାରୁ ଅଧିକାଂଶ ଚାଷୀ ବାଦ୍ ପଡିଛନ୍ତି । କ୍ରପ୍‌କଟିଂ ରିପୋର୍ଟକୁ ମଧ ଅଣଦେଖା କରାଯାଉଛି । ତେଣୁ ଚାଷୀଙ୍କୁ ଶୀଘ୍ର ନ୍ୟାୟ ଦିଆଯାଉ ବୋଲି ବୈଠକରେ ଚାଷୀ ମାନେ ଦାବି କରିଥିଲେ । ଏ ସମ୍ପର୍କରେ ବୀମା କମ୍ପାନୀର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବେ ବୋଲି ଚୌହାନ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

■ ବିଦ୍ୟୁତ୍ ବିଭାଗର ଅଜବ ନୀତି

# ସ୍କୁଲ ଉପରେ ବିଦ୍ୟୁତ୍ ତାର, ଖେଳପଡିଆରେ ଟ୍ରାନ୍ସଫର୍ମର

**ଗଣ୍ଡତୁରୁମ, ୧୯।୮ (ଡି.ଏନ.ଏ)**

ଭେଡେନ ବ୍ଲକ ସିଆଲଖଣ୍ଡହଥା ପଞ୍ଚାୟତ ଅନ୍ତର୍ଗତ ଭାଲୁପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରତି ବିଦ୍ୟୁତ ବିଭାଗର ଅଜବ ନୀତି ଦେଖିବାକୁ ମିଳିଛି। ଏହି ସ୍କୁଲ ଉପରେ ୩୩ କେଭି ବିଦ୍ୟୁତ ତାର ଟଣାଯାଇଥିବା ବେଳେ ଅତି ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏହି ତାରଟି ସ୍କୁଲର ଛାତକୁ ସ୍ପର୍ଶ କରୁଥିବାବେଳେ ଯେ କୌଣସି ସମୟରେ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି । ସେହିପରି ସ୍କୁଲ ଖେଳ ପଡିଆରେ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି । ଯାହାକି ଛାତ୍ରୀଛାତ୍ରଙ୍କ ଖେଳକୁଦରେ ପ୍ରତିବନ୍ଧକ ସାଜିଛି। ସ୍କୁଲ ସମୟ ବାହାରେ ଜଣେ ଛାତ୍ର ଏହି ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଦିବ୍ୟାଙ୍ଗ ପାଲଟିଥିବା ନଜିର ରହିଛି । ଉକ୍ତ ତାରକୁ ଅପସାରଣ ପାଇଁ ସ୍କୁଲ ପକ୍ଷରୁ ଦାବି କରାଯାଉଥିଲେ ମଧ କୌଣସି ସୁଫଳ ମିଳୁନି । ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଭେଡେନ ଉପଖଣ୍ଡ ଅଧିକାରୀ ଚୌଧୁରୀ ଜଗନାଥ ଜେନାଙ୍କୁ ପଚରାଯିବାରୁ ସେ କହିଲେ, କୌଣସି ଶିକ୍ଷାନୁଷ୍ଠାନ କିମ୍ବା ଜନବସତିଠାରୁ ଦୂରରେ ୩୩କେଭି ତାର ଟଣାଯାଉଛି ଓ ଟ୍ରାନ୍ସଫର୍ମର ବସାଯାଉଛି। ଯେଉଁ ସ୍ଥାନରେ ପୂର୍ବରୁ ଏହା ସ୍ଥାପିତ ହୋଇଛି ତାକୁ ଅପସାରଣ କରିବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ତାଲିକା ଦେଇସାରିଛୁ। ଖୁବ୍‌ଶୀଘ୍ର କାମ ହୋଇଯିବ ବୋଲି ଏସଡିଓ ଜେନା କହିଥିଲେ ।




ସ୍କୁଲ ଉପରେ ବିଦ୍ୟୁତ୍ ତାର ଯାଇଛି ଏବଂ ଖେଳ ପଡିଆରେ ସ୍ଥାପିତ ଟ୍ରାନ୍ସଫର୍ମର ପାଖରେ ଛାତ୍ରୀଛାତ୍ରମାନେ ବିପଦସଙ୍କୁଳ ଅବସ୍ଥାରେ ଖେଳୁଛନ୍ତି ।



ଯେଉଁ ଲୋକ ତା'ର କର୍ତ୍ତବ୍ୟ ନିଷ୍ଠାପର ଭାବେ କରିଯାଉଛି, ତାହାର ଅନ୍ୟ ବିରୋଧରେ ଅଭିଯୋଗ ରହି ନ ପାରେ।
- ପିଥାଗୋରାସ୍



## ସଂକ୍ଷେପରେ

### ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ଚୟନ

**ଜହ୍ନାପଙ୍କ, ୧୯।୮ (ଡି.ଏନ.ଏ)-** ବୌଦ୍ଧ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ତେଲିବନ୍ଧ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୌଦ୍ଧ ଜିଲା ଶିକ୍ଷକ ସଂଘ ସଭାପତି ଦିଲୀପ କୁମାର ପ୍ରଧାନଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ସଂଘର କର୍ମକର୍ତ୍ତା ଚୟନ କରାଗଲା । ସଭାପତି ଭାବେ ବିଦ୍ୟାଧର ସାହୁ, ଉପସଭାନେତ୍ରୀ କଲ୍ୟାଣୀ ଦାସ, ଉପସଭାପତି ଅକ୍ଷୟ କୁମାର ପ୍ରଧାନ, ସମ୍ପାଦକ ଗୌରୀ ପ୍ରସାଦ ସାହୁ, ଯୁଗ୍ମ ସମ୍ପାଦକ କୋଦଣ୍ଡଧର ମେହେର, ଛବିଳ ପ୍ରଧାନ, ପରୀକ୍ଷ ସିଂହ, କୋଷାଧକ୍ଷ ଗିରିଶ ଚନ୍ଦ୍ର ମେହେର ଓ ବ୍ଲକ ସଂଯୋଜକ ଭାବେ ବୁଦ୍ଧଦେବ କୁମାର ସିଂହକୁ ସର୍ବସମ୍ମତିକ୍ରମେ ମନୋନୀତ କରାଗଲା । ସମ୍ପାଦକ ଗୌରୀ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ବିଷୟଭିତ୍ତିକ ସଂକୁଳସ୍ତରୀୟ କର୍ମଶାଳା

**ଉଲୁଣ୍ଡା, ୧୯।୮(ଡି.ଏନ୍.ଏ.)–** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସଦରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଂକୁଳସ୍ତରୀୟ ବିଷୟଭିତ୍ତିକ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଲବ ଭରାସାଗରଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ବିଦ୍ୟାଳୟ ପରିଚାଳନା ପରିଷଦ ଉପସଭାପତି ଚିତ୍ତରଞ୍ଜନ ପୂଜାହାରୀ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। କର୍ମଶାଳାରେ ସୁବଳୟା, ବୀରମହାରାଜପୁର, ଧର୍ମଶାଳା, ହିଙ୍ଗମା, ଉଲୁଣ୍ଡା ଏବଂ ଚଡେଇପଙ୍କ ଶିଶୁମନ୍ଦିରର ପ୍ରାୟ ୫୦ ଜଣ ଗୁରୁମା ଗୁରୁଜୀ ଯୋଗଦେଇ ବିଷୟଭିତ୍ତିକ ବିଶେଷ କରି ସାହିତ୍ୟ, ଗଣିତ, ଇଂଲିଶ, ଇତିହାସ, ଭୂଗୋଳ, ସାମାଜିକ ଆଦି ଉପରେ ଭାଇଭଉଣୀଙ୍କୁ କିପରି ଶିକ୍ଷା ଦିଆଯାଇ ପାରିବ ସେ ଉପରେ ସଚେତନ କରାଇଥିଲେ। ସଂକୁଳ ସଂଯୋଜକ ବଳରାମ ପୂଜାହାରୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ପରିଚାଳନା ପରିଷଦର ସମ୍ପାଦକ ଜିକେଶ୍ୱର ପାଣ୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ଫଟୋଗ୍ରାଫି ଦିବସ

# ପ୍ରକୃତିର ନୈସର୍ଗିକ ରୂପକୁ ଲେନ୍ସରେ ରଖିବାର ପ୍ରୟାସ

**ସୋନପୁର,୧୯।୮(ନି.ପ୍ର.)**

ମୋମେଣ୍ଟ ଅନ ଲେନ୍ସ ସୁବର୍ଣ୍ଣପୁର ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଫଟୋଗ୍ରାଫରମାନଙ୍କ ଦ୍ୱାରା ପ୍ରତିଯୋଗିତା ଓ ଫଟୋ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ସ୍ଥାନୀୟ ଟାଉନ ହଲରେ ଆୟୋଜିତ ଉତ୍ସବକୁ ଫଟୋଗ୍ରାଫର ତଥା ସିନେ ନିର୍ଦ୍ଦେଶକ ପ୍ରଦୀପ ମହାପାତ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମହାପାତ୍ର ତାଙ୍କ ବକ୍ତବ୍ୟରେ ପ୍ରକୃତିର ନୈସର୍ଗିକ ରୂପକୁ କ୍ୟାମେରାର ଲେନ୍ସ ଭିତରେ ଧରି ରଖିବାର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ଫଟୋଗ୍ରାଫର ପ୍ରତାପ କେଶରୀ ରାୟଗୁରୁ, ଓଡିଶା ଫଟୋଗ୍ରାଫି ଆସୋସିଏଶନର ସହ ସମ୍ପାଦକ ତଥା ଝାରସୁଗୁଡା ଆସୋସିଏଶନର ଜିଲା ସଭାପତି ଅଭୟ ଚରଣ ହୋତା, ବଲାଙ୍ଗୀର କ୍ୟାମେରିଆନ କ୍ଲବର ସଭାପତି ଅଭୟ ସାହୁ ଓ ପାଟଣାଗଡର ବରିଷ୍ଠ ଫଟୋଗ୍ରାଫର ରମେଶ ସାହୁ ଯୋଗଦାନ କରି ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ବୁଝାଇଥିଲେ। ଉଦ୍‌ଘାଟନୀ ସଭାକୁ ସିନେ ଅଭିନେତା ତଥା ସଂଘର ଉପଦେଷ୍ଟା ପ୍ରଦ୍ୟୁମ୍ନ ସାହୁ ସଂଯୋଜନା କରିଥିଲେ। ସତ୍ୟବ୍ରତ ପଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଦର୍ଶନୀରେ ପ୍ରକୃତିର ନୈସର୍ଗିକ ରୂପକୁ ନେଇ ମୋଟ ୧୦୦ରୁ ଊର୍ଦ୍ଧ୍ୱ ଫଟୋ ସ୍ଥାନ ପାଇଛି। ସେଥିମଧ୍ୟରୁ ୩୧ଟି ଫଟୋକୁ ନେଇ ପ୍ରତିଯୋଗିତା ହେଉଛି। ମାଲୟେସିଆ, ବାଂଲାଦେଶ ଓ ନେଦରଲାଣ୍ଡର ଫଟୋଗ୍ରାଫରଙ୍କ ଫଟୋ ଏହି ପ୍ରଦର୍ଶନୀରେ ସ୍ଥାନ ପାଇଛି। ସୋମବାର ଫଟୋ ପ୍ରଦର୍ଶନୀ ଉଦ୍‌ଯାପିତ ହେବ। ଫଟୋଗ୍ରାଫର ସିଦ୍ଧାର୍ଥ ସଞ୍ଜିବ୍ ପାଣିଗ୍ରାହୀ ଓ ଶିଶିର କର ବିଚାରପତି ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ବେଣୁଧର ପଧାନ, ଜ୍ୟୋତିରାଦିତ୍ୟ ପିନାକି ପଣ୍ଡା, ରାଜେନ୍ଦ୍ର ସାହୁ, ସନ୍ତୋଷ ମିଶ୍ର, ରାଜୀବ ଲୋଚନ ହୋତା ଓ ନରେନ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରୁଛନ୍ତି ।




ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

# ଯାତ୍ରୀବାହୀ ବସ୍‌ରୁ ଗଞ୍ଜେଇ ଜବତ, ମହିଳା ଗିରଫ

**ମନମୁଣ୍ଡା, ୧୯।୮ (ଡି.ଏନ.ଏ)**

ବୌଦ୍ଧ ଜିଲା କନ୍ଧମାଳରୁ ଆସୁଥିବା ବୁଢି ମା ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ (ନଂ.ଓଡି୩୧ଡି/୭୫୮୫)ରେ ପୋଲିସ ଶନିବାର ଚଢାଉ କରି ୭ ପ୍ୟାକେଟ (୬.୯୫୦ କେଜି ) ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ଉକ୍ତ ମହିଳା ଜଣକ ରାଉରକେଲା ଟାଙ୍ଗରାପାଲି ଥାନା ମଡର୍ଣ୍ଣ ଇଣ୍ଡିଆ ଫର୍ଟିଲାଇଜର୍, ସି–ବ୍ଲକ ବସ୍ତିର ଏବଂ ସେ ଝାରସୁଗୁଡା ଜିଲା ବଡମାଳ ଥାନା ବୃନ୍ଦାମଲ (ସାହାପଡା)ରେ ରହୁଥିବା ପୋଲିସ ଏସଆଇ ବାଳେଶ୍ୱର କହଁର କହିଛନ୍ତି । ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି ଓ ସୋମବାର ଅଭିଯୁକ୍ତ ମହିଳାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଭାବାନନ୍ଦ ପ୍ରଧାନ ଜଣାଇଛନ୍ତି । ରବିବାର କନ୍ଧମାଳରୁ ଆସୁଥିବା ଉକ୍ତ ବସ୍‌ରେ ଗଞ୍ଜେଇ ଚୋରା ଚାଲାଣ କରାଯାଉଥିବା କୌଣସି ସୂତ୍ରରୁ ଖବର ପାଇ ପୋଲିସ ସଦଳବଳ କପାସିରା ଛକଠାରେ ଚଢ଼ାଉ କରିଥିଲା । ଅଭିଯୁକ୍ତ ମହିଳା ବସିଥିବା ସିଟ୍ ପାଖରେ ଏକ ବ୍ୟାଗ୍‌ରେ ଜରି ଓ ସେଲୋଟ୍ୟାପ ଗୁଡା କିଛି ପ୍ୟାକେଟ ଥିବା ଦେଖି ସନ୍ଦେହରେ ତାକୁ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବାର ଦେଖିବାକୁ ମିଳିଥିଲା। ପ୍ରକାଶଥାଉକି, ଉକ୍ତ ବସ୍ ଆରଟିଓ ରୁଟ୍ ପରମିଟ ନଂ. ଏସଆଇଆରଟି ୯୯/୦୦୮୮୯/୨୦୧୮ ଅନୁଯାୟୀ ବରଗଡରୁ ସୋନପୁର, ବୌଦ୍ଧ ଭାୟା ହୋଇ ନରସିଂହପୁର ପର୍ଯ୍ୟନ୍ତ ଥିବାବେଳେ କନ୍ଧମାଳ ଦିଗକୁ ଯିବାର ନିୟମ ନ ଥିଲା । କେଉଁ ପରିପ୍ରେକ୍ଷୀରେ ଉକ୍ତ ବସ୍ ରୁଟ ପରମିଟ ନିୟମକୁ ଉଲଂଘନ କରିଛି ତାହା ତଦନ୍ତ ସାପେକ୍ଷ ବୋଲି ମତପ୍ରକାଶ ପାଇଛି ।

# ୱାର୍ଡ ସମସ୍ୟା ନେଇ ଜିଲାପାଳଙ୍କୁ ଫେରାଦ୍

**ସୋନପୁର,୧୯।୮(ନି.ପ୍ର.)**

ସୁବର୍ଣ୍ଣପୁର ପୌର ପରିଷଦ ଅନ୍ତର୍ଗତ ୧୦ନଂ ୱାର୍ଡର ମହିଳାମାନେ ବିଭିନ୍ନ ମୌଳିକ ସମସ୍ୟା ନେଇ ଜିଲାପାଳଙ୍କଠାରେ ଫେରାଦ୍ ହୋଇଛନ୍ତି। ଏ ସମ୍ପର୍କିତ ଏକ ଦାବିପତ୍ର ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ମହିଳାମାନେ ପ୍ରଦାନ କରିଛନ୍ତି। ପଟାଭାଡି ଅଞ୍ଚଳରେ ଜମି ରହୁଥିବା ବର୍ଷା ଜଳ ନିଷ୍କାସନର ବ୍ୟବସ୍ଥା, ଡ୍ରେନ୍ ନିୟମିତ ସଫା କରିବା, ପାଇପ ଯୋଗେ ସମସ୍ତ ଘରକୁ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା, ଜିଲା ମୁଖ୍ୟ ଚିକିତ୍ସାଳୟ ରାସ୍ତାଠାରୁ ପଟାଭାଡି ବୀର ସୁରେନ୍ଦ୍ର ସାଏ ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ମରାମତି, ଠାକୁରାଣୀ ପଡାରାସ୍ତା ନିର୍ମାଣ କରିବା ସହ ସହରରେ ବିପର୍ଯ୍ୟସ୍ତ ହୋଇ ପଡିଥିବା ପରିମଳ ବ୍ୟବସ୍ଥାର ସୁଧାର ଆଣିବା ପାଇଁ ଅନୁରୋଧ କରିଥିଲେ। ଚୋରା ମଦ, ଗଞ୍ଜେଇ ଓ ଡ୍ରଗ୍ସ କାରବାର ବନ୍ଦ କରିବା ସହ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ଡାକ୍ତର ଓ କର୍ମଚାରୀ ପଦବି ପୂରଣ କରି ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଦିଗରେ ପଦକ୍ଷେପ ନେବା ପାଇଁ ଦାବି କରିଥିଲେ। ୱାର୍ଡର ଜ୍ୟୋତିର୍ମୟୀ ରଥ, ତୁଳସୀ ବିଶ୍ୱାଳ, ଲିଲି ମେହେର, ନଳିନୀ ଦାସ, ମିତାଞ୍ଜଳୀ ମେହେର, ଉଷାରାଣୀ ପାତ୍ର, ସୌରେନ୍ଦ୍ରୀ ମେହେର ଓ ବ୍ରଜେଶ୍ୱରୀ ମେହେର ପ୍ରମୁଖ ଜିଲାପାଳଙ୍କ ସହିତ ଆଲୋଚନା କରିଥିଲେ। ଜିଲାପାଳ ମିଶ୍ର ତାଙ୍କ ପ୍ରକୋଷ୍ଠକୁ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଅଶୋକ କୁମାର ମିଶ୍ର, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ.ପ୍ରଫୁଲ୍ଲ କୁମାର ମିଶ୍ର ଓ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ.ବିକାଶ ପାଢୀଙ୍କୁ ଡକାଇ ମହିଳାଙ୍କ ଉପସ୍ଥିତିରେ ବିଶଦ ଆଲୋଚନା କରିବା ସହିତ ସମସ୍ୟାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ପାଞ୍ଚଜଣଙ୍କୁ ନୂଆ ଜୀବନ ଦେଲେ ବ୍ରେନ୍‌ଡେଡ୍ ବାଳିକା

**କୋଲକାତା:**

ମସ୍ତିଷ୍କ ମୃତ୍ୟୁ ବା ବ୍ରେନ୍‌ଡେଡ୍ ହୋଇଥିବା ଜଣେ ୧୫ବର୍ଷର ବାଳିକାଙ୍କ ଗୁରୁତ୍ୱପୂର୍ଣ୍ଣ ଅଙ୍ଗଦାନ ୫ଜଣ ରୋଗୀଙ୍କୁ ନୂଆ ଜୀବନ ପ୍ରଦାନ କରିଛି। ଏହି ବାଳିକାଙ୍କ ଦୁଇଟି କିଡ୍‌ନୀ, ଲିଭର, କର୍ନିଆ ଏବଂ ଚମଡ଼ା ଅନ୍ୟ ରୋଗୀଙ୍କଠାରେ ସଫଳ ଭାବେ ପ୍ରତିରୋପଣ କରାଯାଇ ପାରିଛି। ସ୍ଥାନୀୟ ଏସ୍‌ଏସ୍‌କେଏମ୍ ହସ୍ପିଟାଲ୍‌ର ଜଣେ ମୁଖପାତ୍ରଙ୍କ କହିବାନୁଯାୟୀ, ଶୁକ୍ରବାର ମଲ୍ଲିକା ମଜୁମ୍‌ଦାର ନାମ୍ନୀ ବାଳିକାଙ୍କ ମସ୍ତିଷ୍କ ମୃତ୍ୟୁ ଘଟିଥିବା ଘୋଷଣା କରାଯାଇଥିଲା। ସିଲିଗୁଡ଼ି ବାସିନ୍ଦା ଏହି ବାଳିକା ବ୍ରେନ୍ ଲେସିଅନ୍ ରୋଗରେ ପୀଡିତ ଥିବାରୁ ତାଙ୍କୁ ଜୁଲାଇ ୨୩ରେ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅଗଷ୍ଟ ୧୪ରେ ସେ କୋମା ଅବସ୍ଥାକୁ ଚାଲି ଆସିଥିଲେ। ବାଳିକାଙ୍କ ମସ୍ତିଷ୍କମୃତ୍ୟୁ ଘଟିଥିବାରୁ ସେ ଆଉ ଜୀବନ ଫେରିପାଇବା ସମ୍ଭବ ନୁହେଁ ବୋଲି ଚିକିତ୍ସା କରୁଥିବା ଡାକ୍ତର ତାଙ୍କ ପିତା ମାନିକ୍ ମଜୁମ୍‌ଦାରଙ୍କୁ କହିଥିଲେ। ତେଣୁ ଝିଅର କେତେକ ଅଙ୍ଗକୁ କାଢ଼ି ନିଆଯାଇ ଆବଶ୍ୟକ କରୁଥିବା ରୋଗୀଠାରେ ପ୍ରତିରୋପଣ କରାଗଲେ ସେ ଅନ୍ୟମାନଙ୍କ ଭିତରେ ବଞ୍ଚିରହିବେ ବୋଲି ତାଙ୍କ ବାପାକୁ ସାନ୍ତ୍ୱନା ଦିଆଯାଇଥିଲା। ମାନିକ୍ ଏଥିରେ ସମ୍ମତି ପ୍ରକାଶ କରିବା ପରେ ଶୁକ୍ରବାର ମଧ୍ୟରାତ୍ରରେ ମଲ୍ଲିକାଙ୍କ କିଡ୍‌ନୀ କଢ଼ାଯାଇ ଉକ୍ତ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଦୁଇ ରୋଗୀଙ୍କଠାରେ ପ୍ରତିରୋପଣ କରାଯାଇଥିଲା। ସେହିପରି ବାଳିକାଙ୍କ କର୍ନିଆ ଏସ୍‌ଏସ୍‌କେଏମ୍‌ର ଜଣେ ରୋଗୀଙ୍କୁ ଦାନ କରାଯିବା ସହିତ ତାଙ୍କର ଚମଡ଼ାକୁ ପୋଡିଯାଇଥିବା ଜଣେ ରୋଗୀଙ୍କଠାରେ ପ୍ରତିରୋପଣ କରାଯାଇଛି। ଲିଭରକୁ ଶନିବାର ଭୋର ସମୟରେ ସକାଳେ କୋଲକାତାର ଏକ ଘରୋଇ ହସ୍ପିଟାଲ୍‌କୁ ନିଆଯାଇଥିଲା। ଏଥିପାଇଁ କୋଲକାତା ପୋଲିସ ଗ୍ରୀନ୍ ଚ୍ୟାନେଲ୍ କରିଡର ସୁବିଧା ଯୋଗାଇ ଦେଇଥିଲା। ଲିଭର ରୋଗରେ ପୀଡ଼ିତ ୪୪ବର୍ଷ ବୟସର ଜଣେ ବ୍ୟକ୍ତି ହାଇଦ୍ରାବାଦ୍‌ରୁ ଶୁକ୍ରବାର ମଧ୍ୟରାତ୍ରିରେ ବିମାନଯୋଗେ ଆସି ଏଠାରେ ଚିକିତ୍ସାଧୀନ ଥିଲେ। ଦୀର୍ଘ ୫ଘଣ୍ଟା ଅସ୍ତ୍ରୋପଚାର ପରେ ତାଙ୍କଠାରେ ସଫଳତାର ସହିତ ଲିଭର ପ୍ରତିରୋପଣ କରାଯାଇପାରିଛି।



# ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଦିବସ ଚୂଡ଼ାନ୍ତ




ଉଲୁଣ୍ଡା ପଞ୍ଚାୟତ ସମିତି ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ନେଇ ଅନୁଷ୍ଠିତ ଚୂଡାନ୍ତ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

**ଉଲୁଣ୍ଡା,୧୯।୮(ଡି.ଏନ୍.ଏ.)**

ଉଲୁଣ୍ଡା ପଞ୍ଚାୟତ ସମିତି ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ଚୂଡାନ୍ତ ସାଧାରଣ ସଭା ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାମପାଳ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୁରାତନ ଛାତ୍ର ତଥା ବୀରମହାରାଜପୁରର ପୂର୍ବତନ ବିଧାୟକ ରବିନାରାୟଣ ପାଣିଗ୍ରାହୀ, ପ୍ରଧାନଶିକ୍ଷକ ଧ୍ରୁବଚରଣ ସାହୁ, ବ୍ୟାଙ୍କ ଅଧିକାରୀ ଯୋଗେନ୍ଦ୍ର ପଣ୍ଡା, ହିମାଂଶୁ ଶେଖର ତ୍ରିପାଠୀ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। କାଳିଆ ପଣ୍ଡା, ଦୁର୍ଯ୍ୟୋଧନ ପାଣିଗ୍ରାହୀ, ପ୍ରଦୀପ ପୁରୋହିତ, ଗୋବିନ୍ଦ ଦାସ ତରାଇ, ମହେନ୍ଦ୍ର ସାହୁ, ରାଧାକାନ୍ତ ମହାକୁର, ଯୋଗୀନ୍ଦ୍ର ପଣ୍ଡା, କାର୍ତ୍ତିକେଶ୍ୱର ପଣ୍ଡା, ରାମେଶ୍ୱର ପାଢୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଶେଷକରି ଉତ୍ସବକୁ କିପରି ଶୃଙ୍ଖଳିତ ଭାବେ କରାଯିବ ସେନେଇ ମତପ୍ରକାଶ ପାଇଥିଲା। ଆସନ୍ତ ଡିସେମ୍ବର ୮ ଓ ୯ ତାରିଖ ୨ଦିନ ଧରି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଆସନ୍ତା ମାସ ଶେଷ ସୁଦ୍ଧା ସ୍ମରଣିକା ପାଇଁ ଲେଖା ଗ୍ରହଣ କରାଯିବ ବୋଲି ସଭାରେ ପ୍ରକାଶ କରାଯାଇଥିଲା। ଉତ୍ସବର ବିଭିନ୍ନ ଦିଗ ଉପରେ କାର୍ଯ୍ୟ କରିବାକୁ କମିଟି ଗଠନ ସମେତ ଅଧିକରୁ ଅଧିକ ପୁରାତନ ଛାତ୍ରୀଛାତ୍ରଙ୍କ ସହିତ ସଂଯୋଗ ରକ୍ଷା କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ ଯଜ୍ଞେଶ୍ୱର ପୂଜାହାରୀଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକ ଶେଷରେ ଶ୍ରୀଧର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

### ବଜ୍ରପାତରେ ୩ ବୋଲବମ୍ ଭକ୍ତ ଗୁରୁତର

**କଣ୍ଟାବାଞ୍ଜି,୧୯।୮ (ଡି.ଏନ୍.ଏ.)**

ଶ୍ରାବଣ ମାସ ଶେଷ ସୋମବାର ଅବସରରେ ବଲାଙ୍ଗୀର ଜିଲା ପ୍ରସିଦ୍ଧ ଶୈବପୀଠ ରାଣୀପୁର ଝରିଆଲରେ କଣ୍ଟାବାଞ୍ଜି ଏବଂ ବିଭିନ୍ନ ଅଞ୍ଚଳର ବୋଲବମ୍ ଭକ୍ତଙ୍କ ଭିଡ଼ ଲାଗିଛି। ରବିବାର ସନ୍ଧ୍ୟାବେଳେ ସେଠାରେ ପ୍ରବଳ ବର୍ଷା ହୋଇଥିଲା। ସେତିକିବେଳେ ବଜ୍ରପାତ ଘଟି ଶୈବପୀଠରେ ଚଉଷଠି ଯୋଗିନୀ ମନ୍ଦିର ପରିସରରେ ରହିଥିବା କଣ୍ଟାବାଞ୍ଜିର ରାଜୁ ନାଗ, ଅଲେଖ ପୁଞ୍ଜିଏବଂ ଝରିଆଲର ସତ୍ୟ ଭୋଇ ଗୁରୁତର ଆହତ ହୋଇଛନ୍ତି।

## ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ

# କ୍ଷତିଗ୍ରସ୍ତ ଚାଷୀ ସଂଗ୍ରାମ ସମିତି ବୈଠକ

**ପୁରୁଣାକଟକ,୧୯।୮(ଡି.ଏନ.ଏ)**

ଖୋର୍ଦ୍ଧା–ବଲାଙ୍ଗୀର ରେଳ ପ୍ରକଳ୍ପ କ୍ଷତିଗ୍ରସ୍ତ ଚାଷୀ ସଂଗ୍ରାମ ସମିତିର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସମିତି ଆବାହକ ଅକ୍ରୁର ସେଠୀ, ସଭାପତି ସଲିଳ କୁମାର ଭୋକ୍ତା, ସମ୍ପାଦକ ଜନ୍ମେଜୟ ପ୍ରଧାନ, କୋଷାଧକ୍ଷ ଭାଗୀରଥି ଦାସଙ୍କ ସମେତ ପୁରୁଣାକଟକ, କମଳପୁର, ରୁଗୁଡିପାଲି ଓ ରାଜିଂ ମୌଜାର ଶତାଧିକ ଚାଷୀ ଯୋଗ ଦେଇଥିଲେ । ଖୋର୍ଦ୍ଧା–ବଲାଙ୍ଗୀର ରେଳ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲା ହରଭଙ୍ଗା ତହସିଲ ପୁରୁଣାକଟକ ଅଞ୍ଚଳରେ ଚିହ୍ନଟ କରାଯାଇଥିବା ଚାଷଜମି ହରାଉଥିବା କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା ସହ ୪ ଦଫା ଦାବି ପୂରଣ କରା ନ ଗଲେ ସଂଗ୍ରାମ ସମିତି ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି । ପୁନର୍ବାର ଦାବିସମୂହକୁ ନୂତନ ଜିଲାପାଳଙ୍କୁ ଜଣାଇବା ସହ ବାଚସ୍ପତି ପ୍ରଦୀପ ଅମାତଙ୍କ ସହ ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଥିଲା ।

# ଶିକ୍ଷକଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବି

**ତଳଗା,୧୯।୮ (ଡି.ଏନ.ଏ.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତର ଖଲିସାହି ପ୍ରକଳ୍ପ ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ପ୍ରଧାନଙ୍କ ନିଲମ୍ବନ ଆଦେଶକୁ ଖଲିସାହି ଓ ଶିତିକାବାରୀ ଗ୍ରାମବାସୀ ବିରୋଧ କରିଛନ୍ତି । ପ୍ରଧାନଶିକ୍ଷକଙ୍କୁ ଉକ୍ତ ସ୍କୁଲରେ ପୁନଃ ଅବସ୍ଥାପିତ କରିବା ପାଇଁ ସେମାନେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

ସୂଚନା ଅନୁସାରେ, ଗତ ଜୁଲାଇ ୧୫ ତାରିଖରେ ଖଲିସାହି ଗ୍ରାମର ସମସ୍ୟା ନେଇ ଗାଁଦାଣ୍ଡରେ ଏକ ବୈଠକ ଚାଲିଥିଲା । ଏହି ସମୟରେ ପ୍ରବଳ ବର୍ଷା ହେବାରୁ ସ୍କୁଲ କମିଟି ସଭାପତିଙ୍କ ପରାମର୍ଶ କ୍ରମେ ବିଦ୍ୟାଳୟ ବାରଣ୍ଡାରେ ଉକ୍ତ ବୈଠକ ହୋଇଥିଲା । କିନ୍ତୁ ସ୍କୁଲରେ ରାଜନୈତିକ ଦଳର ବୈଠକ ହେଉଥିବା ନେଇ ବିଇଓ ଓ ଜିଲାପାଳଙ୍କୁ ଅଭିଯୋଗ ହେବା ପରେ ବିଇଓଙ୍କ ପତ୍ର ସଂଖ୍ୟା ୧୪୫୬ ତା ୯।୮।୧୮ରିଖରେ ପ୍ରଧାନଶିକ୍ଷକ ପ୍ରଧାନଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ଏହା ଜଣାପଡିବା ପରେ ଗ୍ରାମବାସୀ ଏହାର ପ୍ରତିବାଦ କରିବା ସହ ଜିଲାପାଳଙ୍କୁ ଏହା ଉପରେ ପଦକ୍ଷେପ ନେବାକୁ ଲିଖିତ ଭାବେ ଜଣାଇଛନ୍ତି । ୭ ଦିନ ମଧ୍ୟରେ ନିଲମ୍ବନ ଆଦେଶ ପ୍ରତ୍ୟାହାର କରା ନ ଗଲେ ୨୦ ତାରିଖ ଠାରୁ ସ୍କୁଲରେ ତାଲା ପକାଇ ଅନଶନ କରିବାକୁ ସ୍କୁଲ କମିଟି ସଭାପତି ପ୍ରଫୁଲ୍ଲ କହଁର, ରବିନ୍ଦ୍ର କହଁର, ପ୍ରହଲାଦ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ବିଇଓ ସନାତନ ଗାହାଣଙ୍କୁ ପଚାରିବାରୁ ଉକ୍ତ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ଗ୍ରାମବାସୀଙ୍କୁ ସେଠାରେ ଆଉ ଜଣେ ଶିକ୍ଷକ ଦେବାକୁ କହିଛି । କିନ୍ତୁ ସେମାନେ ସେହି ପ୍ରଧାନଶିକ୍ଷକଙ୍କୁ ଦିଆଯାଉ ବୋଲି ଦାବି କିଛନ୍ତି । ତଦନ୍ତ ପରେ ଯାହା କିଛି କରାଯିବ ବୋଲି ସେ କହିଥିଲେ ।

## ସୁବର୍ଣ୍ଣପୁରରେ ଇନ୍‌ଟାକ୍ ହେରିଟେଜ୍ କୁଇଜ୍

# ସାହିଲ, ଓମ୍‌ପ୍ରକାଶ ରାଜ୍ୟସ୍ତରକୁ ମନୋନୀତ

**ସୋନପୁର,୧୯।୮(ନି.ପ୍ର.)**

ଐତିହ୍ୟର ସଂରକ୍ଷଣ ପ୍ରତି ସମର୍ପିତ ସର୍ବଭାରତୀୟ ଅନୁଷ୍ଠାନ ଇନ୍‌ଟାକ୍ ସୋନପୁର ଶଖା ତରଫରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଏକ ବିଦ୍ୟାଳୟସ୍ତରୀୟ ଐତିହ୍ୟ କୁଇଜ୍ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସେଣ୍ଟ ଆନିସ୍ କନ୍‌ଭେଣ୍ଟ ସ୍କୁଲ, ସାହାରା ଟ୍ରଷ୍ଟ ହାଇସ୍କୁଲ, କୋସଲ ହାଇସ୍କୁଲ, ଆଇଡିଏଲ ପବ୍ଲିକ ସ୍କୁଲ, ମହାରାଜା ହାଇସ୍କୁଲ, ପ୍ରଜ୍ଞାଭାରତୀ ଆବାସିକ ଉଚ୍ଚବିଦ୍ୟାଳୟ, ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନ ଓ ହରଡଖୋଲର ଏସଜିପି ହାଇସ୍କୁଲର ମୋଟ ୮୪ ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଆଠଜଣ ପ୍ରତିଯୋଗୀଙ୍କୁ ଚାରୋଟି ଦଳରେ ଭାଗ କରି ମୌଖିକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ ପୁରସ୍କାର ସହ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସାହିଲ ପାଣିଗ୍ରାହୀ ଓ ଓମ୍ ପ୍ରକାଶ ବାଘ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶ୍ୱେତପଦ୍ମା ମେହେର ଓ ପଦ୍ମାଳୟା ବାଗ୍ ଦ୍ୱିତୀୟ ସ୍ଥାନ, ସାହାରା ଟ୍ରଷ୍ଟ ହାଇସ୍କୁଲର ଇତିଶ୍ରୀ ନାୟକ ଓ ବିଜୟଲକ୍ଷ୍ମୀ ମିଶ୍ର ତୃତୀୟ ସ୍ଥାନ ଏବଂ ସେଣ୍ଟ ଆନିସ୍ କନଭେଣ୍ଟ ସ୍କୁଲର ଅମ୍ରିତ କୁମାର ପଣ୍ଡା ଓ ଶ୍ରୀରାମ ମିଶ୍ର ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଇନ୍‌ଟାକ୍ ସୋନପୁର ଶାଖାର ଆବାହକ ଶରତ ଶତପଥୀ ଓ ସହ ଆବାହକ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ସହ ଅତିଥି ଭାବେ କ୍ୟାପଟେନ୍ ରାମସ୍ୱାମୀ ମହାପାତ୍ର ଓ ରେଡକ୍ରସର ରାଜ୍ୟ ସାଧନ କର୍ମୀ ତଥା ଶିକ୍ଷାବିତ୍ ସତ୍ୟନାରାୟଣ ହୋତା ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କୁଇଜ୍ ମାଷ୍ଟର ଭାବେ ବନମାଳୀ ପଣ୍ଡା ଥିବା ବେଳେ ସ୍କୋରର ଭାବେ ଗୌତମ ମେଣ୍ଡେଲୀ ସମୟ ରକ୍ଷକ ଭାବେ ବେଣୁଧର ସୁରୁଜାଲ ଦାୟିତ୍ୱ ନିର୍ବାହ କରିଥିଲେ। ଇନ୍‌ଟାକ୍ ସୋନପୁର ଶାଖାର କାଯର୍‌ୟକ୍ରମ ପରିଚାଳକ ବନମାଳୀ ପଣ୍ଡା ସମଗ୍ର କାର୍ଯ୍ୟକ୍ରମ ଟିକୁ ପରିଚାଳନା କରିଥିଲେ। ଚନ୍ଦ୍ରକାନ୍ତ ପରୁଆ, ସିପୁନ ବାରିକ୍, ସୁରୁବାବୁ ମିଶ୍ର, ନରସିଂହ ଭାଇ ଓ ବିଶ୍ୱଜିତ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।




ଅତିଥିବୃନ୍ଦ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।



" ମୁଁ ବୃଥାରେ ସମୟ ନଷ୍ଟ କରିଦେଉଥିଲି, ଆଜି ସମୟ ମୋତେ ନଷ୍ଟ କରିଦେଇଛି।
- ସେକ୍ସପିୟର

## ସଂକ୍ଷେପରେ

### ଦୁଲଦୁଲି ବାଦକ ରାଜକୁମାରଙ୍କ ପରଲୋକ

ବରଗଡ଼ ଅଫିସ୍,୧୯।୮: ବୃହତ ସର୍ବବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ସମେତ ସ୍ଥାନୀୟ ଦୁର୍ଗାପୂଜା, ଶୀତଳଷଷ୍ଠୀ, କାଳୀପୂଜା ଆଦି ପାର୍ବଣରେ ଦୁଲଦୁଲି ବାଜା ବଜାଉଥିବା ବାଦକ ରାଜକୁମାର କୁମ୍ଭାରଙ୍କ ଶନିବାର ବିଳମ୍ବିତ ରାତ୍ରିରେ ପରଲୋକ ହୋଇଛି । ମୃତ୍ୟୁବେଳକୁ ତାଙ୍କୁ ୮୫ବର୍ଷ ବୟସ ହୋଇଥିଲା। ସେ ସମ୍ବଲପୁରୀ ଚଳଚ୍ଚିତ୍ର 'ଭୁଖା'ରେ ମଧ୍ୟ ଦୁଲଦୁଲି ବାଜା ବଜାଇଥିଲେ । ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳ ଓ ଧନୁଯାତ୍ରା ମହୋତ୍ସବ ସମିତିର ଆବାହକ ସୁରେଶ୍ୱର ଶତପଥୀ ଗଭୀର ଶୋକପ୍ରକାଶ କରିବା ସହିତ ଶୋକାକୁଳ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି ।

■ ୨୫ ଦିନ୍ ଉତାରୁ ବି ସ୍କୁଲ୍‌ପଡା ଶୁନ୍‌ଶାନ୍

# ଦୁର୍‌ଦଶା ବଢୁଛେ ବଢ଼ି ପର୍‌ଭାବିତ୍ ଲୁକ୍‌କର

ଜାମଟିକ୍ରା, ୧୯।୮ (ଡି.ଏନ.ଏ)

ଗଲା ୨୧ ତାରିଖ୍‌ରେ ହେଇଥିବାର ବଡଭାରି ବର୍‌ଷାରେ ନଏଦ୍, ନଲିଆ ଉଛଲି ପଡିଥିଲା। ଯେନ୍‌ଥିର୍‌ଲାଗି ଅତାବିରା ବ୍ଲକ୍ କୁଲୁଣ୍ଡାର ସ୍କୁଲ୍ ପଡା ଭିତ୍‌ରେ ୪ରୁ ୫ ଫୁଟ୍ ଉଚାରେ ପାଏନ୍ ଦଉଡିଥିଲା। ଇଥିରେ ଲୁକ୍‌କର ସାମାନ୍, କପ୍‌ଡାଲତା ସବୁ ଉହୁଲେଇ ନେଲାବେଲେ ଧାନ୍‌ଚାଉଲ୍ ପାଏନ୍‌ଥି ଭିଜି ଖରାପ୍ ହେଇଯାଇଥିଲା। କୁଲୁଣ୍ଡା ସ୍କୁଲ୍ ପଡାରେ ବଡଭାଗି ଗରିବ୍ ଖଟିଖିଆ ଲୋକ୍ ବାସ୍‌କରୁଛନ୍। ପଡାରେ ବାସ୍‌କରୁଥିବାର ୧୭ଟା ଗରିବ୍ ପରିବାର୍‌ରୁ ୧୫ଟା ପରିବାର୍‌ର ଘର୍ ବଢ଼ି ପାଏନ୍‌ଥି ପୂରା ଭାଂଗିଯାଇଥିଲା। ପଡାର ୯୫ରୁ ଅଧିକା ଲୋକ୍ ପାସର ବିବେକା ନନ୍ଦ ଉଚ୍ଚ ବିଦ୍ୟାଳୟରେ ଆଶ୍‌ରେ ନେଇଥିଲେ। ତା'ପରେ ଏହେଦେ ରାଜୀବ ଗାନ୍ଧୀ ସେବା ଭବନ୍‌ରେ ଆଶ୍‌ରେ ନେଇଛନ୍। ଗଲା ୧୪ ତାରିଖ୍ ପଡାବାସୀ ଥାନୀୟ ବିଧାୟିକା ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁଁ ଭେଟି ଦୁଖ୍ ଗୁହାରିଥିଲେ। ମନ୍ତ୍ରୀ ଛୁରିଆ ବହୁତ୍ ଜଲ୍‌ଦି ସମସିଆର ସମାଧାନ କରାଯିବା ବଲି ଲୁକ୍‌କୁ ଆଶାସନା ବି ଦେଇଥିଲେ। ହେଲେ ଦୁଖର କଥା ବଢ଼ି ପର୍‌ଭାବିତ୍ ଲୁକ୍‌କୁ ପଲିଥିନ୍ ଆର୍ ୧୫ ଦିନ୍ ରଁଧା ଖାଏଦ୍ ବିନୁ ଅଲଗ୍ କିଛି ସରକାରୀ ସାହାଯ୍ ନାଇଁ ମିଲିପାରି। ଇ ଘଟ୍‌ନାକେ ଆଏଜ୍ ୨୫ ଦିନ୍ ବିତିଯାଇଛେ, ତଥାପି ଲୁକ୍‌କର ଦୁର୍‌ଦଶା କମ୍‌ବାର ନାଁ ନାଇଁ ନେବାର। ଲୋକ୍ ନିଜର ଉଜ୍‌ଡା ସଁସାରକେ ଫେର୍‌ଥରେ ସାଉଁଟିବାକେ ଚେଷ୍ଟା କରୁଛନ୍, ହେଲେ ସେଠାନେ ଆର୍ କେହି ଘର୍‌କରି ରହେବାର ଲାଗି ନାଇଁ ମଂଗ୍‌ବାର। ଏନ୍‌ତା ଭୟାନକ୍ ବଢ଼ି ପରିସ୍ଥିତି ଆଗ୍‌ରୁ କେଭେ ନାଇଁ ହେଇଥିବାର ବ୍ଲକ୍ ପର୍‌ଶାସନ୍ ବି ମାନିଛେ। ଘଟ୍‌ନା ଉତାରୁ ଜିଲାସ୍ତରୀୟ ଅଧିକାରୀମାନ୍‌କରନୁ ମୂଲ୍ କରି ନେତା, ବିଧାୟକ ସଭେ ବଢ଼ି ପର୍‌ଭାବିତ୍ ଅଂଚଲ୍ ବୁଲି ଦେଖିଛନ୍। ପରିସ୍ଥିତି ଆର୍ ଲୁକ୍‌କର ଦୁର୍‌ଦଶା ଦେଖି ସଭେ ଆବାକାବା। ଏନ୍‌ତା ପରିସ୍ଥିତିରେ ଯଦି ପର୍‌ଶାସନ୍ ବଢ଼ି ପର୍‌ଭାବିତ୍ ଲୁକ୍‌କର ହାତ୍ ଛାଡିଦେବା, ତ ନିହାତି ଭାବେ ପରିସ୍ଥିତି ଜଟିଲ୍ ହେବା ବଲି ସାଧାରନ୍‌ରେ ମତ୍‌ପର୍‌କାଶ ପାଉଛେ। ଜାଗା ଖୁଜା ଚାଲିଛେ, ଯେତେ ଜଲ୍‌ଦି ହେବା ଲୁକ୍‌କୁ ଥଇଥାନ୍ କରାଯିବା ବଲି ପର୍‌ଶାସନ୍ କହିଛେ। ହେଲେ ଇ ପଡା ଆଖିପାଖି ଏନ୍‌ତା ଘର୍‌କରା ସୁରକ୍ଷିତ୍ ଜାଗା ନାଁଇଁନ ଯେନ୍‌ନେ ପର୍‌ଶାସନ୍ ବଢ଼ି ପର୍‌ଭାବିତ୍ ଲୁକ୍‌କୁ ଥଇଥାନ୍ କର୍‌ବା। ଇ ବାବ୍‌ଦେ ଅତାବିରା ତହସିଲଦାର ହୃଦାନନ୍ଦ ଅଡାକୁ ପଚ୍‌ରାଲାରୁ ବହୁତ୍ ଜଲ୍‌ଦି ନିୟମ୍ ଅନ୍‌ସାରେ ପର୍‌ଭାବିତ୍ ଲୋକ୍ କେନ୍‌ଥେଇ ଟଁକା ପଏସା ସାହାଯ୍ ପାଇପାର୍‌ବେ ସେ ଉପ୍‌ରେ ଧିଆନ୍ ଦେଇ କାମ୍ କରୁଛୁଁ ବଲି କହିଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାନ୍ତହୀନ, ନବଯୌବନ**
**ତା' ଜୀବନଟା ବୃଥା ;**
**ମାତୃହୀନ, ଶିଶୁ ଜୀବନ**
**ତା' ଜୀବନଟା ବୃଥା ।**

ପାଖରେ କାନ୍ତ ନ ଥିଲେ ଯୌବନାବସ୍ଥା ବୃଥା । ସାଥୀହୀନ ଯୌବନର ମୂଲ୍ୟ କିଛି ନ ଥାଏ । ସେହିପରି ବାଲ୍ୟକାଳରେ ମାତାକୁ ହରାଇଥିବା ସନ୍ତାନ ଚିର ଅବହେଳିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**କୁମ୍ଭାରିଆ ନଈ, ଜୁଆରିଆ ପାଣି;**
**ଗାଧୋଇ ଯିବି ବେଳକାଳ ଜାଣି ।**

ଯେଉଁ ନଈରେ କୁମ୍ଭୀର ଥାଏ ସେହି ନଈ ବଡ଼ ବିପଦପୂର୍ଣ୍ଣ ହୋଇଥିବା ଜଣାଯାଏ। ସେହିପରି ପାଣିରେ ଅଧିକ ଜୁଆର ଉଠୁଥିଲେ କିଛି ଅଘଟଣ ଘଟିବାର ସମ୍ଭାବନା ରହିଥାଏ। ଏପରିସ୍ଥଳେ ସେଠାରେ ଗାଧୋଇବା ସମୟରେ ସତର୍କତା ଅବଲମ୍ବନ କରିବା ଉଚିତ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଜୀବନ ବିନ୍ଦୁ: ୨୩୩ ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼ ଅଫିସ୍,୧୯।୮

ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ଗ୍ରାମରେ ବିଜେଡ଼ିର ଜୀବନ ବିନ୍ଦୁ ଏବଂ ତ୍ରିରଙ୍ଗା କ୍ଲବର ମିଳିତ ଆନୁକୂଲ୍ୟରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଜୀବନବିନ୍ଦୁ ଜିଲା ସହ ସଂଯୋଜକ ଅଶ୍ୱିନୀ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ଯୁବନେତା ଉମେଶ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବରଗଡ଼ ରକ୍ତଭଣ୍ଡାର ତରଫରୁ ରେବତୀକାନ୍ତ ସାହୁ, ଅମରଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । ଖୁଣ୍ଟପାଲି ଗ୍ରାମର ଯୁବକମାନେ ସହଯୋଗ କରିଥିଲେ । ସେହିପରି ବରଗଡ଼ର ନିଷ୍ଠା ପରିବାର ପକ୍ଷରୁ ଅନ୍ୟ ଏକ ରକ୍ତଦାନ ଶିବିର ହୋଇଥିଲା । ଏଠାରେ ଶିକ୍ଷାବିତ୍ ଲୋକନାଥ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ ୧୩୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି ।

### ନୃସିଂହନାଥରେ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ

ପାଇକମାଲ,୧୯।୮(ଡି.ଏନ.ଏ)

ବରଗଡ଼ ଜିଲା ପାଇକମାଲ ବ୍ଲକ ନୃସିଂହନାଥ ଫରେଷ୍ଟ ବଙ୍ଗଳା ଠାରେ ରବିବାର ରାଜାବୋଡାସମ୍ବର ଫଟୋଗ୍ରାଫି ଆସୋସିଏଶନ ତରଫରୁ ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ କରାଯାଇଛି। ଏ ନେଇ ଅନୁଷ୍ଠିତ ସଭାରେ ସଭାପତି ସୁବାସ ଚୌପଦାର, ସମ୍ପାଦକ ତ୍ରିବିକ୍ରମ ପ୍ରଧାନ, କୋଷାଧ୍ୟକ୍ଷ ବରତ ସାହୁ ଓ ଅନ୍ୟ ସଭ୍ୟମାନେ ଏକତ୍ରିତ ହୋଇ ଫଟୋଗ୍ରାଫି ବିଷୟରେ ମତବ୍ୟକ୍ତ କରିଥିଲେ । ସଭାରେ ସାମୂହିକ ଫଟୋଗ୍ରାଫିର ଉନ୍ନତି ଓ ବୈଷୟିକ ମାନ ବୃଦ୍ଧି ପାଇଁ ଆଲୋଚନା ହୋଇଥିଲା । ଶେଷରେ ନିଲୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




ରବିବାର ରାଜାବୋଡାସମ୍ବର ଫଟୋଗ୍ରାଫି ଆସୋସିଏଶନ ତରଫରୁ ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ କରାଯାଇଛି ।

# କାରଖାନା ପାଣିରେ ଉଜୁଡ଼ିଲା ଫସଲ

ବରଗଡ଼ ଅଫିସ୍,୧୯।୮

ଏସିସି ପରିଚାଳିତ ବରଗଡ଼ ସିମେଣ୍ଟ କାରଖାନାରୁ ନିଷ୍କାସିତ ପାଣିରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଧାନ ଫସଲ ନଷ୍ଟ ହେଉଥିବା ଅଭିଯୋଗ ହୋଇଛି । ବାରଗାଡ଼, ବାଞ୍ଜିବାହାଲି ଆଦି ଗ୍ରାମରେ କାରଖାନା ପାଣି ଯୋଗୁ ଏଭଳି ଫସଲ ପ୍ରଭାବିତ ହୋଇଛି । କେବଳ ବାରଗାଡ଼ ଗ୍ରାମରେ ୫୦ରୁ ଉର୍ଦ୍ଧ୍ୱ ଏକର ଧାନ ଫସଲ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ନିକଟରେ କ୍ଷେତରେ ଧାନପହ୍ଲା ରୋଇଥିବା ବେଳେ କାରଖାନା ପାଣି ଫସଲକୁ ନଷ୍ଟ କରିଦେଇ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବାରଗାଡ଼ ଗ୍ରାମର ସୁରେନ ପ୍ରଧାନ ନାମକ ଜଣେ ଚାଷୀ କହିଛନ୍ତି, ଚାଷଜମିକୁ କାରଖାନାରୁ ନିର୍ଗତ ପାଣି ନ ଛାଡ଼ିବା ପାଇଁ ବାରମ୍ବାର କାରଖାନା କର୍ତ୍ତୃପକ୍ଷଙ୍କୁ କହି ଆସୁଛୁ। ମାତ୍ର କାରଖାନା କର୍ତ୍ତୃପକ୍ଷ ସେ ଦିଗରେ କିଛି ପଦକ୍ଷେପ ନେଉ ନ ଥିବା ଯୋଗୁ ପ୍ରତିବର୍ଷ ଫସଲନଷ୍ଟ ହେଉଛି । ସେହିପରି ଗ୍ରାମର ଅନ୍ୟ ଜଣେ ଚାଷୀ ଛାଲୁ ପ୍ରଧାନ କହିଛନ୍ତି, ଗତ କିଛିଦିନ ହେଲା କ୍ଷେତରେ ଧାନପହ୍ଲା ରୋଇଥିଲୁ। କିନ୍ତୁ କାରଖାନାର ଏସିଡ଼ ପାଣି ଜମିକୁ ଆସିଯିବାରୁ ଧାନ ଗଛରେ ଲାଲବର୍ଣ୍ଣର ପ୍ରଲେପ ଲାଗିଛି ଏବଂ ସେହି ଗଛ ଗୁଡ଼ିକ ମରି ଯାଇଛି । କିଛି ରୋଜଗାର କରିବା ଆଶା ନେଇ ଆମେ ଧାନ ଫସଲ କରୁଛୁ, ମାତ୍ର କାରଖାନା ପାଣି ଫସଲ ନଷ୍ଟ କରି ଦେଉଥିବାରୁ ଆମର ସବୁ ଆଶା ଉଜୁଡ଼ି ଯାଉଛି । ଫଳରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କାରଖାନା କର୍ତ୍ତୃପକ୍ଷ କ୍ଷତିପୂରଣ ପ୍ରଦାନ ନ କଲେ ଆଗକୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ବାଞ୍ଜିବାହାଲି ଗ୍ରାମର ବ୍ରହ୍ମା ମହାକୁର କହିଛନ୍ତି । ଏ ନେଇ କାରଖାନା କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ ।

ବାରଗାଡ଼, ବାଞ୍ଜିବାହାଲି ଗାଁ



କାରଖାନା ପାଣିରେ ବୁଡ଼ି ରହିଛି ଧାନ ଫସଲ ।

■ ସରକାରଙ୍କ ଦୋମୁହାଁ ନୀତି

# ଚାଷୀ ମହଲରେ ଅସନ୍ତୋଷ

ଲୋଇସିଂହା,୧୯।୮ (ଡି.ଏନ.ଏ)

ଆସନ୍ତା ୨୦୨୨ ସୁଦ୍ଧା ଦେଶର ସମସ୍ତ ଚାଷୀଙ୍କ ଆୟ ଦିଗୁଣା ହେବ ବୋଲି କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଲକ୍ଷ୍ୟ ହାସଲ ନେଇ କୃଷି ବିଭାଗ ସମସ୍ତ ସଂସ୍ଥାକୁ ନିର୍ଦ୍ଦେଶନାମା ଜାରି କରିଛି। ହେଲେ ସରକାର ଗୋଟିଏ ପରେ ଗୋଟିଏ ପ୍ରକଳ୍ପକୁ ବନ୍ଦ କରୁଛନ୍ତି, ଅଥବା କେନ୍ଦ୍ରୀୟ ଅନୁଦାନ ହ୍ରାସ କରୁଛନ୍ତି। କୃଷି ଏବଂ କୃଷକଙ୍କ ପ୍ରତି ସରକାରଙ୍କ ଏଭଳି ଦୋମୁହାଁ ନୀତି ଯୋଗୁ ସ୍ଥାନୀୟ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଓଡ଼ିଶାରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନାରେ ଚାଲିଥିବା ୭୬ କ୍ଲଷ୍ଟର ଅନ୍ତର୍ଗତ ପାଖାପାଖି ୧ ହଜାରରୁ ଉର୍ଦ୍ଧ୍ୱ ଗ୍ରାମରେ ରହିଥିବା ପ୍ରକଳ୍ପଗୁଡ଼ିକୁ ସରକାର ବନ୍ଦ କରି ଦେଇଛନ୍ତି। ଏହି ଯୋଜନା ଅନ୍ତର୍ଭୁକ୍ତ ଜଳବିଭାଜିକା ପ୍ରକଳ୍ପଗୁଡ଼ିକ ମୃତ୍ତିକା ସଂରକ୍ଷଣ ବିଭାଗ ଏବଂ ଜଳ ବିଭାଜିକା ଉନ୍ନୟନ ପରିଷଦ ଦ୍ୱାରା ପରିଚାଳିତ ହୋଇଥାଏ। ଉକ୍ତ ପ୍ରକଳ୍ପଗୁଡ଼ିକ ପାଇଁ ଅନୁଦାନ ଅର୍ଥ ରାଜ୍ୟ ସରକାର ପାଇ ସାରିଥିବା ବେଳେ ଡିପିଆର ମଧ୍ୟ ଶେଷ ହୋଇଥିବା ଜଣାପଡ଼ିଛି। ଏପରି କି ଉକ୍ତ ପ୍ରକଳ୍ପ ଅଧୀନ ଗ୍ରାମଗୁଡ଼ିକରେ କମିଟି ଗଠନ ପ୍ରକ୍ରିୟା ଶେଷ ହୋଇ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଏଭଳି ପରିସ୍ଥିତିରେ ଉକ୍ତ ଜଳବିଭାଜିକା ପ୍ରକଳ୍ପଗୁଡ଼ିକୁ କେମିତି ଆର୍ଥିକ ଅନୁଦାନ ବନ୍ଦ କରି ଦିଆଗଲା, ତାହା ବୁଝାପଡୁନାହିଁ। ଉପରୋକ୍ତ ପ୍ରକଳ୍ପଗୁଡ଼ିକ ବନ୍ଦ ହୋଇଯିବା ପରେ ପ୍ରକଳ୍ପ ଚାଲିଥିବା ଗାଁଗୁଡ଼ିକରେ ନୈରାଶ୍ୟ ଖେଳିଯାଇଛି। ଚିର ମରୁଡ଼ି ପ୍ରପୀଡ଼ିତ ବଲାଙ୍ଗୀର ଜିଲାରେ ମାତ୍ର ୩ ପ୍ରତିଶତ ଚାଷଜମିକୁ ଜଳସେଚନର ସୁବିଧା ରହିଥିବା ବେଳେ ଏହି ପ୍ରକଳ୍ପଗୁଡ଼ିକରୁ ଚାଷୀମାନେ ଅନେକ ଆଶା ବାନ୍ଧି ରଖିଥିଲେ। ଏପରି କି ଲୋଇସିଂହା ବ୍ଲକର ବୁର୍ଡା, ଯୋଗୀସର୍ଡା, ହୀରାପୁର, ରେଙ୍ଗାଲି ଓ ଗଡ଼ଶଙ୍କର, ଡୁଙ୍ଗୁରିପାଲି ପଞ୍ଚାୟତ ଅଧୀନ ୨୬ଟି ଗ୍ରାମର ଚାଷୀ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଲାଭାନ୍ୱିତ ହୋଇପାରିବେ ବୋଲି ଆଶା ବାନ୍ଧିଥିଲେ। ଏଥିସହିତ ଚାଷୀମାନେ ନିଜ ନିଜ ଜମିରେ ଚହଲା, ପୋଖରୀ, ଜଳ ଅମଳ ପ୍ରକଳ୍ପ ଖୋଲିବା ସହିତ ଚାଷକାମରୁ ଅନେକ ଲାଭବାନ ହେବା ପାଇଁ ଯୋଜନା କରୁଥିବା ବେଳେ ଅଚାନକ ପ୍ରକଳ୍ପଗୁଡ଼ିକ ବନ୍ଦ ହୋଇଯିବା ଖବର ପାଇ ଚାଷୀମାନେ ଭାଙ୍ଗି ପଡ଼ିଛନ୍ତି। ଏପରି କି ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନାରେ କାର୍ଯ୍ୟ କରୁଥିବା ୫ ଶହରୁ ଅଧିକ ଠିକା କର୍ମଚାରୀ କର୍ମସଂସ୍ଥାନ ହରାଇ ଥିବା ବେଳେ ସେମାନଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। ମରୁଡ଼ିର ପ୍ରତିକାର ସକାଶେ ଜଳବିଭାଜିକା ପ୍ରକଳ୍ପର ନିହାତି ଆବଶ୍ୟକତା ରହିଛି। ଏହାଦ୍ୱାରା ଛୋଟବଡ଼ ସମସ୍ତ ଚାଷୀ ଉପକୃତ ହୋଇଥାନ୍ତି। ଚାଷୀଙ୍କ ସ୍ୱାର୍ଥ ପାଇଁ ଚାଲିଥିବା ପ୍ରକଳ୍ପଗୁଡ଼ିକୁ ଯଦି ସରକାର ବନ୍ଦ କରିଦେବେ ଅଥବା ଅନୁଦାନ ହ୍ରାସ କରିବେ ତେବେ ଚାଷୀଙ୍କ ଆୟ ଦିଗୁଣା ହେବ କେମିତି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।



ରବିବାର ପାଇକମାଳର ନୃସିଂହନାଥରେ ପାଣି ଢାଳିବାକୁ ଯାଇଥିବା କାଉଡିଆମାନେ ଝରଣାରେ ସ୍ନାନ କରୁଛନ୍ତି ।

# ମେଧାବୃତ୍ତି ପରୀକ୍ଷା ଦେଲେ ୧୨୬ ଶିକ୍ଷାର୍ଥୀ

ବିଜେପୁର, ୧୯।୮ (ଡି.ଏନ.ଏ)

ବିଜେପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୦୧୭-୧୮ ଶିକ୍ଷାବର୍ଷର ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଶନିବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକର ୧୨ଟି କ୍ଲଷ୍ଟରରୁ ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ୧୩୪ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨୬ ଜଣ ପରୀକ୍ଷା ଦେଇଥିଲେ। କୌଣସି କାରଣରୁ ୮ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତି ଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି । ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ଯାଏଁ ହୋଇଥିବା ମେଧାବୃତ୍ତି ପରୀକ୍ଷାଟିରେ ପ୍ରଧାନଶିକ୍ଷକ ମନୋଜ ବେହେରା କେନ୍ଦ୍ର ପରିଚାଳକ ଦାୟିତ୍ୱ ନିର୍ବାହ କରିଥିଲେ । ବିଇଓ ରାଧାକାନ୍ତ ଗଡତିଆଙ୍କ ସମେତ ୧୨ଜଣ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପର୍ଯ୍ୟବେକ୍ଷକ ଥିଲେ ।

■ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା

# ପାଟଣାଗଡ଼ ଶୀର୍ଷକ ଚଳଚ୍ଚିତ୍ର ନିର୍ମାଣକୁ ବିରୋଧ

ପାଟଣାଗଡ଼,୧୯।୮ (ଡି.ଏନ.ଏ)

ବଲାଙ୍ଗୀର ଜିଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା ପୁଣି ଥରେ ଚର୍ଚ୍ଚାକୁ ଆସିଛି । ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ପାଟଣାଗଡ଼ ଶୀର୍ଷକରେ ଚଳଚ୍ଚିତ୍ର ନିର୍ମାଣ ଚାଲିଥିବାରୁ ଏହାକୁ ବିରୋଧ କରି ପାର୍ସଲ ବୋମା ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ସୌମ୍ୟଶେଖର ସାହୁଙ୍କ ବାପା ଅଧ୍ୟାପକ ରବୀନ୍ଦ୍ର ସାହୁ, ମା' ସଞ୍ଜୁକ୍ତା ସାହୁ ଏବଂ ତାଙ୍କ ଓକିଲ ଆଶିଷ କୁମାର ଚନ୍ଦନ ରବିବାର ଏକ ଖବରଦାତା ସମ୍ମିଳନୀ କରି ଥାନାରେ କରିଥିବା ଅଭିଯୋଗ ସମ୍ପର୍କରେ ସୂଚନା ଦେଇଛନ୍ତି। ବିସ୍ଫୋରଣ ଘଟଣାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେର ଏବେ ପାଟଣାଗଡ଼ ଜେଲରେ ଅଛନ୍ତି। ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ବର୍ତ୍ତମାନ ସୁଦ୍ଧା ଚାର୍ଜଶିଟ ଦାଖଲ କରିନାହିଁ। ଏଭଳି ସ୍ଥିତିରେ ପାଟଣାଗଡ଼ ଶୀର୍ଷକରେ ଚଳଚ୍ଚିତ୍ର ନିର୍ମାଣ, ଏହାର ପୋଷ୍ଟର ଏବଂ ଭିଡିଓ କ୍ଲିପରେ ସତ୍ୟ ଘଟଣା ଉପରେ ଆଧାରିତ ଲେଖାଯାଇ ଏକ ମନୋରଞ୍ଜନଧର୍ମୀ ଚଳଚ୍ଚିତ୍ର ନିର୍ମାଣ କରାଯିବା ନିଶ୍ଚିତ ଭାବେ ନିନ୍ଦନୀୟ ବୋଲି ଅଧ୍ୟାପକ ସାହୁ ଓ ସଞ୍ଜୁକ୍ତା ସାହୁ କହିଛନ୍ତି। ମାମଲା ଫଇସଲା ହେବା ଆଗରୁ ଏହି ଚଳଚ୍ଚିତ୍ର ପ୍ରଦର୍ଶିତ ହେଲେ ଏହା ତଦନ୍ତକୁ ଦିଗହରା କରିପାରେ ବୋଲି ସେମାନେ ସନ୍ଦେହ କରିଛନ୍ତି। ଘଟଣାର ମୁଖ୍ୟ ଅଭିଯୁକ୍ତ ଭଳି ଜଣେ ଅମାନୁଷିକ, ବର୍ବର, ଘୃଣ୍ୟ ଚରିତ୍ରକୁ ଚଳଚ୍ଚିତ୍ରର ନାୟକ କରାଯାଇଥିବାରୁ ପରିବାର ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ଚଳଚ୍ଚିତ୍ରରେ ତାଙ୍କର ପରିବାରର ସଦସ୍ୟଙ୍କ ଚରିତ୍ରକୁ କିଭଳି ଚିତ୍ରଣ କରାଯାଇଛି ତାହା ସନ୍ଦେହ ସୃଷ୍ଟି କରିଛି ବୋଲି ସେମାନେ କହିଛନ୍ତି। ଚଳଚ୍ଚିତ୍ର ନିର୍ମାତା ଏବଂ ଉପଦେଷ୍ଟା ଗଣମାଧ୍ୟମ ସାମ୍ନାରେ ଏହାର ପ୍ରତିବାଦକୁ ହାସ୍ୟାସ୍ପଦ ଏବଂ ଲଜ୍ଜାଜନକ ଭଳି ଶବ୍ଦ ବ୍ୟବହାର କରି ସାକ୍ଷାତ୍‌କାର ଦେଇଛନ୍ତି। ତାହା ତାଙ୍କୁ ଅପମାନିତ କରିବା ସହ ମାନସିକସ୍ତରରେ ମର୍ମାହତ ଏବଂ ଦୁର୍ବଳ କରିଛି ବୋଲି ସେମାନେ କହିଛନ୍ତି। ଏସବୁ ଘଟଣାକୁ ନେଇ ପାଟଣାଗଡ଼ ଥାନାରେ ସୌମ୍ୟଶେଖରଙ୍କ ମା' ସଞ୍ଜୁକ୍ତା ସାହୁ ପାଟଣାଗଡ଼ ଶୀର୍ଷକ ଚଳଚ୍ଚିତ୍ରର ପ୍ରଯୋଜକ, ନିର୍ଦ୍ଦେଶକ ଶ୍ରୀଧର ମାର୍ଥା ଏବଂ ଦିଲୀପ ହାଲିଙ୍କ ବିରୋଧରେ ଲିଖିତ ଅଭିଯୋଗ ଦାଖଲ କରିଥିବା ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଏହାକୁ ନେଇ ସେମାନେ ଅଦାଲତର ଆଶ୍ରୟ ନେବେ ବୋଲି ସୂଚନା ଦେଇଛନ୍ତି।



ପାଟଣାଗଡର ରବୀନ୍ଦ୍ର ସାହୁଙ୍କ ପରିବାର ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରୁଛନ୍ତି ।

## ସଂକ୍ଷେପରେ



### ସିନାପାଲିଠାରେ କୋଶଲ୍ ରାଏଜ୍ ବ୍ଲକ୍ ସମିତି ଗଠିତ

ସିନାପାଲି,୧୯।୮(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ପ୍ରେସ୍‌କ୍ଲବ୍‌ଠାରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇ କୋଶଲ ରାଏଜ୍ ବ୍ଲକ୍ ସମିତି ସିନାପାଲି ଗଠନ କରାଯାଇଛି । ନିକାଶ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମିତିର ସଦସ୍ୟଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା । କିଶନଲାଲ ମେହେରଙ୍କୁ ସମିତି ସଭାପତି ଓ ଫଣୀନ୍ଦ୍ର ମେହେରଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ କରାଯାଇଛି । ଗୁପ୍ତେଶ୍ୱର ମେହେରଙ୍କୁ ସମ୍ପାଦକ, ଗଣେଶ ରଣାଙ୍କୁ ସହସମ୍ପାଦକ, ଜିତୁ ମେହେରଙ୍କୁ ଗଣମାଧ୍ୟମ ପ୍ରଚାରକ ଭାବେ ମନୋନୀତ କରାଯାଇଥିଲା । ଆଗାମୀ ଦିନରେ ଗ୍ରାମପଞ୍ଚାୟତସ୍ତରୀୟ କୋଶଲ ରାଏଜ୍ ସମିତି ଗଠନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ବୈଠକରେ ସୀବ ମେହେର, ଭେଙ୍କେଟ ମେହେର, ଜିତେନ୍ଦ୍ର ମେହେର, ଅରୁଣ ମେହେର, ଚନ୍ଦନ ମେହେର, ପ୍ରଦ୍ୟୁମ୍ନ ସିଂ ଚିନ୍ଦା, ସନ୍ତୋଷ ବାଗ, ସାନୁର୍ଯ୍ୟ ମେହେର, ଆକାଶ ମେହେର, ବେକମେନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।



### ବର୍ଷାରେ ଘର ଭୁଶୁଡିଲା

ସିନାପାଲି,୧୯।୮(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକରେ ୩ ଦିନ ଧରି ଲଗାଣ ବର୍ଷାରେ ଅଞ୍ଚଳର ଅନେକ ଲୋକଙ୍କ ଘର ଭୁଶୁଡି ପଡ଼ିଛି। ଫଳରେ ପରିବାର ଲୋକେ ଅନ୍ୟ ଘରେ ଆଶ୍ରୟ ନେଉଛନ୍ତି। ଗୋଡାଳ ଗ୍ରାମ ପଞ୍ଚାୟତର ମହଗାଁ ଗ୍ରାମରେ ବୈଦ୍ରେହୀ ବେଷ୍ଠା ନାମକ ମହିଳା, ପୁଅ ସାଇରାମ ବୈଠାରୁ, ପୁଅ ବୋହୂ ଝୁମିଲତା ବୈଠାରୁ ଓ କ୍ରିଷ୍ଣା ବୈଠାରୁଙ୍କ ସହ ଏକ ଛପର ଘରେ ଆଶ୍ରୟ ନେଉଥିଲେ। ବର୍ଷା ମାଡ଼ରେ ଘରଟି ଭାଙ୍ଗି ପଡ଼ିଲା। ବିଧବା ମହିଳା ହୋଇଥିବା ବେଳେ ଅତ୍ୟନ୍ତ ଗରିବ ଶ୍ରେଣୀର । ଏମାନଙ୍କ ପାଇଁ ଘରଟିଏ ତିଆରି କରିବା ସମ୍ଭବ ପର ନୁହେଁ । ଏଣୁ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଲେ ଏହି ଗରିବ ପରିବାର ସୁଖରେ ରହି ପାରିବେ ବୋଲି ମତପ୍ରକାଶ ପାଇଛି । ଏ ସମ୍ପର୍କରେ ସିନାପାଲି ରାଜସ୍ୱ କର୍ମଚାରୀ ଓ ସ୍ଥାନୀୟ ସରପଞ୍ଚଙ୍କୁ ମଧ ଅଭିଯୋଗ ପତ୍ର ଦେଇଥିବା ପରିବାର ସୂତ୍ରରୁ ପ୍ରକାଶ । ଗୋଡାଳ ସରପଞ୍ଚ ରାସେଶ୍ୱର ପାଣିଗ୍ରାହୀ ଅଭିଯୋଗ ପାଇଥିବା କହିଛନ୍ତି। ଘର ପ୍ରଦାନ କରିବା ପାଇଁ ବ୍ଲକ ପ୍ରଶାସନକୁ ଜଣାଇ ପଦକ୍ଷେପ ନିଆଯିବ ବୋଲି ସେ ଜଣାଇଛନ୍ତି।

### ବୋର୍‌ୱେଲ ଖନନ କାର୍ଯ୍ୟ ଅଧାପନ୍ତରିଆ

# ଟଙ୍କା ଜମା କରି ଚାଷୀ ହତାଶ

ନୂଆପଡା ଅଫିସ,୧୯।୮

ମରୁଡି ଗ୍ରସ୍ତ ନୂଆପଡା ଜିଲାରେ ଚାଷୀଙ୍କୁ ଜଳସେଚନର ସୁବିଧା ଯୋଗାଇଦେବାକୁ ସରକାର ଉଠାଜଳସେଚନ ବିଭାଗ ଜରିଆରେ ଜିଲାବ୍ୟାପୀ ଗଭୀର ନଳକୂଅ (ଡିପ ବୋରୱେଲ) ଯୋଜନା କାର୍ଯ୍ୟକାରୀ କରାଯାଇଛି । ହେଲେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଏବଂ ସମ୍ପୃକ୍ତ ଠିକାଦାରଙ୍କ ଲାଭଖୋର ମନୋବୃତ୍ତି ଯୋଗୁ ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଲାଞ୍ଜି ଗ୍ରାମପଞ୍ଚାୟତ କେନ୍ଦୁଗୁଡା ଏବଂ କରନଡବା ଗାଁରେ ଚାଷୀ ଯୋଜନାର ସୁଫଳ ପାଇପାରୁନାହାନ୍ତି। କାମ ସବୁ ଅଧାପନ୍ତରିଆ ହୋଇ ରହିଯାଉଛି । ଫଳରେ ଚାଷୀମାନେ ମୁଣ୍ଡରେ ହାତଦେଇ ବସିରହିଛନ୍ତି । ଚାଷୀମାନେ କୂଅ ଖୋଳିବାକୁ ଦୁଇବର୍ଷ ତଳେ ବିଭାଗ ନିକଟରେ ଟଙ୍କା ଜମା କରିଥିଲେ । ଆଜିଯାଏଁ ସେମାନଙ୍କ କୂଅ ଖୋଳାଯାଇ ନ ଥିବାବେଳେ ଯେଉଁ କେତେଜଣ ଚାଷୀଙ୍କ କୂଅ ଖୋଳାଯାଇଛି, ସେଗୁଡିକୁ ବିଜୁଳି ସଂଯୋଗ ଦିଆଯାଇ ନ ଥିବାରୁ ସେ ସବୁ କାର୍ଯ୍ୟକ୍ଷମ ହୋଇନାହିଁ । ବର୍ତ୍ତମାନ ଚାଷ ସମୟରେ ମରୁଡିର ସମ୍ଭାବନା ଥିବାରୁ ଚାଷୀଙ୍କ ନିକଟରେ ଜଳସେଚନର କୌଣସି ବିକଳ୍ପ ନ ଥିବା ବେଳେ ବୋରୱେଲ ପାଇଁ ଚାଷୀଙ୍କ ଆଖିରୁ ନିଦ ହଜିଯାଇଛି ।

ଜିଲାର ଆଦିବାସୀ ବହୁଳ ଲାଞ୍ଜି ଗ୍ରାମପଞ୍ଚାୟତରେ ଶତ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରନ୍ତି। ଜଳସେଚନର କୌଣସି ସୁବିଧା ନ ଥିବାରୁ ଲୋକେ ନିଜ ଉଦ୍ୟମରେ ବାଲିଚୁଆ ଖୋଳି କ୍ଷେତରେ ପାଣି ମଡାଇଥାନ୍ତି । ତେଣୁ କରି ଯେଉଁ ବର୍ଷ ବର୍ଷା କମ ହୋଇଥାଏ। ଭୂତଳ ଜଳସ୍ତର କମିଯାଉଥିବାରୁ କୂଅ ସବୁ ସୁଖିଯାଇଥାଏ । ଏହାକୁ ଦୃଷ୍ଟିରେ ରଖି ଚାଷୀମାନେ ସରକାରୀ ଯୋଜନାରେ ଡିପ ବୋରୱେଲ ଖୋଳିବାକୁ ଉଠାଜଳସେଚନ ବିଭାଗରେ ଆବେଦନ କରିଥିଲେ । ଏଥିପାଇଁ ପ୍ରତ୍ୟେକ ଚାଷୀ ଜଣ ପିଛା ୨୦ ହଜାର ଟଙ୍କା ଜମା କରିଥିଲେ। ଟଙ୍କା ଜମା କରିବାର ଆଜକୁ ଦୁଇବର୍ଷ ବିତିଯାଇଥିଲେ ମଧ ସମ୍ପୃକ୍ତ ଠିକାଦାର କୂଅ ଖୋଳିବାର ନାଁ ନେଉନାହାନ୍ତି । ଏ ନେଇ ଚାଷୀମାନେ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ନୟାନ୍ତ ହେଲେଣି । ଗତ ୨୦୧୪-୧୫ବର୍ଷରେ କରନଡବାର ୮ଜଣ ଚାଷୀ କୁର୍ତିବାସ ମାଝି, ତୁଳାରାମ ମାଝି, ଗମ୍ଭୀର ମାଝି, ଧନମତି ମାଝି, ଟିକେରାମ ମାଝି, ଝୁମୁକଲାଲ ମାଜୀ, ଦେବରାଜ ମାଝି, ଯୋଗେରାମ ମାଝି ଟଙ୍କା ଜମା କରିଥିଲେ । କେନ୍ଦୁଗୁଡାର ଚାଷୀ ଉଗ୍ରେସନ ମାଝି, ସୁଦର୍ଶନ ମାଝି, ଫଗନୁ ମାଝି, ତିଲ ମାଝି, ଶ୍ରୀମୁଖ ମାଝି, କୃଷ୍ଣ ମାଝି ଆବେଦନ କରି ଟଙ୍କା ଜମା କରିଥିଲେ । ସେମାନଙ୍କ ମଧ୍ୟରୁ କରନଡବାର ୨ଜଣ ଚାଷୀ ଦେବରାଜ ମାଝି ଏବଂ ଯୋଗେରାମଙ୍କ ନଳକୂଅ ଖୋଳାଯାଇଛି । କିନ୍ତୁ ସେଗୁଡିକରେ ମୋଟର କିମ୍ବା ବିଜୁଳୀ ବ୍ୟବସ୍ଥା କରାଯାଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ବିଦ୍ୟୁତ୍ ସଂଯୋଗ ପାଇଁ ବିଭାଗୀୟ କାର୍ଯ୍ୟାଳୟକୁ ଚାଷୀମାନେ ଯାଉଥିଲେ ହେଁ ଆଜିକାଲି କହି ଦିନ ଗଡାଇ ଚାଲିଛନ୍ତି ବୋଲି ଚାଷୀ ଯୋଗେରାମ କହିଛନ୍ତି । ଏହା ଉପରେ ସହକାରୀ ଯନ୍ତ୍ରୀ ରାଜକିଶୋର ତ୍ରିପାଠୀଙ୍କୁ ପଚାରିବାରେ ଆସନ୍ତା ନଭେମ୍ବର ସୁଦ୍ଧା ସମସ୍ତ ଚାଷୀଙ୍କ ଡିପ ବୋରୱେଲରୁ ଜଳ ଯୋଗାଣ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି । ଆଜକୁ ଦୁଇ ବର୍ଷ ବିତିଗଲା । ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ କଲାନାହିଁ । ପୁଣି ବର୍ତ୍ତମାନ ଚାଷ ସମୟ ବୋଲି ଚାଷୀମାନେ ବାରଦୁଆର ହେଉଛନ୍ତି। ହେଲେ ଅଧିକାରୀଙ୍କ ଏଭଳି ଉତ୍ତରକୁ ଚାଷୀମାନେ କେତେଦୂର ଗ୍ରହଣ କରିବେ ତାହା ଏକ ପ୍ରଶ୍ନବାଚୀ ।



କରନଡବା ଗାଁର ଚାଷୀମାନେ ଅଧାପନ୍ତରିଆ ଡିପ ବୋରୱେଲ ନିକଟରେ ଛିଡା ହୋଇଛନ୍ତି ।

**ଖଡିଆଳ ବ୍ଲକ ଲାଞ୍ଜି ପଞ୍ଚାୟତ**
- ବୋରୱେଲ ପାଇଁ ଚାଷୀଙ୍କୁ ନିଦ ହେଉନି
- ମରୁଡି ହେଲେ ବିକଳ୍ପ ନାହିଁ
- ଚାଷୀ ମୁଣ୍ଡରେ ଚଡକ
- ଚୁଆ ଖୋଳି କ୍ଷେତରେ ପାଣି ମଡାଇଥାନ୍ତି

# ଗଡରାମୁଣ୍ଡା ଗାଁରେ ଆଇନ ସଚେତନତା ଶିବିର

ଖଡିଆଳ,୧୯।୮(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ବ୍ଲକ ଗଡରାମୁଣ୍ଡା ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ତାଲୁକସ୍ତରୀୟ ଆଇନ ସଚେତନତା ସମିତି ପକ୍ଷରୁ ରବିବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ମହିଳାମାନଙ୍କୁ ସଚେତନ କରିବାର ଉଦ୍ଦେଶ୍ୟ ନେଇ ଆୟୋଜିତ ଏହି ଶିବିରରେ ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ଅଧକ୍ଷା ତଥା ସବଜଜ୍ ସଂଘମିତ୍ରା ଦାଶଙ୍କ ଅଧକ୍ଷତାରେ ଆଇନଜୀବୀ ବିରଜା ସିଂ ଦଳପତି ପ୍ରଥମେ ଆଇନ ସଚେତନତା ଶିବିର ଉଦ୍ଦେଶ୍ୟ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ପରେ ଖଡିଆଳ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଶ୍ରଦ୍ଧା ମାଣ୍ଡୋଠିଆ, ସ୍ୱେଚ୍ଛାସେବୀ ଭୁବନେଶ୍ୱର ରାଉତ ପ୍ରମୁଖ ଯୋଗଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ମହିଳା ସଶକ୍ତିକରଣ ପାଇଁ କାର୍ଯ୍ୟକାରୀ ହୋଇଥିବା ଜନହିତକର ଯୋଜନା ଉପରେ ଆଲୋକପାତ କରିବା ସହ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ସମସ୍ତେ ଆଇନର ପରିସରଭୁକ୍ତ, ଆଇନର ଊର୍ଦ୍ଧ୍ୱରେ କେହି ନାହାନ୍ତି । ଏଣୁ ଆଇନକୁ ନେଇ ସମାଜର ସବୁ ବର୍ଗର ଲୋକେ ସଚେତନା ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଶିବିରରେ ଆଇନଜୀବୀ ଭବେଶ ପାଣିଗ୍ରାହୀ, ଗଡରାମୁଣ୍ଡା ସରପଞ୍ଚ ସୁକାନ୍ତି ଧରୁଆ, ନାଏବ ସରପଞ୍ଚ ବୃନ୍ଦାବନ ବାଗଙ୍କ ସମେତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ସଂଖ୍ୟାରେ ମହିଳାମାନେ ଉପସ୍ଥିତ ଥିଲେ ।




ସବ୍‌ଜଜ୍ ସଂଘମିତ୍ରା ଦାଶ ସଚେତନ ଶିବିରକୁ ସମ୍ବୋଧନ କରୁଛନ୍ତି ।

# ୩ ଗାଁ ପରେ ତୁନଗାଁକୁ ଡେଇଁଲା ଡେଙ୍ଗୁ

କୋକସରା,୧୯।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଦିନକୁ ବଢ଼ିବା ସହ ଆଖ ପାଖ ଗାଁରେ ମଧ୍ୟ ବ୍ୟାପିବାରେ ଲାଗିଲାଣି । ଲଡୁଗାଁ, ଆଇଲି, ସୁନାମାଳ, ପରେ ନିକଟସ୍ଥ ତୁନଗାଁରେ ମଧ୍ୟ ଏହି ରୋଗ ଦେଖାଦେଇଛି । ତୁନଗାଁରେ ୨ ଜଣ ରୋଗୀ ଚିହ୍ନଟ ହୋଇଥିବା ରବିବାର ଜଣାପଡିଛି । ଡେଙ୍ଗୁ ଗାଁ ଗାଁକୁ ବ୍ୟାପିବା ସ୍ୱାସ୍ଥ୍ୟ ବିଭାଗ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି । ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ଗଣମାଧ୍ୟମଠାରୁ ଦୂରେଇ ରହୁଛି । ଶନିବାର ସରକାରୀ ତଥ୍ୟ ଅନୁଯାୟୀ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୧୦୨ ଥିବାବେଳେ ରବିବାର କିନ୍ତୁ ଏ ସମ୍ପର୍କିତ ତଥ୍ୟ ଦେବାକୁ ଯଦିଓ ସିଧାସଳଖ ମନାକରାଯାଇ ନାହିଁ ତଥାପି କିଛି ସ୍ପଷ୍ଟ ହୋଇନାହିଁ । ତେବେ ଅସମର୍ଥିତ ତଥ୍ୟ ହିସାବରେ ଏହି ସଂଖ୍ୟା ୧୦୮ ପହଞ୍ଚିଥିବା ଜଣାପଡିଛି । ଏହାବାଦ ଅନେକ ଲୋକ ରାଜ୍ୟ ବାହାରେ ଚିକିତ୍ସିତ ହେଉଛନ୍ତି । ଏହାର ହିସାବ ଜିଲା ସ୍ୱାସ୍ଥ୍ୟ ବିଭାଗ ପାଖରେ ନାହିଁ । ଗତ ୩ ଦିନ ହେଲା ଭାରତ ସରକାରଙ୍କ ମିନିଷ୍ଟ୍ରି ଅଫ ହେଲଥ ଆଣ୍ଡ ଫ୍ୟାମିଲି ୱେଲଫେୟାର ଡିପାର୍ଟମେଣ୍ଟର ଏଣ୍ଟାମୋଲୋଜିଷ୍ଟ (ଜୀବ ବିଜ୍ଞାନୀ) ତରଫରୁ ଏକ ଟିମ ଆସି ମଶା ବଂଶ ବୃଦ୍ଧି ହେଉଥିବା ସ୍ଥାନଗୁଡିକ ଚିହ୍ନଟ କରି ମଶା ଓ ଲାର୍ଭା ନଷ୍ଟ କରିଛନ୍ତି । ଲଡୁଗାଁରେ ପରିମଳ କାମ ମଧ୍ୟ ତ୍ୱରାନ୍ୱିତ କରାଯାଉଛି । ସ୍ଥାନୀୟ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ ମଧ୍ୟ ଘନ ଘନ ଲଡୁଗାଁ ଗସ୍ତ କରି ପରିସ୍ଥିତିର ସମୀକ୍ଷା କରୁଛନ୍ତି । କୋକସରା ମେଡିକାଲ ଇନଚାର୍ଜ ଡା.ସୁଶୀଳ ସାହୁ କହିଛନ୍ତି ଯେ, ଲୋକଙ୍କୁ ବାରମ୍ବାର ସଚେତନ କରାଇବା ସତ୍ତ୍ୱେ ଡେଙ୍ଗୁ ରୋଗୀମାନେ ଘରେ ବିଶ୍ରାମ ନ ନେଇ ବାହାରେ ବୁଲା ବୁଲି କରୁଥିବାରୁ ଏହା ଅନ୍ୟ ଗାଁକୁ ସଂକ୍ରମିତ ହେଉଛି ।

### ଗଛରେ ପିଟିହେଲା ବାଇକ୍, ଜଣେ ମୃତ

ମୋହନଗିର,୧୯।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରିଠାରୁ ୭ କି.ମି. ଦୂର କଳାହାଣ୍ଡି -ବଲାଙ୍ଗୀର ସୀମାନ୍ତରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ହେଲେ ଦେବରାଜ ଭୋଇ (୩୫), ଗ୍ରାମ ଉମ୍ପକର୍ଲାଖୁଣ୍ଟା ଗ୍ରାମରେ । ପୋଲିସ ସୂତ୍ରରୁ ମିଳିଥିବା ଖବର ଅନୁସାରେ ଦେବରାଜ ଶନିବାର ବାଇକ୍ (ନଂ. ଓଡି ୦୩ଡି-୨୦୪୫) ଯୋଗେ କନ୍ଧମାଳ ଜିଲା ଅନାଗୁଲୁକୁ ଗ୍ରାମକୁ କୌଣସି କାମରେ ଯାଇ ଫେରୁଥିଲେ। ବଲାଙ୍ଗୀର-କଳାହାଣ୍ଡି ଛକ ନିକରେ ଭାରସାମ୍ୟ ହରାଇ ଏକ ଫଳସା ଘଛରେ ପିଟି ହୋଇ ନିକଟରେ ଥିବା ଚାଷ ଜମିକୁ ଖସି ପଡିଥିଲେ । ତାଙ୍କର ମୁଣ୍ଡରେ ଗଭିର ଅଘାତ ଲାଗିଥିବା ଦେଖିବାକୁ ମିଳିଥିଲା । ଖବର ପାଇ ଘଟଣା ସ୍ଥଳରେ ମୋହନଗିରି ପୋଲିସ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ମ.ରାମପୁର ପଠାଇଛି । ମ.ରାମପୁର ପୋଲିସ ଏକ ମାମଲା (ନଂ. ୧୪୬ ୧୯/୮/୧୮) ରୁଜୁ କରି ଘଟଣାର ତଦନ୍ତ କରୁଛି ।

# ଗଙ୍ଗାଧର ମେହେର ଜୟନ୍ତୀ ପ୍ରସ୍ତୁତି ବୈଠକ

ଜୁନାଗଡ,୧୯।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ପଲାସ ଗ୍ରାମ ପ୍ରହରୀ ମଣ୍ଡପଠାରେ ରବିବାର ଅପରାହ୍ନରେ ଗଙ୍ଗାଧର ମେହେର ଜୟନ୍ତୀ ଓ ତାଙ୍କ ରୋପ୍ୟ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେହେର (ଭୁଲିଆ) ସମାଜ ପକ୍ଷରୁ ଅନୁଷ୍ଠିତ ବୈଠକରେ ଜିଲା ସଭାପତି ଦିଲୀପ କୁମାର ମେହେର ସଭାପତିତ୍ୱ କରିଥିଲେ। ଏଥିରେ ଜିଲାର ପ୍ରାୟ ଗ୍ରାମର ମେହେର ସମାଜ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଆଗାମୀ ୨୫ ତାରିଖରେ କଳାହାଣ୍ଡି ମେହେର ସମାଜ ଓ ପଲାସ ଗ୍ରାମ୍ୟ ମେହେର ସମାଜ ମିଳିତ ଆନୁକୂଲ୍ୟରେ ପଲାସ ଗ୍ରାମଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ସ୍ଥାପନର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ରୋପ୍ୟ ଜୟନ୍ତୀ ଉତ୍ସବ ପାଳନ କରାଯିବ। ଏହି ଜୟନ୍ତୀ କିପରି ସୁରୁଖୁରୁରେ ହେବ ସେ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ଜିଲା ଉପସଭାପତି ଗଙ୍ଗାଧର ମେହେର, ସମ୍ପାଦକ ବିଦ୍ୟାଧର ମେହେର, ସହସମ୍ପାଦକ ସାନ୍ତନୁ କୁମାର ମେହେର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀବସ୍ତ ମେହେର, ପଲାସ ଗ୍ରାମ୍ୟ ସଭାପତି ବନମାଳୀ ମେହେର, ଚିଚିଗୁଡା ଗ୍ରାମ୍ୟ ସଭାପତି ବିପିନ ବିହାରୀ ମେହେର, ବଲଦିଆମାଲ ଗ୍ରାମ୍ୟ ସଭାପତି ପରିକ୍ଷିତ ମେହେର, ବଣ୍ଟାକୁତ୍ରା ଗ୍ରାମ୍ୟ ସଭାପତି ଭବାନୀ ଶଙ୍କର ମେହେର, ବନ୍ଦପଡା ଗ୍ରାମ୍ୟ ସଭାପତି ହରିହର ମେହେର, ନେହେରୁପଡା ଗ୍ରାମ୍ୟ ସଭାପତି ପ୍ରଫୁଲ୍ଲ ମେହେରଙ୍କ ସମେତ ସକ୍ରିୟ ସଦସ୍ୟ ରାମେଶ୍ୱର ମେହେର, ଫକୀର ମେହେର, ଘନଶ୍ୟାମ ମେହେର, ସୁଧୀର କୁମାର ମେହେର, ଶକ୍ତି ପ୍ରସାଦ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସହସମ୍ପାଦକ ଶାନ୍ତନୁ କୁମାର ମେହେର ଧନ୍ୟବାଦ ଦେଇଥିଲେ।



ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅତିଥି ।

# ଅବ୍ୟବସ୍ଥା ଘେରରେ ସେବା ସମବାୟ ସମିତି

ସିନାପାଲି,୧୯।୮(ଡି.ଏନ.ଏ.)

ସରକାର ଗ୍ରାମାଞ୍ଚଳର ଜନସାଧାରଣଙ୍କ ଉନ୍ନତି ପାଇଁ ସେବା ସମବାୟ ସମିତି ଗୁଡିକୁ ପ୍ରାଧାନ୍ୟ ଦେଉଥିବା ବେଳେ ସିନାପାଲି ସ୍ଥିତ ସେବା ସମବାୟ ବିଭିନ୍ନ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି । ଏହାର ସମାଧାନ ପାଇଁ ଜିଲା ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସିନାପାଲି ସେବା ସମବାୟ ସମିତି ୨୭ ଅଗଷ୍ଟ ୧୯୮୯ରେ ତତ୍କାଳିନ କୃଷି, ସମବାୟ ଓ ହରିଜନ ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ନାବାର୍ଡ ତରଫରୁ ସେତେବେଳେ ଗୃହ ନିର୍ମାଣ ପାଇଁ ସହାୟତା ଯୋଗାଇ ଦିଆଯାଇଥିଲା। ସେତେବେଳର ଘର ଆଜବେଷ୍ଟର ଛାତ ଥିବାବେଳେ ଏବେ ପୁରୁଣା ହୋଇ ଭଙ୍ଗାଦଦରା ହୋଇପଡିରହିଛି । ଛାତ ଉପରେ ଅନାବନା ଘାସ ସବୁଜିଠି ଅତି ଦୟନୀୟ ଅବସ୍ଥା ହୋଇଛି । ତଥାପି କୌଣସି ବିକଳ୍ପ ନ ଥିବାରୁ ଏହି ଭଙ୍ଗା ଦଦରା ଗୃହରେ ଅଫିସ କାମ ଚାଲୁଛି । ବର୍ଷା ହେଲେ ଅଫିସ ଗୃହରେ ପାଣି ଭର୍ତ୍ତି ହୋଇ ରହୁଛି । ଫଳରେ ଅଫିସ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେଉଛି । ଏଠାରେ ଅଫିସ ଗୃହ କିମ୍ବା ଗୋଦାମ ଗୃହ ନ ଥିବାରୁ ଚାଷୀମାନେ ସାର ସମେତ ଅନେକ କୃଷିଜାତ ଦ୍ରବ୍ୟ ତଥା ଚାଷୀମାନଙ୍କ ଋଣ ନେବାରେ ଆଦନପ୍ରଦାନ ଦିଗରେ ବିଶେଷ ଅସୁବିଧା ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ସିନାପାଲି ସେବା ସମବାୟ ସମିତି ୧୨୪/କେଏଚ/୨୮ ଅଗଷ୍ଟ, ୧୯୫୫ରେ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ହୋଇ ନାବାର୍ଡ ସହାୟତାରେ ବିଭିନ୍ନ ଯୋଜନା ମାଧ୍ୟମରେ ସିନାପାଲି ଅଞ୍ଚଳର ଚାଷୀମାନଙ୍କୁ ସହାୟତା ପ୍ରଦାନ କରି ଆସୁଛି । ସିନାପାଲି ସଦର ସମେତ ଗୋଡାଳ, କୁସୁମଯୋର, ସିଙ୍ଗଝର, ଝାରବନ୍ଧ ଅଞ୍ଚଳର ଚାଷୀମାନଙ୍କୁ ସେବା ପ୍ରଦାନ କରିଆସୁଛି । ଖରିଫ ଓ ରବି ଋତୁରେ ଚାଷୀଙ୍କୁ ବିଭିନ୍ନ ସାର, ବିହନ, କିଟନାଶକ ଔଷଧ ସମେତ ଅନେକ ସାମଗ୍ରୀ ଚାଷୀମାନଙ୍କୁ ଋଣ ଆକାରରେ ପ୍ରଦାନ କରୁଛି । ହେଲେ ଆବଶ୍ୟକ ଗୃହ ନ ଥିବାରୁ ବିଶେଷ ଅସୁବିଧା ହେଉଛି । ଏପରିକି ଅଫିସ ଗୃହର ମୁଖ୍ୟ ଫାଟକ ଦୀର୍ଘ ଦିନ ହେବ ଭାଙ୍ଗି ଯାଇଥିବା ବେଳେ ପାଚେରି ମଧ ଭାଙ୍ଗିଯାଇଛି । ଏ ସମ୍ପର୍କରେ ସରକାରଙ୍କୁ ଜଣାଇ ଦିଆଯାଇଛି ହେଲେ ଆଜି ପର୍ଯ୍ୟନ୍ତ ଏ ଦିଗରେ ପଦକ୍ଷେପ ନିଆଯାଉ ନାହିଁ ବୋଲି ସମିତି ସମ୍ପାଦକ ତୁଳାରାମ ମେହେର ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଭବାନୀପାଟଣା କେନ୍ଦ୍ର ସମବାୟ ସମିତି ସଭାପତି ତ୍ରିନାଥ ମେହେରଙ୍କୁ ପଚାରିବାରୁ ଏ ନେଇ ବିଭାଗୀୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରିସାରିଛୁ ଏବଂ ଯଥାଶୀଘ୍ର ଗୃହ ନିର୍ମାଣ କରାଯିବ ଓ ଜାଗା ଚିହ୍ନଟ ମଧ ସରିଛି ବୋଲି କହିଥିଲେ ।




ସିନାପାଲି ସେବା ସମବାୟ ସମିତି ଅଫିସ।

# ସମସ୍ୟା ଅନେକ, ସମାଧାନ ନାହିଁ



ନୂଆପଡା ଅଫିସ,୧୯।୮

ସରକାର ସବୁ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇଦେବାକୁ ଅନେକ ଯୋଜନା କରୁଛନ୍ତି। ହେଲେ ଅଧିକାରୀମାନଙ୍କ ବେପରୁଆ ମନୋଭାବ ଯୋଗୁ ଯୋଜନା ସବୁ ଲୋକଙ୍କ ନିକଟରେ ପହଞ୍ଚି ପାରୁନାହିଁ। ନୂଆପଡା ଜିଲା କୋମନା ବ୍ଲକ ସୋସେଙ୍ଗ ଗ୍ରାମପଞ୍ଚାୟତ ଭାଓସିଲ ଏକ ରାଜସ୍ୱ ଗ୍ରାମ। ଗ୍ରାମବାସୀଙ୍କୁ ବ୍ଲକ ହେଡକ୍ୱାର୍ଟରକୁ ଯିବାକୁ ହେଲେ ଦୀର୍ଘ ୮୦ କି.ମି. ଦୂର ଯିବାକୁ ହୋଇଥାଏ । ଏଠାରେ ସମସ୍ୟା ଅନେକ ହେଲେ ଦୁର୍ଗମ ଇଲାକାରେ ରହିଥିବାରୁ ପ୍ରଶାସନିକ ଦୃଷ୍ଟି ଆଢୁଆଳରେ ରହିଯାଉଛି। ସମସ୍ୟା ସବୁ ଅସମାହିତ ହୋଇ ରହିଯାଉଛି। ଏଥିଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ପ୍ରଶାସନ ପ୍ରତି ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ।

ଜିଲାର କୋମନା ଏବଂ ନୂଆପଡା ବ୍ଲକ ମଧ୍ୟବର୍ତ୍ତୀ ଅଞ୍ଚଳରେ ଏହି ଗାଁ ଅବସ୍ଥିତ । ଗୋଟିଏପଟେ କୋମନା ବ୍ଲକରୁ ସୁନାବେଡା ପଞ୍ଚାୟତ ଦେଇ ଏଠାକୁ ଗଲେ ୮୦ କି.ମି. ଦୂରତା ପଡୁଥିବାବେଳେ ନୂଆପଡା ବ୍ଲକ ଦେଇ କୋମନାକୁ ଯିବାକୁ ହେଲେ ୭୦ କି.ମି. ପଡିଥାଏ । ଏଠାରେ ମୋଟ ୫୫ଟି ଆଦିମ ଭୁଞ୍ଜିଆ ସମ୍ପ୍ରଦାୟର ପରିବାର ରହୁଛନ୍ତି । ଦୁର୍ଗମ ଜଙ୍ଗଲ ଭିତରେ ରହିଥିବା ଗାଁରେ ଶିକ୍ଷାରମାନ ଅତି ନିମ୍ନ । ଏଠାକୁ ସବୁଦିନିଆ ରାସ୍ତା ନାହିଁ । ବର୍ଷାଦିନେ ନଦୀ, ନାଳ ପାରି କରି ଯିବାକୁ ପଡିଥାଏ । ସ୍ୱାସ୍ଥ୍ୟ ସୁବିଧା କହିଲେ ଏଠାରେ ଏକ ଏଏନଏମ ସେଣ୍ଟର ରହିଛି । ହେଲେ ଏହା କେବେ ଚାଲେନାହିଁ। ଲୋକମାନେ ଝାଟିମାଟିର ଘରେ ଏବେବି ରହୁଛନ୍ତି । ସରକାରଙ୍କ ତରଫରୁ ଇନ୍ଦିରା ଆବାସ ଘର ଦିଆଯାଇଛି। ହେଲେ ଅଧିକାରୀମାନେ ଏଠାକୁ ପାଦ ମାଡୁ ନ ଥିବାରୁ ସବୁ ଘର ଅଧାପନ୍ତରିଆ ହୋଇ ପଡିରହିଛି । ଲୋକେ କାମ କରି ବର୍ଷାଧିକକାଳ ପେମେଣ୍ଟ ନ ପାଇ ଦିନ ଗଣୁଛନ୍ତି । ସେମାନଙ୍କ ନିଜର ଜମିବାଡି କିଛି ନାହିଁ । ଜଙ୍ଗଲ ଜମି ଚାଷ କରିବା ସହ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ବର୍ଷତମାମ ଚଳିଥାନ୍ତି । ଏଠିକାର ଲୋକଙ୍କ ପାଇଁ ବିଜୁଳୀ ସାତ ସପନ । ଲୋକେ ବହୁ ବର୍ଷଧରି ଅନ୍ଧାରୀ ଇଲାକାରେ ରାତି ଦିନ କାଟୁଛନ୍ତି । ବିଭିନ୍ନ ସରକାରୀ ଯୋଜନା ସକାଶେ କୋମନା ବ୍ଲକକୁ ଯିବା ଲୋକଙ୍କ ପକ୍ଷେ ସମ୍ଭବପର ହେଉ ନ ଥିବାରୁ ଲୋକେ ସେମାନଙ୍କୁ ନୂଆପଡା ବ୍ଲକରେ ସାମିଲ କରିବାକୁ ଦାବି କରୁଛନ୍ତି। ଏହା ଉପରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

**ଭାଓସିଲ ଗାଁ**
- ଅଭୟାରଣ୍ୟରେ ସେବା ପହଞ୍ଚୁନାହିଁ
- ସରକାରୀ ସେବା ଦୁର୍ଲଭ
- ବ୍ଲକ ହେଡକ୍ୱାର୍ଟର ୭୦କି.ମି. ଦୂର

**ସେମାନେ ଯାହା କହନ୍ତି....**



ଆମେ ଦୀର୍ଘ ଦିନ ଧରି ପ୍ରଶାସନଠାରୁ ଦୂରରେ ରହିଆସୁଛୁ । ବ୍ଲକ ହେଡକ୍ୱାର୍ଟର ୮୦ କି.ମି. ଦୂରରେ ଥିବାରୁ ସବୁ ସମସ୍ୟା ଅସମାହିତ ହେଉଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଜରୁରି ।

**-ଅଙ୍ଗୋର ସିଂ ଭୁଞ୍ଜିଆ**, ଆଦିବାସୀ ଯୁବକ



ଆମେ ବାର୍ଦ୍ଧକ୍ୟ ଭତ୍ତା, ଖାଉଟି ସାମଗ୍ରୀ ପାଇଁ ଦୀର୍ଘ ୧୦ କି.ମି. ଦୂର ଜଙ୍ଗଲ ରାସ୍ତାରେ ସୋସେଙ୍ଗ ଗ୍ରାମପଞ୍ଚାୟତକୁ ଯାଉଛୁ । ଏହା ଉପରେ କେହି ଦୃଷ୍ଟି ଦେଉନାହାନ୍ତି ।

**-ବେଦବାଈ ଭୁଞ୍ଜିଆ**, ବୃଦ୍ଧା



ଜଙ୍ଗଲି ଇଲାକାରେ ରହିଥିଲେ ହେଁ ଏଠାକୁ ବିଜୁଳି ବ୍ୟବସ୍ଥା କରାଯାଇ ନାହିଁ । ଫଳରେ ଆମେ ଅନ୍ଧାରରେ ରହୁଛୁ ।

**-ଦୁର୍ଜନ ଭୁଞ୍ଜିଆ**, ଯୁବ ସାମାଜିକ କର୍ମୀ ।



ଗାଁ ଲୋକଙ୍କ ପାଇଁ କୌଣସି ସରକାରୀ ଯୋଜନାରେ ରୋଜଗାର ଦିଆଯାଉନାହିଁ । ଫଳରେ ଆମେ ଆର୍ଥିକ ସ୍ଥିତି ଦୁର୍ବଳ ରହିଛି ।

**-ଗଜବାଈ ଭୁଞ୍ଜିଆ**, ଆଦିବାସୀ ମହିଳା ।

**ଧର୍ମଗଡ ଏନଏସିରେ ଟେମି ଫସ୍ ସ୍ପ୍ରେ କାର୍ଯ୍ୟ ଆରମ୍ଭ**
କଳାହାଣ୍ଡି ଜିଲା ଧର୍ମଗଡ ସହରରେ ଡେଙ୍ଗୁ ରୋଗ ବ୍ୟାପିବା ଆଶଙ୍କା ନେଇ ସ୍ୱାସ୍ଥ୍ୟ ବିଭାଗ ଏବଂ ଏନଏସିର ମିଳିତ ସହଯୋଗରେ ରବିବାରଠାରୁ ଡେଙ୍ଗୁ ମଶା ପ୍ରତିକାର ସ୍ୱରୂପ ଟେମିଫସ୍ ସ୍ପ୍ରେ ମରା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।

# ଉଜୁଡିଲା ଶତାଧିକ ଏକର ଧାନ ଫସଲ

**କୁନାଗଡ,୧୯।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ପ୍ରବାହିତ ହାତୀ ଓ ତେଲ ନଦୀରେ ବୁଧବାର ଓ ଗୁରୁବାର ୨ ଦିନ ଧରି ଭୟାବହ ବନ୍ୟା ହୋଇଛି। ଫଳରେ ଏହି ନଦୀଗୁଡ଼ିକରେ ସେତେବେଳେ ବିପଦ ସଙ୍କେତ ପାଖାପାଖି ବନ୍ୟା ଜଳ ପ୍ରବାହିତ ହୋଇଥିଲା। ଏଥିରେ ହାତୀ ଓ ତେଲ ନଦୀ କୂଳରେ ଥିବା ଜୁନାଗଡ ବ୍ଲକ ଆଟିଗାଁ, ତଳମଲା, ଚିଟୈଗୁଡା, ଚିଙ୍ଗୁଡିସର, ଭଇଁରୀଗୁଡା, ବଳଦିଆମାଲ, ପଳାସ, ନାନ୍ଦୋଲ




ବନ୍ୟା ପାଣି ପ୍ରବାହିତ ହୋଇଥିବାରୁ ଧାନ ଫସଲ ନଷ୍ଟ ହୋଇଯାଇଛି (ବାମ) । ପୋଖରୀରେ ମାଛ ଯାଆଁଳା ଛାଡିବାକୁ ପ୍ରସ୍ତୁତ ହେଉଥିବା ବେଳେ ବନ୍ୟା ଆକସି ବ୍ୟାପକ କ୍ଷୟକ୍ଷତି ହୋଇଛି।

**ନଦୀ କୂଳିଆ ଚାଷୀଙ୍କ ମୁଣ୍ଡରେ ଚଡକ**

ଓ କେନ୍ଦୁପାଟି ଆଦି ପଞ୍ଚାୟତର ଶତାଧିକ ଏକର ଚାଷ ଜମି ଜଳମଗ୍ନ ହୋଇଯାଇଛି। ବନ୍ୟା ଛାଡିବା ପରେ ସେଠାକାର ଅନେକ ଚାଷ ଜମି ବାଲିଚର ହେବା ସହ ରୁଆ ଓ ବୁଣାଯାଇଥିବା ଧାନ ଫସଲଗୁଡିକ ପଚିଯାଇ ନଷ୍ଟ ହୋଇଯାଇଛି। ଫଳରେ ଚାଷୀଙ୍କ ମୁଣ୍ଡରେ ଏବେ ଚଡକ ପଡିଛି। ଗତ ମାସକ ମଧ୍ୟରେ ହାତୀ ନଦୀରେ ୩ଥର ବନ୍ୟା ହୋଇଥିବା ବେଳେ ଏହି ସପ୍ତାହର ବନ୍ୟା ସହ ମିଶି ୪ଥର ହୋଇଛି। ଫଳରେ ହାତୀନଦୀ କୂଳରେ ଥିବା ଉକ୍ତ ପଞ୍ଚାୟତ ଚାଷୀମାନେ ଋଣବାଡ କରି ୪ଥର ଲେଖାଏଁ ଧାନ ରୁଆ ସହ ବୁଣିଥିଲେ ମଧ୍ୟ ବନ୍ୟା ସେମାନଙ୍କ ବାଟରେ ବାଧକ ସାଜିଛି। ବନ୍ୟା ଯୋଗୁ ହାତୀ ନଦୀକୂଳରେ ଥିବା ତଳମଲା ପଞ୍ଚାୟତ ତଳମଲା, ସାହାଜକନା, ମସିଗାଁ, ଆଟିଗାଁ ପଞ୍ଚାୟତ ଆଟିଗାଁ, ମିଚାଗାଁ, ବାଗଡୋଙ୍ଗରୀ, ଚିଙ୍ଗୁଡିସର ପଞ୍ଚାୟତର ଚିଙ୍ଗୁଡିସର ସମେତ ପାଣିଗାଁ, ମୁର୍ଲାପଦର, ଝାରବନ୍ଦ, ପରିଆ ଗାଁ, ପରିଆଗଡ, ଚିଟୈଗୁଡା ପଞ୍ଚାୟତର ଚିଟୈଗୁଡା ସମେତ ଯମୁନାବାହାଲ (କ), କୃଷ୍ଣଚନ୍ଦ୍ରପୁର, ଯମୁନାବାହାଲ ଆଦି ଗ୍ରାମର ଚାଷ ଜମିଗୁଡିକର ଶତାଧିକ ଏକର ଫସଲ ନଷ୍ଟ ହୋଇଯାଇଛି। ଅନ୍ୟପକ୍ଷରେ ବନ୍ୟା ଛାଡିବା ପରେ ମଧ୍ୟ କ୍ଷତି ହୋଇଥିବା ଚାଷ ଜମିଗୁଡିକୁ ଅନୁଧ୍ୟାନ କରିବା ପାଇଁ ବର୍ତ୍ତମାନ ସୁଦ୍ଧା ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରାଙ୍କୁ ପଚାରିବାରୁ ଗତକାଲି ଜିଲାପାଳଙ୍କ ସହ ଏକ ବୈଠକ ହୋଇଛି। କ୍ଷୟକ୍ଷତି ଆକଳନ କରିବା ପାଇଁ ଯେଉଁ ବିଭାଗ ଗୁଡିକ ରହିଛନ୍ତି ୧୫ ଦିନ ଭିତରେ କ୍ଷତିଗ୍ରସ୍ତ ହୋଇଥିବା ଚାଷ ଜମିଗୁଡିକର ଆକଳନ କରି ରିପୋର୍ଟ ଦେବେ ବୋଲି କହିଥିଲେ।

## ସଂକ୍ଷେପରେ



### ବୃକ୍ଷ ରୋପଣ ପାଇଁ ରେଞ୍ଜରଙ୍କୁ ଦାବିପତ୍ର

**କୁନାଗଡ,୧୯।୮(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଟୈଗୁଡା ପଞ୍ଚାୟତ କର୍ତ୍ତୃପକ୍ଷ ପଞ୍ଚାୟତ ପରିବେଶକୁ ସବୁଜିମା କରିବା ପାଇଁ ଅଣ୍ଟା ଭିଡିଛନ୍ତି। ଏହି ପରିପ୍ରେକ୍ଷୀରେ ପଞ୍ଚାୟତ କର୍ତ୍ତୃପକ୍ଷ ଖାଲିଥିବା ସ୍ଥାନରେ ବୃକ୍ଷରୋପଣ କରିବା ପାଇଁ ଧର୍ମଗଡ ବନ ବିଭାଗ ରେଞ୍ଜର ପ୍ରଦୀପ୍ତ ଭୋଇଙ୍କୁ ଶନିବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ପଞ୍ଚାୟତ ଐତିହାସିକ ନୀଳକଣ୍ଠେଶ୍ୱର ମନ୍ଦିର, ତାରାତାରେଣୀ ପଡିଆ ଓ ନୁଆଗୁଡା-ଚିଟୈଗୁଡା ରାସ୍ତା କଡରେ ବୃକ୍ଷ ରୋପଣ କରିବା ପାଇଁ ସେମାନେ ଦାବି ଜଣାଇଛନ୍ତି। ଦାବି କରାଯାଇଥିବା ସ୍ଥାନଗୁଡିକରେ ଖୁବଶୀଘ୍ର ବୃକ୍ଷ ରୋପଣ କରାଯିବ ବୋଲି ରେଞ୍ଜର ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ଚିଟୈଗୁଡା ସରପଞ୍ଚ ସୁଧିରା ମେହେର, ପୂର୍ବତନ ନାଏବ ସରପଞ୍ଚ ପ୍ରଦ୍ୟୁମ୍ନ ମେହେର, ୱାର୍ଡ ସଦସ୍ୟ ସୁଧୀର କୁମାର ମେହେର, ଗ୍ରାମବାସୀଙ୍କ ପକ୍ଷରୁ ଛେଲିଆ ମେହେର, ଉତ୍ତମ ମେହେର, ସୁଧାକର ମେହେର, ରାଜିନ୍ଦ୍ର ମେହେର, ଜ୍ଞାନରଞ୍ଜନ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

### ଡିଆଇଇଟି କଳାହାଣ୍ଡିର ୨୦୧୧-୨୦୧୩ ବ୍ୟାଚ୍ ବନ୍ଧୁମିଳନ

**ଭବାନୀପାଟଣା,୧୯।୮(ଡି.ଏନ.ଏ.)**
ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଶନିବାର କଳାହାଣ୍ଡି ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ୨୦୧୧-୨୦୧୩ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ବନ୍ଧୁ ମିଳନ ଉତ୍ସବରେ ଉପରୋକ୍ତ ବ୍ୟାଚ୍‌ର ଶିକ୍ଷାର୍ଥୀ ଯୁବ ଲେଖକ ଡିଲେଶ୍ୱର ରଣା ଅତିଥି ଭାବେ ଯୋଗଦେଇ ପ୍ରତିଷ୍ଠାନ କେବଳ ଭଲ ଶିକ୍ଷକ ସୃଷ୍ଟି କରି ନ ଥାଏ ଏହା ପ୍ରକୃତ ଅର୍ଥରେ ଏକ ମଣିଷ ତିଆରି କାରଖାନାଥିଲା ବୋଲି କହିଥିଲେ । ଏଥିରେ ପୁରାତନ ଛାତ୍ର ନୀଳମଣି ସାହୁ, ସୁଶାନ୍ତ ସାହୁ, ଜିତେନ୍ଦ୍ର ସାହୁ, ଲିଙ୍ଗରାଜ ମହାନ୍ତ, ଆଶିଷ ନାଏକ, ଦିବାକର ଝାଙ୍କର, ଭୀଷ୍ମ ଧଙ୍ଗଡାମାଝି, ମୃତ୍ୟୁଞ୍ଜୟ ପୁଟେଲ, ପ୍ରଶାନ୍ତ ଦଳପତି, ଶ୍ରୀରାମ ପଣ୍ଡା, ଦୀପ୍ତିଲତା ପ୍ରଧାନ, ସସ୍ମିତା ସାହୁ, ସାବିତ୍ରୀ ବାଗ, ପ୍ରଭାତ ମଞ୍ଜରୀ ବେହେରା, ସୁନନ୍ଦା ଦୁବେ, ରମେଶ ମାଝି, ବୀରେନ୍ଦ୍ର ମାଝି, ବିମଳ ମାଝି ପ୍ରମୁଖ ଯୋଗଦେଇ ଅତୀତର ସ୍ମୃତି ରୋମନ୍ଥନ କରିବା ସହିତ ନିଜର ଆଗାମୀ ଭବିଷ୍ୟତ ଉପରେ ଆଲୋଚନା କରିଥିଲେ । ମୃତ୍ୟୁଞ୍ଜୟ ପୁଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ବନ୍ୟାରେ ମତ୍ସ୍ୟ ବିଭାଗର ଲକ୍ଷାଧିକ ଟଙ୍କା କ୍ଷତି, ଚାଷୀ ହତାଶ

**ଭବାନୀପାଟଣା,୧୯।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ଗତ ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ଅତିପ୍ରବଳ ବର୍ଷା ଲାଗି ରହିବାରୁ ବନ୍ୟା ହୋଇ ନଦୀ ଓ ନାଳର ଜଳସ୍ତର ବୃଦ୍ଧିପାଇ ଜଳ ନିଷ୍କାସନ ହୋଇପାରି ନ ଥିଲା। ବନ୍ୟାଯୋଗୁ ବିଭିନ୍ନ ପୋଖରୀ, ଜଳାଶୟରେ ପାଣି ଭରିଯାଇ ହୁଡା ଭାଙ୍ଗି ବ୍ୟାପକ କ୍ଷୟକ୍ଷତି ହୋଇଛି। ଚଳିତ ବନ୍ୟାରେ କଳାହାଣ୍ଡି ଜିଲା ମତ୍ସ୍ୟ ବିଭାଗ ଲକ୍ଷ ଲକ୍ଷ ଟଙ୍କାର କ୍ଷୟକ୍ଷତି ହୋଇଥିବା ଜଣାପଡିଛି। ଜିଲାରେ ସରକାରଙ୍କ ପକ୍ଷରୁ ମତ୍ସ୍ୟ ପୋଖରୀ ଯୋଜନା, ନୀଳବିପ୍ଳବ ଓ ରାଷ୍ଟ୍ରୀୟ କୃଷିବିକାଶ ଯୋଜନାରେ ମତ୍ସ୍ୟଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉଛି। ଚଳିତବର୍ଷ ମତ୍ସ୍ୟ ବିଭାଗ ପକ୍ଷରୁ ଜିଲାରେ ୯୫ ହେକ୍ଟର ନୂତନ ପୋଖରୀ ଖୋଳାଯାଇ ମତ୍ସ୍ୟ ଚାଷୀମାନଙ୍କୁ ରିହାତି ଯୋଗାଇ ଦିଆଯାଇଛି। ଚାଷୀମାନେ ପୋଖରୀ ଖୋଳି ମାଛ ଯାଆଁଳା ପୋଖରୀରେ ଛାଡିବାକୁ ପ୍ରସ୍ତୁତ ହେଉଥିବା ବେଳେ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ହୋଇଛି। ମତ୍ସ୍ୟ ବିଭାଗ ଯାଆଁଳ ଉତ୍ପାଦନ କେନ୍ଦ୍ର ମଦନପୁର ରାମପୁରଠାରେ ୧ କୋଟି ଯାଆଁଳ ଗଚ୍ଛିତ ରଖାଯାଇଥିବା ବେଳେ ଭବାନୀପାଟଣାରେ ୨୦ ଲକ୍ଷ ଏବଂ ଯୋଡାବନ୍ଧ ଲାଞ୍ଜିଗଡଠାରେ ୫୦ ଲକ୍ଷ ଯାଆଁଳ ଗଚ୍ଛିତ ଥିଲା। ବନ୍ୟାରେ ଏହି ୩ଟି ସ୍ଥାନର ଯାଆଁଳ ଗଚ୍ଛିତଥିବା ବନ୍ଧ ଉପରେ ୩ ରୁ ୫ ଫୁଟ ବନ୍ୟାଜଳ ମାଡି ଯାଇ ସମସ୍ତ ଯାଆଁଳା ବନ୍ୟାଜଳରେ ଚାଲିଯାଇଛି। ବର୍ତ୍ତମାନ କଳାହାଣ୍ଡି ମତ୍ସ୍ୟ ବିଭାଗ ଯାଆଁଳା ଉତ୍ପାଦନ କେନ୍ଦ୍ରର ବନ୍ଧ ମରାମତି କରା ନ ଗଲେ ଯାଆଁଳା ଉତ୍ପାଦନ ହୋଇପାରିବ ନାହିଁ। ଏଭଳି ପରିସ୍ଥିତିରେ ନୂତନ ପୋଖରୀ ଖୋଳି ମତ୍ସ୍ୟ ଚାଷ ସକାଶେ ପ୍ରସ୍ତୁତ ଥିବା ଚାଷୀମାନେ ହଇରାଣ ହେଉଛନ୍ତି। ଜିଲାରେ ପୁରୁଣା ଓ ନୂତନ ମତ୍ସ୍ୟଚାଷୀଙ୍କ ପାଖରେ ୨୨୪୨ଟି ପୋଖରୀ (୧୩୩୨.୩୧ ହେକ୍ଟର) ଥିବାବେଳେ ଗ୍ରାମପଞ୍ଚାୟତ ନିକଟରେ ୪୦୪୭ଟି ପୋଖରୀ (୪୮୫୪.୮୫ ହେକ୍ଟର) ଏବଂ ରିଜର୍ଭର ୪୧ଟି (୮୧୮୩.୩୩ ହେକ୍ଟର) ଥିବା ଜମିରେ ମତ୍ସ୍ୟ ଚାଷ କରାଯାଉଛି। ବର୍ତ୍ତମାନ ପରିସ୍ଥିତିରେ କିଭଳି ମାଛ ଯାଆଁଳା ଅଣାଯାଇ ପାରିବ ସେ ସମ୍ପର୍କରେ ଡେପୁଟି ଡାଇରେକ୍ଟର ମତ୍ସ୍ୟ ବିଭାଗ କଳାହାଣ୍ଡି ଜୋନ୍ ନିଳାମ୍ବର କିଲାକାଙ୍କୁ ପଚାରିବାରୁ ବନ୍ୟା ଯୋଗୁ ମତ୍ସ୍ୟଚାଷ ପରିସ୍ଥିତି ଗମ୍ଭୀର ହୋଇପଡିଛି। ମତ୍ସ୍ୟ ଚାଷୀଙ୍କୁ ସାହାଯ୍ୟ କରିବାକୁ ମତ୍ସ୍ୟ ବିଭାଗ ଉଦ୍ୟମ ଜାରିରଖିଛି। ଜିଲାରେ କେତେକ ଯୁବ ଉଦ୍ୟୋଗୀଙ୍କୁ ମତ୍ସ୍ୟ ବିଭାଗ ପକ୍ଷରୁ ପ୍ରୋତ୍ସାହିତ କରାଯାଇ ଯାଆଁଳା ଉତ୍ପାଦନ ଆରମ୍ଭ କରାଯାଇଛି। ସେମାନଙ୍କ ଜରିଆରେ କେତେକ ମତ୍ସ୍ୟଚାଷୀଙ୍କୁ ମାଛ ଜାଆଁଳା ଯୋଗାଇ ଦେବା ବ୍ୟବସ୍ଥା କରାଯିବ। ଗତ ବନ୍ୟାରେ କ୍ଷତିଗ୍ରସ୍ତ ବନ୍ଧ ମରାମତି ପାଇଁ ସରକାରଙ୍କ ନିକଟକୁ ଅନୁଦାନ ଯୋଗାଇ ଦେବାକୁ ଚିଠି କାରାଯାଇଛି। ପରିସ୍ଥିତି ମୁକାବିଲା ସକାଶେ ମତ୍ସ୍ୟ ବିଭାଗ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରଚେଷ୍ଟା କରାଯାଉଛି ବୋଲି କିଲାକା ପ୍ରକାଶ କରିଛନ୍ତି।

## ୪ ଦିନ ହେଲା ଅନ୍ଧାରରେ ୯ ଗ୍ରାମବାସୀ

**କୋକସରା,୧୯।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଅଧୀନ ଗୋଟୋମୁଣ୍ଡା ପଞ୍ଚାୟତ ୯ ଗ୍ରାମବାସୀ ଗତ ୪ ଦିନ ହେଲା ଅନ୍ଧାରରେ ରହୁଥିବା ଜଣାପଡିଛି। ବିଦ୍ୟୁତ ସେବା ବନ୍ଦ ରହିଥିବାରୁ ପଞ୍ଚାୟତ ଅନେକ ବ୍ୟକ୍ତି ଫୋନ ଯୋଗେ ବିଭାଗୀୟ ଜେଇ ଓ ସହକାରୀ ଯନ୍ତ୍ରୀଙ୍କୁ କହିଥିଲେ। ବିଦ୍ୟୁତ ବିଭାଗ ଜେଇ ଓ ସହକାରୀ ଯନ୍ତ୍ରୀ ତୁରନ୍ତ ସଜଡା ଯାଇ ବିଦ୍ୟୁତ ସେବା ଯୋଗାଇ ଦିଆଯିବ ବୋଲି କହିଥିଲେ। ହେଲେ ଇତି ମଧ୍ୟରେ ୪ ଦିନ ବିତିଯାଇ ଥିଲେ ବି ବିଦ୍ୟୁତ ସେବା ମିଳିନାହିଁ। ଗତ ବୁଧବାର ରାତିରେ କୌଣସି କାରଣରୁ ସାନପୋଡାଗୁଡା ଦେଇ ଗୋଟୋମୁଣ୍ଡା ଆସିଥିବା ବିଦ୍ୟୁତ ତାରରେ ଯାନ୍ତ୍ରୀକ ତ୍ରୁଟି ଦେଖାଦେବା ପରେ ୯ଟି ଗାଁକୁ ବିଦ୍ୟୁତ ସେବା ବନ୍ଦ ହୋଇଯାଇଥିଲା। ଫଳରେ ଗୋଟୋମୁଣ୍ଡା ପଞ୍ଚାୟତ ଗୋଟୋମୁଣ୍ଡା, ପିପଲଝାପର, ଥୁଟିବର, କନକପୁର, ଚୋରଣିଦୁଆର, ବାଞ୍ଜିକୋଟ, ଖରାଡଙ୍ଗରୀପଡା, ପଦରପଡା, ବନ୍ଦପଡାରେ ବାସ କରୁଥିବା ଲୋକେ ଅନ୍ଧାରରେ ରହିଛନ୍ତି। ଜିଲାପାଳ ତୁରନ୍ତ ଦୃଷ୍ଟି ଦେଇ ଗୋଟୋମୁଣ୍ଡା ପଞ୍ଚାୟତବାସୀଙ୍କ ବିଦ୍ୟୁତ ବିଭ୍ରାଟ ଦୂର କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଗୋଟୋମୁଣ୍ଡା ପଞ୍ଚାୟତ ଯଦୁ ଦୁର୍ଗା, ତୁଳସୀ ବିହାରୀ, ଗୋଟୋମୁଣ୍ଡା ସରପଞ୍ଚ ବଜାହାରଲାଲ ଗୋପାଳ, ଜିଲା ପରିଷଦ ସଦସ୍ୟା ହେମାଙ୍ଗିନି ହଂସ, ଭାରତ ଦୁର୍ଗା, ବଲିଆର ମୋରେଇ, କଳାକାହ୍ନୁ ନାଏକ, କୁବେର ହଂସ ପ୍ରମୁଖ ଦାବି କରିଛନ୍ତି। ଘଟଣା ସମ୍ପର୍କରେ କୋକସରା ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଦୀପ୍ତ ଦାସଙ୍କୁ ପଚାରିବାରୁ ତୁରନ୍ତ ତ୍ରୁଟି ସଜାଡି ତୁରନ୍ତ ବିଦ୍ୟୁତ ସେବା ସ୍ୱାଭାବିକ କରାଯିବ ବୋଲି କହିଥିଲେ।

## ଝୁଲନ୍ତା ମୃତଦେହ ଉଦ୍ଧାର

**କୋକସରା,୧୯।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ଥାନା ପୋଲିସ ଡାଲଗୁଡା ଖେଳ ପଡିଆ ନିକଟ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ରବିବାର ଉଦ୍ଧାର କରିଛି। ମୃତ ଯୁବକ ଏହି ଥାନା ଡାଲଗୁମା ଗ୍ରାମର ଭରତ ନାଗ (୨୪)। ପୋଲିସଠାରୁ ମିଳିଥିବା ସୂଚନା ଅନୁସାରେ ଡାଲଗୁମା ଗ୍ରାମର ଭରତ ଶନିବାର ସନ୍ଧ୍ୟାରେ ନିଜ ଘରେ ଖାଇବା ପରେ ଶୌଚ ପାଇଁ ବାହାରୁ ଯାଉଛି କହି ବାହାରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଭରତ ଘରକୁ ଫେରି ନ ଥିଲେ। ବାପା ଗାଁ ଓ ପଡାରେ ଖୋଜାଖୋଜି କରିଥିଲେ ବି ପାଇ ନ ଥିଲେ। ରବିବାର ସକାଳେ ଡାଲଗୁମା ଖେଳ ପଡିଆ ନିକଟ ଚାଷ ଜମି ହୁଡାରେ ଥିବା ଗଛରେ ଭରତ ବେକରେ ଶାଢିର ଧଡି ଦେଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଭରତଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଶବ ଚିହ୍ନଟ କରିବା ସହ କୋକସରା ପୋଲିସରେ ଜଣାଇଥିଲେ। କୋକସରା ପୋଲିସ ସେଠାରେ ପହଞ୍ଚି ଝୁଲନ୍ତା ମୃତଦେହ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏ ନେଇ କୋକସରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି । ଆତ୍ମହତ୍ୟାର କାରଣ ଜଣାପଡିନାହିଁ ବୋଲି କୋକସରା ଥାନା ପୋଲିସ ସୁବାସ ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି ।

## ସମ୍ବିଧାନର ନକଲ ଜାଳିବାର ପ୍ରତିବାଦରେ ଦାବିପତ୍ର ପ୍ରଦାନ

**ଭବାନୀପାଟଣା,୧୯।୮(ଡି.ଏନ.ଏ.)**

ଗତ ୯ ତାରିଖରେ ଦିଲ୍ଲୀର ଜନ୍ତରମନ୍ତରଠାରେ ସମ୍ବିଧାନର ନକଲ ଜାଳିବା ପ୍ରତିବାଦରେ ଲୋକତାନ୍ତ୍ରିକ ଜନତା ଦଳ କଳାହାଣ୍ଡି ଶାଖା ପକ୍ଷରୁ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରିବା ସହ ଜିଲା ପ୍ରଶାସନ ମାଧ୍ୟମରେ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଛି । ଲୋକତାନ୍ତ୍ରୀକ ଜନତାଦଳ କଳାହାଣ୍ଡି ଜିଲା ଶାଖା ଅଧ୍ୟକ୍ଷ କମଳାକାନ୍ତ ଖର୍‌ସେଲଙ୍କ ନେତୃତ୍ୱରେ ଯୁବରାଜ ଛତ୍ରୀଆ, ଜଗଦିଶ ଯାଦବ, ଦୟାନିଧି ଜାଲ, ମୁକେଶ ଚଲାନ, ପାକେଶ୍ୱର ରଣା, ଚିତ୍ରସେନ ଗୋପାଳ ସମେତ ଶତାଧିକ କର୍ମୀ ସାମିଲ ଥିଲେ ।

## ବର୍ଷାରେ ଘର ଭାଙ୍ଗିଲା, ପାଇଖାନାରେ ରହୁଛନ୍ତି ବୃଦ୍ଧା

**ଲାଞ୍ଜିଗଡ଼,୧୯।୮(ଡି.ଏନ.ଏ.)**



ଗତ ୪ ଦିନ ଲଗାଣ ବର୍ଷାରେ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ୨୬ଟି ପଞ୍ଚାୟତରେ ଅନେକ ଗାଁରେ ଘରସବୁ ଭାଙ୍ଗି ଯାଇଥିବା ବେଳେ କୋମର୍ଦ୍ଧା ପଞ୍ଚାୟତ ମସ୍କାଗୁଡା ଗାଁର ଜଣେ ବିଧବା ବୃଦ୍ଧା ଘର ମଧ୍ୟ ଭାଙ୍ଗି ଯାଇଛି । କୋମର୍ଦ୍ଧା ପଞ୍ଚାୟତ ମସ୍କାଗୁଡା ଗାଁରେ ରହନ୍ତି ଜଣେ ବିଧବା ବୃଦ୍ଧା ଡାଳିମ୍ବ ପରାଭୋଇ (୬୫) । ୧୦ ବର୍ଷ ତଳେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହେବା ପରେ ସେ ସମ୍ପୂର୍ଣ୍ଣ ବେସାହାରା ହୋଇଯାଇଛନ୍ତି । ତାଙ୍କର କୌଣସି ସନ୍ତାନ ନ ଥିବା ବେଳେ ସ୍ୱାମୀ କରିଥିବା ଏକ କୁଡିଆ ଘରେ ନିଜର ଜିବୀକା ନିର୍ବାହ କରୁଥିଲେ । ଗତ ୪ ଦିନର ଲଗାଣ ବର୍ଷାରେ ଡାଳିମ୍ବଙ୍କ କୁଡିଆଘର ସମ୍ପୂର୍ଣ୍ଣ ଭାଙ୍ଗଯାଇଛି । ଶେଷରେ ଡାଳିମ୍ବ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମରେ ସରକାର ଦେଇଥିବା ଅନ୍ୟ ଜଣକଙ୍କ ପାଇଖାନା ଘରେ ବୃଦ୍ଧା ଆଶ୍ରୟ ନେଇଛନ୍ତି । କୋମର୍ଦ୍ଧା ପଞ୍ଚାୟତ ସମିତି ସଭ୍ୟ ଜଗଦିଶ ବେନିଆ ଏହି ଖବର ପାଇବା ପରେ ତୁରନ୍ତ ଗାଁକୁ ଯାଇ ବୃଦ୍ଧା ଡାଳିମ୍ବଙ୍କୁ ଭେଟିବା ସହିତ ଅନ୍ୟ ଏକ ପାଡେଶୀଙ୍କ ଘରେ ରହିବା ପାଇଁ ବ୍ୟବସ୍ଥା କରିଦେଇଥିଲେ । ତହସିଲଦାରଙ୍କୁ ଅନୁରୋଧ କରି ଖଣ୍ଡିଏ ପୋଲିଥିନ୍ ମଧ୍ୟ ପ୍ରଦାନ କରାଯାଇଥିଲା। କବଳ ମାସକୁ ୩୦୦ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଓ ଅନ୍ନପୂର୍ଣ୍ଣା ଯୋଜନାରେ ମିଳୁଥିବା ୧୦ କେଜି ଚାଉଳ ହିଁ ଡାଳିମ୍ବଙ୍କ ଏକ ମାତ୍ର ଭରସା। ବ୍ଲକ ପ୍ରଶାସନ ଡାଳିମ୍ବଙ୍କୁ ବସୁନ୍ଧରା ଯୋଜନାରେ ୪ ଡିସିମିଲ ଘରଡିହ ଓ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

## ପକ୍ଷାଘାତରେ ପୀଡ଼ିତ୍ ଚୈତନ୍ୟ: ଚିକିତ୍ସାରେ ଟଁକା ବାଧକ୍

**ପଲମ,୧୯।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ସଦର ପଁନ୍‌ଚେତ୍ ଜଗନ୍ନାଥ ଗୁଡି ପଛ୍‌ଫାଲେ ଗୁଟେ ଝୁପ୍‌ଡି ଘର୍ କରି ବହୁତ୍ ବଛର୍ ହେଲା ରହି ଆସୁଛନ୍ ଚୈତନ୍ୟ ପୁଞ୍ଜିଙ୍କର ପରିବାର। ତାକର ପରିବାର କହେଲେ ମାଏଝି କୌଶଲ୍ୟା ଆର୍ ୫ ଛୁଆପିଲା। ବଡ ଝିଁ’ର ବିହାଘର ସରିଥିଲା ବେଲେ ଏହେଦେ ଘରେ ୨ ପୁଓ, ୨ ଝିଅ ଅଛନ୍। ସୁଖ୍‌ବାସୀ ଚୈତନ୍ୟ କୁଲି ମଜୁରୀ କରି ନିଜର କୁଟୁମ୍ ପୁଷୁଥିଲେ। ହେଲେ ହଠାତ୍ ଦୁଖର କଲା ବାଦଲ ତାକର ପରିବାରକେ ଢ଼ାପି ପକେଇଛେ। ଏହେଦେ ଚୈତନ୍ୟ ପକ୍ଷାଘାତ୍ ରୋଗ୍‌ରେ ପୀଡିତ୍ ଅଛନ୍। ଚୈତନ୍ୟଙ୍କର ଚିକିତ୍ସାରେ ଟଁକା ବାଧକ୍ ସାଜିଥିଲା ବେଲେ ମାଏଝି କୌଶଲ୍ୟାକେ ଘର୍ ଚଲାବାକେ ବହୁତ୍ ଭିଡ୍ ହେଉଛେ। ଏନ୍‌ତାଥି ପିଲାଛୁଆକର ପାଠ୍‌ପଢ଼ାକେ ନେଇ ଚିନ୍‌ତାରେ ପଡିଯାଇଛନ୍ କୌଶଲ୍ୟା। ଆରଗୁଟେ ଆଡେ ଟଁକା ପଏସା ଅଭାବ୍ ଲାଗି ଚୈତନ୍ୟ ଚିକିତ୍ସା କରେଇ ନାଇଁ ପାର୍‌ବାର, ଯେନ୍‌ଥିର୍‌ଲାଗି ତାକର ଗୋଡ୍‌ହାତ୍ ଅଚଲ୍ ହେଇଯିବାର ସଂଗେ ସେ କଥା ବି କହି ନାଇଁପାର୍‌ବାର। ଆପ୍‌ନେ ପକ୍ଷାଘାତ୍ ରୋଗ୍‌ରେ ପଡ୍‌ଲା ଉତାରୁ କୌଶଲ୍ୟା ହିଆ ନାଇଁ ହାରି, ସେ ଝନେ ନିର୍ମାଣ ଶ୍ରମିକ୍ ହିସାବେ କାମ୍ କର୍‌ବାର ମୂଲ୍ କରିଛନ୍। ଏହେଦେ ପରିବାରଟା ରହୁଥିବାର ଝୁପ୍‌ଡି ଘରଟା ବି ବିପଦ୍ ଅବସ୍‌ତାଥି ଅଛେ, କେତେବେଲେ ବି ମାଡି ବସ୍‌ବା। ସେଥିର୍‌ଲାଗି ପରିବାରଟା ଜଗନ୍ନାଥ ଗୁଡି ପରିସରରେ ତିଆରି ହେଉଥିବାର ଗୁଟେ ଘରର୍ ଛାତ୍‌ତଲେ ଆଶ୍‌ରେ ନେଇଛନ୍। ଜମିବାଡି ନାଇଁଥିବାର ଲାଗି ଆବାସ ଯୋଜ୍‌ନାରେ ବି ସାମିଲ ହେଇ ନାଇଁପାରବାର। ଚୈତନ୍ୟ ଆଏଜ୍‌ତକ୍ ଭିନ୍ନକ୍ଷମ ଭତା ବି ନାଇଁପାଇ। କୌଶଲ୍ୟା ଝନେ ନିର୍ମାଣ ଶ୍ରମିକ୍ ହିସାବେ କାମ୍ କରୁଥିଲେ ବି କେହେନ୍‌ସି ପର୍‌କାର ସରକାରୀ ଯୋଜ୍‌ନାର ସୁବିଧା ନାଇଁ ପାଏବାର। ପରିବାର ଲାଗି ସରକାରୀ ସାହାଯ୍ କହେଲେ ରାଶନ କାର୍ଡରେ ମାସିକ୍ ମିଲୁଥିବାର ୩୦ କେ.ଜି. ଚାଉଲ୍। ଇ ପରିବାର୍‌ର ଦୁଖ୍ ଦୂର୍ କର୍‌ବାର ଲାଗି ଉତ୍କଳ ଯାଦବ ମହାସଭା ଉପସଭାପତି ଶିବ ହାତୀ ଆର୍ କଳାହାଣ୍ଡି ଯୁବ ଯାଦବ ମହାସଭା ସଭାପତି ଗୋବିନ୍ଦ ବନଛୋର ପର୍‌ଶାସନ୍‌କେ ନିବେଦନ୍ କରିଛନ୍।



ଅସାହା ଅବସ୍ଥାରେ ଚୈତନ୍ୟ।

କୋକସରା ବ୍ଲକରେ ଡେଙ୍ଗୁ ଆତଙ୍କ

## ଡ୍ରେନ, ଆବର୍ଜନା ସଫା ପାଇଁ ତତ୍ପର

**କୋକସରା,୧୯।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲଡୁଗାଁରେ ଡେଙ୍ଗୁ ଦେଖାଦେବା ପରେ ବର୍ତ୍ତମାନ ବିଭିନ୍ନ ଗ୍ରାମକୁ ଡେଇଁଥିବା ଜଣାପଡିଛି। କୋକସରା ବ୍ଲକରେ ଡେଙ୍ଗୁ ଆତଙ୍କ ଦେଖାଦେଇଛି। ମୁଖ୍ୟତଃ ଗାଁର ରାସ୍ତା କଡରେ ଆବର୍ଜନା ଜମି ରହୁଥିବା, ନିର୍ମାଣ ହୋଇଥିବା ଡ୍ରେନଗୁଡିକରେ ମଇଳା ପାଣି ଜମି ରହୁଥିବା ହେତୁ ଏହି ରୋଗ ଦେଖା ଦେଇଥିବା ଜଣାପଡିଛି। ଏହି ସବୁ ସମସ୍ୟା ରହିଲେ ମ୍ୟାଲେରିଆ ଓ ଡେଙ୍ଗୁ ଭଳି ମାରାତ୍ମକ ରୋଗ ହେଉଥିବା ଚର୍ଚ୍ଚା ହେବା ପରେ ବିଭିନ୍ନ ଗ୍ରାମରେ ସଚେତନତା ଓ ଗାଁ ସଫେଇ କାର୍ଯ୍ୟକ୍ରମ ଚାଲିଥିବା ଦେଖିବାକୁ ମିଳିଛି। ଲଡୁଗାଁ, ଆଇଁଲି, ସୁନାମାଲ, ଚିକିଲି ଆଦି ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ହୋଇସାରିଥିବା ବେଳେ ଶନିବାର ବରାଡଙ୍ଗା ପଞ୍ଚାୟତ ସିଉନି ଗ୍ରାମରେ ସଚେତନ କାର୍ଯ୍ୟକ୍ରମ ସହ ଗାଁ ସଫେଇ କରିଥିବା ଦେଖିବାକୁ ମିଳିଥିଲା। ଗାଁର ଯୁବକମାନେ ହାତରେ କୋଦାଳ, ଫାଉଡା ଓ ଝୁଡି ଧରୁ ଗାଁ ଡ୍ରେନରେ ଜମି ରହିଥିବା ଆବର୍ଜନା ସଫା କରିବା ସହ ରାସ୍ତା କଡରେ ଥିବା ଲତାବୁଦା ସଫା କରିଥିଲେ। ରବିବାର ମୁଖାପାଲି ପଞ୍ଚାୟତ କର୍ତ୍ତୃପକ୍ଷ ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ଗ୍ରାମର ରାସ୍ତା କଡରେ ଜମି ରହିଥିବା ମଇଳା ସଫା କରିବା ସହ ଡ୍ରେନଗୁଡିକ ସଫା କରିଥିଲେ। ଖୋଦ ସରପଞ୍ଚ ରଶ୍ମିରେଖା ରାଉତି ସଫେଇ ସ୍ଥାନରେ ଠିଆ ହୋଇ ଆବର୍ଜନା ଓ ଡ୍ରେନ ସଫା କରାଇଥିବା ଦେଖିବାକୁ ମିଳିଛି। କୋକସରା ବ୍ଲକର ସମସ୍ତ ନିର୍ବାଚିତ ପ୍ରତିନିଧି ଏଭଳି କାର୍ଯ୍ୟକ୍ରମ ହାତକୁ ନେଇ କୋକସରା ବ୍ଲକରେ କେବେ ମଧ୍ୟ ମ୍ୟାଲେରିଆ କି ଡେଙ୍ଗୁ ରୋଗ ଦେଖା ଦେବ ନାହିଁ ବୋଲି ବିଦ୍ଧୁଜୀବୀ ମହଲରେ ଆଲୋଚନା ହେଉଛି।



କୋକସରର ଡ୍ରେନ୍‌ରୁ ଅଳିବା ଆବର୍ଜନା ସଫା କରାଯାଉଛି ।



ଧର୍ମଗଡ଼ ସହରରେ ଡେଙ୍ଗୁ ମଶା ପ୍ରତିକାର ସ୍ୱରୂପ ଟେମିଫସ୍ ସ୍ପ୍ରେ ମରା କାର୍ଯ୍ୟ ଚାଲିଛି ।

### ଧର୍ମଗଡ ଏନଏସିରେ ଟେମି ଫସ୍ ସ୍ପ୍ରେ କାର୍ଯ୍ୟ ଆରମ୍ଭ

**ଧର୍ମଗଡ,୧୯।୮(ଡି.ଏନ.ଏ.)**
ଧର୍ମଗଡ ସହରରେ ଡେଙ୍ଗୁ ରୋଗ ବ୍ୟାପିବା ଆଶଙ୍କା ନେଇ ସ୍ୱାସ୍ଥ୍ୟ ବିଭାଗ ଏବଂ ଏନଏସିର ମିଳିତ ସହଯୋଗରେ ରବିବାରଠାରୁ ଡେଙ୍ଗୁ ମଶା ପ୍ରତିକାର ସ୍ୱରୂପ ଟେମିଫସ୍ ସ୍ପ୍ରେ ମରା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଏହି କାର୍ଯ୍ୟ ଜଗନ୍ନାଥ ପଡାଠାରୁ ଆରମ୍ଭ ହୋଇଛି । ଏହି ସ୍ପ୍ରେ ଏନଏସିର ସମସ୍ତ ୱାର୍ଡରେ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ତରଫରୁ ମ୍ୟାଲେରିଆ ସୁପର ଭାଇଜର ପ୍ରିୟ ରଞ୍ଜନ ମୁଣ୍ଡ ସୂଚନା ଦେଇଛନ୍ତି । ଧର୍ମଗଡ ସହରର ବସ୍ତିପଡାରେ ଚାରିଆଡେ କୁଢକୁଢ ଆବର୍ଜନା ପଡି ରହିଥିବା ବେଳେ ପରିମଳ ବ୍ୟବସ୍ଥାକୁ ନେଇ ସ୍ଥାନୀୟ ଲୋକ ପ୍ରଶ୍ନ ଉଠାଇଛନ୍ତି । ଏହି ଟେମିଫସ୍ ସ୍ପ୍ରେ ସ୍ୱାଗତ ଯୋଗ୍ୟ ପଦକ୍ଷେପ । କିନ୍ତୁ ଏହା ସହିତ ସେଠାରେ ପଡି ରହିଥିବା ବିଭିନ୍ନ ବର୍ଜ୍ୟବସ୍ତୁ ଓ ପରିମଳ ବ୍ୟବସ୍ଥା ଉପରେ ଧ୍ୟାନ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।



“ ଯେଉଁ ଲୋକ ତୁମ ଜୀବନର ସବୁକଥା ଜାଣିବାକୁ ବରାବର ଚେଷ୍ଟା କରୁଛି, ତା’ ଉଦ୍ଦେଶ୍ୟ ବିଷୟରେ ସନ୍ଦିହାନ ହେବା ଉଚିତ।
- କଲମ୍ବସ୍



## ସଂକ୍ଷେପରେ

### ବଜ୍ରପାତରେ ୩ ବୋଲବମ୍ ଭକ୍ତ ଗୁରୁତର

କଣ୍ଟାବାଞ୍ଜି,୧୯।୮(ଡି.ଏନ୍.ଏ.)- ଶ୍ରାବଣ ମାସ ଶେଷ ସୋମବାର ଅବସରରେ ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅଧୀନ ପ୍ରସିଦ୍ଧ ଶୈବପୀଠ ରାଣୀପୁର ଝରିଆଲରେ କଣ୍ଟାବାଞ୍ଜି ଏବଂ ବିଭିନ୍ନ ଅଞ୍ଚଳର ବୋଲବମ୍ ଭକ୍ତଙ୍କ ଭିଡ଼ ଲାଗିଛି। ରବିବାର ସନ୍ଧ୍ୟା ପ୍ରାୟ ସାଢେ ୬ଟା ବେଳେ ସେଠାରେ ପ୍ରବଳ ବର୍ଷା ହୋଇଥିଲା। ସେତିକିବେଳେ ବଜ୍ରପାତ ଘଟି ଶୈବପୀଠର ଚଉଷଠୀ ଯୋଗିନୀ ମନ୍ଦିର ପରିସରରେ ରହିଥିବା କଣ୍ଟାବାଞ୍ଜିର ରାଜୁ ନାଗ(୨୫), ଅଲେଖ ପୁଞ୍ଜି(୨୨) ଏବଂ ଝରିଆଲ ଗ୍ରାମର ସତ୍ୟ ଭୋଇ(୨୪) ଗୁରୁତର ଆହତ ହୋଇଛନ୍ତି। ଅନ୍ୟ ଭକ୍ତମାନେ ସେମାନଙ୍କୁ ଉଦ୍ଧାର କରି ଏକ ବୋଲବମ୍ ଗାଡିରେ ଆଣି କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସତ୍ୟଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଟିଟିଲାଗଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

### ମହିମାଙ୍କୁ ଉଧାର କଲା ସୁଆସ୍ତିଅ ବିଭାଗ୍

ଲାଠୋର,୧୯।୮(ଡି.ଏନ.ଏ.)– ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ କରୁଆଁଝର ପଁନ୍‌ଚେତର ସନଗୁର୍ଜିଭଟା ପାଲିପଡାରେ ମହିମା ଧରୁଆ ନାଁରେ ଝନେ ମାନ୍‌ସିକ୍ ରୋଗ୍‌ରେ ପୀଡ଼ିତ୍ ମହିଲା ଟଁକା ପଏସା ଅଭାବୁ ଚିକିତ୍ସା ନାଇଁ ହେଇପାରି ଘରେଥିଲେ। ଇ ବାବ୍‌ଦେ ଧରିତ୍ରୀ ସରମ୍ବଲପୁର ସଁସ୍‌କରନ୍‌ରେ ଗଲା ୧୮ ତାରିଖ୍ ‘ବେଡ଼ି ବଁଧା ଜୀବନ୍ ବିତଉଛନ୍ ମହିମା’ ଶୀର୍‌ଷକ୍‌ରେ ଖବର ବାହାରିଥିଲା। ଇ ଖବର ବାହାରଲା ଉତାରୁ ସୁଆସ୍‌ତିଅ ବିଭାଗ୍ ତର୍‌ଫୁ ତତ୍‌ପର୍‌ତା ପର୍‌କାଶ ପାଇଥିଲା। ବଲାଙ୍ଗୀର ଜିଲା ମୁଖିଆ ଚିକିତ୍ସା ଅଧିକାରୀ ଡା.ସୁଜ୍ଞାନେନ୍ଦ୍ର ମିଶ୍ର ଯେତେ ଜଲ୍‌ଦି ହେବା ମହିମାକୁଁ ଉଧାର କରି ଉଚ ଚିକିତ୍ସା ଲାଗି ବଲାଙ୍ଗୀର ପଠାବାକେ ଖପ୍ରାଖୋଲ ଏମଓ ଇନଚାର୍ଜକୁଁ ନିର୍‌ଦେଶ ଦେଇଥିଲେ। ଖପ୍ରାଖୋଲ ଏମଓ ଇନଚାର୍ଜ ସାନଗୁର୍ଜିଭଟାରୁ ମହିମାକୁଁ ଉଧାର କରି ଉଚ୍ ଚିକିତ୍ସା ଲାଗି ବଲାଙ୍ଗୀର ଡାକ୍‌ତରଖାନା ପଠେଇଥିବାର ଜନାଯାଇଛେ। ଇ ବାବ୍‌ଦେ ଖପ୍ରାଖୋଲ ସୁଆସ୍‌ତିଅ ଅଧିକାରୀ ଡା.ପ୍ରହଲ୍ଲାଦ ମେହେରକୁଁ ଯୋଗାଯୋଗ୍ କଲାରୁ ଆମେ ମହିଲାକୁଁ ଉଧାର କରି ବଲାଙ୍ଗୀର ପଠେଇଛୁଁ। ତାହାକୁ ବିଶେଷଜ୍ଞ ଡାକ୍‌ତରକଁର ଦୁଆରା ପରୀକ୍ଷା ନିରୀକ୍ଷା କଲା ଉତାରୁ ଚିକିତ୍ସା ସୁବିଧା ଯୁଗେଇ ଦିଆଯିବା ବଲି କହିଛନ୍।

## ବଲାଙ୍ଗୀର ସରକାରୀ ମେଡିକାଲ କଲେଜ ହସ୍ପିଟାଲ

# ଶଯ୍ୟା ଅଭାବ : ତଳେ ଚିକିତ୍ସିତ ହେଉଛନ୍ତି ରୋଗୀ

ବଲାଙ୍ଗୀର ଅଫିସ,୧୯।୮

ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଳୟ ଏବେ ସରକାରୀ ମେଡିକାଲ କଲେଜ ହସ୍ପିଟାଲ ଭାବେ ଉନ୍ନୀତ ହୋଇଛି। ଏପରି କି କଲେଜରେ ଚଳିତ ବର୍ଷ ନାମଲେଖା ଆରମ୍ଭ ହେବା ପରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମେଡିକାଲ କଲେଜ ଓ ହସ୍ପିଟାଲ ବଲାଙ୍ଗୀର ତଥା ଆଖପାଖ ଜିଲାରେ ନୂଆ ଆଶା ସଞ୍ଚାର କରିଛି। ଫଳରେ ଅଳ୍ପଦିନ ଭିତରେ ହସ୍ପିଟାଲରେ ରୋଗୀ ସଂଖ୍ୟା ଆଶାତୀତ ବୃଦ୍ଧି ପାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଗତ ଦେଢ଼ବର୍ଷ ଭିତରେ ଯୁଦ୍ଧକାଳୀନ ଭିତ୍ତିରେ ନୂତନ କୋଠା

- ଏମ୍‌ସିଏଚ୍, ମେଡିସିନ୍ ୱାର୍ଡରେ ରୋଗୀଙ୍କ ଭିଡ
- ରୋଗୀ ପରିଜନଙ୍କ ସଂଖ୍ୟା ବୃଦ୍ଧିରୁ ଅବସ୍ଥା ସାଂଘାତିକ
- ଚିକିତ୍ସା ସମୟରେ ଭିଡ ହେଉଛି ବାଧକ



ଜିଲା ମୁଖ୍ୟ ଚିକିତ୍ସାଳୟ ମେଡିସିନ୍ ୱାର୍ଡରେ ଶଯ୍ୟା ଅଭାବରୁ ରୋଗୀମାନେ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି।

ନିର୍ମାଣ କରାଯାଇ ବିଭିନ୍ନ ବିଭାଗର ୱାର୍ଡ ଖୋଲା ଯାଇଥିଲା। ଏହା ସହିତ ହସ୍ପିଟାଲ ପରିସରରେ ୭ ମହଲା କୋଠାରେ ୧୨୫ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ମାତୃ ଏବଂ ଶିଶୁ ହସ୍ପିଟାଲ ନିର୍ମାଣ କରାଯାଇଥିଲା। ତେବେ ଗତ କିଛି ମାସ ମଧ୍ୟରେ ହସ୍ପିଟାଲରେ ନାହିଁ ନ ଥିବା ରୋଗୀ ସଂଖ୍ୟା ବୃଦ୍ଧି ଘଟିଛି। ପ୍ରତିଦିନ ଏଠାକୁ ଜିଲା ତଥା ଜିଲାବାହାରୁ ହଜାର ହଜାର ରୋଗୀ ଆସୁଛନ୍ତି। ବଲାଙ୍ଗୀର, ସୋନପୁର, ବରଗଡ, କଳାହାଣ୍ଡି, ବୌଦ୍ଧ ଓ ନୂଆପଡ଼ା ଜିଲାରୁ ଏଠାକୁ ରୋଗୀ ଆସୁଥିବା ଦେଖାଯାଉଛି। ନୂଆ କୋଠା ତିଆରି କରାଯାଇ ବିଭିନ୍ନ ୱାର୍ଡ ଖୋଲା ଯାଇଥିଲେ ମଧ୍ୟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ଯୋଗୁ ଏବେ ପରିସ୍ଥିତି ସାଂଘାତିକ ହୋଇପଡିଛି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସୂଚନା ମୁତାବକ, ହସ୍ପିଟାଲରେ ବର୍ତ୍ତମାନ ୪୨୫ଟି ସ୍ୱୀକୃତିପ୍ରାପ୍ତ ଶଯ୍ୟା ରହିଛି। ହେଲେ ରୋଗୀ ସଂଖ୍ୟା ଆଶାତୀତ ବୃଦ୍ଧି ଯୋଗୁ ଶର୍ଯ୍ୟା ସଂଖ୍ୟା ବୃଦ୍ଧି କରାଯାଇ ବର୍ତ୍ତମାନ ୫୦୦ରୁ ଊର୍ଦ୍ଧ୍ୱ ଶଯ୍ୟା ରହିଛି। ଏତେ ସଂଖ୍ୟାରେ ଶଯ୍ୟା ଥିଲେ ମଧ୍ୟ ହସ୍ପିଟାଲରେ ଏବେ ରୋଗୀଙ୍କ ପାଇଁ ଶଯ୍ୟା କମ୍ ପଡିଯାଉଛି। ଶତାଧିକ ରୋଗୀ ବାରଣ୍ଡାରେ ବିନା ଗଦି, ବିନା ବେଡଶିଟ୍‌ରେ ତଳେ ରହି ଚିକିତ୍ସା ହେବାକୁ ବାଧ ହେଉଛନ୍ତି। ମହିଳା ଓ ପୁରୁଷ ମେଡିସିନ୍ ୱାର୍ଡ ଏବଂ ଏମ୍‌ସିଏଚ୍ କୋଠାର ବିଭିନ୍ନ ୱାର୍ଡରେ ଏବେ ରୋଗୀଙ୍କ ଭିଡ ପରିଲକ୍ଷିତ ହେଉଛି। ପ୍ରତିଦିନ ପ୍ରାୟ ୧ ହଜାରରୁ ୧୨ ଶହ ରୋଗୀ ହସ୍ପିଟାଲକୁ ଆସୁଥିବା ଜଣାପଡିଛି। ଗୋଟିଏ ପଟେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ହୋଇଥିବା ବେଳେ ହସ୍ପିଟାଲ ଭିତରକୁ ରୋଗୀ ପରିଜନଙ୍କ ଅବାଧ ପ୍ରବେଶ ଫଳରେ ଭିଡ ପରିଲକ୍ଷିତ ହେଉଛି। ଫଳରେ ରୋଗୀଙ୍କ ଚିକିତ୍ସା ମଧ୍ୟ ସୁଚାରୁରୂପେ ସମ୍ପାଦନା ହେବାରେ ବାଧା ସୃଷ୍ଟି ହେଉଥିବା ଜଣାପଡିଛି। ଭିଡ ରୋକିବା ଦିଗରେ ହସ୍ପିଟାଲ କର୍ତ୍ତୃପକ୍ଷ ବିଫଳ ହୋଇଛନ୍ତି। ସୁରକ୍ଷା କର୍ମୀମାନେ ରୋଗୀଙ୍କ ପରିଜନଙ୍କୁ ବାରଣ କରୁଥିଲେ ମଧ୍ୟ କେହି କାହାରି କଥା ଶୁଣିବା ଅବସ୍ଥାରେ ନାହାନ୍ତି। ଅନେକ ସମୟରେ କିଛି ରୋଗୀ ପରିଜନ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଉଚ୍ଚବାଚ ଭଳି ପରିସ୍ଥିତି ଦେଖାଦେଉଛି। ଏଭଳି ସ୍ଥିତିରେ ଡାକ୍ତର ମଧ୍ୟ ପ୍ରତିକୂଳ ପରିସ୍ଥିତିରେ ଚିକିତ୍ସା କରିବାକୁ ବାଧ ହେଉଛନ୍ତି। ଜନସଚେତନତା ଅଭାବରୁ ହସ୍ପିଟାଲରେ ନାହିଁ ନ ଥିବା ପରିସ୍ଥିତି ସୃଷ୍ଟି ହେଉଛି। ଶଯ୍ୟା ଅଭାବ ଓ ଭିଡ ବୃଦ୍ଧି ଏବେ ବଲାଙ୍ଗୀର ସରକାରୀ ମେଡିକାଲ କଲେଜର ନୂଆ ସମସ୍ୟା ଭାବେ ଉଭା ହୋଇଛି। ଏଭଳି ସମସ୍ୟାକୁ କିଭଳି ସମାଧାନ କରାଯାଇପାରିବ ତାହା ସବୁଠୁ ବଡ ପ୍ରଶ୍ନ ହୋଇଛି। ଏନେଇ ସିଡିଏମ୍‌ଓ ଡା. ସୁଜ୍ଞାନେନ୍ଦ୍ର ମିଶ୍ରଙ୍କୁ ପଚରାଯିବାରୁ ମେଡିସିନ୍ ଏବଂ ଏମ୍‌ସିଏଚ୍‌ରେ ଭିଡ ଅଧିକ ରହୁଛି। ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ଅନେକ ରୋଗୀ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି। ତେବେ ରୋଗୀଙ୍କ ଆଶାତୀତ ବୃଦ୍ଧି ସମସ୍ୟାକୁ କିଭଳି ସମାଧାନ କରାଯିବ ସେଦିଗରେ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଏହା ସହିତ ହସ୍ପିଟାଲ ଭିତରେ ଭିଡ ପରିଚାଳନା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ଭାଷା ସୁରକ୍ଷା ଲାଗି ସାଲିସ ନାଇଁହୁଏ

ଟିଟିଲାଗଡ଼,୧୯।୮ (ଡି.ଏନ୍.ଏ.)

କୋଶଲର ଭାଷା ସୁରକ୍ଷା ଲାଗି ଉଦିଅମ୍ କରିଆସୁଥିବାର କୋଶଲି ଭାଷା ସୁରକ୍ଷା ସମିତି ଟିଟିଲାଗଡ ତର୍‌ଫୁ ମା’ର ଭାଷା ଆମର୍ ଭାଷା ବାବ୍‌ଦେ ବିଚାର ମଞ୍ଚ କାଯ୍‌କରମ୍ ଅନୁଷ୍ଠିତ୍ ହେଇଯାଇଛେ। ଇଥିରେ ଜନାଶୁନା ନାଁକରା ଗବେଷକ୍ ଡ.ଦୋଳଗୋବିନ୍ଦ ବିଶି, ଭାଷା ଆଂଦୋଲନ୍‌ର ପୁରୋଧା ନାଁକରା ଗୀତ୍‌ବାଁଧୁ ଗଜାନନ ମିଶ୍ର, ସାକେତ ଶ୍ରୀଭୁଷଣ ସାହୁ, ବିନୟ ଦାସ, ସୁରଜିତ ମହାରଥୀ, କବି ଟିକେଲାଲ ବେହେରା, କୋଶଲ ସମନ୍ୱୟ ସମିତି ସଦସ୍ୟ ଦେବେନ୍ଦ୍ର ଜୈନ ପର୍‌ମୁଖ୍ ଠୋଲ୍ ହେଇ କୋଶଲ ଇତିହାସ ଉପ୍‌ରେ ଭାଷନ୍ ଦେଇଥିଲେ। କୋଶଲର ଭାଷା କୋଶଲି ଆଏ, କୋଶଲାଂଚଲର କେହେନ୍‌ସି ଜିଲାର ନାଁରେ ଭାଷାର ନାଁ ଇତିହାସକେ ବିକ୍‌ଲାଂଗ୍ କଲା ଲେଖେନ୍ ବଲି ଭାଷାବିତ୍ ମାନେ ନିଜର ନିଜର ମତ୍ ଦେଇଥିଲେ। କାଯ୍‌କରମ୍ ଆରମ୍‌ରେ ପୁର୍‌ବର ପ୍ରଧାନମନ୍ତ୍ରୀ ବାଜପେୟୀଙ୍କର ବିୟୋଗ୍‌ରେ ନୀରବ୍ ପାର୍‌ଥନା କରାଯାଇଥିଲା। ଭାଷା ସୁରକ୍ଷା ସମିତିର ସଭାପତି ଭିକାରି ଚରଣ ମିଶ୍ର କାଯ୍‌କରମ୍‌ରେ ଅଧକ୍ଷତା କରି ମା’ ମାଏଟ୍ ଆର୍ ମାତ୍‌ରୁଭାଷା ଆମର ଗଉରବ୍ ବଲି କହିଛନ୍। କାଯ୍‌କରମ୍ ପରିଚାଲ୍‌ନାରେ କୋଶଲି ଭାଷା ସାର୍‌ଥି ଚତୁର୍ଭୁଜ ସାଆନ୍ତ, ସେବକ ଚରଣ ଦାସ, ସଞ୍ଜୟ ଅଗସ୍ତି, ଆଲୋକ ନାୟକ, ଦିଲୀପ ପଶାୟତ, ଚିତରଞ୍ଜନ ଚାନ୍ଦ ପର୍‌ମୁଖ୍ ବହୁତ୍ ମାଏନ୍ତା ଲୋକ୍ ଠୋଲ୍ ହେଇଥିଲେ।

## ସରକାରଙ୍କ ଦୋମୁହାଁ ନୀତି

# ଚାଷୀ ମହଲରେ ଅସନ୍ତୋଷ

ଲୋଇସିଂହା,୧୯।୮ (ଡି.ଏନ.ଏ)

ଆସନ୍ତା ୨୦୨୨ ସୁଦ୍ଧା ଦେଶର ସମସ୍ତ ଚାଷୀଙ୍କ ଆୟ ଦିଗୁଣା ହେବ ବୋଲି କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଲକ୍ଷ୍ୟ ହାସଲ ନେଇ କୃଷି ବିଭାଗ ସମସ୍ତ ସଂସ୍ଥାକୁ ନିର୍ଦ୍ଦେଶନାମା ଜାରି କରିଛି। ହେଲେ ସରକାର ଗୋଟିଏ ପରେ ଗୋଟିଏ ପ୍ରକଳ୍ପକୁ ବନ୍ଦ କରୁଛନ୍ତି, ଅଥବା କେନ୍ଦ୍ରୀୟ ଅନୁଦାନ ହ୍ରାସ କରୁଛନ୍ତି। କୃଷି ଏବଂ କୃଷକଙ୍କ ପ୍ରତି ସରକାରଙ୍କ ଏଭଳି ଦୋମୁହାଁ ନୀତି ଯୋଗୁ ସ୍ଥାନୀୟ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଯୋଗ୍ୟ, ଓଡ଼ିଶାରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନାରେ ଚାଲିଥିବା ୭୬ କ୍ଲଷ୍ଟର ଅନ୍ତର୍ଗତ ପାଖାପାଖି ୧ ହଜାରରୁ ଊର୍ଦ୍ଧ୍ୱ ଗ୍ରାମରେ ରହିଥିବା ପ୍ରକଳ୍ପଗୁଡିକୁ ସରକାର ବନ୍ଦ କରି ଦେଇଛନ୍ତି। ଏହା ଡିପାର୍ଟମେଣ୍ଟ ଅଫ୍ ଲ୍ୟାଣ୍ଡ ରିସୋର୍ସେସ୍ ପତ୍ରାଙ୍କ ନଂ.ଜେଡ୍-୧୧୦୧୧/୩୨/୨୦୧୪-ପିପିସି, ତା.୨.୦୮.୨୦୧୮ ମାଧ୍ୟମରେ ଜଣାଇ ଦିଆଯାଇଛି। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନା ଅନ୍ତର୍ଭୁକ୍ତ ଜଳବିଭାଜିକା ପ୍ରକଳ୍ପଗୁଡିକ ମୃତ୍ତିକା ସଂରକ୍ଷଣ ବିଭାଗ ଏବଂ ଜଳବିଭାଜିକା ଉନ୍ନୟନ ପରିଷଦ ଦ୍ୱାରା ପରିଚାଳିତ ହୋଇଥାଏ। ଉକ୍ତ ପ୍ରକଳ୍ପଗୁଡିକ ପାଇଁ ଅନୁଦାନ ଅର୍ଥ ରାଜ୍ୟ ସରକାର ପାଇ ସାରିଥିବା ବେଳେ ଡିପିଆର(ଡିଟେଲଡ ପ୍ରୋଜେକ୍ଟ ରିପୋର୍ଟ) ମଧ୍ୟ ଶେଷ ହୋଇଥିବା ଜଣାପଡିଛି। ଏପରି କି ଉକ୍ତ ପ୍ରକଳ୍ପ ଅଧୀନ ଗ୍ରାମଗୁଡିକରେ କମିଟି ଗଠନ ପ୍ରକ୍ରିୟା ଶେଷ ହୋଇ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଏଭଳି ପରିସ୍ଥିତିରେ ଉକ୍ତ ଜଳବିଭାଜିକା ପ୍ରକଳ୍ପଗୁଡିକୁ କେମିତି ଆର୍ଥିକ ଅନୁଦାନ ବନ୍ଦ କରି ଦିଆଗଲା, ତାହା ବୁଝାପଡୁନାହିଁ। ଉପରୋକ୍ତ ପ୍ରକଳ୍ପଗୁଡିକ ବନ୍ଦ ହୋଇଯିବା ପରେ ପ୍ରକଳ୍ପ ଚାଲିଥିବା ଗାଁଗୁଡିକରେ ନୈରାଶ୍ୟ ଖେଳିଯାଇଛି। ଚିର ମରୁଡି ପ୍ରପୀଡିତ ବଲାଙ୍ଗୀର ଜିଲାରେ ମାତ୍ର ୩ ପ୍ରତିଶତ ଚାଷଜମିକୁ ଜଳସେଚନର ସୁବିଧା ରହିଥିବା ବେଳେ ଏହି ପ୍ରକଳ୍ପଗୁଡିକରୁ ଚାଷୀମାନେ ଅନେକ ଆଶା ବାନ୍ଧି ରଖିଥିଲେ। ଏପରି କି ଲୋଇସିଂହା ବ୍ଲକର ବୁର୍ଡା, ଯୋଗୀସର୍ଡା, ହୀରାପୁର, ରେଙ୍ଗାଲି ଓ ଗଡ଼ଶଙ୍କର, ଢୁଙ୍ଗୁରିପାଲି ପଞ୍ଚାୟତ ଅଧୀନ ୨୬ଟି ଗ୍ରାମର ଚାଷୀ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଲାଭାନ୍ୱିତ ହୋଇପାରିବେ ବୋଲି ଆଶା ବାନ୍ଧିଥିଲେ। ଏଥିସହିତ ଚାଷୀମାନେ ନିଜ ନିଜ ଜମିରେ ଚହଲା, ପୋଖରୀ, ଜଳ ଅମଳ ପ୍ରକଳ୍ପ ଖୋଲିବା ସହିତ ଚାଷକାମରୁ ଅନେକ ଲାଭବାନ ହେବା ପାଇଁ ଯୋଜନା କରୁଥିବା ବେଳେ ଅଚାନକ ପ୍ରକଳ୍ପଗୁଡିକ ବନ୍ଦ ହୋଇଯିବା ଖବର ପାଇ ଚାଷୀମାନେ ଭାଙ୍ଗି ପଡିଛନ୍ତି। ଏପରି କି ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନାରେ କାର୍ଯ୍ୟ କରୁଥିବା ୫ ଶହରୁ ଅଧିକ ଠିକା କର୍ମଚାରୀ କର୍ମସଂସ୍ଥାନ ହରାଇ ଥିବା ବେଳେ ସେମାନଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। ମରୁଡିର ପ୍ରତିକାର ସକାଶେ ଜଳବିଭାଜିକା ପ୍ରକଳ୍ପର ନିହାତି ଆବଶ୍ୟକତା ରହିଛି। ଏହାଦ୍ୱାରା ଛୋଟବଡ ସମସ୍ତ ଚାଷୀ ଉପକୃତ ହୋଇଥାନ୍ତି। ଚାଷୀଙ୍କ ସ୍ୱାର୍ଥ ପାଇଁ ଚାଲିଥିବା ପ୍ରକଳ୍ପଗୁଡିକୁ ଯଦି ସରକାର ବନ୍ଦ କରିଦେବେ ଅଥବା ଅନୁଦାନ ହ୍ରାସ କରିବେ ତେବେ ଚାଷୀଙ୍କ ଆୟ ଦିଗୁଣା ହେବ କେମିତି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

## ଚାଷୀଙ୍କ ଉନ୍ନତି ପାଇଁ ପରାମର୍ଶଦାତା ବୈଠକ

ଦେଓଗାଁ ୧୯।୮ (ଡି.ଏନ୍.ଏ.)

ଗୁଡଭେଲା ବ୍ଲକ ତୁଷୁରା ରିହାଇ ଅନୁଷ୍ଠାନ ଆନୁକୁଲ୍ୟରେ ଚାଷୀମାନଙ୍କ ଉନ୍ନତି ପାଇଁ ରବିବାର ଦେଓଗାଁ ଟାଙ୍ଗରପଡ଼ାରେ ୪ଟି ବ୍ଲକର ପରାମର୍ଶଦାତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂସ୍ଥା ନିର୍ଦ୍ଦେଶକ ରୁନୁଗୋପାଳ ସାହୁଙ୍କ ଅଧ୍ୟକ୍ଷତାରେ କଲ୍ୟାଣ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଚାଷୀଙ୍କ ସାମଗ୍ରୀକ ବିକାଶ ଦିଗରେ ସମସ୍ତେ ସହଯୋଗର ହାତ ବଢ଼ାଇବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ନାବାର୍ଡ ବ୍ୟାଙ୍କ ସହାୟତାରେ ରିହାଇ ଅନୁଷ୍ଠାନ ଦ୍ୱାରା ପରିଚାଳିତ କୃଷକ ଉତ୍ପାଦକ କମ୍ପାନୀମାନ ଗଠନ ହୋଇଛି। ଏହି ଅନୁଷ୍ଠାନ ଅଧୀନରେ ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ଦେଓଗାଁ ବ୍ଲକର ସହଯୋଗୀ କୃଷକ ଉତ୍ପାଦକ ସମିତି, ଗୁଡଭେଲା ବ୍ଲକର ତୋଷାଳୀ ଉତ୍ପାଦକ ସମିତି, ବଲାଙ୍ଗୀର ବ୍ଲକର ସାମୁହିକ ବିକାଶ କୃଷକ ଉତ୍ପାଦକ ସମିତି ଓ ବିକାଶ ମୁଖୀ କୃଷକ ଉତ୍ପାଦକ କମ୍ପାନୀ ଆଦି ୪ଟି କୃଷକ ଉତ୍ପାଦକ ସମିତି ଗଠିତ ହୋଇଛି। ଚାଷୀମାନଙ୍କୁ ସେଚ୍ଛାସେବକ ଭାବେ ସଂଗଠିତ କରି ଚାଷୀଙ୍କ ଉନ୍ନତି, ଲକ୍ଷ୍ୟ, ଉଦ୍ଦେଶ୍ୟ ଓ କାର୍ଯ୍ୟଶୈଳୀ ସମ୍ବନ୍ଧରେ ବୈଠକରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଏହି ପ୍ରଡ୍ୟୁସର କମ୍ପାନୀ ଦ୍ୱାରା ଚାଷୀ କିପରି ଲାଭବାନ ହୋଇପବାରିବେ ସେ ନେଇ ଆଲୋଚନା କରାଯାଇଥିଲା। ଚାଷୀଙ୍କୁ ରିହାତି ଦରରେ ବିହନ, କୀଟନାଶକ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ବଲାଙ୍ଗୀର, ଦେଓଗାଁ, ଗୁଡଭେଲା ଏବଂ ସଇଁନ୍ତଲା ବ୍ଲକର ୪୦ ଜଣ ପରାମର୍ଶଦାତା ଉପସ୍ଥିତ ଥିଲେ।

## ବିବିଧତାକୁ ଗ୍ରହଣ କଲେ ସମାଜରେ ସମନ୍ୱୟ ପ୍ରତିଷ୍ଠା ହେବ

ବଲାଙ୍ଗୀର ଅଫିସ,୧୯।୮–

ସମାଜ ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟରେ ବିଭାଜନ ହୋଇଯାଉଛି । ତେବେ ଆମ ସମାଜର ବୈଶିଷ୍ଟ୍ୟ ବିବିଧତା ଉପରେ ପର୍ଯ୍ୟବସିତ। ସାମାଜିକ ଓ ସାଂସ୍କୃତିକ ବିବିଧତାକୁ ଉଦାରତାର ସହ ଗ୍ରହଣ କଲେ ସମାଜରେ ସମନ୍ୱୟ ପ୍ରତିଷ୍ଠା ହେବ ଓ ବୃଦ୍ଧି ପାଉଥିବା ଅରାଜକତା ଦୂର ହୋଇପାରିବ ବୋଲି ମୁଖ୍ୟ ଆଲୋଚକ ବିଶିଷ୍ଟ ସ୍ତମ୍ଭକାର ତଥା ପ୍ରାକ୍ତନ ଆୟକର କମିଶନର ଶ୍ରୀକାନ୍ତ ଚାଟାର୍ଜୀ ସ୍ୱାଧୀନତା ସଂଗ୍ରାମୀ, ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ତଥା ବିଶିଷ୍ଟ ଶିକ୍ଷା ସଂଗଠନ ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ୧୦୫ତମ ଜୟନ୍ତୀ ଅବସରରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ସ୍ମାରକୀ ବକ୍ତୃତାରେ ମତବ୍ୟକ୍ତ କରିଛନ୍ତି।

ଯୁଧିଷ୍ଠିର ମିଶ୍ର ସ୍ମୃତି ସମିତି ପକ୍ଷରୁ ଆୟୋଜିତ ସ୍ମାରକୀ ବକ୍ତୃତାରେ ପ୍ରଫେସର ମଧୁସୂଦନ ପତି ଅଧ୍ୟକ୍ଷତା କରିଥିଲେ। ସଭାରେ ବିଶିଷ୍ଟ ସମାଜସେବୀ ଭାଗବତ ପ୍ରସାଦ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ମିଶ୍ରଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ସଭାପତି ପ୍ରଫେସର ପତି ମୁଖ୍ୟ ଆଲୋଚକ ଏବଂ ସମ୍ମାନିତ ଅତିଥିଙ୍କୁ ଉପାୟନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସ୍ମାରକୀ ବକ୍ତୃତା ବିଷୟ ସାମ୍ପ୍ରତିକ ଅରାଜକତା ପରିପ୍ରେକ୍ଷୀରେ ସମନ୍ୱୟର ଅନ୍ୱେଷଣ ଶୀର୍ଷକରେ ମୁଖ୍ୟ ଆଲୋଚକ ଚାଟାର୍ଜୀ ବକ୍ତବ୍ୟ ରଖି ସାମ୍ପ୍ରତିକ ସମାଜର ବିଚାରଗତ, ନୀତିଗତ ଓ ଆଚାରଗତ ଅବକ୍ଷୟ ଉପରେ ଆଲୋଚନା କରିଥିଲେ। ଆମ ସମାଜ ଆଇନକୁ ଭଙ୍ଗ କରିବାକୁ ପ୍ରବର୍ତ୍ତାଉଛି ଓ ଦୁର୍ନୀତିକୁ ସାମାଜିକ ସ୍ୱୀକୃତି ମିଳୁଥିବାରୁ ଦୁର୍ନୀତି ଓ ଲାଞ୍ଚ କାରବାର ବଢୁଛି ବୋଲି ସେ କହିଥିଲେ। ଏଥିରୁ ହିଁ ସମାଜରେ ଅରାଜକତା ବଢୁଛି ବୋଲି କହିଥିଲେ । ଶିକ୍ଷାର ଅଧୋପତନକୁ ଆମେ ରୋକିପାରିଲେ ଏହାର ସମାଧାନ ବାହାରିବ। ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ଭଳି ମହାପୁରୁଷଙ୍କ ଜୀବନୀ ଓ କର୍ମ ଆମକୁ ଏଦିଗରେ ପ୍ରେରଣା ପ୍ରଦାନ କରିବେ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ନନ୍ଦ ସ୍ୱର୍ଗତ ମିଶ୍ରଙ୍କ ଗୁଣାବଳୀ, ନିଷ୍ଠା ଓ ମହତପଣିଆ ବର୍ଣ୍ଣନା କରି ସମ୍ବିଧାନ ସଭାରେ ଆଦିବାସୀଙ୍କ ସୁରକ୍ଷା କଥା ପ୍ରଥମେ ଉଠାଇଥିଲେ ବୋଲି ସୂଚନା ଦେଇଥିଲେ। ଭାଷଣରେ ପ୍ରଫେସର ପତି ନିଜର ସାଧୁତା ରକ୍ଷା କରିପାରିଲେ ତାହା ଆମ ସମାଜକୁ ସବୁଠୁ ବଡ ଅବଦାନ ହେବ ବୋଲି କହିଥିଲେ । ସଭାରେ ବୀରେନ୍ଦ୍ର ଝାଙ୍କର ସ୍ୱାଗତ ବକ୍ତବ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭା ଶେଷରେ ସତ୍ୟ ସୁନ୍ଦର ଭଞ୍ଜ ଧନ୍ୟବାଦ ଜ୍ଞାପନ କରିଥିଲେ। ସଭାରେ ସହରର ବହୁ ବୁଦ୍ଧିଜୀବୀ, ରାଜନେତା ଏବଂ ବିଭିନ୍ନ ସାମାଜିକ, ସାଂସ୍କୃତିକ ସଂଗଠନର ସଦସ୍ୟ ଯୋଗଦାନ କରିଥିଲେ।




ଯୁଧିଷ୍ଠିର ମିଶ୍ର ସ୍ମାରକୀ ବକ୍ତୃତାରେ ମଞ୍ଚାସୀନ ଅତିଥି।

## ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା

# ପାଟଣାଗଡ଼ ଶୀର୍ଷକ ଚଳଚ୍ଚିତ୍ର ନିର୍ମାଣକୁ ବିରୋଧ

ପାଟଣାଗଡ଼,୧୯।୮ (ଡି.ଏନ.ଏ)

ବଲାଙ୍ଗୀର ଜିଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା ପୁଣି ଥରେ ଚର୍ଚ୍ଚାକୁ ଆସିଛି । ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ପାଟଣାଗଡ଼ ଶୀର୍ଷକରେ ଚଳଚ୍ଚିତ୍ର ନିର୍ମାଣ ଚାଲିଥିବାରୁ ଏହାକୁ ବିରୋଧ କରି ପାର୍ସଲ ବୋମା ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ସୌମ୍ୟଶେଖର ସାହୁଙ୍କ ବାପା ଅଧ୍ୟାପକ ରବୀନ୍ଦ୍ର ସାହୁ, ମା’ ସଞ୍ଜୁକ୍ତା ସାହୁ ଏବଂ ତାଙ୍କ ଓକିଲ ଆଶିଷ କୁମାର ଚନ୍ଦନ ରବିବାର ଏକ ଖବରଦାତା ସମ୍ମିଳନୀ କରି ଥାନାରେ କରିଥିବା ଅଭିଯୋଗ ସମ୍ପର୍କରେ ସୂଚନା ଦେଇଛନ୍ତି। ବିସ୍ଫୋରଣ ଘଟଣାର

### ଥାନାରେ ଅଭିଯୋଗ

ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେର ଏବେ ପାଟଣାଗଡ଼ ଜେଲରେ ଅଛନ୍ତି। ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ବର୍ତ୍ତମାନ ସୁଦ୍ଧା ଚାର୍ଜଶିଟ ଦାଖଲ କରିନାହିଁ। ଏଭଳି ସ୍ଥିତିରେ ପାଟଣାଗଡ଼ ଶୀର୍ଷକରେ ଚଳଚ୍ଚିତ୍ର ନିର୍ମାଣ, ଏହାର ପୋଷ୍ଟର ଏବଂ ଭିଡିଓ କ୍ଲିପରେ ସତ୍ୟ ଘଟଣା ଉପରେ ଆଧାରିତ ଲେଖାଯାଇ ଏକ ମନୋରଞ୍ଜନଧର୍ମୀ ଚଳଚ୍ଚିତ୍ର ନିର୍ମାଣ କରାଯିବା ନିଶ୍ଚିତ ଭାବେ ନିନ୍ଦନୀୟ ବୋଲି ଅଧ୍ୟାପକ ସାହୁ ଓ ସଞ୍ଜୁକ୍ତା ସାହୁ କହିଛନ୍ତି। ବର୍ତ୍ତମାନ ବିସ୍ଫୋରଣ ଘଟଣା ତଦନ୍ତ ପରିସରଭୁକ୍ତ ଥିବାବେଳେ ଏହାକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେମାନେ କହିଛନ୍ତି। ମାମଲା ଫଇସଲା ହେବା ଆଗରୁ ଏହି ଚଳଚ୍ଚିତ୍ର ପ୍ରଦର୍ଶିତ ହେଲେ ଏହା ତଦନ୍ତକୁ ଦିଗହରା କରିପାରେ ବୋଲି ସେମାନେ ସନ୍ଦେହ କରିଛନ୍ତି। ଘଟଣାର ମୁଖ୍ୟ ଅଭିଯୁକ୍ତ ଭଳି ଜଣେ ଅମାନୁଷିକ, ବର୍ବର, ଘୃଣ୍ୟ ଚରିତ୍ରକୁ ଚଳଚ୍ଚିତ୍ରର ନାୟକ କରାଯାଇଥିବାରୁ ପରିବାର ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ଏହା ସମାଜ ଉପରେ କୁପ୍ରଭାବ ପକାଇବ ବୋଲି ଅଭିଯୋଗ କରିଛନ୍ତି। ଏହି ଚଳଚ୍ଚିତ୍ରରେ ତାଙ୍କର ପରିବାରର ସଦସ୍ୟଙ୍କ ଚରିତ୍ରକୁ କିଭଳି ଚିତ୍ରଣ କରାଯାଇଛି ତାହା ସନ୍ଦେହ ସୃଷ୍ଟି କରିଛି ବୋଲି ସେମାନେ କହିଛନ୍ତି। ଚଳଚ୍ଚିତ୍ର ନିର୍ମାତା ଏବଂ ଉପଦେଷ୍ଟା ଗଣମାଧ୍ୟମ ସାମ୍ନାରେ ଏହାର ପ୍ରତିବାଦକୁ ହାସ୍ୟାସ୍ପଦ ଏବଂ ଲଜ୍ଜାଜନକ ଭଳି ଶବ୍ଦ ବ୍ୟବହାର କରି ସାକ୍ଷାତ୍କାର ଦେଇଛନ୍ତି। ତାହା ତାଙ୍କୁ ଅପମାନିତ କରିବା ସହ ମାନସିକସ୍ତରରେ ମର୍ମାହତ ଏବଂ ଦୁର୍ବଳ କରିଛି ବୋଲି ସେମାନେ କହିଛନ୍ତି। ଏସବୁ ଘଟଣାକୁ ନେଇ ପାଟଣାଗଡ଼ ଥାନାରେ ସୌମ୍ୟଶେଖରଙ୍କ ମା’ ସଞ୍ଜୁକ୍ତା ସାହୁ ପାଟଣାଗଡ଼ ଶୀର୍ଷକ ଚଳଚ୍ଚିତ୍ରର ପ୍ରଯୋଜକ, ନିର୍ଦ୍ଦେଶକ ଶ୍ରୀଧର ମାର୍ଥା ଏବଂ ଦିଲୀପ ହାଲିଙ୍କ ବିରୋଧରେ ଲିଖିତ ଅଭିଯୋଗ ଦାଖଲ କରିଥିବା ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଏହାକୁ ନେଇ ସେମାନେ ଅଦାଲତର ଆଶ୍ରୟ ନେବେ ବୋଲି ସୂଚନା ଦେଇଛନ୍ତି।



ପାଟଣାଗଡର ରବୀନ୍ଦ୍ର ସାହୁଙ୍କ ପରିବାର ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରୁଛନ୍ତି।



ଚାଷୀ ମୂଲିଆଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବା ଅର୍ଥ ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବା ସଙ୍ଗେ ସମାନ।
- ଭଗବତୀ ଚରଣ ପାଣିଗ୍ରାହୀ



## ସଂକ୍ଷେପରେ

### ବଡଗାଁ ପଞ୍ଚାୟତ ଗ୍ରାମସଭା: ଏନ୍ଆରସି ଯାଞ୍ଚ ପାଇଁ ଗ୍ରାମବାସୀଙ୍କ ଦାବି

ବଡଗାଁ,୧୯।୮(ଡି.ଏନ.ଏ.)- ଆସାମ ଓ ପଶ୍ଚିମବଙ୍ଗରେ ବାଙ୍ଗଲାଦେଶୀଙ୍କ ଅନୁପ୍ରବେଶ ଜଣା ପଡିବା ପରେ ଜାତୀୟ ରେଜିଷ୍ଟ୍ରେଡ୍ ନାଗରିକ ଯାଞ୍ଚ ଆରମ୍ଭ ହୋଇଛି। କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ରିଜିନ୍ୟୁ ସମଗ୍ର ଦେଶରେ ଅନୁପ୍ରବେଶକାରୀ ରହିଥିବା ସ୍ପଷ୍ଟ କଲା ପରେ ଦେଶର ବିଭିନ୍ନ ପ୍ରାନ୍ତରେ ଏହାକୁ ନେଇ ସ୍ୱର ଉଠୁଛି । ଏ ନେଇ ସୁନ୍ଦରଗଡ ଜିଲା ବଡଗାଁ ପଞ୍ଚାୟତରେ ଅଗଷ୍ଟ ୧୫ତାରିଖରେ ହୋଇଥିବାସ୍ୱତନ୍ତ୍ର ଗ୍ରାମସଭାରେ ଏନଆରସି ଯାଞ୍ଚ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ। ପ୍ରକାଶ ଯେ, କିଛି ବର୍ଷ ହେଲା ବଡଗାଁ ପଞ୍ଚାୟତ ଅଞ୍ଚଳକୁ ରାଜ୍ୟ ବାହାର ଓ ଅନେକ ଅଜଣା ସଂଖ୍ୟା ଲଘୁ ସମ୍ପ୍ରଦାୟର ବଙ୍ଗଳା ବ୍ୟକ୍ତି ଆସି ରହୁଛନ୍ତି । ଏମାନେ ପଶ୍ଚିମବଙ୍ଗ ନା ବଙ୍ଗଳାଦେଶର ବୋଲି ସ୍ପଷ୍ଟ ଜଣାପଡୁ ନ ଥିଲେ ମଧ ବଙ୍ଗଳାଦେଶୀ ହୋଇଥିବା ସନ୍ଦେହ କରାଯାଉଛି । ଏହି ଅଜଣା ବ୍ୟକ୍ତିମାନେ ଏଠାରେ ଭୋଟର ପରିଚୟ ପତ୍ର, ଅଧାର କାର୍ଡ ଓ ରାସନକାର୍ଡ କରିବାରେ ସଫଳ ହୋଇଥିଲା ବେଳେ ଏହାକୁ ଦେଖାଇ ଜମି କିଣିବା ଓ ୪ ଡିସିମିଲ ଜମି ପାଇବାକୁ ଆବେଦନ କରୁଥିବା ଅଭିଯୋଗ ହୋଇଛି । ଏ ନେଇ ଗ୍ରାମସଭାରେ ପ୍ରସ୍ତାବ ଗୃହିତ କରାଯାଇଛି। ଏହା ଉପରେ ପଞ୍ଚାୟତବାସୀ ସଭା କରି ଏନଆରସି ଯାଞ୍ଚ କରିବାକୁ ରାଜ୍ୟପାଳ, ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଅବଗତି ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଅଜଣା ବ୍ୟକ୍ତିମାନେ ଏଠାରେ ବର୍ଷ ବର୍ଷ ଧରି ରହି ଆସୁଥିଲେ ମଧ ସେମାନେ କିଏ ଓ କେଉଁ ରାଜ୍ୟର ଏ ନେଇ ପୋଲିସ ପାଖରେ କୌଣସି ଠିକଣା ନାହିଁ । ଫଳରେ ଏମାନେ କୌଣସି ଅପରାଧ ଘଟାଇ ଚାଲି ଗଲେ ଧରିବା ଅତ୍ୟନ୍ତ କଷ୍ଟକର ।

ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା

# ପାଟଣାଗଡ଼ ଶୀର୍ଷକ ଚଳଚ୍ଚିତ୍ର ନିର୍ମାଣକୁ ବିରୋଧ

ପାଟଣାଗଡ଼,୧୯।୮ (ଡି.ଏନ.ଏ)

ବଲାଙ୍ଗୀର ଜିଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା ପୁଣି ଥରେ ଚର୍ଚ୍ଚାକୁ ଆସିଛି । ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ପାଟଣାଗଡ଼ ଶୀର୍ଷକରେ

**ଥାନାରେ ଅଭିଯୋଗ**

ଚଳଚ୍ଚିତ୍ର ନିର୍ମାଣ ଚାଲିଥିବାରୁ ଏହାକୁ ବିରୋଧ କରି ପାର୍ସଲ ବୋମା ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ସୌମ୍ୟଶେଖର ସାହୁଙ୍କ ବାପା ଅଧ୍ୟାପକ ରବୀନ୍ଦ୍ର ସାହୁ, ମା’ ସଞ୍ଜୁକ୍ତା ସାହୁ ଏବଂ ତାଙ୍କ ଓକିଲ ଆଶିଷ କୁମାର ଚନ୍ଦନ ରବିବାର ଏକ ଖବରଦାତା ସମ୍ମିଳନୀ କରି



ପାଟଣାଗଡର ରବୀନ୍ଦ୍ର ସାହୁଙ୍କ ପରିବାର ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରୁଛନ୍ତି ।

ଥାନାରେ କରିଥିବା ଅଭିଯୋଗ ସମ୍ପର୍କରେ ସୂଚନା ଦେଇଛନ୍ତି । ବିସ୍ଫୋରଣ ଘଟଣାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେର ଏବେ ପାଟଣାଗଡ଼ ଜେଲରେ ଅଛନ୍ତି। ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ବର୍ତ୍ତମାନ ସୁଦ୍ଧା ଚାର୍ଜଶିଟ ଦାଖଲ କରିନାହିଁ। ଏଭଳି ସ୍ଥିତିରେ ପାଟଣାଗଡ଼ ଶୀର୍ଷକରେ ଚଳଚ୍ଚିତ୍ର ନିର୍ମାଣ, ଏହାର ପୋଷ୍ଟର ଏବଂ ଭିଡିଓ କ୍ଲିପରେ ସତ୍ୟ ଘଟଣା ଉପରେ ଆଧାରିତ ଲେଖାଯାଇ ଏକ ମନୋରଞ୍ଜନଧର୍ମୀ ଚଳଚ୍ଚିତ୍ର ନିର୍ମାଣ କରାଯିବା ନିଶ୍ଚିତ ଭାବେ ନିନ୍ଦନୀୟ ବୋଲି ଅଧ୍ୟାପକ ସାହୁ ଓ ସଞ୍ଜୁକ୍ତା ସାହୁ କହିଛନ୍ତି। ବର୍ତ୍ତମାନ ବିସ୍ଫୋରଣ ଘଟଣା ତଦନ୍ତ ପରିସରଭୁକ୍ତ ଥିବାବେଳେ ଏହାକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେମାନେ କହିଛନ୍ତି। ମାମଲା ଫଇସଲା ହେବା ଆଗରୁ ଏହି ଚଳଚ୍ଚିତ୍ର ପ୍ରଦର୍ଶିତ ହେଲେ ଏହା ତଦନ୍ତକୁ ଦିଗହରା କରିପାରେ ବୋଲି ସେମାନେ ସନ୍ଦେହ କରିଛନ୍ତି। ଘଟଣାର ମୁଖ୍ୟ ଅଭିଯୁକ୍ତ ଭଳି ଜଣେ ଅମାନୁଷିକ, ବର୍ବର, ଘୃଣ୍ୟ ଚରିତ୍ରକୁ ଚଳଚ୍ଚିତ୍ରର ନାୟକ କରାଯାଇଥିବାରୁ ପରିବାର ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି । ଏହା ସମାଜ ଉପରେ କୁପ୍ରଭାବ ପକାଇବ ବୋଲି ଅଭିଯୋଗ କରିଛନ୍ତି। ଏହି ଚଳଚ୍ଚିତ୍ରରେ ତାଙ୍କର ପରିବାରର ସଦସ୍ୟଙ୍କ ଚରିତ୍ରକୁ କିଭଳି ଚିତ୍ରଣ କରାଯାଇଛି ତାହା ସନ୍ଦେହ ସୃଷ୍ଟି କରିଛି ବୋଲି ସେମାନେ କହିଛନ୍ତି। ଚଳଚ୍ଚିତ୍ର ନିର୍ମାତା ଏବଂ ଉପଦେଷ୍ଟା ଗଣମାଧ୍ୟମ ସାମ୍ନାରେ ଏହାର ପ୍ରତିବାଦକୁ ହାସ୍ୟାସ୍ପଦ ଏବଂ ଲଜ୍ଜାଜନକ ଭଳି ଶବ୍ଦ ବ୍ୟବହାର କରି ସାକ୍ଷାତ୍କାର ଦେଇଛନ୍ତି। ତାହା ତାଙ୍କୁ ଅପମାନିତ କରିବା ସହ ମାନସିକସ୍ତରରେ ମର୍ମାହତ ଏବଂ ଦୁର୍ବଳ କରିଛି ବୋଲି ସେମାନେ କହିଛନ୍ତି। ଏସବୁ ଘଟଣାକୁ ନେଇ ପାଟଣାଗଡ଼ ଥାନାରେ ସୌମ୍ୟଶେଖରଙ୍କ ମା’ ସଞ୍ଜୁକ୍ତା ସାହୁ ପାଟଣାଗଡ଼ ଶୀର୍ଷକ ଚଳଚ୍ଚିତ୍ରର ପ୍ରଯୋଜକ, ନିର୍ଦ୍ଦେଶକ ଶ୍ରୀଧର ମାର୍ଥା ଏବଂ ଦିଲୀପ ହାଲିଙ୍କ ବିରୋଧରେ ଲିଖିତ ଅଭିଯୋଗ ଦାଖଲ କରିଥିବା ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଏହାକୁ ନେଇ ସେମାନେ ଅଦାଲତର ଆଶ୍ରୟ ନେବେ ବୋଲି ସୂଚନା ଦେଇଛନ୍ତି ।

### ବଡଗାଁ ଅନୁଶୀଳନ ବ୍ରାହ୍ମଣ ସମାଜର ବୈଠକ

ବଡଗାଁ,୧୯।୮(ଡି.ଏନ.ଏ.)

ବଡଗାଁରେ ଅନୁଶୀଳନ ବ୍ରାହ୍ମଣ ସମାଜର ବୈଠକ ରବିବାର ବସ୍ତିସ୍ଥିତ ଦେବ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସମାଜର ସଭାପତି ଉପାଧ୍ୟାୟ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ହୋଇଥିଲା ଏହି ବୈଠକ । ଏହି ଅବସରରେ ବଡଗାଁର ବିରଞ୍ଚି ପୁରୋହିତ ଓ ଫକୀର ପାଣିଗ୍ରାହୀଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ କାମନା କରାଯାଇଥିଲା। ସମାଜର ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ ଗତ ସଭାର ବିବରଣୀ ପାଠ କରିଥିଲେ। ସମାଜର ଉପ ସଭାପତି ରଘୁନାଥ ନାୟକ, ସହସମ୍ପାଦକ ସୁଧିର ବିଶି, କୋଷାଧ୍ୟକ୍ଷ ସୁଧିଶ ନାୟକଙ୍କ ସହିତ ଧ୍ରୁବ ପଣ୍ଡା, ବିରଞ୍ଚି ପଣ୍ଡା, ପ୍ରଫୁଲ ବିଶି, ପ୍ରଫୁଲ ମାଝୀ, ନିତ୍ୟାନନ୍ଦ ମିଶ୍ର, ନରୋତ୍ତମ ବିଶି, ପ୍ରଫୁଲ ମିଶ୍ର, ପ୍ରତାପ ମହାପାତ୍ର, ସ୍ୱପ୍ନେଶ୍ୱର ନାୟକ, ଅର୍ଜୁନ ନାୟକ, ବିଘ୍ନରାଜ ପଣ୍ଡା, ଗଣେଷରାମ ସିଂ ଠାକୁର, ବିଶ୍ୱମ୍ଭର ବିଶି, କିଶୋର ବିଶି, ଗୋକୁଳାନନ୍ଦ ମାଝି, ଭଗବାନ ବିଶି ପ୍ରମୁଖ ବ୍ୟକ୍ତିମାନେ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ ।

## ସାନଭାଇ ଆକ୍ରମଣରେ ବଡଭାଇ ଗୁରୁତର

ସୁନ୍ଦରଗଡ,୧୯।୮(ଡି.ଏନ୍.ଏ.)

ପାରିବାରିକ କଳହକୁ କେନ୍ଦ୍ର କରି ରବିବାର ସୁନ୍ଦରଗଡ଼ ଟାଉନଥାନା ଅନ୍ତର୍ଗତ ଭବାନୀପୁର ଗ୍ରାମରେ ୨ସାନ ଭାଇଙ୍କ ଆକ୍ରମଣରେ ବଡଭାଇ ଗୁରୁତର ଆହତ ହୋଇଛନ୍ତି। ଏ ନେଇ ବଡଭାଇ ସୁରେଶ ଟେଟେ(୨୯)ଙ୍କ ଅଭିଯୋଗ କ୍ରମେ ଟାଉନଥାନାରେ କେଶ ନଂ୧୬୩/୧୮ରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୁରେଶଙ୍କ ଅଭିଯୋଗ ଅନୁଯାୟୀ ପାରିବାରିକ କଳହକୁ କେନ୍ଦ୍ର କରି ତାଙ୍କ ୨ସାନ ଭାଇ ବିନୋଦ ଓ ସୁରେନ୍ଦ୍ର ତାଙ୍କୁ କାଠଫାଳିଆରେ ଆକ୍ରମଣ କରିଥିଲେ। ଏଥିରେ ସେ ଅଳ୍ପକେ ବର୍ତ୍ତିଯାଇ ସୁନ୍ଦରଗଡ ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ୨ଭାଇଙ୍କ ବିରୋଧରେ ଥାନାରେ ଏତଲା ଦେଇଛନ୍ତି । ଅଭିଯୁକ୍ତ ୨ଭାଇ ଫେରାର ଥିବା ପୋଲିସ କହିଛି ।



ଜଣେ ବିଜେତାଙ୍କୁ ପୁରସ୍କୃତ କରାଯାଉଛି।

## ଯମୁନା ମୋଟର୍ସ ପକ୍ଷରୁ ଲକି ଡ୍ର’

ସୁନ୍ଦରଗଡ,୧୯।୮(ଡି.ଏନ୍.ଏ.)

ହିରୋ ବାଇକର ଅଧିକୃତ ବିକ୍ରେତା ଯମୁନା ମୋଟର୍ସ ହିରୋ ସୋ ରୁମ୍ ପକ୍ଷରୁ ଗ୍ରାହକଙ୍କ ପାଇଁ ଏକ ଲକି ଡ୍ର’ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଆଡଭୋକେଟ ପ୍ରମୋଦ ମିଶ୍ର, ଯମୁନା ମୋଟର୍ସ ହିରୋ ସୋ ରୁମର ମୁଖ୍ୟ ରାମଚନ୍ଦ୍ର ସ, ଅଧିକାରୀ ସୁବ୍ରତ ଦାସଙ୍କ ଉପସ୍ଥିତିରେ ଏହି ଲକି ଡ୍ର’ କୁପନ ଉଠାଣ ହୋଇଥିଲା । ଏହି ଉଠାଣରେ ପ୍ରଥମ ପୁରସ୍କାର ସ୍ୱରୂପ ଗ୍ରାହକ ପୂର୍ଣ୍ଣଚନ୍ଦ୍ର ବାଗଙ୍କୁ ୫ଗ୍ରାମ୍ ସୁନା, ଦ୍ୱିତୀୟ ପୁରସ୍କାର କୌଶିକ ପ୍ରଧାନଙ୍କୁ ଏଲଇଡି ଟିଭି, ତୃତୀୟ ପୁରସ୍କାର ସୁଶାନ୍ତ ରଣାଙ୍କୁ ରେଫ୍ରିଜରେଟର, ଚତୁର୍ଥ ପୁରସ୍କାର ମହେଶ୍ୱର ମେହେରଙ୍କୁ ସାମସଙ୍ଗ ମୋବାଇଲ ଫୋନ ଏବଂ ଅଜୟ ଖାଖାଙ୍କୁ ୫ମ ପୁରସ୍କାର ସ୍ୱରୂପ ଗ୍ରାଇଣ୍ଡର ପ୍ରଦାନ କରାଯାଇଥିଲା ।




କଲେଜ ଅଧ୍ୟାପକ ଓ କର୍ମଚାରୀ ସଂଘର ବୈଠକରେ ମଞ୍ଚାସୀନ ଅତିଥି।

## କଲେଜ ଅଧ୍ୟାପକ, କର୍ମଚାରୀ ସଂଘର ଜିଲାସ୍ତରୀୟ ବୈଠକ

ସୁନ୍ଦରଗଡ,୧୯।୮(ଡି.ଏନ୍.ଏ.)

୩୯୧ବ୍ଲକସ୍ତରୀୟ(ବ୍ଲକ କ୍ରାଏଟେରିଆ) କଲେଜ ଅଧ୍ୟାପକ ଓ କର୍ମଚାରୀ ସଂଘ ସୁନ୍ଦରଗଡ ଜିଲା ଶାଖାର ଜିଲାସ୍ତରୀୟ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ଆବାହକ ଅଧ୍ୟାପକ ଆତ୍ମାରାମ ବାରିକଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା ଏହି ବୈଠକ। ମହୁଲପାଲି କଲେଜର ଅଧ୍ୟକ୍ଷ ଉମ୍ବରୁଧର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂଘର ରାଜ୍ୟ ସଭାପତି ଅଶ୍ୱିନୀ ମେହେର ମୁଖ୍ୟ ଅତିଥି ଓ କାର୍ଯ୍ୟକାରୀ ସଭାପତି ଭାବେ ଶ୍ରୀକାନ୍ତ ବଲ୍ଲଭ ସାମନ୍ତ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ସଂଘର ଏକ ମାତ୍ର ଦାବି୧୯୯୪ ଅନୁଦାନ ଆଦେଶନାମା ଉପରେ ବିଷଦ ଭାବେ ଆଲୋଚନା କରିଥିଲେ । ଇତି ମଧ୍ୟରେ ଗତ ଜୁଲାଇ ୨୪ତାରିଖରୁ ଉଚ୍ଚଶିକ୍ଷା ବିଭାଗ ସଂଘର କାର୍ଯ୍ୟକର୍ତ୍ତାଙ୍କୁ ନିମନ୍ତ୍ରିତ କରି ସଂଘର ଏହି ଏକମାତ୍ର ଦାବିକୁ ସକରାତ୍ମକ ଭାବେ ଗ୍ରହଣ କରି ସଫଳ ରୂପାୟନ ପାଇଁ ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରିସାରିଛନ୍ତି ବୋଲି ରାଜ୍ୟ ସଂଘର ନେତୃବୃନ୍ଦ ପ୍ରକାଶ କରିଥିଲେ। ଫଳତଃ ବର୍ତ୍ତମାନ ପରିସ୍ଥିତିରେ ଅନ୍ୟ ସଂଘର ଆନ୍ଦୋଳନ ଡାକରାକୁ କୌଣସି ସମର୍ଥନ ନ ଜଣାଇ ଶିକ୍ଷାଦାନ ଅବ୍ୟାହତ ରଖିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା । ଅପରପକ୍ଷେ ରାଜ୍ୟ ସରକାର ୩୯୧ବ୍ଲକ କ୍ରାଏଟେରିଆ କଲେଜ ସଂଘର ଏକମାତ୍ର ଦାବି ଅର୍ଥାତ ୧୯୯୪ ଅନୁଦାନ ନୀତିକୁ ସମ୍ପ୍ରସାରଣ କରି ରାଜ୍ୟର ସମସ୍ତ ବ୍ଲକ କ୍ରାଏଟେରିଆ କଲେଜକୁ ପ୍ରତ୍ୟକ୍ଷ ଅନୁଦାନ ପ୍ରଦାନରେ କୌଣସି କାଳକ୍ଷେପଣ ନୀତି ଗ୍ରହଣ କରନ୍ତି ତେବେ ସଂଘ ପରିଶେଷରେ ନ୍ୟାୟାଳୟର ଆଶ୍ରୟ ନେବାକୁ ବାଧ୍ୟ ହେବ ବୋଲି ବୈଠକରେ ଦୃଢ ମତ ପ୍ରକାଶ ପାଇଛି । ଉକ୍ତ ବୈଠକରେ ଜିଲାର ଶତାଧିକ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କ ସମେତ ସଂଘ କାର୍ଯ୍ୟକର୍ତ୍ତା ରବିନସନ୍ ନାଏକ, ହେମରାମ ପଟେଲ, ରଶ୍ମିତାରାଣୀ ଦାଶ, ହିମାଂଶୁ ପ୍ରସାଦ ଭୈଷାଁଲ, ଦେବେନ୍ଦ୍ର ଚୌଧୁରୀ, ତନୟା ନାଏକ, ଆଲୋକ ଚୌଧୁରୀ, ପ୍ରଶାନ୍ତ ଭୋଇ, ସଂଘମିତ୍ରା ସାହୁ ଓ କନକ ନାଏକ ପ୍ରମୁଖ ଯୋଗଦେଇଥିଲେ ।

### ତାଲୁକ ଆଇନ ସଚେତନତା ଶିବିର କାର୍ଯ୍ୟକ୍ରମ

ଲହୁଣିପଡା,୧୯।୮ (ଡି.ଏନ.ଏ.)

ଲହୁଣିପଡା ବ୍ଲକ ଅନ୍ତର୍ଗତ ଖୁଣ୍ଟଗାଁ ପଞ୍ଚାୟତସ୍ଥିତ ସରକାରୀ ବାଳିକା ବିଦ୍ୟାଳୟଠାରେ ରବିବାର ବଣାଇ ତାଲୁକ ଆଇନ ସେବା ସମିତି ଏବଂ ଖୁଣ୍ଟଗାଁ ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷା ତଥା ଅତିରିକ୍ତ ଜିଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେବା ସହିତ ସଚେତନତା ଶିବିରର ଅଧ୍ୟକ୍ଷତା କରିଥିଲେ। ଆଇନଜୀବି ଜୟନ୍ତ ବିଶ୍ୱାଳ ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଣାଇ ସବଜଜ୍ ଦେବଦତ୍ତ ପଟ୍ଟନାୟକ ମୂଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଏହି ଅବସରରେ ଏସଡିଜେଏମ ବିମଳ ରାଉତ, ଏସଡିପିଓ ଅବକାଶ ରାଉତରାୟ, ବଣାଇ ଓକିଲ ସଂଘ ସଭାପତି ବିପିନ ସେନ, ଲହୁଣିପଡା ଏବିଡିଓ ପ୍ରଶାନ୍ତ ପଣ୍ଡା, ଗୁରୁଣ୍ଡିଆ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଜୟ ସାହୁ, ସରକାରୀ ଓକିଲ ତୁଷାରକାନ୍ତ ସାହୁ, ଖୁଣ୍ଟଗାଁ ସରପଞ୍ଚ ଅଜୟ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗ: ଦୁଇ ଅଭିଯୁକ୍ତଙ୍କୁ ଥାନାରେ ଅଟକ

ବେଦବ୍ୟାସ,୧୯।୮(ଡି.ଏନ.ଏ.)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ମନ୍ଦିର ରୋଡ ଅଞ୍ଚଳର କେତେକ ମହିଳାଙ୍କୁ କେନ୍ଦ୍ର ସରକାରଙ୍କ ତରଫରୁ ୫ହଜାର ଟଙ୍କା ଲେଖାଏଁ ଅର୍ଥ ସହାୟତା ମିଳିବ କହି ଲକ୍ଷାଧିକ ଟଙ୍କା ଠକେଇ ହୋଇଥିବା ବ୍ରାହ୍ମଣୀତରଙ୍ଗ ଥାନାରେ ଲିଖିତ ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ, କିଛି ଦିନ ପୂର୍ବେ କେନ୍ଦୁଝରର ନିବାସୀ ଅଭିଯୁକ୍ତ ସୁନୀଲ ସ୍ୱାଇଁ ଓ ତାଙ୍କ ସ୍ତ୍ରୀ ଲାବନ୍ୟ ରାଉତ ବେଦବ୍ୟାସ ଅଞ୍ଚଳ ଆସିଥିଲେ। ଏହାପରେ ବେଦବ୍ୟାସ ଆଶ୍ରମ ନିକଟସ୍ଥ ପୂର୍ବତନ ୱାର୍ଡ ସଭ୍ୟ ସାନ୍ତନୁ ବାରିକଙ୍କ ସହାୟତାରେ ସ୍ଥାନୀୟ ମହିଳାମାନଙ୍କୁ କେନ୍ଦ୍ର ସରକାରଙ୍କ ଅର୍ଥ ସହାୟତା ନେଇ ବୁଝାଇ ରଘୁନାଥପାଲି ଥାନା ଅଧୀନରେ ଥିବା ଏକ ବ୍ୟାଙ୍କରେ ଖାତା ଖୋଲାଇଥିଲେ । ସେହି ବ୍ୟାଙ୍କରେ ଖାତା ଖୋଲାଇ ପ୍ରାୟ ୨୫ହଜାର ଲେଖାଏଁ ବ୍ୟକ୍ତିଗତ ଲୋନ କରାଯାଇଥିଲା ଏବଂ ସେହି ଟଙ୍କାକୁ ଏଟିଏମ ମାଧ୍ୟମରେ ଦୁଇ ଅଭିଯୁକ୍ତ ଉଠାଇ ନେଇଥିବା ଅଭିଯୋଗ ହୋଇଛି । ଏପରି ଅଞ୍ଚଳର ଅନେକ ମହିଳାଙ୍କ ଖାତା ଖୋଲାଇ ପ୍ରାୟ ଲକ୍ଷାଧିକ ଟଙ୍କା ଠକେଇ କରାଯାଇଛି । ଦୁଃଯ ଅଭିଯୁକ୍ତଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଛି। ଏ ନେଇ ସ୍ଥାନୀୟ ମହିଳାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ମାନସରଞ୍ଜନ ସ୍ୱାଇଁଙ୍କୁ ଯୋଗାଯୋଗ କରିବାରୁ ସେ ଲିଖିତ ଅଭିଯୋଗ ପାଇଛନ୍ତି। ପୋଲିସ ପ୍ରାଥମିକ ତଦନ୍ତ କରି ଅଭିଯୁକ୍ତ ଦ୍ୱୟଙ୍କୁ ଥାନାରେ ଅଟକାଇ ପଚରାଉଚୁରା ଚଳାଇଛି । ଅଭିଯୁକ୍ତମାନଙ୍କ ବିରୋଧରେ ପ୍ରାମାଣିକ ତଥ୍ୟ ଆସିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।



ସ୍ଥାନୀୟ ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## କାଲୋସିହିରିଆ-ଦୁମ୍କିସିହିରିଆ ରାସ୍ତାରେ ଗର୍ତ୍ତ

କୁଆଁରମୁଣ୍ଡା,୧୯।୮(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କାଲୋସିହିରିଆ-ଦୁମ୍କିସିହିରିଆ ରାସ୍ତା ପାର୍ଶ୍ୱରେ ଏବେ ୫ ଫୁଟ ଲମ୍ବର ଏକ ଖୋଲ ସୃଷ୍ଟି ହୋଇଛି । ଫଳରେ ଏହି ରାସ୍ତା ଉପର ଦେଇ ଟ୍ରାକ୍ଟର, ଟ୍ରକ ଇତ୍ୟାଦି ଯାତାୟାତ କଲେ ଦୁର୍ଘଟଣା ଘଟିବାର ଯଥେଷ୍ଟ ସମ୍ଭାବନାକୁ ଏଡାଇ ଦିଆଯାଇପାରିବ ନାହିଁ । ଏହି ରାସ୍ତାଟି କାଲୋସିହିରିଆ ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ଆରମ୍ଭ ହୋଇ ଦୁମ୍କିସିହିରିଆ ଓ କଚାରୁକୁ ସଂଯୋଗ କରୁଛି । ଉକ୍ତ ରାସ୍ତାଟି ପୂର୍ବରୁ ଗ୍ରାମ୍ୟ ସଡକ ଯୋଜନାରେ କଙ୍କ୍ରିଟକରଣ କରାଯାଇଥିଲା। ଏହି କାର୍ଯ୍ୟର ଦେଢ ବର୍ଷ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତାକୁ ହାତକୁ ନେଇ ପ୍ରଶସ୍ତୀକରଣ ସହ ନୂତନଭାବେ କଙ୍କ୍ରିଟ କାର୍ଯ୍ୟ ଶେଷ କରିଛି। କିନ୍ତୁ ପଞ୍ଚାୟତ କାର୍ଯ୍ୟାଳୟରୁ ମାତ୍ର ୫ ଶହ ମିଟର ଦୂରରେ ଉକ୍ତ ରାସ୍ତା ପାର୍ଶ୍ୱରେ ବର୍ଷା ଜଳ ସ୍ରୋତରେ ଖୋଲ(ଗର୍ତ) ସୃଷ୍ଟି ହୋଇଥିଲେ ମଧ୍ୟ କାହାରି ନଜରକୁ ନ ଆସିବା ଏବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ, ରାସ୍ତା ଫାଟି ନଷ୍ଟ ହେଲେ ତାହାର ମରାମତି କରାଯାଇ ସରକାରୀ ଟଙ୍କା ଅଯଥା ଖର୍ଚ୍ଚହୋଇ ଚାଲିବ। ହେଲେ ମରାମତି ନାଁରେ ଠିକାଦାର ଓ ସରକାରୀ କର୍ମଚାରୀ ସେମାନଙ୍କର ଫାଇଦା ଉଠାଇବାର ସୁଯୋଗ ପାଇବେ। ମାତ୍ର ରାସ୍ତା ପାର୍ଶ୍ୱରେ ସୃଷ୍ଟ ଗର୍ତ୍ତକୁ ଯଦି ବେଳ ଥାଉଁଥାଉଁ ପୋତି ଦିଆଯିବ ତେବେ କଙ୍କ୍ରିଟ ରାସ୍ତା ଫାଟିବାର ସମ୍ଭାବନା ସୃଷ୍ଟି ହେବ ନାହିଁ। ମାତ୍ର ସ୍ଥାନୀୟ ସରକାରୀ କର୍ମଚାରୀମାନେ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ବର୍ଷା ହେବା ଦ୍ୱାରା ଉକ୍ତ ରାସ୍ତା ପାର୍ଶ୍ୱ ଖୋଲ(ଗର୍ତ)ର ପରିସୀମା ବୃଦ୍ଧି ପାଇବାରେ ଲାଗିଛି । ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଆଶୁ ପଦକ୍ଷେପ ଗ୍ରହଣ କଲେ ରାସ୍ତାର ସ୍ଥାୟିତ୍ୱ ନିଶ୍ଚିତଭାବେ ବଜାୟ ରୁହନ୍ତା ବୋଲି ସାଧାରଣରେ ଦୃଢ ଦାବି ହୋଇଛି।

# ଜିଲାସ୍ତରୀୟ ନିଶାମୁକ୍ତି ଅଭିଯାନର ଶୁଭାରମ୍ଭ

ସୁନ୍ଦରଗଡ,୧୯।୮(ଡି.ଏନ୍.ଏ.)

ସ୍ଥାନୀୟ ପ୍ରଜାପିତା ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ରବିବାର ଜିଲାସ୍ତରୀୟ ନିଶାମୁକ୍ତି ଅଭିଯାନର ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ଜିଲାପାଳ ସୁରେନ୍ଦ୍ର ମୀନା ଯୋଗଦେଇ ନିଶାମୁକ୍ତି ଅଭିଯାନକୁ ଶୁଭାରମ୍ଭ କରିବା ସହ ବ୍ରହ୍ମକୁମାରୀ ସଂସ୍ଥା ତରଫରୁ ଏଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ । ଆଧ୍ୟାତ୍ମିକ ଶିକ୍ଷା ଦ୍ୱାରା ନିଜର ଆନ୍ତରିକ ଶକ୍ତିକୁ ଜାଗୃତ କଲେ ସମାଜରେ ତଥା ବିଶ୍ୱ ପରିବର୍ତ୍ତନ ସମ୍ଭବ ହେବ। ସ୍ୱାସ୍ଥ୍ୟବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଡାଃ ବିକ୍ରାନ୍ତ କିଣ୍ଡୋ ସମ୍ମାନିତ ଅତିଥି ଭାବେଯୋଗଦେଇ ନିଶାଦ୍ରବ୍ୟ ସେବନ ଦ୍ୱାରା ଘଟୁଥିବା ଶାରୀରିକ ଓ ସାମାଜିକ କ୍ଷତି ଉପରେ ଆଲୋକପାତ କରିଥିଲେ । ଏଣୁ ଇଶ୍ୱରଙ୍କ ସହିତ ସମ୍ବନ୍ଧ ଯୋଡିଲେ ରାଜଯୋଗ ଶକ୍ତି ଦ୍ୱାରା ନିଶାମୁକ୍ତ ହୋଇପାରିବ ବୋଲି କହିଥିଲେ । ସୁନ୍ଦରଗଡ ବ୍ରହ୍ମକୁମାରୀ ସଂସ୍ଥାର କେନ୍ଦ୍ର ସଂଚାଳିକା ବ୍ରହ୍ମକୁମାରୀ ଜୋସ୍ନା ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରି ନିଶାମୁକ୍ତ ସୁନ୍ଦରଗଡ ଜିଲା ପାଇଁ ପ୍ରତ୍ୟେକ ବ୍ଲକ ଏବଂ ଗ୍ରାମାଞ୍ଚଳରେ ରାଜଯୋଗ ଶିକ୍ଷା ମାଧ୍ୟମରେ ସଚେତନ ଶିବିର ମାନ ଆୟୋଜନ କରି ସୁସ୍ଥ ଭାରତ ଗଠନ ଦିଗରେ ସମସ୍ତେ ପ୍ରୟାସ କରିବାକୁ ଅନୁରୋଧ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ବିଶି ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ନିଶାମୁକ୍ତ କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ କରାଯିବାକୁ ନେଇ ଗୁରୁତ୍ୱାରୋପ କରିଥିଲେ । ବଡଗାଁ ଆଇଟିଆଇର ଅଧ୍ୟକ୍ଷ ଡଃ ଅରୁଣ ନାଏକ ନିଶାମୁକ୍ତ ଓଡିଶା ଗଠନ ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ବ୍ରହ୍ମକୁମାର ବାଣେଶ୍ୱର ସୁବୁଦ୍ଧି ସମସ୍ତଙ୍କୁ ବିଭିନ୍ନ ନିଶାରୁ ଦୂରେଇ ରହିବା ପାଇଁ ଇଶ୍ୱରଙ୍କ ଠାରେ ଶପଥପାଠ କରିଥିଲେ।



ବ୍ରହ୍ମକୁମାରୀ ସଂସ୍ଥା ତରଫରୁ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲାପାଳ ସୁରେନ୍ଦ୍ର କୁମାର ମୀନା ଶୁଭାରମ୍ଭ କରୁଛନ୍ତି ।

ହେମଗିର କେନ୍ଦ୍ର ସଞ୍ଚାଳିକା ବ୍ରହ୍ମକୁମାରୀ କିରଣ ମଞ୍ଚ ସଞ୍ଚାଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମକୁମାରୀ ମୌସୁମୀ, ରାଣୀ ପ୍ରତିମା, ନିରୂପମା, ପଞ୍ଚମୀ, ଚମ୍ପକ, ମନୋରମା, ବ୍ରହ୍ମକୁମାର ପଙ୍କଜ ପଟେଲ, ଶୋଭା ନାଏକ, ସମୀର ନାଏକ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ । ଭୋଗପାଲି ଗ୍ରାମର ମନବୋଧ ଧୂଆ, ରାଜଯୋଗ ଦ୍ୱାରା ନିଶାମୁକ୍ତ ହୋଇ କିଭଳି ସୁସ୍ଥ ଜୀବନଯାପନ କରୁଛନ୍ତି ସେ ସମ୍ପର୍କରେ ନିଜ ଅନୁଭୂତି ବଖାଣିଥିଲେ ।



ଜନସାଧାରଣଙ୍କର ନେତୃତ୍ୱ ଓ ଦାୟିତ୍ୱ ନେଉଥିବା ଲୋକ ସଦାଚାରୀ ଓ ସଚ୍ଚୋଟ ହେବା ଉଚିତ୍।
- ଚରଣ ସିଂ



## ସଂକ୍ଷେପରେ

### ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ସୁନ୍ଦରଗଡ଼,୧୯।୮(ଡି.ଏନ୍.ଏ.)-ସୁନ୍ଦରଗଡ ପବ୍ଲିକ ସ୍କୁଲ ସ୍କାଉଟ ଛାତ୍ରମାନଙ୍କ ଦ୍ୱାରା ସ୍ଥାନୀୟ ବନବାସୀ କଲ୍ୟାଣ ଆଶ୍ରମଠାରେ ରବିବାର ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳନା କମିଟିର ସମ୍ପାଦକ ରାଜକିଶୋର ଷଡଙ୍ଗୀ ଓ ସ୍କାଉଟ ମାଷ୍ଟର ଅଶୋକ ପରିଡାଙ୍କ ତତ୍ତ୍ୱାବଧାନରେ ସ୍କାଉଟ ପିଲାମାନେ ବିଭିନ୍ନ ଫଳ ଚାରା ରୋପଣ କରିଥିଲେ। ସୁନ୍ଦରଗଡ ବନଖଣ୍ଡ ଇକୋ କ୍ଲବର ସମ୍ପାଦକ କିଶୋର ମହାନନ୍ଦ ଓ ଆଶ୍ରମର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ବିଜେଡି ନେତ୍ରୀଙ୍କୁ ସମ୍ବର୍ଦ୍ଧନା

ରାଉରକେଲା ଅଫିସ,୧୯।୮

ନବନିଯୁକ୍ତ ସୁନ୍ଦରଗଡ଼ ଜିଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ଆରତି ଚୌଧୁରୀଙ୍କୁ ରବିବାର ମା' କାଳୀ ମହିଳା ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଉମା ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମହିଳା ସମିତି କର୍ମକର୍ତ୍ତାମାନେ ଚୌଧୁରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ୫୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। କୁନି ବାଙ୍କିରା, ସବିତା ପାତ୍ର, ଝାନୋମଣୀ ମୁର୍ମୁ, ସରାମଣୀ ହେମ୍ବ୍ରମ, ଜବାମଣୀ ମାଝି, ସରୋଜିନୀ ନାୟକ, କନକ ମହାପାତ୍ର, ଲକ୍ଷ୍ମୀ ସେଠୀ, ସଞ୍ଜୁକ୍ତା ସ୍ୱାଇଁ, କୁନ୍ତୀ ଲାଲ, ଝରଣା ଦାସ, ସତ୍ୟଭାମା ପରିଡ଼ା, ଶଶୀ ପଣ୍ଡା, ବାସନ୍ତୀ ବେହେରା, ସୁକାନ୍ତୀ ବେହେରା, ସୁକାନ୍ତୀ ନାୟକ, ପ୍ରଫୁଲ୍ଲ ମହାରଣା, କନକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ସୁନ୍ଦରଗଡ଼ ଜିଲା ବିଜେଡି ମହିଳା କାର୍ଯ୍ୟକାରୀ ସଭାନେତ୍ରୀଙ୍କୁ ମହିଳାମାନେ ସମ୍ବର୍ଦ୍ଧିତ କରୁଛନ୍ତି।



ଗୁରୁକୁଳ ଆଶ୍ରମରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

### ଭାରତୀୟ ସଂସ୍କୃତି ସୁରକ୍ଷା ସମିତିର ଆଲୋଚନାଚକ୍ର

## ବେଦବ୍ୟାସ ପୁରାଣ ଉନ୍ମୋଚନ ଉତ୍ସବ

ରାଉରକେଲା ଅଫିସ,୧୯।୮

- ସୂକ୍ଷ୍ମ ସମାଜ ଗଠନରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ
- ବେଦବ୍ୟାସ ଆଧ୍ୟାତ୍ମିକ ରାଜଧାନୀ
- ଏଠାରେ ଝୁଲା ପୋଲର ଆବଶ୍ୟକତା ରହିଛି
- ତୀର୍ଥକ୍ଷେତ୍ର ମାନ୍ୟତା ଦାବିରେ ଦସ୍ତଖତ ସଂଗ୍ରହ ଆରମ୍ଭ

ଭାରତୀୟ ସଂସ୍କୃତି ସୁରକ୍ଷା ସମିତି ପକ୍ଷରୁ 'ବେଦବ୍ୟାସକୁ ପ୍ରସିଦ୍ଧ ତୀର୍ଥକ୍ଷେତ୍ର କରିବାରେ ସାହିତ୍ୟର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ବେଦବ୍ୟାସ ଗୁରୁକୁଳ ଆଶ୍ରମରେ ଅନୁଷ୍ଠିତ ହୋଇଛି। ଏହାସହ ଜଗଦାନନ୍ଦ ସରସ୍ୱତୀଙ୍କ ସମ୍ପାଦିତ ବେଦବ୍ୟାସ ପୁରାଣ ଉନ୍ମୋଚନ କରାଯାଇଛି। ସମିତିର ମୁଖ୍ୟ ପୁରୋଧା ନୀଳକଣ୍ଠ ମହାନ୍ତିଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଧନେଶ୍ୱର ବେହେରା ସଭାପତିତ୍ୱ କରିଥିବାବେଳେ କବି କୁଞ୍ଜବିହାରୀ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟତମ ଅତିଥି ଭାବେ ଡ. ଉମାକାନ୍ତ ପଣ୍ଡା, ଆଇନଜୀବୀ ନୃସିଂହ ଚରଣ ଜେନା, ବୈଦିକ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀନିବାସ ପାଠୀଶର୍ମା, ଗାୟତ୍ରୀ ଶକ୍ତିପୀଠ ଟ୍ରଷ୍ଟି ନିତ୍ୟାନନ୍ଦ ଦାଶ, ପ୍ରକାଶ ମାଲ୍ୟାନ୍ଦ କରଜୀ ଓ ଜ୍ଞାନରଞ୍ଜନ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ତଥ୍ୟ ଉପସ୍ଥାପନ କରିଥିଲେ। ନୀଳକଣ୍ଠ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ଉମାକାନ୍ତ ପଣ୍ଡା ସମାଜ ଓ ସାହିତ୍ୟ ମଧ୍ୟରେ ଥିବା ସମ୍ପର୍କ ଉପରେ ଆଲୋକପାତ କରିବା ସହ ଏକ ସୂକ୍ଷ୍ମ ସମାଜ ଗଠନରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରିଥିଲେ। ଶ୍ରୀନିବାସ ପାଠୀଶର୍ମା ଋକବେଦ ଓ ବ୍ୟାସ ନାମକରଣ ଉପରେ ଆଲୋଚନା କରିଥିଲେ। ଆଇନଜୀବୀ ଜେନା ତାଙ୍କ ବକ୍ତବ୍ୟରେ ବେଦବ୍ୟାସ ଓ ବ୍ରାହ୍ମଣୀ ନଦୀ ଉପରେ ଆଲୋଚନା କରିବା ସହ ବେଦବ୍ୟାସକୁ ପଶ୍ଚିମ ଓଡ଼ିଶାର ସ୍ୱର୍ଗଦ୍ୱାର ନାମରେ ଅଭିହିତ କରିଥିଲେ। ନିତ୍ୟାନନ୍ଦ ଦାସ ବେଦବ୍ୟାସକୁ ଆଧ୍ୟାତ୍ମିକ ରାଜଧାନୀ ରୂପେ ବର୍ଣ୍ଣନା କରିବା ସହ ଏଠାରେ ଏକ ଝୁଲା ପୋଲର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବେଦବ୍ୟାସକୁ ତୀର୍ଥକ୍ଷେତ୍ର କରିବା ପାଇଁ ଦସ୍ତଖତ ସଂଗ୍ରହ ଅଭିଯାନ ଉପରେ ସେ ଜୋର୍ ଦେଇଥିଲେ। ପ୍ରକାଶ ମାଲ୍ୟାନ୍ଦ କରଜୀ ଆଧ୍ୟାତ୍ମିକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିବାବେଳେ ୧୦୦ କୋଟି ହିନ୍ଦୁ ଥାଇ ଏକ ହିନ୍ଦୁ ରାଷ୍ଟ୍ର ଗଠନ ହୋଇ ନ ପାରିବା କ୍ଷୋଭର ବିଷୟ ବୋଲି ମତ ରଖିଥିଲେ। ଜ୍ଞାନରଞ୍ଜନ ମିଶ୍ର ବୈଦିକ ପାଠର ଆବଶ୍ୟକତା ଉପରେ ଆଲୋକପାତ କରିବା ସହ ବେଦବ୍ୟାସକୁ ତୀର୍ଥକ୍ଷେତ୍ରରେ ପରିଣତ କରିବା ପାଇଁ ସମସ୍ତେ ଆଗେଇ ଆସିବା ଦରକାର ବୋଲି କହିଥିଲେ। ପଣ୍ଡିତ ଧନେଶ୍ୱର ବେହେରା ସଭାପତିତ୍ୱ ଅଭିଭାଷଣ ସହ ଭାରତୀୟ ସଂସ୍କୃତି ବେଶ୍ ଉନ୍ନତ ବୋଲି ମତ ରଖିଥିଲେ। ସେହିଭଳି ବର୍ତ୍ତମାନ ବେଦବ୍ୟାସର ଯାହା ଉନ୍ନତି ହୋଇଛି ତାହା ସରକାରୀ ସ୍ତରରେ ନୁହେଁ ବରଂ ଭକ୍ତମାନଙ୍କ ଅବଦାନରେ ହୋଇପାରିଛି ବୋଲି କହିଥିଲେ। ଏହି ଅବସରରେ ବେଦବ୍ୟାସକୁ ତୀର୍ଥକ୍ଷେତ୍ରରେ ପରିଣତ କରିବା ପାଇଁ ଦସ୍ତଖତ ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ଏଥିପାଇଁ ୧ଲକ୍ଷ ଦସ୍ତଖତ ସଂଗ୍ରହ କରାଯିବାକୁ ନିଷ୍ପତ୍ତି ହୋଇଛି। ଶେଷରେ କୁଞ୍ଜ ବିହାରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଗୋକୁଳଜୀ ଭୁବନାନନ୍ଦ ଦାସ, ଅଶ୍ୱିନୀ ବିଶ୍ୱାଳ, ଅମରେଶ ପଲେଇ, ଦିଲୀପ ପ୍ରକାଶ କୁମାର, ଅଶୋକ ରାଉତ, ପ୍ରଫୁଲ୍ଲ ଚନ୍ଦ୍ର ବାରିକ, କରମଚାନ୍ଦ ଜେନା, ବର୍ଷା ବୈଶାଳୀ ସ୍ୱାଇଁ, ଗୀତାଞ୍ଜଳି କରନ, ସୁମନ୍ତ ମହାନ୍ତି ପ୍ରତ୍ୟୁଷ ସ୍ୱାଇଁ, ସୁଶୀଲ ସ୍ୱାଇଁ, ଚିନ୍ମୟ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଶ୍ୱ ଫଟୋଗ୍ରାଫି ଦିବସରେ ରକ୍ତଦାନ

ରାଉରକେଲା ଅଫିସ,୧୯।୮

ବିଶ୍ୱ ଫଟୋଗ୍ରାଫି ଦିବସ ଉପଲକ୍ଷେ ରବିବାର ଦୀପ୍ତି ହୋଟେଲରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଆର୍‌ଡିଡିଏ ଅଧ୍ୟକ୍ଷ ସାରଦା ନାୟକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜୀବନବିନ୍ଦୁ ଅଭିଯାନର ସୁନ୍ଦରଗଡ଼ ଜିଲା ସଂଯୋଜକ କୁନା ଦାସ, ସାମାଜିକ ଅନୁଷ୍ଠାନ ମାନବିକତା ପକ୍ଷରୁ ପ୍ରଶାନ୍ତ ସେଠୀ, ଶଙ୍କର ଜେନା, ଗଗନ ପଣ୍ଡା, ଜ୍ଞାନ ଜେନା, ଶ୍ରୀଚରଣ ମହାନ୍ତି, ସନ୍ତୋଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରାଉରକେଲା ଫଟୋଗ୍ରାଫର ଆସୋସିଏଶନ ପକ୍ଷରୁ ଏକ ଶୋଭାଯାତ୍ରା ଭଞ୍ଜ ଭବନଠାରୁ ବାହାରି ଦୀପ୍ତି ହୋଟେଲରେ ପହଞ୍ଚିଥିଲା। ପ୍ରଥମେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଆୟୋଜନ କରାଯାଇଥିଲା। ଏଥିରେ ଆସୋସିଏଶନ ପକ୍ଷରୁ ସଭାପତି ବିନୋଦ କୁମାର, ସାଧାରଣ ସମ୍ପାଦକ ସଞ୍ଜୟ ପ୍ରଧାନ, କୋଷାଧ୍ୟକ୍ଷ ମକସୁଦ ଆରାମ୍, ସହ ସାଧାରଣ ସମ୍ପାଦକ ଦିଲୀପ କୁମାର ମହାନ୍ତି, ସନ୍ତୋଷ କୁମାର ବେହେରା, ଶିବ ପଣ୍ଡା, ଆନନ୍ଦ ଶାହା, ଶିଶିର କୁମାର ମହାନ୍ତି, ଜୟପ୍ରକାଶ ଗୁପ୍ତା, ଦେବାଶିଷ ମହାନ୍ତି, ରମାକାନ୍ତ ସ୍ୱାଇଁ, ଦେବବ୍ରତ ମହାରଣା, ବବ୍‌ଲୁ, ପ୍ରକାଶ ମହାକୁଡ଼, ଏସ୍.କେ. ଜାବେଦ, ଅଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ରାଉରକେଲା ଫଟୋଗ୍ରାଫର ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ଶୋଭାଯାତ୍ରା।

## 'ଆଖି' ପକ୍ଷରୁ ସେବାମୂଳକ କାର୍ଯ୍ୟ

ରାଉରକେଲା ଅଫିସ,୧୯।୮

ସହରର ସାମାଜିକ ଅନୁଷ୍ଠାନ 'ଆଖି' ପକ୍ଷରୁ ରବିବାର ବିଭିନ୍ନ ସ୍ଥାନରେ ସେବାମୂଳକ କାର୍ଯ୍ୟ କରାଯାଇଛି। ଅନୁଷ୍ଠାନର ସଦସ୍ୟମାନେ ବିର୍ସା ଛକରେ ବନମାଳୀ ତନ୍ତୀ ନାମକ ଜଣେ ମାନସିକ ଅନଗ୍ରସର ବ୍ୟକ୍ତିଙ୍କୁ ଉଦ୍ଧାର କରି ତାଙ୍କ ଚୁଟିଦାଢ଼ି ସଫା କରିବା ସହ ନୂଆ ବସ୍ତ୍ର, ସ୍ୱାଦିଷ୍ଟ ଖାଦ୍ୟ ଓ ଔଷଧ ପ୍ରଦାନ କରିଥିଲେ। ଅନୁଷ୍ଠାନର ଅନ୍ୟ ସଦସ୍ୟମାନେ ସରକାରୀ ଡାକ୍ତରଖାନା ଯାଇ ରୋଗୀମାନଙ୍କ ଅଭାବ ଅସୁବିଧା, ସ୍ୱାସ୍ଥ୍ୟ କଥା ପଚାରି ବୁଝିବା ସହ ଗରିବ ରୋଗୀଙ୍କୁ କପଡ଼ା, ଫଳ ବଣ୍ଟନ କରିଥିଲେ। ଜଣେ ରୋଗୀଙ୍କୁ ରକ୍ତଦାନ କରିଥିଲେ। ସେହିପରି ସିଭିଲ ଟାଉନଶିପଠାରେ ସଦସ୍ୟମାନେ ବୃକ୍ଷରୋପଣ କରିବା ସହ ପୂର୍ବରୁ ଲଗାଯାଇଥିବା ବୃକ୍ଷଗୁଡ଼ିକର ଯତ୍ନ ନେଇଥିଲେ। ସଦସ୍ୟମାନେ ଗାଡ଼ାଟୋଲି ବସ୍ତିରେ ପହଞ୍ଚି ନିଶା ସେବନର ଭୟାବହତା ଉପରେ ଲୋକଙ୍କୁ ସଚେତନ କରାଇଥିଲେ। ବସ୍ତିରେ ପୂର୍ବରୁ ଚାଲୁଥିବା ଦେଶୀମଦ କାରବାର ବନ୍ଦ ହୋଇଛି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ। ମଦ କାରବାର ବନ୍ଦ ହୋଇଥିବା ବସ୍ତିବାସିନ୍ଦା ସ୍ୱେଚ୍ଛାସେବୀମାନଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମଗୁଡ଼ିକରେ ଅନୁଷ୍ଠାନର ଅବିନାଶ ଶୁକ୍ଳା, ନିର୍ମଳ ପାଲ, ନାରାୟଣ ସ୍ୱାଇଁ, ଜିତୁ ପ୍ରଧାନ, ସିଲୁ ଦାସ, ଚିନ୍ମୟ ସାମଲ, ବିବେକ ଅଗ୍ରୱାଲ ପ୍ରମୁଖ ସାମିଲ ହୋଇଥିଲେ।




ବିର୍ସା ଛକରୁ ଉଦ୍ଧାର ମାନସିକ ଦିବ୍ୟାଙ୍ଗଙ୍କ ସହ ଆଖି ଅନୁଷ୍ଠାନର କର୍ମକର୍ତ୍ତା।

### ଓଏମ୍ଏନ୍ଏସ୍ଏସ୍‌ର ଜିଲା କମିଟି ବୈଠକ

## ନିର୍ମାଣ ଶ୍ରମିକ ସମସ୍ୟା ନେଇ ଆନ୍ଦୋଳନ ନିଷ୍ପତ୍ତି

ରାଉରକେଲା ଅଫିସ,୧୯।୮

କେନ୍ଦ୍ରୀୟ ଶ୍ରମିକ ସଂଗଠନ ଅଲ୍ ଇଣ୍ଡିଆ ୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ନିର୍ମାଣ ଶ୍ରମିକ ସଂଗଠନର ସୁନ୍ଦରଗଡ଼ ଜିଲା ନିର୍ମାଣ ଶ୍ରମିକ ସମାବେଶ ରବିବାର ରାଉରକେଲା ଡେଲି ମାର୍କେଟସ୍ଥିତ ୱାର୍କର୍ସ ଆଣ୍ଡ ପିଜାଣ୍ଟସ୍ ହାଉସରେ ଅନୁଷ୍ଠିତ ହୋଇଛି। ୟୁନିୟନର ଇନ୍‌ଚାର୍ଜ ବିଷ୍ଣୁ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଇଞ୍ଜିନିୟରିଂ ୱାର୍କସ ୟୁନିୟନ ସାଧାରଣ ସମ୍ପାଦକ ଜି.ଏନ୍. ତ୍ରିପାଠୀ ଯୋଗଦେଇ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ନିର୍ମାଣ ଶ୍ରମିକଙ୍କ ପାଇଁ ଘୋଷଣା କରାଯାଇଥିବା ୧୪ ପ୍ରକାର ସହାୟତାରୁ ମାତ୍ର ୨/୩ଟି ସହାୟତା ପ୍ରଦାନ କରାଯାଉଛି। ଅବଶିଷ୍ଟ ସହାୟତା ସେମାନେ କିପରି ପାଇବେ ତାହାର କୌଣସି ରୂପରେଖ ସ୍ପଷ୍ଟ ହେଉ ନ ଥିବା ଶ୍ରମିକମାନେ ଅଭିଯୋଗ କରିଥିଲେ। ୨୦୧୫-୧୬ରୁ ଯନ୍ତ୍ରପାତି, ସୁରକ୍ଷା ଉପକରଣ ସହାୟତା ପାଇଁ ଆବେଦନ କରାଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ନୂତନ ଭାବେ ଯନ୍ତ୍ରପାତି ଓ ସୁରକ୍ଷା ଉପକରଣ ସହାୟତା ପାଇଁ ନାନା ଜଟିଳତା କରାଯାଇଛି। ଯାହାକି ଶ୍ରମିକମାନେ ଆବେଦନ କରିପାରୁ ନାହାନ୍ତି। ଅନ୍ୟାନ୍ୟ ସହାୟତା ଓ ସାଇକେଲ ସହାୟତା ପ୍ରଦାନରେ ଅନେକ ପାତରଅନ୍ତର କରାଯାଉଛି। ଏ ନେଇ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ଓ ମତଭେଦ ଦେଖାଦେଉଛି। ଏହାର ସମାଧାନ ଦାବିରେ ଆଗାମୀ ଦିନରେ ଆନ୍ଦୋଳନ କରିବା ଲାଗି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୁରୁମୋହନ ସିଂ, ହାୱା ଓରାମ, ରୁକ୍ମିଣୀ ମହାତୋ, ସୁଶୀଲ କୁମାର ବାରିକ, ରୋହିନୀ ମହାତୋ ପ୍ରମୁଖ ନିର୍ମାଣ ଶ୍ରମିକ ନେତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲାର ଶତାଧିକ ନିର୍ମାଣ ଶ୍ରମିକ ଏହି ସମାବେଶରେ ଯୋଗଦେଇଥିଲେ।




ଓଡ଼ିଶା ମିଳିତ ନିର୍ମାଣ ଶ୍ରମିକ ସଂଗଠନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଚିଲିକା ଉପରେ ପ୍ଲାଷ୍ଟିକ୍ ବୋଝ



- ବୃଦ୍ଧି ପାଉଛି ପ୍ରଦୂଷଣ, ସଙ୍କଟରେ ଜଳଜୀବ

ଏସିଆ ମହାଦେଶର ବୃହତ୍ତମ ଲବଣାକ୍ତ ହ୍ରଦ ଚିଲିକା। ୧୧୬୫ବର୍ଗ କିମି ବିଶିଷ୍ଟ ଏହି ହ୍ରଦ ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲାର ବ୍ୟାପକ ଅଞ୍ଚଳକୁ ଛୁଇଁଛି। ଏହାର ଅନ୍ୟତମ ଆକର୍ଷଣ ହେଉଛି ଇରାୱାଡି ଡଲଫିନ। ଭାରତର ପ୍ରଥମ ଆର୍ଦ୍ରଭୂମି ଓ ସନ୍ତସନ୍ତିଆ ଅଞ୍ଚଳ ଭାବେ ଏହା ରାମସାର କନ୍‌ଭେନଶନରେ ମାନ୍ୟତା ପାଇଥିଲା। ୨୦୦୨ରେ ରାମସାର ସଂରକ୍ଷଣ ପୁରସ୍କାର ପାଇ ବିଶ୍ୱରେ ପ୍ରକୃତିପ୍ରେମୀଙ୍କ ଦୃଷ୍ଟିକୁ ଆସିଥିଲା। ଆନ୍ତର୍ଜାତିକ ଗୁରୁତ୍ୱ ବହନ କରୁଥିବା ଚିଲିକାର ୧୬ ବର୍ଗ କିମି ବ୍ୟାପ୍ତ ନଳବଣ ଦ୍ୱୀପକୁ ୧୯୮୭ରେ ପକ୍ଷୀ ଅଭୟାରଣ୍ୟର ମାନ୍ୟତା ମଧ୍ୟ ମିଳିଛି। ଏହାର ପ୍ରାକୃତିକ ପରିବେଶ ପ୍ରତି ଆକୃଷ୍ଟ ହୋଇ ପ୍ରତିବର୍ଷ ଶୀତଋତୁରେ ଦେଶ ବିଦେଶରୁ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ଛୁଟି ଆସିଥାନ୍ତି।

ପ୍ରଦୀପ କିଶୋର ସାହୁ
ପୁରୀ ଅଫିସ, ୧୯।୮

ସମ୍ପ୍ରତି ବିଶ୍ୱରେ ପ୍ଲାଷ୍ଟିକଜନିତ ପ୍ରଦୂଷଣ ଚିନ୍ତାର ବିଷୟ ହୋଇଛି। ମଣିଷର ମାତ୍ରାଧିକ ପ୍ଲାଷ୍ଟିକ ମୋହ ଜୈବ ବିବିଧତାକୁ ଧ୍ୱଂସ କରୁଛି। ଏହାର ଏକ ଉଦାହରଣ ହେଉଛି ଚିଲିକା, ଯାହା ଉପରେ ଏବେ ରହିଛି ପ୍ଲାଷ୍ଟିକ ଓ ପଲିଥିନ୍‌ର ବୋଝ। ଚିଲିକାର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଆସିଥିବା ପର୍ଯ୍ୟଟକ, ବ୍ୟବସାୟୀ, ଆଖପାଖରେ ରହୁଥିବା ଜନସାଧାରଣ ଲଦିଛନ୍ତି ଏହି ବୋଝ। ଫଳରେ ଚିଲିକାର ଜଳଜୀବ ପ୍ରଭାବିତ ହେଉଥିବାବେଳେ ଏହାର ପରିବେଶ ଓ ଜୈବ ବିବିଧତା ଉଜୁଡ଼ିଯିବ ବୋଲି ପରିବେଶପ୍ରେମୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏନେଇ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) କଠୋର ଆଭିମୁଖ୍ୟ ଗ୍ରହଣ କରିବା ଜରୁରୀ ହୋଇପଡିଛି।

ଚିଲିକାରେ ଛୋଟବଡ ୫୨ଟି ନଦୀ ମିଶିଛି। ଦୈନନ୍ଦିନ ମଣିଷ ବ୍ୟବହାର କରୁଥିବା ପଲିଥିନ, ପ୍ଲାଷ୍ଟିକ ଏଣେତେଣେ ପଡିବା ଫଳରେ ସେଗୁଡିକ ନଦୀ ମାଧ୍ୟମରେ ଚିଲିକା ଏବଂ ସମୁଦ୍ରକୁ ଭାସି ଆସୁଛି। ସେହିପରି ଚିଲିକା ଉପକୂଳରେ ପ୍ରାୟ ୧୪୭ ଗ୍ରାମ ରହିଛି। ସେଥିରେ ୨ଲକ୍ଷ ପରିବାର ବସବାସ କରୁଛନ୍ତି। ଏହାଛଡ଼ା ଚିଲିକା କୂଳରେ ରହିଥିବା ପର୍ଯ୍ୟଟନ ସ୍ଥଳ ଏବଂ ଜେଟିଗୁଡିକରେ ଛୋଟ ବଡ ଦୋକାନ ରହିଛି। ଚିଲିକା ଉପକୂଳବାସୀ, ପର୍ଯ୍ୟଟକ ଓ ବ୍ୟବସାୟୀ ସଚେତନ ନ ଥିବାରୁ ପଲିଥିନ ଏଣେତେଣେ ପକାଉଛନ୍ତି। ସେଗୁଡିକ ଚିଲିକାରେ ମିଶୁଛି। ନୂଆମୁହାଣ, ରାଜହଂସ, କାଳିଜାଇ, ବରକୁଳ, ବାଲୁଗାଁ, ରମ୍ଭା ଆଦି ସ୍ଥାନରେ ପର୍ଯ୍ୟଟକମାନେ ପିକ୍‌ନିକ କରୁଛନ୍ତି। ସେଠାରେ ପଲିଥିନ ଓ ପ୍ଲାଷ୍ଟିକ ଗ୍ଲାସ ଆଦିକୁ ପକାଇବା ଯୋଗୁ ସେଗୁଡିକ ଚିଲିକା ପାଇଁ ବିପଦ ସାଜୁଛି।

ଅନ୍ୟପକ୍ଷରେ ଚିଲିକା ମଧ୍ୟରେ ଡଙ୍ଗାରେ ପର୍ଯ୍ୟଟକମାନେ ପିକ୍‌ନିକ କରୁଛନ୍ତି। ସେହିପରି ମଙ୍ଗଳାଯୋଡି, ସୁନ୍ଦରପୁର ଆଦି ସ୍ଥାନରୁ ପର୍ଯ୍ୟଟକମାନେ ଡଙ୍ଗାରେ ବସି ପକ୍ଷୀ ଦେଖିବାକୁ ଯାଉଛନ୍ତି। ପର୍ଯ୍ୟଟକମାନେ ସାଥିରେ ପଲିଥିନରେ ବିଭିନ୍ନ ସ୍ନାକ୍ସ, ପାଣି ବୋତଲ, ପ୍ଲାଷ୍ଟିକ ଗ୍ଲାସ ଓ କୋଲ୍ଡ ଡ୍ରିଙ୍କସ୍ ଆଦି ନେଉଛନ୍ତି। ଖାଇବା ପରେ ତାହାକୁ ଚିଲିକାରେ ପକାଉଛନ୍ତି। ମତ୍ସ୍ୟଜୀବୀମାନେ ଜାଲରେ ପ୍ଲାଷ୍ଟିକ ବୋତଲ ବାନ୍ଧୁଛନ୍ତି। ସେଗୁଡ଼ିକ ମଧ୍ୟ ଜଳରାଶିରେ ହଜାର ହଜାର ସଂଖ୍ୟାରେ ଭାସୁଥିବା ଦେଖିବାକୁ ମିଳୁଛି।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ

## ସଂକ୍ଷେପରେ

### ଚିକିତ୍ସାଧୀନ ଶ୍ରମିକଙ୍କ ମୃତ୍ୟୁ

ଲଖନପୁର,୧୯।୮(ଡି.ଏନ୍.ଏ.)- ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ (ଓପିଜିସି)ର ବନହରପାଲିସ୍ଥିତ ନିର୍ମାଣାଧୀନ ଇବ୍ ଥର୍ମାଲ ପ୍ରକଳ୍ପରେ ନିୟୋଜିତ ଆକାଶ ଇଞ୍ଜିନିୟରିଂ ନାମକ ଠିକାସଂସ୍ଥାରେ କାର୍ଯ୍ୟରତ ଠିକା ଶ୍ରମିକ ସୁଶିଲ ପଣ୍ଡା (୨୭)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ରବିବାର ମୃତ୍ୟୁ ଘଟିଛି। ସୁଶିଲଙ୍କ ଘର ଗଞ୍ଜାମ ଜିଲା କେ.ନୂଆଗାଁ ଥାନା ମଇସାନପୁର ଗ୍ରାମ। ଏ ନେଇ ସୁଶିଲଙ୍କ ବଡ଼ଭାଇ ସୁଧୀର ପଣ୍ଡାଙ୍କ ଅଭିଯୋଗ ଆଧାରରେ ପୋଲିସ ବେଲପାହାଡ଼ ଟାଟା କ୍ରୋସାକୀ ହସ୍ପିଟାଲରୁ ମୃତଦେହ ଜବତ କରି ଝାରସୁଗୁଡ଼ାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବନହରପାଲି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୪/୧୮) ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ସୁଶିଲଙ୍କ ହଠାତ୍ ମୃତ୍ୟୁକୁ ନେଇ ଶ୍ରମିକ ମହଲରେ ବିଭିନ୍ନ ଚର୍ଚ୍ଚା ହେଉଛି। ସୁଧୀର ଓ ସୁଶିଲ ପ୍ରକଳ୍ପ ପାର୍ଶ୍ୱବର୍ତ୍ତୀ ତେଲେନପାଲି ଗ୍ରାମରେ ଭଡ଼ାଘରେ ରହି ଆକାଶ ଇଞ୍ଜିନିୟରିଂରେ କାମ କରୁଥିଲେ। ପ୍ରତିଦିନ ଭଳି ଗତ ଶନିବାର ୨ଭାଇ ପ୍ରକଳ୍ପକୁ କାମ କରିବା ପାଇଁ ଯାଇଥିଲେ। ସେଠାରେ ସୁଶିଲ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ପରେ ଘରକୁ ଆସି ୨ଭାଇ ଖାଇପିଇ ରାତିରେ ଶୋଇଥିଲେ। ସକାଳୁ ଉଠିବା ବେଳକୁ ସୁଶିଲ ଅଧିକ ଅସୁସ୍ଥ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଇବ୍ ଥର୍ମାଲ କଲୋନୀରେ ରହୁଥିବା ଡାକ୍ତରଙ୍କ ନିକଟରେ ଚିକିତ୍ସା କରାଯାଇଥିଲା। ପରେ ଟାଟା କ୍ରୋସାକୀ ହସ୍ପିଟାଲ ନିଆଯାଇଥିଲା।

### ଓପିଏମ୍ ବାଳକ ବିଦ୍ୟାଳୟ ଛାତ୍ରଙ୍କ ବନ୍ଧୁମିଳନ

ବ୍ରଜରାଜନଗର,୧୯।୮(ଡି.ଏନ୍.ଏ.)- ବ୍ରଜରାଜନଗର ପୌରାଞ୍ଚଳ କଲ୍ୟାଣ ମଣ୍ଡପ ହଲରେ ଓପିଏମ୍ ବାଳକ ବିଦ୍ୟାଳୟର ୧୯୭୩ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ପୁରାତନ ଶିକ୍ଷକମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଗୁରୁ ଏଚ୍.ଆର୍. ମିଶ୍ର, ଡ. ଆର୍ ପୁରୋହିତ, ପି.କେ. ମହାପାତ୍ର, ବିମଳେଶ ସିଂ, ବି.ଡି. ପଣ୍ଡା, ସି.ବି. ପଣ୍ଡାଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ର ଯୋଗଦେଇଥିଲେ। ଅଶୋକ ବର୍ମା ମଞ୍ଚ ପରିଚାଳନା କରିଥିବା ବେଳେ ବ୍ରିଜେଶ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। ସୁନୀଲ ପଣ୍ଡା ଧନ୍ୟବାଦ ଦେଇଥିଲେ। ସନ୍ତୋଷ ବଡ଼ପଣ୍ଡା, ରବି ସେନାପତି ପ୍ରମୁଖ ସହଯୋଗ କରିଥିଲେ।

■ ଝାରସୁଗୁଡ଼ାରେ ଏନ୍ଏଫ୍ଏସ୍ଏ ଭେଲିକି

# କୋଟାରୁ ବଞ୍ଚିତ ହେବେ ୩,୫୬୩ ହିତାଧିକାରୀ

ଝାରସୁଗୁଡ଼ା ଅଫିସ,୧୯।୮

■ ୧୫ ଦିନ ହେଲା ହିତାଧିକାରୀ ଚୟନ ପ୍ରକ୍ରିୟା ବନ୍ଦ
■ ଅକ୍ଟୋବର ୨ରୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା
■ ୨୦୧୭ ଡିସେମ୍ବରରୁ ନୂଆ ରାଶନକାର୍ଡ ଦିଆଯାଇନାହିଁ
■ ପଡ଼ିରହିଛି ୫ ହଜାରରୁ ଅଧିକ ଆବେଦନପତ୍ର

ଝାରସୁଗୁଡ଼ା ଜିଲାରେ ପୂରଣ ହେବନି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍ଏଫ୍ଏସ୍ଏ) ଅଧୀନ ହିତାଧିକାରୀ କୋଟା। ଏନ୍ଏଫ୍ଏସ୍ଏରେ ଜିଲାର ଆହୁରି ୩,୫୬୩ ଜଣ ସାମିଲ ହେବାକୁ ବାକି ଥିବାବେଳେ ବର୍ତ୍ତମାନ ଏନ୍ଏଫ୍ଏସ୍ଏ ସର୍ଭର ବନ୍ଦ ହୋଇଯାଇଛି। ଗତ ୧୫ ଦିନ ହେବ ଏହି ସର୍ଭର ବନ୍ଦ ରହିଥିବା ଜିଲା ଯୋଗାଣ ବିଭାଗ ସୂତ୍ରରୁ ପ୍ରକାଶ। ତେଣୁ ଏନ୍ଏଫ୍ଏସ୍ଏ ହିତାଧିକାରୀ ଚୟନ ପ୍ରକ୍ରିୟା ବନ୍ଦ ରହିଛି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଅକ୍ଟୋବର ୨ରୁ ଆରମ୍ଭ ହେବ। ସେଥିପାଇଁ ହିତାଧିକାରୀ ଚୟନ, ଯାଞ୍ଚ ଏବଂ ଅନୁମୋଦନ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟଣାଓଟରା ଭିତରେ ନିରୀହ ହିତାଧିକାରୀ ବଳି ପଡ଼ିବେ।

କେନ୍ଦ୍ର ସରକାରଙ୍କ ଖାଦ୍ୟ ନିରାପତ୍ତା ଆଇନରେ ଅଧିକାଂଶ ହିତାଧିକାରୀ ସାମିଲ ହୋଇଥିଲେ ମଧ୍ୟ ଆହୁରି କେତେଜଣ ବାଦ୍ ପଡ଼ିଛନ୍ତି। ଝାରସୁଗୁଡ଼ା ଜିଲାରେ ୩,୮୬,୦୬୧ ଜଣଙ୍କୁ ଏନ୍ଏଫ୍ଏସ୍ଏରେ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଲକ୍ଷ୍ୟ ଅନୁସାରେ ଜିଲାର ୩,୮୨,୪୯୮ ଜଣ ହିତାଧିକାରୀ ଏନ୍ଏଫ୍ଏସ୍ଏରେ ଅନ୍ତର୍ଭୁକ୍ତ ହୋଇସାରିଛନ୍ତି। ତଥାପି ଜିଲା କୋଟା ପୂରଣ ହେବାପାଇଁ ଆହୁରି ୩,୫୬୩ ଜଣ ହିତାଧିକାରୀ ସାମିଲ ହେବା ବାକି ରହିଛି। ଏନ୍ଏଫ୍ଏସ୍ଏରେ ଅଧିକ ହିତାଧିକାରୀ ରାଶନକାର୍ଡ ହାତେଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଧରପଗଡ଼ ଆରମ୍ଭ ହୋଇଥିଲା। ଝାରସୁଗୁଡ଼ା ଜିଲାରେ ମୋଟ ୬,୫୬୦ ଜଣ ହିତାଧିକାରୀ କାର୍ଡ ଫେରସ୍ତ କରିଥିଲେ। ରାଶନକାର୍ଡ ସହ ସେମାନେ ନେଇଥିବା ରାଶନ ବାବଦ ଯୋଗାଣ ବିଭାଗ ୨,୨୦,୦୯,୨୦୮ ଟଙ୍କା ଆଦାୟ କରିଥିଲା। ଏପରିକି ଗିରଫ ଭୟରେ କେତେଜଣ ଯୋଗ୍ୟ ହିତାଧିକାରୀ ମଧ୍ୟ ରାଶନକାର୍ଡ ଫେରସ୍ତ କରିଦେଇଥିଲେ। କିନ୍ତୁ ଚାରିଆଡ଼ୁ ସରକାର ସମାଲୋଚନାର ଶିକାର ହେବା ପରେ ପୁଣିଥରେ ଆଦାୟ ଟଙ୍କା ଫେରାଇବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ। ଏପରି ହେବା ଦ୍ୱାରା ଜିଲା ପାଇଁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ପୂରଣ ଦିଗରେ ପଛରେ ପଡ଼ିଯାଇଥିଲା।

ମିଳିଥିବା ସୂଚନା ମୁତାବକ, ଜିଲାର ରାଶନକାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମ ସେଣ୍ଟର (ଆର୍ସିଏମ୍ଏସ୍ସି)ରେ ବହୁ ସଂଖ୍ୟକ ଆବେଦନପତ୍ର ପଡ଼ିରହିଛି। ୨୦୧୭ ଡିସେମ୍ବରରୁ ନୂଆ ରାଶନକାର୍ଡ କାହାରିକୁ ଦିଆଯାଇନାହିଁ। କେବଳ ଆବେଦନ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଶନକାର୍ଡ ପାଇବାକୁ ଥିବା ଯୋଗ୍ୟ ହିତାଧିକାରୀ ଯୋଜନାରୁ ବଞ୍ଚିତ ହେବା ସ୍ୱାଭାବିକ। ଝାରସୁଗୁଡ଼ା ପୌର ପରିଷଦ ନିକଟରେ ପ୍ରାୟ ହଜାରେରୁ ଅଧିକ ଆବେଦନପତ୍ର ପଡ଼ିରହିଛି। ସେହିପରି ଦେଖାଗଲେ ଜିଲାର ୫ଟି ବ୍ଲକ ଏବଂ ୩ଟି ପୌର ପରିଷଦରେ ପ୍ରାୟ ୫ ହଜାର ଆବେଦନପତ୍ର ପଡ଼ିଥିବା ଅନୁମାନ କରାଯାଉଛି।

ବର୍ତ୍ତମାନ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରୁଛନ୍ତି। ଏହା ଅକ୍ଟୋବର ୨ ତାରିଖରୁ ଆରମ୍ଭ ହେବ। ଜିଲା ଯୋଗାଣ ବିଭାଗ ତଥ୍ୟ ମୁତାବକ, ଜିଲାର ୫ଟି ବ୍ଲକ୍ ଏବଂ ୩ଟି ପୌର ପରିଷଦରେ ମୋଟ ୩୦,୫୪୬ ଜଣ ହିତାଧିକାରୀଙ୍କୁ ରାଜ୍ୟ ଯୋଜନରେ ଅନ୍ତର୍ଭୁକ୍ତ କରାଯିବ। ସେଥିରୁ ଝାରସୁଗୁଡ଼ା ବ୍ଲକର ୪,୭୪୫, ଲଖନପୁର ୮,୪୪୫, କିର୍ମିରା ୨,୬୯୯, କୋଲାବିରା ୩,୦୨୭ ଏବଂ ଲଇକେରା ବ୍ଲକର ୩,୧୫୫ ଜଣ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଝାରସୁଗୁଡ଼ା ପୌରାଞ୍ଚଳରେ ୩,୭୩୬, ବ୍ରଜରାଜନଗର ପୌରାଞ୍ଚଳରେ ୩,୧୧୨ ଏବଂ ବେଲପାହାଡ଼ ପୌରାଞ୍ଚଳରେ ୧,୬୨୬ ଜଣ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବେ। ରାଜ୍ୟ ସରକାରଙ୍କ ଏହି ଯୋଜନାରେ ସାମିଲ ହେବାକୁ ଅଗଷ୍ଟ ୧୧ ତାରିଖରୁ ଫର୍ମ ବିତରଣ ଆରମ୍ଭ ହୋଇଛି।

### ନିର୍ମାଣ ଶ୍ରମିକ ସଂଘର ବୈଠକ

ସୁନ୍ଦରଗଡ,୧୯।୮(ଡି.ଏନ୍.ଏ.)

ଆଦିବାସୀ ଅଧ୍ୟୁଷିତ ବଣପାହାଡ ଘେରା କରୁଆଡେରାଠାରେ ଗାଙ୍ଗପୁର ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସାଧାରଣ ସମ୍ପାଦକ ପ୍ରଣବ କିଶୋର ଭୈଷାଁଲଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ଏଥିରେ ଥିବା ନିର୍ମାଣ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ସରକାରଙ୍କ ରହିଥିବା ଯୋଜନା ସମ୍ପର୍କରେ ବୁଝାଇଥିଲେ । ସଂଗଠନ ପକ୍ଷରୁ ପଞ୍ଜିକରଣ ଖର୍ଚ୍ଚ ବହନ କରି ଶ୍ରମିକମାନଙ୍କୁ ପଞ୍ଜିକରଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ଏଥି ସହିତ ଆଦିବାସୀ ଓ ବିଭିନ୍ନ ଗରିବ କଲ୍ୟାଣକାରୀ ଯୋଜନାର ସୁଫଳ କିଭଳି ଲୋକଙ୍କ ନିକଟରେ ପହଞ୍ଚିବ ସେ ନେଇ ଆଲୋଚନା ହୋଇଥିଲା ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।



ଲଖନପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ପ୍ରଧାନ ଭୂମିପୂଜା କରୁଛନ୍ତି।

# ବିଦ୍ୟୁତକରଣ ପାଇଁ ଭୂମିପୂଜା

ଲଖନପୁର,୧୯।୮(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ତେଲେନପାଲି ପଞ୍ଚାୟତ ପଞ୍ଚାୟତ ଡବୁଆଇ କଲୋନୀପଡ଼ା ବିଦ୍ୟୁତକରଣ ପାଇଁ ରବିବାର ଭୂମିପୂଜା ଅନୁଷ୍ଠିତ ହୋଇଛି। ଦୀର୍ଘବର୍ଷ ହେଲା ପଡ଼ାବାସୀ ଅନ୍ଧାରରେ ରହିଆସୁଥିଲେ। ଏଠାରୁ ବିଦ୍ୟୁତ ସଂଯୋଗ ପାଇଁ ଦୀର୍ଘବର୍ଷ ହେଲା ପ୍ରଶାସନ ନିକଟରେ ଦାବି ହୋଇଆସୁଥିଲା। ଓଡ୍ରେଡ୍ରା ପକ୍ଷରୁ ଏକ ଏଷ୍ଟିମେଟ୍ ପ୍ରସ୍ତୁତ କରାଯାଇ ଗୋପବନ୍ଧୁ ଗ୍ରାମୀଣ ଯୋଜନା ପାଣ୍ଠିରୁ ୯ଲକ୍ଷ ୨୩ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ପଡ଼ାରେ ବିଦ୍ୟୁତକରଣ କରାଯିବ ବୋଲି ଜଣାପଡ଼ିଛି। ମାରୁତି ଆସୋସିଏଟ୍ ନାମକ ଠିକାସଂସ୍ଥା ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଦେଶ ହାତେଇଛି। ରବିବାର ସକାଳେ ଲଖନପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ପ୍ରଧାନ ନଡ଼ିଆ ବାଡ଼େଇ ପ୍ରକଳ୍ପର ଶୁଭ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସରଷମାଲ ସମିତିସଭ୍ୟ ବେଦାନନ୍ଦ ପ୍ରଧାନ, ସୁବ୍ରତ ପ୍ରଧାନ, ପ୍ରସନ୍ନ ପ୍ରଧାନ, ପୂର୍ବତନ ରମେଲା ସମିତିସଭ୍ୟ ସୁରେନ୍ଦ୍ର ପାତ୍ରୀ, ଠିକାଦାର କୌଳାସଚନ୍ଦ୍ର ବସ୍ତିଆ, ସୁଧୀର ପ୍ରଧାନ, ଆକାଶ ସାହୁ, ନରେନ୍ଦ୍ର ମଝି ପ୍ରମୁଖ ଯୋଗଦେଇଥିଲେ। ପଡ଼ାବାସୀଙ୍କ ପକ୍ଷରୁ ମଙ୍ଗୁଳୁ ଚରଣ ସ୍ୱାଇଁ, ପବନ ଶ୍ରୀବାସ୍ତବ, ଦୀନେଶ ପ୍ରଧାନ, ନନ୍ଦଲାଲ ସିଂହ, ଦୀପକ ଗୁଡ଼ିଆ, ସାଲିମ ଖାଁ, ପ୍ରେମ ପୂର୍ତ୍ତି, ଅଶ୍ୱିନ ସିଂହ, ରାମସହାୟ ତାବର, ସୁବାସିନୀ କିନ୍ଦୁ, ଉମାଶଙ୍କର ହଇ, ସରସ୍ୱତୀ ସିଂହ, ମୁନ୍ନୀ ଖଡ଼ିଆ, ମନୋଜ ସିକ୍କୁ, ରାଫେଲ୍ ବିଲୁଙ୍ଗ, ନରାୟଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

■ ଲାପ୍ଟପ ଚୋରି ର୍ୟାକେଟ ଠାବ

# ୨ ଗିରଫ, ୭ ଲାପ୍ଟପ ଜବତ

ଝାରସୁଗୁଡ଼ା ଅଫିସ,୧୯।୮

ଝାରସୁଗୁଡ଼ା ଜିଆର୍ପି ଏକ ଲାପ୍ଟପ ଚୋରି ଘଟଣାର ଖୋଳତାଡ଼ କରି ଏହାର ର୍ୟାକେଟ୍କୁ ଠାବ କରିଛି। ର୍ୟାକେଟରେ ସମ୍ପୃକ୍ତ ୨ ଜଣଙ୍କୁ ରବିବାର ଗିରଫ କରାଯାଇଛି। ସେମାନେ ହେଲେ ବୌଦ୍ଧର କାବୁଲା ବାଗ (୧୯) ଏବଂ ସତ୍ୟନାରାୟଣ ଖମାରୀ (୨୬)। ଏମାନଙ୍କଠାରୁ ୭ଟି ଲାପ୍ଟପ୍ ଏବଂ ୫ଟି ମୋବାଇଲ ଜବତ ହୋଇଥିବା ଜିଆର୍ପି ଥାନା ଅଧିକାରୀ ଦେବଯାନୀ ନାୟକ କହିଛନ୍ତି। ତେବେ ମୁଖ୍ୟ ଅଭିଯୁକ୍ତ ସତ୍ୟ ମେହେର ଫେରାର ହୋଇଯାଇଥିବା ସେ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ସତ୍ୟ ମେହେରଙ୍କ ଇଙ୍ଗିତରେ ବିଭିନ୍ନ ଜିଲାରେ ଲାପ୍ଟପ ଏବଂ ମୋବାଇଲ ଚୋରି ର୍ୟାକେଟ ଚାଲିଛି। ୧୫ ତାରିଖ ରାତିରେ ବେଲପାହାଡ଼ ଗୁମାଡେରାର ଅନନ୍ତ ବିଶ୍ୱକର୍ମାଙ୍କ ଝିଅ ଅଙ୍କିତା ଏକ ଘରୋଇ ବସ୍ରେ ଭୁବନେଶ୍ୱର ଯାଉଥିଲେ। ଝାରସୁଗୁଡ଼ା ବସ୍ଷ୍ଟାଣ୍ଡରେ ତାଙ୍କ ଲାପ୍ଟପ୍ ବ୍ୟାଗକୁ କେହି ଚୋରି କରି ନେଇଥିଲେ। ୧୬ ତାରିଖରେ ଏ ନେଇ ଜିଆର୍ପି ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ମୁତାବକ ପୋଲିସ ମାମଲା ରୁଜୁ କରି କାବୁଲାଙ୍କୁ ଝାରସୁଗୁଡ଼ା ଷ୍ଟେସନ ଅଞ୍ଚଳରୁ ଗିରଫ କରିଥିଲା। ତାଙ୍କୁ ଅଟକ ରଖି ପଚରାଉଚୁରା କରିବା ବେଳେ ପୂର୍ବରୁ ମଧ୍ୟ ସେ ଚୋରି କରିଥିବା ୬ ଚୋରି ସାମଗ୍ରୀକୁ ବିକ୍ରି କରିଥିବା ସ୍ୱୀକାର କରିଥିଲେ। ଜିଆର୍ପି ଥାନା ଅଧିକାରୀଙ୍କ ସମେତ ଦେବେନ୍ଦ୍ର ନାୟକ, ସୁବାସ ବିଶ୍ୱାଳ ପ୍ରମୁଖ ବୌଦ୍ଧ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୭ଟି ଚୋରା ଲାପ୍ଟପ୍, ୫ଟି ମୋବାଇଲ ଜବତ କରିଥିଲେ। ଚୋରି କରିଥିବା କାବୁଲା ଏବଂ ଚୋରା ଲାପ୍ଟପ୍ କିଣିଥିବା ସତ୍ୟନାରାୟଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରାଯାଇଛି।



ଜିଆର୍ପି ଥାନାରେ ଗିରଫ ଅଭିଯୁକ୍ତ।

## ଫଟୋରେ ଖବର




ବିଜୁ ଯୁବବାହିନୀ ପକ୍ଷରୁ ଝାରସୁଗୁଡ଼ା ପୌର ପରିଷଦ ୱାର୍ଡ ନଂ ୭ ଓ ୮ ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ।

# ଝରଣା ସାହିତ୍ୟ ଓ ସଂସ୍କୃତି ପରିଷଦର ସାହିତ୍ୟ ଆସର

ଝାରସୁଗୁଡ଼ା ଅଫିସ,୧୯।୮

ଝାରସୁଗୁଡ଼ା ଝରଣା ସାହିତ୍ୟ ଓ ସଂସ୍କୃତି ପରିଷଦ ଏବଂ ପାହାଡ଼େଶ୍ୱର ବିକାଶ ପରିଷଦର ସହଯୋଗରେ ରବିବାର ପାହାଡ଼େଶ୍ୱର ମନ୍ଦିରରେ ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଛି। ସଭାପତି ରାଧାମୋହନ ପାଣ୍ଡେଙ୍କ ଅଧ୍ୟକ୍ଷତା ଓ ପ୍ରେମସାଗର ଦିହିରିଆଙ୍କ ସଂଯୋଜନାରେ ମାସିକ ପତ୍ରିକା ଓ କବି ରାମଚନ୍ଦ୍ର ନାଥଙ୍କ ରଚିତ ମଧୁରା ବିଜୟ ଉନ୍ମୋଚନ ହୋଇଥିଲା। ଓଡ଼ିଆ ସାହିତ୍ୟରେ ଜାତୀୟତାବୋଧ ଶୀର୍ଷକ ଆଲୋଚନାଚକ୍ରରେ ପ୍ର. ଲଳିତମୋହନ ଦାଶ, ଡ. ସୁମତି ସାହୁ, ସଞ୍ଜୁକ୍ତା ହୋତା, ଜୟନାରାୟଣ ତ୍ରିପାଠୀ, ମନ୍ଦାକିନୀ ଶତପଥୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଆୟୋଜିତ କବିତା ପାଠୋସବରେ କବି ବସନ୍ତ ନାଥ, ମହମ୍ମଦ ଜମିଉଲ୍ଲା, ମଦନାନନ୍ଦ ସେଠ, ନିକୁଞ୍ଜ ବିହାରୀ ମିଶ୍ର, ପ୍ରଣତି ପଟ୍ଟନାୟକ, ରାଧାମୋହନ ତ୍ରିପାଠୀ, ଜୟପ୍ରକାଶ କୁହାଁର, ତୁଳସୀ ପ୍ରସାଦ ଦାଶ, ଇଶାନ ମିଶ୍ର, ତୁଷାର ପଟେଲ, ତପନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ କବିତା ଆବୃତ୍ତି କରିଥିଲେ। ସଂଗ୍ରାମ ମହାନ୍ତି ଧନ୍ୟବାଦ ଦେଇଥିଲେ।



କବିତା ପାଠୋସବରେ ସ୍ମରଣିକା ଉନ୍ମୋଚନ କରାଯାଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାନ୍ତହୀନ, ନବଯୌବନ**
**ତା' ଜୀବନଟା ବୃଥା;**
**ମାତୃହୀନ, ଶିଶୁ ଜୀବନ**
**ତା' ଜୀବନଟା ବୃଥା ।**

ପାଖରେ କାନ୍ତ ନ ଥିଲେ ଯୌବନାବସ୍ଥା ବୃଥା। ସାଥୀହୀନ ଯୌବନର ମୂଲ୍ୟ କିଛି ନ ଥାଏ। ସେହିପରି ବାଲ୍ୟକାଳରେ ମାତାଙ୍କୁ ହରାଇଥିବା ସନ୍ତାନ ତିର ଅବହେଳିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**କୁମ୍ଭାରିଆ ନଈ, କୁଆରିଆ ପାଣି;**
**ଗାଧୋଇ ଯିବି ବେଳକାଳ ଜାଣି ।**

ଯେଉଁ ନଈରେ କୁମ୍ଭାର ଥାଏ ସେହି ନଈ ବଡ଼ ବିପଦପୂର୍ଣ୍ଣ ହୋଇଥିବା ଜଣାଯାଏ। ସେହିପରି ପାଣିରେ ଅଧିକ କୁଆର ଉଠୁଥିଲେ କିଛି ଅଘଟଣ ଘଟିବାର ସମ୍ଭାବନା ରହିଥାଏ। ଏପରିକ୍ଷେତ୍ରରେ ସେଠାରେ ଗାଧୋଇବା ସମୟରେ ସତର୍କତା ଅବଲମ୍ବନ କରିବା ଉଚିତ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କୋଲାବିରା ଅଞ୍ଚଳରେ ହାତୀ ଉପଦ୍ରବ ଜାରି

କୋଲାବିରା,୧୯।୮(ଡି.ଏନ୍.ଏ.)

କୋଲାବିରା ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଛି। ଗୋଟିଏ ଦନ୍ତା ସହ ଅନ୍ୟ ଦୁଇଟି ହାତୀ କିଛିଦିନ ଧରି ଉପଦ୍ରବ କରିବା ପରେ ବର୍ତ୍ତମାନ ୫ଟି ଦନ୍ତା ହାତୀ ଦୁଇଟି ଦଳରେ ବିଭକ୍ତ ହୋଇ ଉପଦ୍ରବ କରୁଛନ୍ତି। ଶନିବାର ରାତିରେ ୫ ଦନ୍ତା ଅଞ୍ଚଳର ବିଭିନ୍ନ ସ୍ଥାନରେ ଘର ଭାଙ୍ଗି ଧାନ, ଚାଉଳ ଖାଇଥିବା ଅଭିଯୋଗ ହୋଇଛି। ପ୍ରଥମେ ଦୁଇଟି ଦନ୍ତା ହାତୀ ବେର୍ଢ଼ୀରା ଜଙ୍ଗଲ ପଟୁ ବାହାରି ଜଳହିଡ଼ି ଗ୍ରାମର ପ୍ରସନ୍ନ ବାଗ, ଶୁକଦେବ ପ୍ରଧାନ ଏବଂ ରଞ୍ଜିତ ବାଗଙ୍କ ଘର ଭାଙ୍ଗି ଧାନ ଖାଇଥିଲେ। ବନ କର୍ମଚାରୀ ଗାଁରେ ପହଞ୍ଚି ସେମାନଙ୍କୁ ଘଉଡ଼ାଇଥିଲେ। ଫଳରେ ହାତୀ ଦୁଇଟି କୋଲାବିରା ରେଞ୍ଜ ମହୁଲମୁଣ୍ଡା ଜଙ୍ଗଲ ଆଡ଼କୁ ଚାଲିଯାଇଥିଲେ। ତେବେ ଯିବାବେଳେ କୋଲାବିରା ଗ୍ରାମର ମହେନ୍ଦ୍ର ବାଗଙ୍କ ଘର ଭାଙ୍ଗିଦେଇଥିଲେ।





ହାତିପଲ ଭାଙ୍ଗିଥିବା ବିଭିନ ଲୋକଙ୍କ ଘର।

ସେହିପରି ଆଉ ୩ଟି ଦନ୍ତା ବଡ଼ଖଲିଆ ଜଙ୍ଗଲରୁ ବାହାରି ମହୁଲମୁଣ୍ଡା ଜଙ୍ଗଲକୁ ଯିବାବେଳେ ପାଇକପଡ଼ାର ୨ଜଣଙ୍କ ଘର ଭାଙ୍ଗିଥିବା ସୂଚନା ମିଳିଛି। ଏନେଇ ବନ ବିଭାଗ ନିକଟରେ ଅଭିଯୋଗ ହୋଇଛି। ବନ ବିଭାଗ କର୍ମଚାରୀ ଗାଁରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ହାତୀଙ୍କୁ ଘଉଡ଼ାଇବା ପାଇଁ ରାତିସାରା ବନ କର୍ମଚାରୀ ଏବଂ ଗ୍ରାମବାସୀ ଜଗି ରହିଛନ୍ତି। ତଥାପି ହାତୀଗୁଡ଼ିକ କୋଲାବିରା ଅଞ୍ଚଳ ଛାଡ଼ିନାହାନ୍ତି। ସନ୍ଧ୍ୟା ହେଲେ ଜଙ୍ଗଲ ତଳି ଅଞ୍ଚଳକୁ ଆସି ଉପଦ୍ରବ କରି ଭୋର୍ ବେଳେ ବଡ଼ଖଲିଆ ଓ ମହୁଲମୁଣ୍ଡା ଜଙ୍ଗଲକୁ ଚାଲିଯାଉଛନ୍ତି। ହାତୀ ଉପଦ୍ରବ ଯୋଗୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

### ୪ଘର ଭାଙ୍ଗିଲେ ହାତୀ

କିର୍ମିରା,୧୯।୮(ଡି.ଏନ୍.ଏ.)

ଶନିବାର ରାତିରେ ହାତୀପଲ କିର୍ମିରା ପଞ୍ଚାୟତ ସଂଗ୍ରାବାହାଲ ଗ୍ରାମର ଶିବଲାଲ ଖଡ଼ିଆ, ଶୌରିତି ଖଡ଼ିଆ, ଟମାର ଖଡ଼ିଆ ଓ ଗୁରୁବାରୀ ଖଡ଼ିଆଙ୍କ ଘର ଭାଙ୍ଗି ଆସବାବପତ୍ର ନଷ୍ଟ କରିଛନ୍ତି। ଦିନବେଳା ୩ଟି ଦନ୍ତା ହାତୀ ମୁଣ୍ଡାପାଲି ଜଙ୍ଗଲରେ ଥିବାବେଳେ ସେମାନଙ୍କୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। କିନ୍ତୁ ବନ ବିଭାଗ ପାଖରେ କୌଣସି ବ୍ୟବସ୍ଥା ନ ଥିଲା। ରାତି ୩ଟାରେ ହାତୀଗୁଡ଼ିକ ଜଙ୍ଗଲ ନିକଟସ୍ଥ ଜନବସତିକୁ ଆସି ଘର ଭାଙ୍ଗିଲେ। ପୂର୍ବରୁ ମଧ୍ୟ ହାତୀପଲ ଏହି ଗ୍ରାମର ବିଭିନ୍ନ ଲୋକଙ୍କ ଘର ଭାଙ୍ଗିଛନ୍ତି। ଏପରିକି କେତେଜଣ ବ୍ୟକ୍ତିଙ୍କ ଘରକୁ ହାତୀମାନେ ବାରମ୍ବାର ଭାଙ୍ଗିଛନ୍ତି। ତେବେ ସମସ୍ତଙ୍କୁ କ୍ଷତିପୂରଣ ମିଳି ନ ଥିବା ଅଭିଯୋଗ ହୋଇଛି।